ACT - ODIA

## ପ୍ରେରିତମାନଙ୍କ କାର୍ଯ୍ୟର ବିବରଣୀ

### ଉପକ୍ରମ

ଯୀଶୁଖ୍ରୀଷ୍ଟଙ୍କର ପୁନରୁତ୍‌ଥାନ ପରେ, ସମଗ୍ର ପୃଥିବୀରେ ମଣ୍ଡଳୀ ସ୍ଥାପନ ହେବା ବିଷୟରେ ପ୍ରେରିତ ପୁସ୍ତକ ପ୍ରକାଶକରେ । ଯୀଶୁ ସ୍ୱର୍ଗକୁ ଯିବା ପୂର୍ବରୁ ନିଜର ପ୍ରେରିତମାନଙ୍କୁ ପବିତ୍ର ଆତ୍ମା ସେମାନଙ୍କ ଉପରକୁ ଓହ୍ଲାଇ ଆସିବା ଯାଏଁ, ଯିରୁଶାଲମ ନଗରରେ ଅପେକ୍ଷା କରିବାକୁ କହିଲେ । ପୁଣି ପେଣ୍ଟିକଷ୍ଟ ଦିନରେ ପବିତ୍ର ଆତ୍ମା ସେମାନଙ୍କ ଉପରକୁ ଓହ୍ଲାଇ ଆସିବା ପରେ ସେମାନେ ସୁସମାଚାର ପ୍ରଚାର କରିବାକୁ ଲାଗିଲେ । ପୁଣି, ଏହିପରି ଯିରୁଶାଲମ ନଗରରେ ପିତରଙ୍କର ପ୍ରଥମ ପ୍ରଚାରରେ ହିଁ ବହୁ ଲୋକ ଯୀଶୁଙ୍କୁ ଗ୍ରହଣ କଲେ । ସେମାନଙ୍କ ମଧ୍ୟରୁ କେବଳ ପୁରୁଷମାନଙ୍କ ସଂଖ୍ୟା ତିନି ହଜାର ହେଲା । ଏହାପରେ ପ୍ରେରିତମାନେ ସମଗ୍ର ଯିହୁଦା ପ୍ରଦେଶ, ଶମିରୋଣ ଅଞ୍ଚଳ ଓ ପୃଥିବୀର ବିଭିନ୍ନ ସ୍ଥାନରେ ଯୀଶୁଙ୍କର ସୁସମାଚାର ପ୍ରଚାର କରିବାକୁ ଲାଗିଲେ । ପରେ, ଶାଉଲ, ଯିଏ ପାଉଲ ନାମରେ ପରିଚିତ ହେଲେ, ସେ ଯୀଶୁଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କୁ ତାଡ଼ନା କରିବା ପାଇଁ ଦମ୍ମେସକ ଅଞ୍ଚଳକୁ ଯାଉଥିବା ସମୟରେ, ଯୀଶୁଙ୍କର ଦର୍ଶନ ପାଇବାରୁ ତାଙ୍କ ଜୀବନ ବଦଳିଗଲା ଓ ସେ ଯୀଶୁଙ୍କ ସୁସମାଚାର ପ୍ରଚାର କରିବାକୁ ଲାଗିଲେ । ଏହିପରି ପୃଥିବୀର ବିଭିନ୍ନ ସ୍ଥାନରେ ସୁସମାଚାର ବ୍ୟାପିବାକୁ ଲାଗିଲା ।

### ପୁସ୍ତକ ବିଷୟରେ

ଲେଖକ: ଲୂକ
ସମୟ: ପ୍ରାୟ ଖ୍ରୀଷ୍ଟାବ୍ଦ ୬୨
ପୁସ୍ତକର ମୂଖ୍ୟ ଶବ୍ଦ: ମଣ୍ଡଳୀ ବୃଦ୍ଧି
ପୁସ୍ତକର ମୂଖ୍ୟପଦ: ୧:୮
ପୁସ୍ତକର ମୂଖ୍ୟ ଅଧ୍ୟାୟ: ୨ ଅଧ୍ୟାୟ

### ପୁସ୍ତକର ବିଭାଜନ

**୧. ପ୍ରେରିତମାନେ ଯିରୁଶାଲମ ନଗରରେ ସୁସମାଚାର ପ୍ରଚାର କଲେ: ୧:୧-୮:୪**

କ. ପ୍ରଥମ ପ୍ରଚାରରେ ଯିରୁଶାଲେମରେ ମଣ୍ଡଳୀ ସ୍ଥାପିତ ହେଲା: ୧-୨ ଅଧ୍ୟାୟ

ଖ. ମଣ୍ଡଳୀ ବୃଦ୍ଧି ପାଇବାକୁ ଲାଗିଲା: ୩:୧-୮:୪

**୨. ପ୍ରେରିତମାନେ ଯିହୁଦା ଓ ଶମରିଆ ପ୍ରଦେଶରେ ସୁସମାଚାର ପ୍ରଚାର କଲେ: ୮:୫-୧୨:୨୫**

କ. ଫିଲିପ୍‌ପଙ୍କ ପ୍ରଚାର: ୮:୫-୪୦

ଖ. ପାଉଲଙ୍କ ପରିବର୍ତ୍ତନ: ୯:୧-୩୧

ଗ. ପିତରଙ୍କ ପ୍ରଚାର: ୯:୩୨-୧୧:୧୮

ଘ. ପ୍ରଥମ ମଣ୍ଡଳୀର ବିଶ୍ୱାସୀମାନଙ୍କର ପ୍ରଚାର: ୧୧:୧୯-୧୨:୨୫

**୩. ପ୍ରେରିତମାନେ ପୃଥିବୀର ବିଭିନ୍ନ ସ୍ଥାନରେ ସୁସମାଚାର ପ୍ରଚାର କଲେ: ୧୩:୧-୨୮: ୩୧**

କ. ସେବାକାର୍ଯ୍ୟ ପାଇଁ ପାଉଲଙ୍କର ପ୍ରଥମ ଯାତ୍ରା: ୧୩:୧-୧୪:୨୮

ଖ. ଯିରୁଶାଲମ ସଭା: ୧୫:୧-୩୫

ଗ. ସେବାକାର୍ଯ୍ୟ ପାଇଁ ପାଉଲଙ୍କର ଦ୍ୱିତୀୟ ଯାତ୍ରା: ୧୫:୩୬-୧୮:୨୨

ଘ. ସେବାକାର୍ଯ୍ୟ ପାଇଁ ପାଉଲଙ୍କର ତୃତୀୟ ଯାତ୍ରା: ୧୮:୨୩-୨୧:୧୬

ଙ. ପାଉଲଙ୍କର ରୋମକୁ ଯାତ୍ରା ଓ ପ୍ରଚାର: ୨୧:୧୭-୨୮: ୩୧

# 1

1-2 ହେ ସମ୍ମାନୀୟ ଥିଅଫିଲ, ଯୀଶୁ ନିଜେ ବାଛିଥିବା
ପ୍ରେରିତମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଆଜ୍ଞା ଦେଇ, ସ୍ୱର୍ଗକୁ
ନିଆଯିବା ଯାଏଁ, ଯାହା ଯାହା କରିଥିଲେ ଓ ଶିକ୍ଷା ଦେଇଥିଲେ,
ସେହି ବିଷୟରେ ମୁଁ ମୋର ପ୍ରଥମ ପୁସ୍ତକରେ[a] ଲେଖିଅଛି ।

---

[a] **1.1-2** ଏହା ଲୂକ ଲିଖିତ ସୁସମାଚାରକୁ ବୁଝାଏ

3 ଯୀଶୁ କ୍ରୁଶରେ[b] ଦୁଃଖଭୋଗକରି ମୃତ୍ୟୁବରଣ କରିବା ପରେ,
ତାଙ୍କୁ ସମାଧି ଦିଆଗଲା । ସେ ତିନି ଦିନ ପରେ ମୃତ୍ୟୁରୁ ଉଠିଲେ
ଓ ସେ ଯେ ଜୀବିତ, ଏହାର ଅନେକ ସ୍ପଷ୍ଟ ପ୍ରମାଣ ଦେଇ, ଚାଳିଶ
ଦିନ ଯାଏଁ ସେମାନଙ୍କୁ ଅନେକଥର ଦେଖାଦେଲେ । ଏହା ସହିତ
ସେ ସେମାନଙ୍କୁ ସ୍ୱର୍ଗ ରାଜ୍ୟ ବିଷୟରେ ଶିକ୍ଷାଦେଲେ ।

4 ଥରେ, ସେ ସେମାନଙ୍କ ସହିତ ଥିବା ସମୟରେ, ସେମାନଙ୍କୁ
ଆଦେଶ ଦେଇ କହିଲେ, "ପିତା ଈଶ୍ୱର ତୁମ୍ଭମାନଙ୍କୁ ଯେଉଁ ଦାନ,
ଅର୍ଥାତ୍, ପବିତ୍ର ଆତ୍ମାଙ୍କୁ ଦେବା ପାଇଁ ପ୍ରତିଜ୍ଞା କରିଅଛନ୍ତି ବୋଲି
ତୁମ୍ଭେମାନେ ମୋଠାରୁ ଶୁଣିଅଛ, ତାହାଙ୍କୁ ପାଇବା ଯାଏଁ
ତୁମ୍ଭେମାନେ ଯିରୁଶାଲମ ନଗରରେ ଅପେକ୍ଷାକରି ରୁହ, ମାତ୍ର
ଯିରୁଶାଲମ ନଗରରୁ ବାହାରକୁ ଯାଅ ନାହିଁ । 5 କାରଣ ଡୁବକ[c]
ଯୋହନ ଲୋକମାନଙ୍କୁ ଜଳରେ ଡୁବନ[d] ଦେଲେ, କିନ୍ତୁ
ତୁମ୍ଭେମାନେ ଅଳ୍ପ ଦିନ ମଧ୍ୟରେ ପବିତ୍ର ଆତ୍ମାରେ ଡୁବିତ ହେବ ।"

6 ତେଣୁ, ଥରେ ସେମାନେ ଏକାଠି ହୋଇଥିବା ସମୟରେ
ପ୍ରେରିତମାନେ ଯୀଶୁଙ୍କୁ ପଚାରିଲେ, "ପ୍ରଭୁ, ଆପଣ କଅଣ
ବର୍ତ୍ତମାନ ଇସ୍ରାଏଲକୁ ବିଦେଶୀ ଶାସନରୁ ମୁକ୍ତକରି ପୁଣି ଥରେ
ଇସ୍ରାଏଲ ରାଜ୍ୟକୁ ଶାସନ କରିବାର ଅଧିକାର ଇସ୍ରାଏଲ
ହାତରେ ଦେବେ ?"

7 ଯୀଶୁ ସେମାନଙ୍କୁ କହିଲେ, "ପିତା ଈଶ୍ୱର ନିଜ ଅଧିକାରରେ,
ଯେଉଁ ସମୟ ବା କାଳସବୁ ସ୍ଥିର କରିଛନ୍ତି, ତାହା ତୁମ୍ଭମାନଙ୍କର
ଜାଣିବା ବିଷୟ ନୁହେଁ । 8 କିନ୍ତୁ ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରକୁ
ଓହ୍ଲାଇ ଆସିଲେ, ତୁମ୍ଭେମାନେ ଶକ୍ତି ପାଇବ; ପୁଣି ତୁମ୍ଭେମାନେ,
ଯିରୁଶାଲମ ନଗରରୁ ଆରମ୍ଭକରି ସମଗ୍ର ଯିହୁଦା ପ୍ରଦେଶ ଓ
ଶମରିଆ ଅଞ୍ଚଳ ପୁଣି ପୃଥିବୀର ଶେଷ ସୀମା ଯାଏଁ ମୋ
ବିଷୟରେ କହି ମୋହର ସାକ୍ଷୀ ହେବ ।"

9 ଯୀଶୁ ଏସବୁ କହିବା ପରେ, ସେମାନେ ଦେଖୁ ଦେଖୁ ସେ
ସ୍ୱର୍ଗକୁ ଗଲେ ଓ ଖଣ୍ଡେ ମେଘ ଆସି ଢାଙ୍କିବାରୁ ସେମାନେ
ତାହାଙ୍କୁ ଆଉ ଦେଖି ପାରିଲେ ନାହିଁ । 10 ସେମାନେ ଯୀଶୁଙ୍କୁ
ଆକାଶ ଆଡ଼କୁ ଏକଲକ୍ଷରେ ଚାହିଁ ରହିଥିବା ସମୟରେ, ଧଳା
ପୋଷାକ ପିନ୍ଧିଥିବା ଈଶ୍ୱରଙ୍କ ଦୁଇ ଜଣ ଦୂତ[e] ହଠାତ୍ ଆସି
ସେମାନଙ୍କ ପାଖରେ ଠିଆହେଲେ । 11 ସେହି ଦୂତମାନେ
କହିଲେ, "ହେ ଗାଲୀଲି ଅଞ୍ଚଳର ଲୋକମାନେ, ତୁମ୍ଭେମାନେ
କାହିଁକି ଏପରି ଆକାଶ ଆଡ଼କୁ ଅନାଇ ଠିଆହୋଇଅଛ ? ଏହି
ଯୀଶୁ, ଯାହାଙ୍କୁ ତୁମ୍ଭେମାନେ ତୁମ୍ଭମାନଙ୍କ ନିକଟରୁ ସ୍ୱର୍ଗକୁ
ନିଆଯିବାର ଦେଖିଲ, ସେହିପରି ଦିନେ ସେ ପୁଣି ଥରେ ଆସିବେ
।"

## ଯିହୂଦାଙ୍କ ସ୍ଥାନରେ ମଥିୟ ବଛାହେଲେ

12 ଏହାପରେ ସେମାନେ ସେହି ଜୀତ ପର୍ବତରୁ[f] ଯିରୁଶାଲମ
ନଗରକୁ ଫେରିଲେ । ଯିରୁଶାଲମ ନଗରଠାରୁ ସେହି ପର୍ବତ ଏକ
ବିଶ୍ରାମବାରର[g] ବାଟ ଦୂରରେ[h] । 13 ଘରର ଯେଉଁ ଉପର
କୋଠରୀରେ ସେମାନେ ରହୁଥିଲେ, ସେଠାକୁ ଗଲେ ।
ସେମାନେ ହେଲେ, ପିତର, ଯୋହନ, ଯାକୁବ, ଆନ୍ଦ୍ରିୟ,
ଫିଲିପ୍ପ, ଥୋମାସ, ବର୍ଥଲମି, ମାଥିଉ, ଆଲଫିଙ୍କ ପୁତ୍ର ଯାକୁବ,
ଉଦ୍‌ଯୋଗୀ[i] ଶିମିୟୋନ ଓ ଯାକୁବଙ୍କ ପୁତ୍ର ଯିହୂଦା ।

14 ଏହି ପ୍ରେରିତମାନେ, କିଛି ସ୍ତ୍ରୀଲୋକ, ଯୀଶୁଙ୍କ ମାଆ
ମରିୟମ ଓ ଯୀଶୁଙ୍କ ଭାଇମାନଙ୍କ ସହିତ ଏକାଠି ହୋଇ ଏକ
ମନରେ ସର୍ବଦା ପ୍ରାର୍ଥନା କରିବାକୁ ଲାଗିଲେ ।

15 ସେହି ସମୟରେ ସେଠାରେ ପ୍ରାୟ ଏକ ଶହ କୋଡ଼ିଏ ଜଣ

---

[b] **1.3** କ୍ରୁଶ ହେଉଛି ଏକ ପ୍ରକାର ଛକି କାଠ । ଅପରାଧିମାନଙ୍କୁ ଅଧିକ କଷ୍ଟ ଦେଇ ମୃତ୍ୟୁଦଣ୍ଡ ଦେବାକୁ ରୋମ ସରକାର ଏହା ବ୍ୟବହାର କରୁଥିଲେ ।

[c] **1.5** ଯେଉଁ ବ୍ୟକ୍ତି ଡୁବନ (ବାପ୍ତିସ୍ମ) ଦିଅନ୍ତି ।

[d] **1.5** ଡୁବନକୁ ଗ୍ରୀକ୍ ଭାଷାରେ ବାପ୍ତିସ୍ମ କୁହାଯାଏ ।

[e] **1.10** ଗ୍ରୀକ୍ ଭାଷାରେ ଧଳା ପୋଷାକ ପିନ୍ଧିିଥିବା ଦୁଇ ଜଣ ପୁରୁଷ ବୋଲି ଉଲ୍ଲେଖ କରାଯାଇଛି

[f] **1.12** ସେହି ପାହାଡ଼ରେ ଜୀତ ଗଛ ବହୁତ ଥିବାରୁ ତାହାକୁ ଜୀତ ପର୍ବତ କୁହାଯାଉଥିଲା ।

[g] **1.12** ବିଶ୍ରାମବାର - ଯିହୁଦୀ ଜାତିର ଲୋକମାନେ ସପ୍ତାହରେ ଗୋଟିଏ ଦିନ କାର୍ଯ୍ୟ ନ କରି ବିଶ୍ରାମ କରୁଥିଲେ ଓ ଈଶ୍ୱରଙ୍କର ଉପାସନା କରୁଥିଲେ । ସେହି ଦିନକୁ ବିଶ୍ରାମବାର କୁହାଯାଏ ।

[h] **1.12** ମୂଳ ଶାସ୍ତ୍ରରେ ବିଶ୍ରାମ ବାରର ବାଟ ଦୂର, ପ୍ରାୟ ଏକ କିଲୋମିଟରକୁ ସୂଚାଏ ।

[i] **1.13** ଇସ୍ରାଏଲ ସ୍ୱାଧୀନତା ଦଳର ସଭ୍ୟ

ବିଶ୍ୱାସୀ ଥିଲେ । ସେତେବେଳେ ପିତର ଠିଆହେଲେ ଓ
ସେସମସ୍ତଙ୍କୁ କହିଲେ, 16“ହେ ଭାଇମାନେ, ଯେଉଁ ଯିହୂଦା
ଶତ୍ରୁମାନେ ଯୀଶୁଙ୍କୁ ଧରିବା ପାଇଁ ବାଟ ଦେଖାଇଲା, ତାଙ୍କ
ବିଷୟରେ ଧର୍ମଶାସ୍ତ୍ରରେ[j] ଯାହା ଲେଖାଯାଇଥିଲା, ତାହା ଅବଶ୍ୟ
ଘଟିବାର ଥିଲା । ଏହି କଥା ବହୁ ବର୍ଷ ଆଗରୁ ପବିତ୍ର ଆତ୍ମା
ଦାଉଦ ରାଜାଙ୍କ ଦ୍ୱାରା କହିଥିଲେ । 17ଏହି ଯିହୂଦା ଆମ୍ଭମାନଙ୍କ
ମଧ୍ୟରୁ ଜଣେ ଥିଲା ଓ ଆମ୍ଭମାନଙ୍କ ସହିତ ମିଶି ସେବାକାର୍ଯ୍ୟ
କରୁଥିଲା ।

18ଏହି ଲୋକ ଅଧର୍ମର ମୂଲ୍ୟ ଦ୍ୱାରା ଏକ କ୍ଷେତ ପାଇଲା ।
ପୁଣି ସେ ମୁଣ୍ଡମାଡ଼ି ହୋଇ ପଡ଼ିବାରୁ ତାହାର ପେଟ ଫାଟିଗଲା,
ପୁଣି ତାହାର ଅନ୍ତପୁଟା ବାହାରିପଡ଼ିଲା । 19ଆଉ ଏହି କଥା
ଯିରୁଶାଲମ ନଗରରେ ବାସକରୁଥିବା ସବୁଲୋକ ଜାଣି ପାରିଲେ
। ଏଣୁ ସେହି କ୍ଷେତକୁ ଲୋକମାନେ ଆରାମିକ୍ ଭାଷାରେ
‘ଅକଲଦମା’ ବୋଲି ନାମ ଦେଲେ, ଯାହାର ଅର୍ଥ ‘ରକ୍ତରେ
କିଣାଯାଇଥିବା କ୍ଷେତ’ ।”

20ପିତର ସେମାନଙ୍କୁ ଆହୁରି କହିଲେ, “ଗୀତସଂହିତା
ପୁସ୍ତକରେ ଏପରି ଲେଖାଅଛି, ‘ତାହାର ବାସସ୍ଥାନ
ଖାଲିହୋଇଯାଉ; ସେଠାରେ କେହି ବାସ ନ କରୁ ।’ ପୁଣି ଗୀତ
ସଂହିତାରେ ଆହୁରି ଲେଖାଅଛି, ‘ସେ ଯେଉଁ ପଦବୀ ପାଇଥିଲା,
ତାହା ଅନ୍ୟ କେହି ଜଣେ ପାଉ ।’”

21-22ପିତର ପୁଣି ସେମାନଙ୍କୁ କହିଲେ, “ଯୀଶୁ ଯୋହନଙ୍କ ଦ୍ୱାରା
ଜଳରେ ଡୁବନ ନେବା ଦିନଠାରୁ ସ୍ୱର୍ଗକୁ ଯିବା ଦିନ ଯାଏଁ
ଆମ୍ଭମାନଙ୍କ ମଧ୍ୟରେ ଗମନାଗମନ କରୁଥିଲେ । ସେହି
ଦିନଗୁଡ଼ିକରେ ଯେଉଁମାନେ ଆମ୍ଭମାନଙ୍କ ସହିତ ଥିଲେ,
ସେମାନଙ୍କ ମଧ୍ୟରୁ ଆମ୍ଭେମାନେ ଜଣକୁ ବାଛିବା, ଯିଏ ଯୀଶୁ
ମୃତ୍ୟୁରୁ ଉଠିଥିବା ବିଷୟରେ ଆମ୍ଭମାନଙ୍କ ସହିତ ସାକ୍ଷୀ
ହୋଇପାରିବ ।”

23ଏହାପରେ, ସେମାନେ ଦୁଇଜଣଙ୍କର ନାମ ପ୍ରସ୍ତାବ କଲେ ।
ସେମାନଙ୍କ ମଧ୍ୟରୁ ଜଣେ ହେଲେ, ମଥିୟ ଏବଂ ଆଉ ଜଣେ
ହେଲେ ବର୍ଶବ୍ବା, ଯାହାଙ୍କୁ ଯୋଷେଫ ବା ଯୁସ୍ତ ବୋଲି ମଧ୍ୟ
ଡକାଯାଉଥିଲା । 24-25ପୁଣି ଉପଯୁକ୍ତ ବ୍ୟକ୍ତିଙ୍କୁ ବାଛିବା ପାଇଁ
ସେମାନେ ସମସ୍ତେ ପ୍ରାର୍ଥନା କଲେ, “ହେ ପ୍ରଭୁ, ତୁମ୍ଭେ ସମସ୍ତଙ୍କ
ହୃଦୟ ଜାଣ । ଯିହୁଦା ନିଜର ଉପଯୁକ୍ତ ସ୍ଥାନକୁ ଯିବା ପାଇଁ ଯେଉଁ
ସେବାକାର୍ଯ୍ୟ ଓ ପ୍ରେରିତ ପଦ ପରିତ୍ୟାଗ କଲା, ସେହି ସ୍ଥାନ
ପୂରଣ କରିବା ପାଇଁ, ଏହି ଦୁଇ ଜଣଙ୍କ ମଧ୍ୟରୁ ତୁମ୍ଭେ ଯାହାକୁ
ବାଛିଅଛ ଦେଖାଇଦିଅ ।” 26ଏହାପରେ ସେମାନେ ସେହି ଦୁଇ
ଜଣଙ୍କ ନାମରେ ଗୁଲିବାଣ୍ଟ କଲେ[k] । ପୁଣି ତାହା ମଥିୟଙ୍କ
ନାମରେ ଉଠିଲା । ଏଣୁ ସେ ଅନ୍ୟ ଏଗାର ଜଣ ପ୍ରେରିତଙ୍କ
ସହିତ ପ୍ରେରିତ ପଦ ପାଇଲେ ।

## 2

### ବିଶ୍ୱାସୀମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ

1ନିସ୍ତାର ପର୍ବର ପଚାଶ ଦିନ ପରେ, ପେଣ୍ଟିକଷ୍ଟ ପର୍ବ[l] ଦିନରେ
ଯୀଶୁଙ୍କର ସମସ୍ତ ବିଶ୍ୱାସୀ ଗୋଟିଏ ସ୍ଥାନରେ ଏକାଠି
ହୋଇଥିଲେ । 2ସେହି ସମୟରେ ହଠାତ୍ ପ୍ରବଳ ବେଗରେ
ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ପରି ଗୋଟିଏ ଶବ୍ଦ ଆକାଶରୁ
ଆସିଲା ଓ ସେମାନେ ଯେଉଁ ଘରେ ଥିଲେ ସେହି ଘରେ
ସବୁଆଡ଼େ ବ୍ୟାପିଲା । 3ଆଉ ନିଆଁର ଶିଖା ପରି
ଦେଖାଯାଉଥିବା, ଜିଭ ଆକାରର କିଛି ସେମାନଙ୍କୁ ଦେଖାଗଲା ଓ
ସେସମସ୍ତଙ୍କ ଉପରେ ଗୋଟି ଗୋଟି କରି ବସିଲା । 4ସେଥିରେ
ସେଠାରେ ଥିବା ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣହେଲେ । ପୁଣି
ପବିତ୍ର ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ସେ
ଅନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ
ଲାଗିଲେ ।

5ସେତେବେଳେ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ଯିହୁଦୀ
ଭକ୍ତମାନେ ଯିରୁଶାଲମ ନଗରରେ ଥିଲେ । 6ସେମାନେ ସେହି
ଶବ୍ଦ ଶୁଣି ସେହିସ୍ଥାନକୁ ଆସିଲେ ପୁଣି ଯୀଶୁଙ୍କ ଶିଷ୍ୟମାନେ

[j]**1.16** ବାଇବଲର ପୁରାତନ ନିୟମରେ

[k]**1.26** ଦୁଇ ଜଣଙ୍କ ମଧ୍ୟରୁ କାହା ନାମ ଉଠିବ, ତାହା ଜାଣିବା ପାଇଁ ସେମାନେ ଧର୍ମଗୁଳା ପକାଇଲେ

[l]**2.1** ଯିହୁଦୀମାନେ ନିସ୍ତାର ପର୍ବ ଦିନର ପଚାଶ ଦିନ ପରେ ଏକ ପର୍ବ ପାଳନ କରନ୍ତି, ତାହାକୁ ପେଣ୍ଟିକଷ୍ଟ ପର୍ବ କୁହାଯାଏ । ଗ୍ରୀକ୍ ଭାଷାରେ ପେଣ୍ଟିକଷ୍ଟର ଅର୍ଥ ପଚାଶ ।

ସେହି ଯିହୁଦୀମାନଙ୍କ ଭାଷାଗୁଡ଼ିକରେ କଥା କହୁଥିବାର ଶୁଣି
ଆଶ୍ଚର୍ଯ୍ୟ ହେଲେ ।

7ପୁଣି ସେମାନେ କହିବାକୁ ଲାଗିଲେ, ଏହି ଲୋକମାନେ
ସମସ୍ତେ କଅଣ ଗାଲିଲୀ ଅଞ୍ଚଳର ଲୋକ ନୁହନ୍ତି ? 8ତେବେ,
ଆମ୍ଭେମାନେ କିପରି ଏମାନେ ଆମ୍ଭମାନଙ୍କ ମାତୃ ଭାଷାରେ କଥା
କହିବାର ଶୁଣୁଅଛୁ ? 9ଆମ୍ଭେମାନେ ସମସ୍ତେ ତ ଅନ୍ୟ ଦେଶର
ଲୋକ, ଯଥା, ପାର୍ଥ, ମାଦ, ଏଲମ ଦେଶର ଲୋକ; ପୁଣି
ମେସପଟାମିଆ, ଯିହୁଦା, କାପଦକିଆ, ପନ୍ତ, ଆସିଆ ପ୍ରଦେଶ,
10ଫ୍ରୁଗିଆ, ପମ୍ଫୁଲିଆ, ମିସର, କୂରୀଣୀ ନିକଟରେ ଥିବା ଲିବିଆ
ପୁଣି ରୋମ ଦେଶରୁ ଆସିଥିବା, 11ଉଭୟ ଯିହୁଦୀ ଓ ଯିହୁଦୀ ଧର୍ମ
ଗ୍ରହଣ କରିଥିବା ଲୋକ ପୁଣି କ୍ରିତ ଏବଂ ଆରବ ଦେଶର ଲୋକ
ଅଟୁ । ଈଶ୍ୱର କରିଥିବା ମହତ୍ ମହତ୍ କର୍ମର କଥା ଏମାନେ
ଆମ୍ଭମାନଙ୍କ ନିଜ ଭାଷାରେ କହିବାର ଆମ୍ଭେମାନେ ଶୁଣୁଅଛୁ ।
12ଏହିପରି ସେମାନେ ନିଜ ନିଜ ମଧ୍ୟରେ ପଚାରିବାକୁ ଲାଗିଲେ,
ଏହାର ଅର୍ଥ କଅଣ ଅଟେ ?

13କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ପରିହାସ କରି କହିଲେ,
ଏହି ଲୋକମାନେ ସମସ୍ତେ ମଦ ପିଇ ନିଶାରେ ଏପରି କହୁଛନ୍ତି ।

## ପିତରଙ୍କ ପ୍ରଥମ ପ୍ରଚାର

14ଏହାପରେ ପିତର ଅନ୍ୟ ଏଗାର ଜଣ ଶିଷ୍ୟଙ୍କ ସହିତ
ଠିଆହେଲେ ଓ ଉଚ୍ଚ ସ୍ୱରରେ ସେମାନଙ୍କୁ କହିଲେ, "ହେ ଯିହୁଦା
ପ୍ରଦେଶ ଓ ଯିରୁଶାଲମ ନଗରରେ ବାସ କରୁଥିବା ଲୋକମାନେ,
ଏଠାରେ ଯାହା ଘଟୁଅଛି, ତାହା ମୁଁ ଆପଣମାନଙ୍କୁ କହୁଅଛି,
ଆପଣମାନେ ତାହା ଭଲରେ ଶୁଣନ୍ତୁ । 15ଆପଣମାନେ ଯେପରି
ଭାବୁଛନ୍ତି, ସେପରି ଏହି ଲୋକମାନେ ମଦ ପିଇ ନାହାନ୍ତି ।
କାରଣ ଏବେ ମାତ୍ର ସକାଳ ନଅ ଘଣ୍ଟା ସମୟ ହୋଇଛି ପୁଣି ଏହି
ସମୟରେ ପ୍ରାୟ କେହି ମଦ ପିଏ ନାହିଁ । 16କିନ୍ତୁ, ଯୋୟେଲ
ଭବିଷ୍ୟତବକ୍ତା[m] ଯେପରି ନିଜ ପୁସ୍ତକରେ ଲେଖିଛନ୍ତି, ସେପରି
ଏହା ଘଟୁଅଛି ।

[m]**2.16** ପୁରାତନ ନିୟମର ଭବିଷ୍ୟତବକ୍ତା

17କାରଣ, ଯୋୟେଲ ଭବିଷ୍ୟତବକ୍ତା ଏପରି ଲେଖିଛନ୍ତି,
'ପରମେଶ୍ୱର କହନ୍ତି,
"ଶେଷ ସମୟରେ ଆମ୍ଭେ
ସବୁ ମନୁଷ୍ୟଙ୍କ ଉପରେ ଆମ୍ଭର ଆତ୍ମା ଢାଳିବା ।
ତହିଁରେ ତୁମ୍ଭର ପୁଅଝିଅମାନେ ଭାବବାଣୀ କହିବେ,
ଯୁବାମାନେ ଈଶ୍ୱରଙ୍କ ବିଷୟରେ ଦର୍ଶନ ଦେଖିବେ,
ବୃଦ୍ଧମାନେ ଈଶ୍ୱରଙ୍କ ବିଷୟରେ ସ୍ୱପ୍ନ ଦେଖିବେ ।
18ସେହି ସମୟରେ ଆମ୍ଭେ,
ଆମ୍ଭର ଦାସ ଓ ଦାସୀମାନଙ୍କ ଉପରେ ମଧ୍ୟ ଆମ୍ଭର
ଆତ୍ମା ଢାଳିବା,
ପୁଣି ସେମାନେ ଭାବବାଣୀ କହିବେ ।
19ପୁଣି ଆମ୍ଭେ, ଉପରେ, ଆକାଶ ମଣ୍ଡଳରେ, ଆଶ୍ଚର୍ଯ୍ୟ କର୍ମ
ଓ
ତଳେ, ପୃଥିବୀରେ ଅଦ୍ଭୁତ ଲକ୍ଷଣ, ପୁଣି ରକ୍ତ ଓ
ନିଆଁ ଓ ମେଘମାଳା ପରି ଗାଢ଼ ଧୂଆଁ ଦେଖାଇବା ।
20ଯିହୋବା[n] ପ୍ରଭୁଙ୍କର ମହତ୍ ଓ ଗୌରବମୟ ଦିନ ଆସିବା
ଆଗରୁ,
ସୂର୍ଯ୍ୟ ଆଲୋକ ଦେବ ନାହିଁ ଓ ଅନ୍ଧକାର ହେବ,
ପୁଣି ଚନ୍ଦ୍ର ରକ୍ତବର୍ଣ୍ଣ ହେବ ।
21ଆଉ ଯେକେହି ଯିହୋବା ପ୍ରଭୁଙ୍କ ନାମରେ ପ୍ରାର୍ଥନା
କରିବ,
ସେ ଉଦ୍ଧାର[o] ପାଇବ[p] ।'"

22ହେ ଇସ୍ରାଏଲ ଲୋକମାନେ, ଆପଣମାନେ ଏହି କଥା
ଶୁଣନ୍ତୁ, "ନାଜରିତ ଗ୍ରାମର ଯୀଶୁ ଆପଣମାନଙ୍କ ମଧ୍ୟରେ ଶକ୍ତିର
କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦେଖାଇ ତାହାଙ୍କୁ ଯେ ଈଶ୍ୱର
ପଠାଇଛନ୍ତି ତାହା ପ୍ରମାଣ କରିଅଛନ୍ତି । ଯୀଶୁଙ୍କ ଦ୍ୱାରା ଈଶ୍ୱର
ଯେ ଆପଣମାନଙ୍କ ମଧ୍ୟରେ ଏସମସ୍ତ କାର୍ଯ୍ୟ କରିଅଛନ୍ତି ଏହା
ଆପଣମାନେ ଭଲ ଭାବରେ ଜାଣନ୍ତି । 23ଏବେ ଯାହା ଘଟିଲା
ତାହା ଈଶ୍ୱର ଆଗରୁ ଜାଣିଥିଲେ ଓ ଯୋଜନା କରିଥିଲେ, ତେଣୁ

[n]**2.20** ପୁରାତନ ନିୟମ ଅନୁସାରେ ଈଶ୍ୱରଙ୍କ ନାମ ଯିହୋବା ପ୍ରଭୁ ।

[o]**2.21** ବା ପରିତ୍ରାଣ । ଦେଖନ୍ତୁ ପ୍ରେରିତ ୨:୪୭

[p]**2.21** ଯୋୟେଲ ୨:୨୮-୩୨

ସେଅନୁସାରେ, ଆପଣମାନେ ଅଧାର୍ମିକମାନଙ୍କ ସାହାଯ୍ୟରେ
ସେହି ଯୀଶୁଙ୍କୁ କ୍ରୁଶରେ[q] କଣ୍ଟାମାରି ଟଙ୍ଗାଇ ହତ୍ୟାକଲେ । 24 କିନ୍ତୁ
ଈଶ୍ୱର ତାହାଙ୍କୁ ମୃତ୍ୟୁର ଭୟାନକ ବନ୍ଧନରୁ ରକ୍ଷା କଲେ ଓ
ମୃତ୍ୟୁରୁ ଉଠାଇଲେ[r] । କାରଣ ମୃତ୍ୟୁ ଯେ ଯୀଶୁଙ୍କୁ ଧରି ରଖି
ପାରିବ ଏହା ଅସମ୍ଭବ ଅଟେ । 25 ପ୍ରକୃତରେ ଯୀଶୁଙ୍କ କଥା
ଦାଉଦ ରାଜା ନିଜ ମୁଖରୁ ଭାବବାଣୀ କରି କହିଥିଲେ,

‘ଯିହୋବା ପ୍ରଭୁ ସଦାବେଳେ ମୋ ସହିତ ଥିବାର ମୁଁ
ଦେଖିଅଛି ।
ସେ ମୋର ଡାହାଣ ପାଖରେ ଥିବାରୁ ମୁଁ କେବେ ହେଁ
ବିଚଳିତ ହେବି ନାହିଁ ।

26 ସେହି କାରଣରୁ, ମୁଁ ହୃଦୟରେ ଆନନ୍ଦ କରୁଅଛି,
ପୁଣି ଖୁସିରେ ଗୀତ ଗାଉଅଛି ।
ଆଉ ମୋର ଶରୀର ଭରସାରେ ବାସ କରିବ ।

27 କାରଣ ତୁମ୍ଭେ ମୋର ପ୍ରାଣକୁ ପାତାଳରେ ଛାଡ଼ିବ ନାହିଁ,
କିମ୍ବା ମୁଁ ଯେ ତୁମ୍ଭର ପବିତ୍ର ବ୍ୟକ୍ତି,
ତୁମ୍ଭେ ମୋର ଶରୀରକୁ ସମାଧିରେ ସଡ଼ିବାକୁ ଦେବ
ନାହିଁ ।

28 ତୁମ୍ଭେ ମୋତେ ଜୀବନର ରାସ୍ତା ଦେଖାଇଅଛ,
ତୁମ୍ଭର ଉପସ୍ଥିତି ଦ୍ୱାରା ତୁମ୍ଭେ ମୋତେ ଆନନ୍ଦରେ ପୂର୍ଣ୍ଣ
କରିବ[s] ।’”

29 ଏହାପରେ ପିତର ସେମାନଙ୍କୁ କହିଲେ, “ଏଣୁ ହେ
ଭାଇମାନେ, ଏବେ ଆପଣମାନେ ଏ ବିଷୟରେ ଚିନ୍ତାକରନ୍ତୁ ।
ଆପଣମାନେ ଜାଣନ୍ତି ଯେ, ଆମ୍ଭମାନଙ୍କର ପିତୃପୁରୁଷ ଦାଉଦ
ଏହି କଥା ନିଜ ବିଷୟରେ କହି ନାହାନ୍ତି । କାରଣ ସେ ନିଜେ
ମୃତ୍ୟୁବରଣ କଲେ ଓ ସମାଧି ପାଇଲେ, ପୁଣି ତାଙ୍କର ସମାଧି
ଏବେ ମଧ୍ୟ ଅଛି । 30 କିନ୍ତୁ ସେ ଜଣେ ଭାବବାଦୀ ଥିଲେ ପୁଣି
ଈଶ୍ୱର ତାଙ୍କ ନିକଟରେ ପ୍ରତିଜ୍ଞା କରି କହିଥିଲେ ଯେ, ଦାଉଦଙ୍କର
ବଂଶଧରମାନଙ୍କ ମଧ୍ୟରୁ ଜଣେ ତାହାଙ୍କ ସିଂହାସନରେ ବସିବ ।

[q] **2.23** ପ୍ରେରିତ ୧:୩

[r] **2.24** ପ୍ରେରିତ ୧୭:୧୮

[s] **2.28** ଗୀତସଂହିତା ୧୬:୮-୧୧

ଦାଉଦ ଏହି ପ୍ରତିଜ୍ଞା ଜାଣିଥିଲେ । 31 ଖ୍ରୀଷ୍ଟ[t] ଯେ ମୃତ୍ୟୁରୁ ଉଠିବେ,
ସେହି ବିଷୟ ଦାଉଦ ଆଗରୁ ଦେଖି ପାରିଲେ ଓ କହିଲେ ଯେ,
ଈଶ୍ୱର ଖ୍ରୀଷ୍ଟଙ୍କୁ ପାତାଳରେ ଛାଡ଼ିଦେବେ ନାହିଁ କିମ୍ବା ତାଙ୍କ
ଶରୀରକୁ ସମାଧିରେ ସଡ଼ିବାକୁ ଦେବେ ନାହିଁ ।

32 ଏହି ଯୀଶୁଙ୍କୁ ଈଶ୍ୱର ମୃତ୍ୟୁରୁ ଉଠାଇଲେ, ପୁଣି ଆମ୍ଭେମାନେ
ସମସ୍ତେ ସେଥିର ସାକ୍ଷୀ ଅଟୁ । 33 ପୁଣି ଈଶ୍ୱର ଯୀଶୁଙ୍କୁ ସ୍ୱର୍ଗକୁ
ନେଇ ନିଜ ଡାହାଣ ପାଖରେ ସମ୍ମାନର ସ୍ଥାନ ଦେଇଛନ୍ତି । ପୁଣି
ପିତା ଈଶ୍ୱର ଯୀଶୁଙ୍କଠାରେ କରିଥିବା ପ୍ରତିଜ୍ଞା ଅନୁସାରେ, ଯୀଶୁ
ପିତାଙ୍କଠାରୁ ପବିତ୍ର ଆତ୍ମାଙ୍କୁ ପାଇ, ତାହାଙ୍କୁ ଆମ୍ଭମାନଙ୍କ
ଉପରକୁ ଢାଳିଛନ୍ତି । ଏହାହିଁ ଆପଣମାନେ ଆଜି ଶୁଣୁଛନ୍ତି ଓ
ଦେଖୁଛନ୍ତି । 34-35 କାରଣ ଦାଉଦ ରାଜା ନିଜେ ସ୍ୱର୍ଗକୁ ଯାଇ ନ
ଥିଲେ, ତଥାପି ସେ କହିଲେ,

‘ଯିହୋବା ପ୍ରଭୁ, ମୋର ପ୍ରଭୁଙ୍କୁ କହିଲେ,
“ଆମ୍ଭେ ଯେପର୍ଯ୍ୟନ୍ତ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭ
ପାଦତଳକୁ ଆଣି ନାହୁଁ,
ସେପର୍ଯ୍ୟନ୍ତ ତୁମ୍ଭେ ଆମ୍ଭର ଡାହାଣ ପଟେ ବସିଥାଅ[u]
।”’

36 ଏଣୁ ହେ ଇସ୍ରାଏଲ ଲୋକମାନେ ଆପଣମାନେ ସମସ୍ତେ
ନିଶ୍ଚିତରେ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ[v]
ଟଙ୍ଗାଇ ହତ୍ୟାକଲେ, ଈଶ୍ୱର ତାହାଙ୍କୁ, ପ୍ରଭୁ ଓ ଖ୍ରୀଷ୍ଟ ଉଭୟ
ପଦରେ ନିଯୁକ୍ତ କରିଛନ୍ତି ।”

37 ପିତରଙ୍କଠାରୁ ଏହି କଥା ଶୁଣି ସେଠାରେ ଥିବା
ଲୋକମାନଙ୍କର ହୃଦୟ ଖଣ୍ଡ ଖଣ୍ଡ ହେଲା, ପୁଣି ସେମାନେ
ପିତର ଓ ଅନ୍ୟ ପ୍ରେରିତମାନଙ୍କୁ କହିଲେ, “ହେ ଭାଇମାନେ,
ତେବେ ଏବେ ଆମ୍ଭେମାନେ କଅଣ କରିବୁ ତାହା ଆମ୍ଭମାନଙ୍କୁ
କୁହନ୍ତୁ ।” 38 ପିତର ସେମାନଙ୍କୁ ଉତ୍ତର ଦେଇ କହିଲେ,
“ଆପଣମାନେ ପ୍ରତି ଜଣ ନିଜ ନିଜ ପାପର କ୍ଷମା ପାଇବା ପାଇଁ

[t] **2.31** ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦର ଅର୍ଥ ‘ଈଶ୍ୱରଙ୍କ ଅଭିଷିକ୍ତ ବା ମନୋନୀତ ବ୍ୟକ୍ତି,’ ଯାହାଙ୍କୁ ଈଶ୍ୱର ଏହି ଜଗତର ପରିତ୍ରାଣ ନିମନ୍ତେ ପଠାଇଲେ ।

[u] **2.34-35** ଗୀତସଂହିତା ୧୧୦:୧

[v] **2.36** ପ୍ରେରିତ ୧:୩

ପାପରୁ ମନପରିବର୍ତ୍ତନ କରି ଈଶ୍ୱରଙ୍କ ପ୍ରତି ଫେରନ୍ତୁ, ପୁଣି
ଯୀଶୁଖ୍ରୀଷ୍ଟଙ୍କ ନାମରେ ଡୁବନ ନିଅନ୍ତୁ । ଏପରି କଲେ
ଆପଣମାନେ ମଧ୍ୟ ଆମ୍ଭମାନଙ୍କ ପରି ପବିତ୍ର ଆତ୍ମାଙ୍କର ଏହି
ଦାନ ପାଇବେ । 39କାରଣ ପ୍ରଭୁ ଯେତେ ଲୋକମାନଙ୍କୁ
ଡାକିଅଛନ୍ତି, ସେସମସ୍ତ ଲୋକଙ୍କ ପାଇଁ, ଅର୍ଥାତ୍, ଆପଣମାନଙ୍କ
ପାଇଁ, ଆପଣମାନଙ୍କର ପୁଅଝିଅମାନଙ୍କ ପାଇଁ ଏବଂ ଏପରିକି
ଅଣ-ଯିହୁଦୀମାନଙ୍କ ପାଇଁ ଏହି ପ୍ରତିଜ୍ଞା କରାଯାଇଅଛି ।" 40ଏହା
ସହିତ ପିତର ସେମାନଙ୍କ ନିକଟରେ ପ୍ରଚାରକରି ବହୁତ
ଶିକ୍ଷାଦେଲେ ଓ ସେମାନଙ୍କୁ ଦୃଢ଼ ରୂପେ ଅନୁଯୋଗ କରି କହିଲେ,
"ଆପଣମାନେ ଏହି ଦୁଷ୍ଟ ବଂଶର ଲୋକମାନଙ୍କଠାରୁ ନିଜକୁ
ରକ୍ଷା କରନ୍ତୁ ।"

41ସେଥିରେ ଯେଉଁମାନେ ପିତରଙ୍କ ଶିକ୍ଷାକୁ ବିଶ୍ୱାସ କଲେ,
ସେମାନେ ସମସ୍ତେ ଡୁବନ ନେଲେ ଓ ପୁଣି ସେହିଦିନ ତିନି
ହଜାର ଲୋକ ମଣ୍ଡଳୀ[w] ସହିତ ମିଶିଲେ ।

42ପୁଣି ସେମାନେ ସମସ୍ତେ ପ୍ରେରିତମାନଙ୍କ ଶିକ୍ଷାରେ, ମିଳିମିଶି
ରହିବାରେ, ମିଳିମିଶି ଖାଇବା ସହିତ ପ୍ରଭୁଭୋଜ[x] ପାଳନ
କରିବାରେ ପୁଣି ପ୍ରାର୍ଥନା କରିବାରେ ସମ୍ପୂର୍ଣ୍ଣ ମନ ଦେଲେ ।

43ପ୍ରେରିତମାନେ ପ୍ରଭୁଙ୍କ ଶକ୍ତିରେ ଅନେକ ଅଦ୍ଭୁତ କାର୍ଯ୍ୟ
କଲେ ଓ ଅଦ୍ଭୁତ ଚିହ୍ନସବୁ ଦେଖାଇଲେ, ପୁଣି ଏସବୁ ଦେଖି
ସମସ୍ତେ ଭୟ କରିବାକୁ ଲାଗିଲେ । 44ସେତେବେଳେ ସମସ୍ତ
ବିଶ୍ୱାସୀ ମିଳିମିଶି ରହୁଥିଲେ ପୁଣି ସେମାନଙ୍କର ଧନସମ୍ପତ୍ତିକୁ
ସମସ୍ତଙ୍କର ବୋଲି ମନେ କରୁଥିଲେ । 45ସେମାନେ ନିଜ ନିଜର
ଧନସମ୍ପତ୍ତି ବିକ୍ରୟକରି ଯାହାକୁ ଯାହା ଆବଶ୍ୟକ ସେ ଅନୁସାରେ
ସେମାନଙ୍କୁ ଦେଉଥିଲେ । 46ସେମାନେ ପ୍ରତିଦିନ ମନ୍ଦିରରେ
ଈଶ୍ୱରଙ୍କର ଉପାସନା କରୁଥିଲେ, ଘରେ ଘରେ ଏକାଠି ହୋଇ
ପ୍ରଭୁଭୋଜ ପାଳନ କରୁଥିଲେ, ପୁଣି ନିଜ ନିଜର ଖାଦ୍ୟ
ଆନନ୍ଦରେ ଓ ସରଳ ହୃଦୟରେ ବାଣ୍ଟି ଖାଉଥିଲେ, 47ଏବଂ ସମସ୍ତ
ବିଶ୍ୱାସୀ ପ୍ରଭୁଙ୍କର ପ୍ରଶଂସା କରୁଥିଲେ ଓ ସମସ୍ତ ଲୋକ
ବିଶ୍ୱାସୀମାନଙ୍କୁ ଭଲ ପାଉଥିଲେ, ପୁଣି ବହୁତ ଲୋକ ପ୍ରତିଦିନ
ପରିତ୍ରାଣ[y] ପାଉଥିଲେ ଓ ଈଶ୍ୱର ସେମାନଙ୍କୁ ମଣ୍ଡଳୀ ସହିତ
ଯୋଗ କରୁଥିଲେ ।

# 3

## ପିତର ଛୋଟା ଭିକାରୀକୁ ସୁସ୍ଥ କଲେ

1ଦିନେ, ଅପରାହ୍ନ ତିନି ଘଣ୍ଟାବେଳେ ପ୍ରାର୍ଥନା ସମୟରେ ପିତର
ଓ ଯୋହନ ପ୍ରାର୍ଥନା କରିବାକୁ ମନ୍ଦିରକୁ ଯାଉଥିଲେ ।
2ଲୋକମାନେ ଜନ୍ମରୁ ଛୋଟା ଜଣେ ଲୋକକୁ ବୋହି ନେଇ
ମନ୍ଦିରର ସୁନ୍ଦର ନାମକ ଦ୍ୱାରରେ ପ୍ରତିଦିନ ରଖୁଥିଲେ । ସେ
ସେଠାରେ ରହି ମନ୍ଦିରକୁ ଯାଉଥିବା ଲୋକମାନଙ୍କଠାରୁ ଭିକ
ମାଗୁଥିଲା । 3ପିତର ଓ ଯୋହନ ମନ୍ଦିରକୁ ପଶୁଥିବା ସମୟରେ
ସେହି ଛୋଟା ଲୋକଟି ସେମାନଙ୍କୁ ଭିକ ମାଗିଲା ।

4ତାହା ଦେଖି ପିତର ଓ ଯୋହନ ସେହି ଲୋକ ଆଡ଼କୁ ସିଧା
ଅନାଇଲେ, ପୁଣି ପିତର ତାଙ୍କୁ କହିଲେ, "ଆମ୍ଭମାନଙ୍କ ଆଡ଼କୁ
ଅନାଅ ।" 5ସେଥିରେ ସେହି ଲୋକ ସେମାନଙ୍କଠାରୁ କିଛି
ପାଇବା ଆଶାରେ ସେମାନଙ୍କ ଆଡ଼କୁ ଅନାଇ ରହିଲା ।
6ଏହାପରେ ପିତର ତାଙ୍କୁ କହିଲେ, "ତୁମକୁ ଦେବାକୁ ମୋ
ପାଖରେ ସୁନା କିମ୍ବା ରୂପା ନାହିଁ । ମାତ୍ର ମୋ ପାଖରେ ଯାହା
ଅଛି ତାହା ମୁଁ ତୁମକୁ ଦେଉଅଛି । ନାଜରିତୀୟ ଯୀଶୁଖ୍ରୀଷ୍ଟଙ୍କ
ନାମରେ ଉଠ ଓ ଚାଲ ।"

7ଏହା କହି ପିତର ସେହି ଛୋଟା ଲୋକର ଡାହାଣ ହାତ ଧରି
ତାକୁ ଉଠାଇଲେ, ସେଥିରେ ସଙ୍ଗେ ସଙ୍ଗେ ସେହି ଛୋଟା
ଲୋକର ପାଦ ଓ ଗୋଡ଼ର ଗଣ୍ଠି ସବୁ ବଳ ପାଇଲା । 8ଆଉ
ସେହି ଛୋଟା ଲୋକ କୁଦାମାରି ଠିଆହେଲେ, ପୁଣି ଚାଲିବାକୁ
ଲାଗିଲେ । ଆଉ ସେ ଚାଲୁ ଚାଲୁ ଓ କୁଦା ମାରୁ ମାରୁ ପୁଣି
ଈଶ୍ୱରଙ୍କର ପ୍ରଶଂସା କରୁ କରୁ ପିତର ଓ ଯୋହନଙ୍କ ସହିତ
ମନ୍ଦିର ଭିତରକୁ ଗଲା । 9ସେଥିରେ ସେ ଚାଲିବାର ଓ ଈଶ୍ୱରଙ୍କର

---

[w]**2.41** ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ଲୋକ ସମୂହକୁ 'ମଣ୍ଡଳୀ' କୁହାଯାଏ ।

[x]**2.42** ପ୍ରଭୁ ଯୀଶୁଙ୍କର ମୃତ୍ୟୁ ଓ ପ୍ରାୟଶ୍ଚିତ କାର୍ଯ୍ୟକୁ ମନେପକାଇ ଯେଉଁ ଭୋଜ ପାଳନ କରାଯାଏ

[y]**2.47** ପାପର କ୍ଷମା ଲାଭ କରି ଅନନ୍ତ କାଳ ପାଇଁ ଉଦ୍ଧାର ପାଇବା ।

ପ୍ରଶଂସା କରିବାର ସମସ୍ତ ଲୋକ ଦେଖିଲେ । 10ଆଉ ଏହି
ଲୋକ ଯେ ସବୁଦିନ ମନ୍ଦିରର ସୁନ୍ଦର ନାମକ ଦ୍ୱାର ପାଖରେ ବସି
ଭିକ ମାଗୁଥିଲା ବୋଲି ସେମାନେ ଚିହ୍ନିଲେ । ପୁଣି ସେ ଭଲ
ହୋଇ ଚାଲୁ ଥିବାର ଦେଖି ସେମାନେ ବହୁତ ଆଶ୍ଚର୍ଯ୍ୟ ଓ
ଛାନିଆ ହେଲେ । 11ସେ ଶଲୋମନଙ୍କ ମଣ୍ଡପରେ ପିତର ଓ
ଯୋହନଙ୍କୁ ଧରି ରହିଥିବା ସମୟରେ ସମସ୍ତେ ବହୁତ
ଆଶ୍ଚର୍ଯ୍ୟହୋଇ ଏକାଠି ସେଠାକୁ ଦୌଡ଼ି ଆସିଲେ ।

## ମନ୍ଦିରରେ ପିତରଙ୍କ ପ୍ରଚାର

12ପିତର ତାହା ଦେଖି ସେମାନଙ୍କୁ କହିଲେ, "ହେ ଇସ୍ରାଏଲ
ଲୋକମାନେ, ଆପଣମାନେ ଏହି ଲୋକ ବିଷୟରେ କାହିଁକି
ଆଶ୍ଚର୍ଯ୍ୟ ହେଉଛନ୍ତି ? କିମ୍ବା ସତେ ଯେପରି ଆମ୍ଭେମାନେ ନିଜର
ଶକ୍ତି ବା ଈଶ୍ୱର ଭକ୍ତି ଦ୍ୱାରା ଏହି ଲୋକକୁ ଚାଲିବା ଶକ୍ତି
ଦେଇଅଛୁ, ତାହା ଭାବି ଆମ୍ଭମାନଙ୍କ ଆଡ଼କୁ କାହିଁକି ଅନାଇଛନ୍ତି
? 13ଆମ୍ଭମାନଙ୍କ ପିତୃପୁରୁଷମାନଙ୍କର ପରମେଶ୍ୱର ଅର୍ଥାତ୍
ଅବ୍ରାହାମ, ଇସ୍ହାକ ଓ ଯାକୁବଙ୍କର ପରମେଶ୍ୱର, ଆପଣା ଦାସ
ଯୀଶୁଙ୍କୁ ଗୌରବ ଦେଇଅଛନ୍ତି, ଯେଉଁ ଯୀଶୁଙ୍କୁ ଆପଣମାନେ
କ୍ରୁଶରେ[z] ଟଙ୍ଗାଇ ହତ୍ୟା କରିବାକୁ ସମର୍ପଣକଲେ ଓ ପିଲାତ
ତାହାଙ୍କୁ ମୁକ୍ତ କରିବାକୁ ଇଚ୍ଛାକଲେ ମଧ୍ୟ ଆପଣମାନେ ପିଲାତଙ୍କ
ନିଷ୍ପତ୍ତି ଗ୍ରହଣ କଲେ ନାହିଁ । 14ଆପଣମାନେ ସେହି ପବିତ୍ର ଓ
ଧାର୍ମିକ ଯୀଶୁଙ୍କୁ ଅଗ୍ରାହ୍ୟ କଲେ ଓ ତାବଦଳରେ ନର ହତ୍ୟାକାରୀ
ବାରବ୍ବାକୁ କାରାଗାରରୁ ମୁକ୍ତ କରିବାକୁ ପିଲାତଙ୍କ ନିକଟରେ
ଦାବୀ କଲେ । 15ଆପଣମାନେ ସମସ୍ତଙ୍କ ଜୀବନର ସୃଷ୍ଟିକର୍ତ୍ତା
ଯୀଶୁଙ୍କୁ ହତ୍ୟାକଲେ, କିନ୍ତୁ ତାହାଙ୍କୁ ଈଶ୍ୱର ମୃତ ଲୋକମାନଙ୍କ
ମଧ୍ୟରୁ ଉଠାଇଲେ । ଆମ୍ଭେମାନେ ଏସମସ୍ତ ବିଷୟର ସାକ୍ଷୀ ଅଟୁ
।

16ସେହି ଯୀଶୁଙ୍କ ନାମରେ ବିଶ୍ୱାସ କରିବାରୁ, ଏହି ଲୋକ ସୁସ୍ଥ
ହୋଇଅଛି, ପୁଣି ଏହି ଲୋକ ଯେ ଆଗରୁ ଛୋଟା ଥିଲା, ଏହା
ଆପଣମାନେ ସମସ୍ତେ ଜାଣନ୍ତି । ଯୀଶୁଙ୍କଠାରେ ବିଶ୍ୱାସ କରିବାରୁ
ଏହି ଲୋକ ଆପଣମାନଙ୍କ ଆଖି ଆଗରେ ସୁସ୍ଥ ହୋଇଅଛି ।

17ହେ ଭାଇମାନେ, ଆପଣମାନେ ଓ ଆପଣମାନଙ୍କର
ନେତାମାନେ ଏହା ନ ଜାଣି କରିଅଛନ୍ତି ବୋଲି ମୁଁ ଜାଣେ ।
18କିନ୍ତୁ ଈଶ୍ୱର ନିଜେ ପଠାଇଥିବା ଖ୍ରୀଷ୍ଟ[a] ଦୁଃଖଭୋଗ କରିବେ
ବୋଲି ନିଜର ସମସ୍ତ ଭାବବାଦୀଙ୍କ ଦ୍ୱାରା ଆଗରୁ ଯାହା
କହିଥିଲେ, ତାହା ଏବେ ସେ ଏହିପରି ସଫଳ କରିଅଛନ୍ତି ।
19ତେଣୁ, ଏବେ ଆପଣମାନେ ପାପରୁ ମନପରିବର୍ତ୍ତନ କରନ୍ତୁ ଓ
ଈଶ୍ୱରଙ୍କ ପ୍ରତି ଫେରନ୍ତୁ, ଯେପରି ଆପଣମାନଙ୍କର ପାପକ୍ଷମା
ହେବ । 20ପୁଣି ଆପଣମାନଙ୍କ ପାଇଁ ପ୍ରଭୁଙ୍କଠାରୁ ସତେଜ
ହେବାର ସମୟ ଆସିବ ଓ ଆପଣମାନଙ୍କ ପାଇଁ ନିଯୁକ୍ତ
ହୋଇଥିବା ଖ୍ରୀଷ୍ଟଙ୍କୁ ଅର୍ଥାତ୍ ଯୀଶୁଙ୍କୁ ପୁଣି ଥରେ ସେ ପଠାଇବେ
। 21ସମସ୍ତ ବିଷୟର ଯେଉଁ ସମୟରେ ପୁନଃସ୍ଥାପନ ହେବ ବୋଲି
ଈଶ୍ୱର ଆପଣା ପବିତ୍ର ଭାବବାଦୀମାନଙ୍କ ଦ୍ୱାରା ବହୁ ଆଗରୁ
ଯେପରି କହିଥିଲେ, ସେପରି ସେହି ସମୟ ଆସିବା ଯାଏଁ
ଯୀଶୁଙ୍କୁ ନିଶ୍ଚୟ ସ୍ୱର୍ଗକୁ ଯାଇ ସେଠାରେ ରହିବାକୁ ହେବ ।
22କାରଣ, ମୋଶା ଭବିଷ୍ୟତବାଣୀ କରି କହିଥିଲେ, 'ଯିହୋବା
ପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର, ତୁମ୍ଭ ନିଜ ଲୋକମାନଙ୍କ ମଧ୍ୟରୁ
ମୋ ପରି ଜଣେ ଭବିଷ୍ୟତବକ୍ତାଙ୍କୁ ଜାତ କରିବେ । ସେହି
ଭବିଷ୍ୟତ ବକ୍ତା ତୁମ୍ଭମାନଙ୍କୁ ଯେଉଁ ଯେଉଁ ଶିକ୍ଷା ଦେବେ ତାହା
ତୁମ୍ଭେମାନେ ଅବଶ୍ୟ ଶୁଣିବ[b] । 23କିନ୍ତୁ ଯେଉଁ ଲୋକ ସେହି
ଭବିଷ୍ୟତ ବକ୍ତାଙ୍କ କଥା ଶୁଣିବ ନାହିଁ, ସେ ଈଶ୍ୱରଙ୍କ
ଲୋକମାନଙ୍କ ମଧ୍ୟରୁ ବିନଷ୍ଟ ହେବ[c] ।'"

24ପିତର ଆହୁରି କହିଲେ, "ଆଜି ଯାହା ଘଟୁଅଛି ସେ
ବିଷୟରେ କେବଳ ମୋଶା ଭବିଷ୍ୟତବାଣୀ କରିଥିଲେ ସେ କଥା
ନୁହେଁ, ମାତ୍ର ଶାମୁୟେଲ ଭବିଷ୍ୟତ ବକ୍ତାଙ୍କଠାରୁ ଆରମ୍ଭ କରି
ସମସ୍ତ ଭବିଷ୍ୟତ ବକ୍ତା ମଧ୍ୟ ଭବିଷ୍ୟତ ବାଣୀ କରିଛନ୍ତି ।
25ଆପଣମାନେ ସେହି ଭବିଷ୍ୟତବକ୍ତାମାନଙ୍କର ସନ୍ତାନ ପୁଣି
ଆପଣମାନଙ୍କର ପିତୃପୁରୁଷମାନଙ୍କ ସହିତ ଈଶ୍ୱର ଯେଉଁ ନିୟମ
କରିଅଛନ୍ତି, ସେହି ନିୟମର ସନ୍ତାନ ଅଟନ୍ତି । କାରଣ ସେହି

---

[z] **3.13** ପ୍ରେରିତ ୧:୩

[a] **3.18** ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦର ଅର୍ଥ 'ଈଶ୍ୱରଙ୍କ ଅଭିଷିକ୍ତ ବା ମନୋନୀତ ବ୍ୟକ୍ତି', ଯାହାଙ୍କୁ ଈଶ୍ୱର ଏହି ଜଗତର ପରିତ୍ରାଣ ନିମନ୍ତେ ପଠାଇଲେ ।

[b] **3.22** ଦ୍ୱିତୀୟ ବିବରଣୀ ୧୮:୧୫-୧୬

[c] **3.23** ଲେବି ୨୩:୨୯

ନିୟମ କରି, ପରମେଶ୍ୱର ଅବ୍ରାହାମଙ୍କୁ କହିଲେ, 'ତୁମର ବଂଶ
ଦ୍ୱାରା ପୃଥିବୀର ସବୁ ଜାତିର ଲୋକମାନେ ଆଶୀର୍ବାଦ ପାଇବେ
।' [26]ଈଶ୍ୱର ଆପଣା ଦାସ ଯୀଶୁଙ୍କୁ ନିଯୁକ୍ତିକରି, ପ୍ରଥମେ
ଯିହୁଦୀମାନଙ୍କ ନିକଟକୁ ଅର୍ଥାତ୍ ଆପଣମାନଙ୍କ ନିକଟକୁ
ପଠାଇଲେ, ଯେପରି ସେ ଆପଣମାନଙ୍କୁ ପ୍ରତ୍ୟେକ ଜଣଙ୍କୁ
ମନ୍ଦତାରୁ ଫେରାଇ ଆଶୀର୍ବାଦ କରିବେ ।"

# 4

## ପିତର ଓ ଯୋହନଙ୍କୁ ବିଚାର ପାଇଁ ମହାସଭାକୁ ନିଆଗଲା

[1]ପିତର ଓ ଯୋହନ ଲୋକମାନଙ୍କୁ ଏହିପରି କଥା କହୁଥିବା
ସମୟରେ ଯାଜକମାନେ, ମନ୍ଦିର ଜଗୁଆଳିମାନଙ୍କର ସେନାପତି
ଓ ସାଦ୍ଦୂକୀମାନେ ସେମାନଙ୍କ ନିକଟକୁ ଆସିଲେ । [2]ଯୀଶୁ
ମୃତ୍ୟୁରୁ ଉଠିଥିବାରୁ ମୃତ ଲୋକମାନେ ମଧ୍ୟ ତାଙ୍କ ଦ୍ୱାରା ହିଁ
ଉଠିବେ ବୋଲି କଥା କହି ପିତର ଓ ଯୋହନ ଲୋକମାନଙ୍କୁ
ଶିକ୍ଷା ଦେଉଥିବାରୁ ସେମାନେ ବିରକ୍ତ ହୋଇଥିଲେ । [3]ଏଣୁ
ସେମାନେ ପିତର ଓ ଯୋହନଙ୍କୁ ବନ୍ଦୀକଲେ, ପୁଣି
ସେତେବେଳେ ସନ୍ଧ୍ୟା ହୋଇଥିବାରୁ ସେମାନଙ୍କୁ ତହିଁ ଆରଦିନ
ସକାଳ ହେବା ଯାଏଁ ବନ୍ଦୀଶାଳାରେ ରଖିଲେ । [4]ତଥାପି
ଯେତେଲୋକ ବାକ୍ୟ ଶୁଣିଥିଲେ ସେମାନଙ୍କ ମଧ୍ୟରୁ ବହୁଲୋକ
ବିଶ୍ୱାସ କଲେ, ପୁଣି ବିଶ୍ୱାସ କରିବା ଲୋକମାନଙ୍କ ମଧ୍ୟରୁ
କେବଳ ପୁରୁଷମାନଙ୍କ ସଂଖ୍ୟା ପ୍ରାୟ ପାଞ୍ଚ ହଜାର ହେଲା ।

[5]ତହିଁଆର ଦିନ ଶାସନକର୍ତ୍ତାମାନେ, ପ୍ରାଚୀନମାନେ ଓ
ଶାସ୍ତ୍ରୀମାନେ ଯିରୂଶାଲମ ନଗରରେ ଏକାଠି ହେଲେ ।
[6]ସେମାନଙ୍କ ସହିତ ମହାଯାଜକ ହାନାନ ଓ କୟାଫା ପୁଣି
ଯୋହନ ଓ ଆଲେକ୍‌ଜାଣ୍ଡାର ଏବଂ ମହାଯାଜକଙ୍କ ପରିବାରର
ଲୋକମାନେ ମଧ୍ୟ ସେଠାରେ ଥିଲେ । [7]ସେମାନେ ପିତର ଓ
ଯୋହନଙ୍କୁ ମଝିରେ ଠିଆକରି ପଚାରିଲେ, "ତୁମ୍ଭେମାନେ କେଉଁ
ଶକ୍ତିରେ ବା କାହା ନାମରେ ଏହି ଲୋକକୁ ସୁସ୍ଥ କରିଅଛ ?"

[8]ସେଥିରେ ପିତର ପବିତ୍ର ଆତ୍ମାରେ ପୂର୍ଣ୍ଣହୋଇ ସେମାନଙ୍କୁ
କହିଲେ, "ହେ ଶାସନକର୍ତ୍ତାମାନେ ଓ ଲୋକମାନଙ୍କର
ପ୍ରାଚୀନମାନେ, [9]ଆପଣମାନେ ଶୁଣନ୍ତୁ, 'ଆମ୍ଭେମାନେ ଜଣେ
ଛୋଟା ଲୋକକୁ ସୁସ୍ଥ କରି ଉତ୍ତମ କାର୍ଯ୍ୟ କରିଥିବାରୁ, ଯଦି
ଆପଣମାନେ ଆମକୁ ପଚାରୁଛନ୍ତି, ଆମ୍ଭେମାନେ ଏହାଙ୍କୁ କି
ଉପାୟରେ ସୁସ୍ଥ କରିଅଛୁ, [10]ତାହାହେଲେ, ହେ ଇସ୍ରାଏଲ
ଲୋକମାନେ, ମୁଁ ଆପଣମାନଙ୍କୁ କହୁଅଛି, ତାହା ଆପଣମାନେ
ଶୁଣନ୍ତୁ: ନାଜରିତ ନଗରର ଯେଉଁ ଯୀଶୁଖ୍ରୀଷ୍ଟଙ୍କୁ ଆପଣମାନେ
କ୍ରୁଶରେ[d] ଟଙ୍ଗାଇ ହତ୍ୟାକଲେ, ଯାହାଙ୍କୁ ଈଶ୍ୱର ମୃତ
ଲୋକମାନଙ୍କ ମଧ୍ୟରୁ ଉଠାଇଅଛନ୍ତି, ତାହାଙ୍କ ନାମରେ, ହଁ
ତାହାଙ୍କ ଦ୍ୱାରା ଏହି ଲୋକଟି ସୁସ୍ଥ ହୋଇ ଆପଣମାନଙ୍କ
ଆଗରେ ଠିଆ ହୋଇଅଛି ।

[11]ଘର ତିଆରି କରୁଥିବା ଲୋକମାନେ ଯେ ଆପଣମାନେ,
ଆପଣମାନେ ଯେଉଁ ପଥରକୁ ଗ୍ରହଣ କଲେ ନାହିଁ,
ସେହି ପଥର ଏବେ ମୂଳଦୁଆର ପ୍ରଧାନ ପଥର ହୋଇଅଛି,[e]

ଆଉ ସେହି ପଥର ହେଉଛନ୍ତି, ଏହି ଯୀଶୁ । [12]ଯୀଶୁଙ୍କ ଛଡ଼ା
ଆଉ କାହାଠାରେ ପରିତ୍ରାଣ[f] ନାହିଁ; କାରଣ ଯେଉଁ ନାମ ଦ୍ୱାରା
ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ
ପୃଥିବୀରେ ମନୁଷ୍ୟମାନଙ୍କ ମଧ୍ୟରେ ଏପରି ଅନ୍ୟ କୌଣସି ନାମ
ଦିଆଯାଇନାହିଁ ।

[13]ସେମାନେ ପିତର ଓ ଯୋହନଙ୍କ ସାହସ ଦେଖି ଓ ସେମାନେ
ଅଶିକ୍ଷିତ ଓ ସାଧାରଣ ଲୋକ ବୋଲି ଜାଣିପାରି ଆଶ୍ଚର୍ଯ୍ୟ
ହେଲେ, ଆହୁରି ସେମାନେ ଯୀଶୁଙ୍କ ସହିତ ଥିଲେ ବୋଲି
ସେମାନଙ୍କୁ ଚିହ୍ନିଲେ, [14]ପୁଣି ସେହି ସୁସ୍ଥ ହୋଇଥିବା ଲୋକ
ସେମାନଙ୍କ ସହିତ ଠିଆ ହୋଇଥିବାର ଦେଖି ସେମାନଙ୍କ
ବିରୁଦ୍ଧରେ କିଛି କହି ପାରିଲେ ନାହିଁ । [15]ଏହାପରେ ସେମାନେ
ପିତର ଓ ଯୋହନଙ୍କୁ ସେହି ସଭାରୁ ବାହାରିଯିବାକୁ ଆଜ୍ଞା
ଦେଲେ, ପୁଣି ପରସ୍ପର ମଧ୍ୟରେ କଥାବାର୍ତ୍ତା କରି କହିଲେ,

[16]"ଆମ୍ଭେମାନେ ଏହି ଲୋକମାନଙ୍କ ପ୍ରତି କଅଣ କରିବା ?
କାରଣ ଏହି ଲୋକମାନେ ଏକ ମହା ଆଶ୍ଚର୍ଯ୍ୟ କର୍ମ କରିଛନ୍ତି,
ଏହା ଯିରୂଶାଲମରେ ବାସ କରୁଥିବା ସବୁଲୋକ ଭଲରେ

---

[d]**4.10** ପ୍ରେରିତ ୧:୩

[e]**4.11** ଗୀତସଂହିତା ୧୧୮:୨ ।

[f]**4.12** ପାପକ୍ଷମା ହୋଇ ପରିତ୍ରାଣ ପାଇବା । ଦେଖନ୍ତୁ, ପ୍ରେରିତ ୨:୪୭

ଜାଣିଛନ୍ତି; ଆଉ ଆମ୍ଭେମାନେ ତାହା ଅସ୍ୱୀକାର କରି ପାରିବା
ନାହିଁ ।" [17]କିନ୍ତୁ ଏହି କଥା ଯେପରି ଲୋକମାନଙ୍କ ମଧ୍ୟରେ
ଆହୁରି ଅଧିକ ପ୍ରଚାର ହେବ ନାହିଁ, ସେଥିପାଇଁ ଏମାନେ ଯୀଶୁଙ୍କ
ନାମରେ ଆଉ କାହାକୁ ଶିକ୍ଷା ନ ଦେବାକୁ ଆମ୍ଭେମାନେ ଏମାନଙ୍କୁ
ଭୟ ଦେଖାଇବା । [18]ଏହାପରେ ସେମାନେ ପିତର ଓ ଯୋହନଙ୍କୁ
ପୁଣି ଥରେ ଡାକିଲେ ଓ ଯୀଶୁଙ୍କ ନାମରେ ଆଉ କାହାକୁ ଶିକ୍ଷା ନ
ଦେବାକୁ ବା କିଛି ନ କହିବାକୁ ସେମାନଙ୍କୁ ଦୃଢ଼ ରୂପେ ଆଜ୍ଞା
ଦେଲେ ।

[19]କିନ୍ତୁ, ପିତର ଓ ଯୋହନ ସେମାନଙ୍କୁ ଉତ୍ତର ଦେଲେ,
"ଆପଣମାନେ ବିଚାର କରନ୍ତୁ, ଆପଣମାନଙ୍କ କଥା ଶୁଣିବା ନା
ଈଶ୍ୱରଙ୍କ କଥା ଶୁଣିବା ଈଶ୍ୱରଙ୍କ ଦୃଷ୍ଟିରେ ଠିକ୍ । [20]ଆମ୍ଭେମାନେ
ଯାହା ଯାହା ଦେଖିଅଛୁ ଓ ଶୁଣିଅଛୁ ସେସବୁ ନ କହି ରହି ପାରିବୁ
ନାହିଁ ।"

[21]ତେଣୁ, ସେମାନେ ପିତର ଓ ଯୋହନଙ୍କୁ ଅଧିକ ଧମକ
ଦେଇ ଛାଡ଼ିଦେଲେ, କାରଣ ସେମାନଙ୍କର କିଛି ଦୋଷ ନ ପାଇ
ସେମାନଙ୍କୁ କିପରି ଦଣ୍ଡ ଦେବେ ତାହା ସେମାନେ ଜାଣି ପାରିଲେ
ନାହିଁ । କାରଣ ଯାହା ଘଟିଥିଲା, ତାହା ଦେଖି ସବୁଲୋକ
ଈଶ୍ୱରଙ୍କର ପ୍ରଶଂସା କରୁଥିଲେ । [22]କାରଣ ଯେଉଁ ଛୋଟା ଲୋକ
ଆଶ୍ଚର୍ଯ୍ୟ ଭାବରେ ସୁସ୍ଥ ହୋଇଥିଲା, ତାହାର ବୟସ ଚାଳିଶ
ବର୍ଷରୁ ଅଧିକ ହୋଇଥିଲା ।

## ବିଶ୍ୱାସୀମାନେ ସାହସ ପାଇବାକୁ ପ୍ରାର୍ଥନା କଲେ

[23]ପିତର ଓ ଯୋହନ ମୁକ୍ତ ହେବା ପରେ ଅନ୍ୟ ବିଶ୍ୱାସୀମାନଙ୍କ
ନିକଟକୁ ଗଲେ ଏବଂ ପ୍ରଧାନ ଯାଜକମାନେ ଓ ପ୍ରାଚୀନମାନେ
ସେମାନଙ୍କୁ ଯାହା ଯାହା କହିଥିଲେ ସେହିସବୁ ସେମାନଙ୍କୁ
ଜଣାଇଲେ । [24]ବିଶ୍ୱାସୀମାନେ ସେହି କଥା ଶୁଣି ଉଚ୍ଚ ସ୍ୱରରେ
ଈଶ୍ୱରଙ୍କଠାରେ ପ୍ରାର୍ଥନା କରି କହିଲେ, "ହେ ସମସ୍ତ ବିଷୟ
ନିୟନ୍ତ୍ରଣ କରୁଥିବା ପ୍ରଭୁ, ତୁମ୍ଭେ ସ୍ୱର୍ଗ, ପୃଥିବୀ, ସମୁଦ୍ର ଓ ସେସବୁ
ମଧ୍ୟରେ ଥିବା ସବୁକିଛି ସୃଷ୍ଟି କରିଅଛ । [25]ତୁମ୍ଭେ ତୁମ୍ଭର ଦାସ
ଆମ୍ଭମାନଙ୍କର ପିତୃପୁରୁଷ ଦାଉଦଙ୍କ ମାଧ୍ୟମରେ ପବିତ୍ର ଆତ୍ମାଙ୍କ
ଦ୍ୱାରା ଏହିପରି କହିଅଛ,

'ଲୋକମାନେ କାହିଁକି ଏତେ ରାଗନ୍ତି ?
ସେମାନେ କାହିଁକି ଏପରି ଯୋଜନା କରନ୍ତି, ଯାହା
ବିଫଳ ହେବ ?
[26]ଯିହୋବା ପ୍ରଭୁ ଓ ତାହାଙ୍କ ଅଭିଷିକ୍ତ,[g] ଅର୍ଥାତ୍ ଖ୍ରୀଷ୍ଟଙ୍କ
ବିରୁଦ୍ଧରେ
ପୃଥିବୀର ରାଜାମାନେ ପ୍ରସ୍ତୁତ ହେଲେ ଓ,
ଶାସନକର୍ତ୍ତାମାନେ ଏକତ୍ର ହେଲେ[h] ।'

[27]ପ୍ରକୃତରେ ଏହି ନଗରରେ ହିଁ, ଶାସନକର୍ତ୍ତା ହେରୋଦ
ଆନ୍ତିପାସ ଓ ପନ୍ତିୟ ପିଲାତ, ଅଣ-ଯିହୁଦୀଲୋକ ଓ ସମସ୍ତ
ଇସ୍ରାଏଲ ଲୋକ ତୁମ୍ଭର ଅଭିଷିକ୍ତ ପବିତ୍ର ଦାସ ଯୀଶୁଙ୍କ
ବିରୁଦ୍ଧରେ ଏକତ୍ର ହେଲେ । [28]କିନ୍ତୁ ସେମାନେ ଯାହା କଲେ,
ତାହା ତୁମ୍ଭର ହାତ ଓ ତୁମ୍ଭର ଯୋଜନା ଦ୍ୱାରା ଆଗରୁ ସ୍ଥିର
ହୋଇଥିଲା । [29]ଏବେ ହେ ପ୍ରଭୁ, ସେମାନେ ଆମ୍ଭମାନଙ୍କୁ
ଯେପରି ଧମକ ଦେଉଛନ୍ତି ତାହା ତୁମ୍ଭେ ଦେଖ, ପୁଣି ତୁମ୍ଭର
ଦାସମାନେ ଯେ ଆମ୍ଭେମାନେ, ଆମ୍ଭମାନଙ୍କୁ ତୁମ୍ଭର ବାକ୍ୟ
ପ୍ରଚାର କରିବାକୁ ସାହସ ଦିଅ । [30]ପୁଣି ତୁମ୍ଭର ପବିତ୍ର ଦାସ
ଯୀଶୁଙ୍କ ନାମରେ ଲୋକମାନଙ୍କୁ ସୁସ୍ଥ କରିବାକୁ, ଆଶ୍ଚର୍ଯ୍ୟ କର୍ମ
କରିବାକୁ ଓ ଅଦ୍ଭୁତ ଚିହ୍ନସବୁ ଦେଖାଇବାକୁ ତୁମ୍ଭର ହାତ ବଢ଼ାଅ
।"

[31]ସେମାନେ ଏପରି ପ୍ରାର୍ଥନା କରିବା ପରେ, ସେମାନେ ଏକାଠି
ହୋଇଥିବା ସ୍ଥାନ ଥରିଉଠିଲା, ପୁଣି ସମସ୍ତେ ପବିତ୍ର ଆତ୍ମାରେ
ପୂର୍ଣ୍ଣହୋଇ ସାହସରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ
ଲାଗିଲେ ।

[32]ସମସ୍ତ ବିଶ୍ୱାସୀମାନେ ଏକ ପ୍ରାଣ ଓ ଏକ ମନ ହୋଇଥିଲେ
। ସେମାନଙ୍କ ମଧ୍ୟରୁ କେହିହେଲେ ନିଜର ଧନସମ୍ପତ୍ତିକୁ ନିଜର
ବୋଲି ମନେ ନ କରି ସମସ୍ତଙ୍କର ବୋଲି ମନେ କରୁଥିଲେ ।
[33]ଏହି ପ୍ରେରିତମାନେ ପ୍ରଭୁ ଯୀଶୁ ମୃତ୍ୟୁରୁ ଉଠିଥିବାର କଥା
ଅନ୍ୟମାନଙ୍କୁ ଶକ୍ତିର ସହିତ କହିବାକୁ ଲାଗିଲେ । ପୁଣି
ଈଶ୍ୱରଙ୍କର ମହା ଆଶୀର୍ବାଦ ସେସମସ୍ତଙ୍କ ଉପରେ ଥିଲା ।

---

[g]**4.26** ଜଗତର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଏକ ମାତ୍ର ମନୋନୀତ ବ୍ୟକ୍ତି । ଆହୁରି ଦେଖନ୍ତୁ, ପ୍ରେରିତ ୨:୩୬

[h]**4.26** ଗୀତସଂହିତା-୨:୧-୨

[34]ସେମାନଙ୍କ ମଧ୍ୟରେ କାହାର କିଛି ଅଭାବ ନ ଥିଲା, କାରଣ
ସେମାନଙ୍କ ମଧ୍ୟରୁ ଯାହାର ଭୂମି ବା ଘର ଥିଲା ସେମାନେ ତାହା
ବିକି ତାହାର ମୂଲ୍ୟ ଆଣି, [35]ପ୍ରେରିତମାନଙ୍କ ପାଦ ତଳେ
ରଖୁଥିଲେ, ପୁଣି ପ୍ରେରିତମାନେ ତାହା ଲୋକମାନଙ୍କର
ଆବଶ୍ୟକତା ଅନୁସାରେ ବାଣ୍ଟି ଦେଉଥିଲେ ।

[36]ସେହି ସମୟରେ ଲେବି ଗୋଷ୍ଠୀରେ ଜନ୍ମ ହୋଇଥିବା କୁପ୍ର
ଦ୍ୱୀପର ଯୋଷେଫ ନାମକ ଜଣେ ଲୋକ ପ୍ରେରିତମାନଙ୍କ
ମଧ୍ୟରେ ଥିଲେ । ପ୍ରେରିତମାନେ ତାହାଙ୍କୁ ବର୍ଣ୍ଣବାସ ବୋଲି ନାମ
ଦେଇଥିଲେ । ଏହି ନାମର ଅର୍ଥ ଉତ୍ସାହର[i] ପୁତ୍ର । [37]ତାଙ୍କର
ଗୋଟିଏ ଜମି ଥିଲା । ସେ ତାହା ବିକି ସେଥିର ମୂଲ୍ୟ ଆଣି
ପ୍ରେରିତମାନଙ୍କୁ ଦେଲେ ।

## 5

### ହନନିୟ ଓ ଶଫିରାଙ୍କ ମୃତ୍ୟୁ

[1]କିନ୍ତୁ ହନନିୟ ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଶଫିରାଙ୍କ ସହିତ
କିଛି ଜମି ବିକିଲେ । [2]ସେ ତାଙ୍କ ସ୍ତ୍ରୀଙ୍କ ଜାଣତରେ ସେହି ଟଙ୍କାରୁ
କିଛି ଲୁଚାଇରଖିଲେ ଓ ବଳକା ଟଙ୍କା ଆଣି ପ୍ରେରିତମାନଙ୍କ ପାଦ
ତଳେ ଥୋଇଲେ ।

[3]କିନ୍ତୁ ପିତର ତାଙ୍କୁ କହିଲେ, "ହେ ହନନିୟ, ପବିତ୍ର ଆତ୍ମାଙ୍କୁ
ମିଛ କହିବାକୁ ଓ ଜମି ବିକିଥିବା ଟଙ୍କାରୁ କିଛି ଲୁଚାଇ ରଖିବା
ପାଇଁ ଶୟତାନ ତୁମ ହୃଦୟ ଅଧିକାର କରିବାକୁ ତୁମେ କାହିଁକି
ଦେଲ ? [4]ତୁମେ ସେହି ଜମି ବିକିବା ଆଗରୁ ତାହା କଅଣ ତୁମର
ନ ଥିଲା ? ପୁଣି ଜମି ବିକିବା ପରେ ମଧ୍ୟ ସେହି ଟଙ୍କା ତୁମର ନ
ଥିଲା ? ତେବେ ତୁମେ ଏହି ମିଛ କହିବାକୁ କାହିଁକି ତୁମ
ହୃଦୟରେ ଯୋଜନା କଲ? ତୁମେ ମନୁଷ୍ୟକୁ ମିଛ କହିନାହଁ,
ମାତ୍ର ଈଶ୍ୱରଙ୍କୁ ମିଛ କହିଅଛ ।"

[5]ଯେତେବେଳେ ହନାନିୟ ଏହି କଥା ଶୁଣିଲେ, ଭୂମିରେ
କଚାଡ଼ିହୋଇ ପଡ଼ି ମରିଗଲେ । ସେଥିରେ ଯାହା ଘଟିଲା ତାହା
ଯେତେଲୋକ ଶୁଣିଲେ, ସେମାନେ ସମସ୍ତେ ବହୁତ ଭୟକଲେ ।

[6]ଆଉ କିଛି ଯୁବକ ଉଠି ତାଙ୍କୁ ଲୁଗାରେ ଗୁଡ଼ାଇ ବାହାରକୁ
ନେଇଗଲେ ଓ ସମାଧି ଦେଲେ ।

[7]ପ୍ରାୟ ତିନି ଘଣ୍ଟା ପରେ ହନନିୟଙ୍କ ସ୍ତ୍ରୀ ସେହି ଘର ଭିତରକୁ
ଆସିଲେ, କିନ୍ତୁ କଅଣ ଘଟିଥିଲା ତାହା ସେ ଜାଣି ନ ଥିଲେ ।
[8]ପିତର ତାଙ୍କୁ ପଚାରିଲେ, "ମୋତେ କୁହ, ତୁମ୍ଭେମାନେ କଅଣ
ଏତିକି ଟଙ୍କାରେ ତୁମର ଜମି ବିକିଥିଲ ?" ଶଫିରା କହିଲେ, "ହଁ,
ସେତିକିରେ ବିକିଥିଲୁ ।"

[9]ପିତର ତାଙ୍କୁ କହିଲେ, "ପ୍ରଭୁଙ୍କ ଆତ୍ମାଙ୍କୁ ପରୀକ୍ଷା କରି
ଦେଖିବାକୁ ତୁମେ ଦୁଇ ଜଣ କିପରି ଏକାଠି ଯୋଜନା କଲ?
ଏବେ ଦେଖ, ଯେଉଁମାନେ ତୁମ ସ୍ୱାମୀଙ୍କୁ ନେଇ ସମାଧି
ଦେଇଛନ୍ତି, ସେମାନେ ଦ୍ୱାର ପାଖରେ ପହଞ୍ଚିଲେ, ପୁଣି ସେମାନେ
ତୁମକୁ ମଧ୍ୟ ବାହାରକୁ ବୋହି ନେବେ ।"

[10]ପିତର ଏହି କଥା କହୁ କହୁ ଶଫିରା ମଧ୍ୟ ତାଙ୍କ ପାଦ ତଳେ
କଚାଡ଼ି ହୋଇ ପଡ଼ି ମରିଗଲେ । ଯେତେବେଳେ ସେହି
ଯୁବକମାନେ ଘର ଭିତରକୁ ଆସିଲେ, ଶଫିରା ମରିଯାଇଥିବାର
ଦେଖି ତାଙ୍କୁ ବୋହି ବାହାରକୁ ନେଇଗଲେ ଓ ତାଙ୍କ ସ୍ୱାମୀଙ୍କ
ସମାଧି ନିକଟରେ ତାଙ୍କୁ ସମାଧି ଦେଲେ । [11]ସେଥିରେ ସମଗ୍ର
ମଣ୍ଡଳୀ[i] ଓ ଯେତେଲୋକ ଏହି କଥା ଶୁଣିଲେ, ସେମାନେ
ସମସ୍ତେ ବହୁତ ଭୟକଲେ ।

### ପ୍ରେରିତମାନେ ଅନେକ ଲୋକଙ୍କୁ ସୁସ୍ଥକଲେ

[12]ପ୍ରେରିତମାନେ ଲୋକମାନଙ୍କ ମଧ୍ୟରେ ଅନେକ ଆଶ୍ଚର୍ଯ୍ୟ
କର୍ମ ଓ ଚିହ୍ନ ସାଧନ କରିବାକୁ ଲାଗିଲେ । ଆଉ ବିଶ୍ୱାସୀମାନେ
ସମସ୍ତେ ଶଲୋମନଙ୍କ ମଣ୍ଡପ ନାମକ ସ୍ଥାନରେ ଏକାଠି
ହେଉଥିଲେ । [13]କିନ୍ତୁ ଅନ୍ୟ ଲୋକମାନଙ୍କ ମଧ୍ୟରୁ କେହି
ସେମାନଙ୍କ ସହିତ ଯୋଗ ଦେବାକୁ ସାହସ କରୁ ନ ଥିଲେ,
ତଥାପି ଲୋକମାନେ ସେମାନଙ୍କୁ ପ୍ରଶଂସା କରୁଥିଲେ । [14]ପୁଣି
ଅଧିକରୁ ଅଧିକ ପୁରୁଷ ଓ ସ୍ତ୍ରୀଲୋକ ବହୁ ସଂଖ୍ୟାରେ ବିଶ୍ୱାସ
କରି ପ୍ରଭୁଙ୍କ ସହିତ ସଂଯୁକ୍ତ ହେଲେ । [15]ପୁଣି ପ୍ରେରିତମାନଙ୍କ

---

[i] **4.36** ଉତ୍ସାହ ଦେବା ଲୋକ

[i] **5.11** ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ଲୋକ ସମୂହକୁ 'ମଣ୍ଡଳୀ' କୁହାଯାଏ । ଆହୁରି ମଧ୍ୟ ଦେଖନ୍ତୁ, ପ୍ରେରିତ ୨: ୪୧, ୪୭

କାର୍ଯ୍ୟର ଫଳ ସ୍ୱରୂପେ, ପିତର ଆସିବା ସମୟରେ ଅତି କମ୍‌ରେ
ତାଙ୍କର ଛାଇ ଯେପରି ରୋଗୀମାନଙ୍କ ଉପରେ ପଡ଼ିବ,
ସେଥିପାଇଁ ଲୋକମାନେ ରୋଗୀମାନଙ୍କୁ ଦାଣ୍ଡକୁ ବୋହି ନେଇ
ଶେଯ ଓ ଖଟିଆରେ ଶୁଆଇ ରଖୁଥିଲେ । 16 ଯିରୂଶାଲମ ନଗରର
ଆଖପାଖ ଗ୍ରାମଗୁଡ଼ିକରୁ ମଧ୍ୟ ବହୁ ସଂଖ୍ୟକ ଲୋକ
ରୋଗୀମାନଙ୍କୁ ଓ ଭୂତଧରିଥିବା ଲୋକମାନଙ୍କୁ ସେଠାକୁ
ଆଣୁଥିଲେ, ପୁଣି ସେମାନେ ସମସ୍ତେ ସୁସ୍ଥ ହେଉଥିଲେ ।

## ଲୋକମାନେ ପ୍ରେରିତମାନଙ୍କୁ ବିରୋଧ କଲେ

17 କିନ୍ତୁ, ମହାଯାଜକ ଓ ସାଦ୍ଦୂକି ଦଳରେ ଥିବା ତାଙ୍କ ସଙ୍ଗୀ
ସମସ୍ତେ ଈର୍ଷାରେ ଜଳି ଉଠିଲେ । 18 ତେଣୁ ସେମାନେ
ପ୍ରେରିତମାନଙ୍କୁ ବନ୍ଦୀକରି ସାଧାରଣ କାରାଗାରରେ ରଖିଲେ ।
19 କିନ୍ତୁ ରାତିରେ ପ୍ରଭୁଙ୍କର ଜଣେ ଦୂତ ବନ୍ଦୀଶାଳାର କବାଟସବୁ
ଫିଟାଇଦେଲେ, ପୁଣି ପ୍ରେରିତମାନଙ୍କୁ ବାହାରକୁ ନେଇଯାଇ
କହିଲେ, 20 "ଯାଅ ଓ ମନ୍ଦିରରେ ଠିଆହୋଇ ଏହି ନୂତନ ଜୀବନ
ବିଷୟର ସବୁକଥା ଲୋକମାନଙ୍କୁ କୁହ ।"

21 ସେମାନେ ଏହା ଶୁଣି, ସକାଳ ହେଉ ହେଉ ମନ୍ଦିରକୁ ଗଲେ
ଓ ଶିକ୍ଷା ଦେବାକୁ ଲାଗିଲେ । ସେହି ସମୟରେ ମହାଯାଜକ ଓ
ତାଙ୍କର ସଙ୍ଗୀମାନେ ମହାସଭା ବସିବା ସ୍ଥାନକୁ ଆସିଲେ, ପୁଣି
ଇସ୍ରାଏଲ ଲୋକମାନଙ୍କର ମହାସଭାର ସମସ୍ତ ପ୍ରାଚୀନଙ୍କୁ
ଏକାଠି ଡାକିଲେ, ଓ ପ୍ରେରିତମାନଙ୍କୁ ବନ୍ଦୀଶାଳାରୁ ଆଣିବା ପାଇଁ
ମନ୍ଦିରର ଜଗୁଆଳମାନଙ୍କୁ ପଠାଇଲେ । 22 କିନ୍ତୁ ମନ୍ଦିରର
ଜଗୁଆଳମାନେ ବନ୍ଦୀଶାଳାକୁ ଯାଇ ସେଠାରେ ପ୍ରେରିତମାନଙ୍କୁ
ପାଇଲେ ନାହିଁ । ତେଣୁ ସେମାନେ ସେହି ସଭାକୁ ଫେରିଯାଇ
କହିଲେ, 23 "ଆମ୍ଭେମାନେ ଦେଖିଲୁ, ବନ୍ଦୀଶାଳାର ଦ୍ୱାର ସୁରକ୍ଷୀତ
ଭାବରେ ବନ୍ଦ ଅଛି ଓ ଦ୍ୱାରଗୁଡ଼ିକରେ ଜଗୁଆଳମାନେ
ଠିଆହୋଇ ଜଗୁଛନ୍ତି, କିନ୍ତୁ ଆମ୍ଭେମାନେ ଦ୍ୱାର ଫିଟାଇବାରୁ
ଭିତରେ କାହାକୁ ପାଇଲୁ ନାହିଁ ।"

24 ଯେତେବେଳେ ସେନାପତି ଓ ପ୍ରଧାନ ଯାଜକମାନେ
ମନ୍ଦିରର ଜଗୁଆଳମାନଙ୍କଠାରୁ ଏହି କଥା ଶୁଣିଲେ, ସେମାନଙ୍କର
ବୁଦ୍ଧି ହଜିଗଲା ଓ ଏସବୁର ପରିଣାମ କଅଣ ହେବ, ତାହା
ସେମାନେ ଚିନ୍ତାକରି ପାରିଲେ ନାହିଁ । 25 ଏପରି ସମୟରେ, ଜଣେ
ଲୋକ ଆସି ସେମାନଙ୍କୁ ଖବର ଦେଲା, "ଦେଖନ୍ତୁ, ଆପଣମାନେ
ଯେଉଁ ଲୋକମାନଙ୍କୁ ବନ୍ଦୀଶାଳାରେ ରଖିଥିଲେ, ସେମାନେ
ମନ୍ଦିରରେ ଠିଆହୋଇ ଲୋକମାନଙ୍କୁ ଶିକ୍ଷା ଦେଉଛନ୍ତି ।"

26 ସେତେବେଳେ ମନ୍ଦିର ଜଗୁଆଳିମାନଙ୍କର ସେନାପତି
ଜଗୁଆଳିମାନଙ୍କୁ ନେଇ ପ୍ରେରିତମାନଙ୍କୁ ସଭାସ୍ଥାନକୁ
ନେଇଆସିଲେ । କିନ୍ତୁ ସେମାନେ ପ୍ରେରିତମାନଙ୍କ ପ୍ରତି ବଳ
ପ୍ରୟୋଗ କଲେ ନାହିଁ, କାରଣ ଲୋକମାନେ ସେମାନଙ୍କୁ ପଥର
ଫୋପାଡ଼ିବେ ବୋଲି ସେମାନେ ଭୟକଲେ । 27 ସେମାନେ
ପ୍ରେରିତମାନଙ୍କୁ ଆଣି ମହାସଭାରେ ଠିଆ କରାଇଲେ ।
ଏହାପରେ ମହାଯାଜକ ପ୍ରେରିତମାନଙ୍କୁ କହିଲେ, 28 "ଏହି
ଯୀଶୁଙ୍କ ନାମରେ ଆଉ କାହାକୁ ଶିକ୍ଷା ନ ଦେବାକୁ ଆମ୍ଭେମାନେ
ତୁମ୍ଭମାନଙ୍କୁ କହିଥିଲୁ, କିନ୍ତୁ, ତୁମ୍ଭେମାନେ ଯିରୂଶାଲମ ନଗରର
ସବୁଲୋକଙ୍କୁ ଶିକ୍ଷାଦେଇ, ଏହି ଲୋକର ମୃତ୍ୟୁ ପାଇଁ
ଆମ୍ଭମାନଙ୍କୁ ଦାୟୀ କରୁଅଛ ।"

29 ଏହା ଶୁଣି ପିତର ଓ ଅନ୍ୟ ପ୍ରେରିତମାନେ ଉତ୍ତର ଦେଲେ,
"ଆମ୍ଭେମାନେ ମନୁଷ୍ୟମାନଙ୍କର କଥା ମାନିବା ଅପେକ୍ଷା
ଈଶ୍ୱରଙ୍କ କଥା ଅବଶ୍ୟ ମାନିବୁ । 30 ଆପଣମାନେ ଯେଉଁ ଯୀଶୁଙ୍କୁ
କ୍ରୁଶରେ[k] ଟଙ୍ଗାଇ ହତ୍ୟାକଲେ, ଆମ୍ଭମାନଙ୍କ ପିତୃପୁରୁଷମାନଙ୍କର
ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇଛନ୍ତି । 31 ଈଶ୍ୱର ତାହାଙ୍କୁ ଅଧିପତି
ଓ ତ୍ରାଣକର୍ତ୍ତା କରି ନିଜ ଡାହାଣ ପାଖରେ ସମ୍ମାନର ସ୍ଥାନ
ଦେଇଅଛନ୍ତି, ଯେପରି ତାଙ୍କ ଦ୍ୱାରା ଇସ୍ରାଏଲ ଲୋକମାନେ
ମନପରିବର୍ତ୍ତନ କରିବେ ଓ ପାପକ୍ଷମା ପାଇବାର ସୁଯୋଗ
ପାଇବେ । 32 ଆମ୍ଭେମାନେ ସମସ୍ତେ ଏହି ସମସ୍ତ ବିଷୟର ସାକ୍ଷୀ
ଅଟୁ । ପୁଣି ଈଶ୍ୱର ତାଙ୍କର ଆଜ୍ଞା ପାଳନ କରୁଥିବା
ଲୋକମାନଙ୍କୁ ଯେଉଁ ପବିତ୍ର ଆତ୍ମାଙ୍କୁ ଦାନ କରନ୍ତି, ସେହି ପବିତ୍ର
ଆତ୍ମା ମଧ୍ୟ ଏଥିର ସାକ୍ଷୀ ଅଟନ୍ତି ।"

33 ଯେତେବେଳେ ସେମାନେ ଏହି କଥା ଶୁଣିଲେ, ସେମାନେ
ବହୁତ ରାଗିଲେ ଓ ପ୍ରେରିତମାନଙ୍କୁ ହତ୍ୟା କରିବାକୁ ଇଚ୍ଛାକଲେ ।
34 କିନ୍ତୁ ଗମଲିୟ ନାମକ ଜଣେ ଫାରୁଶୀ, ଯିଏ ମହାସଭାର ଜଣେ
ସଭ୍ୟ, ଯିହୁଦୀ ଲୋକମାନଙ୍କର ଜଣେ ବ୍ୟବସ୍ଥା ଶିକ୍ଷକ, ଯାହାଙ୍କୁ
ସମସ୍ତେ ବହୁତ ସମ୍ମାନ କରୁଥିଲେ, ସେ ମହାସଭାରେ

---

[k] **5.30** ପ୍ରେରିତ ୧:୩

ଠିଆହୋଇ ପ୍ରେରିତମାନଙ୍କୁ କିଛି ସମୟ ପାଇଁ ମହାସଭାରୁ
ବାହାରକୁ ନେବାକୁ ଆଜ୍ଞା ଦେଲେ । 35ଏହାପରେ ସେ
ମହାସଭାର ଲୋକମାନଙ୍କୁ କହିଲେ, "ହେ ଇସ୍ରାଏଲ
ଲୋକମାନେ, ଏହି ଲୋକମାନଙ୍କ ପ୍ରତି ଆପଣମାନେ ଯାହା
କରିବାକୁ ଚାହୁଁଛନ୍ତି, ସେ ବିଷୟରେ ଭଲ ଭାବରେ ଚିନ୍ତାକରନ୍ତୁ ।
36କାରଣ କିଛି ବର୍ଷ ଆଗରୁ ଥିଉଦା ନାମକ ଜଣେ ବ୍ୟକ୍ତି ନିଜକୁ
ମହାପୁରୁଷ ବୋଲି ଦାବି କଲା, ଆଉ ପ୍ରାୟ ଚାରିଶ ଲୋକ ଯାଇ
ତାଙ୍କ ସହିତ ଯୋଗଦେଲେ । କିନ୍ତୁ ଲୋକମାନେ ସେହି ବ୍ୟକ୍ତିକୁ
ହତ୍ୟାକଲେ, ପୁଣି ଯେତେଲୋକ ଥିଉଦାଙ୍କ ସହିତ
ଯୋଗଦେଇଥିଲେ ସେମାନେ ସମସ୍ତେ ଛିନ୍ନଭିନ୍ନ ହେଲେ ପୁଣି
ସବୁ ବ୍ୟର୍ଥ ହେଲା । 37ଏହାପରେ, ଇସ୍ରାଏଲ ଦେଶରେ
ଜନଗଣନା ସମୟରେ ଗାଲିଲୀ ଅଞ୍ଚଳର ଯିହୂଦା ନାମକ ଜଣେ
ବ୍ୟକ୍ତି ଲୋକମାନଙ୍କୁ ନିଜ ପଛରେ ଟାଣି ନେଲେ । କିନ୍ତୁ ତାଙ୍କୁ
ମଧ୍ୟ ଲୋକମାନେ ହତ୍ୟାକଲେ । ପୁଣି ଯେତେଲୋକ ତାଙ୍କ
ପଛରେ ଯାଇଥିଲେ, ସେମାନେ ସମସ୍ତେ ମଧ୍ୟ ଛିନ୍ନଭିନ୍ନ ହେଲେ ।

38ତେଣୁ ମୁଁ ଆପଣମାନଙ୍କୁ ଉପଦେଶ ଦେଉଅଛି,
ଆପଣମାନେ ଏହି ଲୋକମାନଙ୍କ ପ୍ରତି କିଛି ନ କରି, ସେମାନଙ୍କୁ
ଛାଡ଼ି ଦିଅନ୍ତୁ । କାରଣ, ଯଦି ସେମାନଙ୍କର ଯୋଜନା ଓ କର୍ମ
କେବଳ ମନୁଷ୍ୟଠାରୁ ହୋଇଥାଏ, ତେବେ ତାହା ସଫଳ ହେବ
ନାହିଁ । 39କିନ୍ତୁ, ଯଦି ତାହା ଈଶ୍ୱରଙ୍କଠାରୁ ହୋଇଥାଏ, ତେବେ
ଆପଣମାନେ ସେମାନଙ୍କ କାର୍ଯ୍ୟ ବନ୍ଦ କରି ପାରିବେ ନାହିଁ, ବରଂ
ଆପଣମାନେ ଯେ ପ୍ରକୃତରେ ଈଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ
କରୁଥିଲେ, ଶେଷରେ ଏହା ଆପଣମାନେ ଜାଣି ପାରିବେ । ଏହା
ଶୁଣି ମହାସଭାର ଲୋକମାନେ ତାଙ୍କ କଥାରେ ରାଜି ହେଲେ ।

40ପୁଣି, ସେମାନେ ପ୍ରେରିତମାନଙ୍କୁ ମହାସଭାକୁ ଡାକି
ସେମାନଙ୍କୁ ଚାବୁକ୍‌ରେ ମାରିଲେ ଓ ଯୀଶୁଙ୍କ ନାମରେ ଆଉ କିଛି
ନ କହିବାକୁ ଆଜ୍ଞା ଦେଇ ଛାଡ଼ିଦେଲେ ।

41କିନ୍ତୁ, ଈଶ୍ୱର ସେମାନଙ୍କୁ ଯୀଶୁଙ୍କ ନାମ ସକାଶୁ ଅପମାନ
ପାଇବାକୁ ଯୋଗ୍ୟ କରିଥିବାରୁ ସେମାନେ ଆନନ୍ଦ କରୁ କରୁ
ସେହି ମହାସଭାରୁ ବାହାରି ଚାଲିଗଲେ । 42ଆଉ 'ଯୀଶୁ
ହେଉଛନ୍ତି ଖ୍ରୀଷ୍ଟ, ଅର୍ଥାତ୍ ଈଶ୍ୱରଙ୍କ ଅଭିଷିକ୍ତ[l] ବ୍ୟକ୍ତି', ଏହା କହି
ପ୍ରେରିତମାନେ ପ୍ରତିଦିନ ମନ୍ଦିରରେ ଓ ଲୋକମାନଙ୍କ ଘରେ
ଘରେ ଶିକ୍ଷା ଦେବା ଓ ପ୍ରଚାର କରିବା ବନ୍ଦ କଲେ ନାହିଁ ।

# 6

## ସାତଜଣ ସେବକ ମନୋନୀତ ହେଲେ

1ଏହି ସମୟରେ, ଯେତେବେଳେ ଶିଷ୍ୟମାନଙ୍କ ସଂଖ୍ୟା
ବଢୁଥିଲା, ସେତେବେଳେ ଗ୍ରୀକ୍ ଭାଷା କହୁଥିବା ଯିହୁଦୀ
ଲୋକମାନେ, ହିବ୍ରୁ ଭାଷା କହୁଥିବା ଯିହୁଦୀ ଲୋକମାନଙ୍କ
ବିରୁଦ୍ଧରେ ଅଭିଯୋଗ କରି କହିଲେ ଯେ, ପ୍ରତିଦିନ ଖାଦ୍ୟ
ବାଣ୍ଟିବା ସମୟରେ ସେମାନଙ୍କର ବିଧବା ସ୍ତ୍ରୀଲୋକମାନଙ୍କୁ
ଅବହେଳା କରାଯାଉଅଛି ।

2ସେଥିରେ ଯୀଶୁଙ୍କ ବାର ଜଣ ପ୍ରେରିତ ସମସ୍ତ ଶିଷ୍ୟଙ୍କୁ
ଏକାଠି ଡାକି କହିଲେ, ହେ ଭାଇମାନେ, ଆମ୍ଭେମାନେ ଖାଦ୍ୟ
ବାଣ୍ଟିବାରେ ବ୍ୟସ୍ତରହି ଈଶ୍ୱରଙ୍କ ବାକ୍ୟ ପ୍ରଚାର ଅବହେଳା କରିବା
ଠିକ୍ ନୁହେଁ । 3ଏଣୁ ହେ ଭାଇମାନେ, ଆପଣମାନେ
ଆପଣମାନଙ୍କ ମଧ୍ୟରୁ ସୁଖ୍ୟାତ[m], ପବିତ୍ର ଆତ୍ମାରେ ପୂର୍ଣ୍ଣ ଓ
ଜ୍ଞାନବାନ ସାତ ଜଣ ଲୋକଙ୍କୁ ବାଛନ୍ତୁ । ଆମ୍ଭେମାନେ
ସେମାନଙ୍କୁ ଖାଦ୍ୟ ବାଣ୍ଟିବାକୁ ନିଯୁକ୍ତ କରିବା । 4କିନ୍ତୁ
ଆମ୍ଭେମାନେ ପ୍ରାର୍ଥନା ଓ ବାକ୍ୟ ପ୍ରଚାରରେ ଲାଗିରହିବା ।

5ଏହି କଥା ସେସମସ୍ତଙ୍କୁ ଭଲ ଲାଗିଲା, ପୁଣି ସେମାନେ ଏହି
ବ୍ୟକ୍ତିମାନଙ୍କୁ ବାଛିଲେ: ସ୍ତିଫାନ ଯିଏ ବିଶ୍ୱାସ ଓ ପବିତ୍ର ଆତ୍ମାରେ
ପୂର୍ଣ୍ଣ ଥିଲେ, ଫିଲିପ୍‌ପ, ପ୍ରଖର, ନୀକାନୋର, ତୀମୋନ, ପାର୍ମନା
ଓ ଆନ୍ତିୟଖ ଅଞ୍ଚଳ ନିବାସୀ ନୀକଲାୟ, ଯିଏ ଯିହୁଦୀ ଧର୍ମ ଗ୍ରହଣ
କରିଥିଲେ । 6ବିଶ୍ୱାସୀମାନେ ସେମାନଙ୍କୁ ବାଛି ବାର ଜଣ
ପ୍ରେରିତଙ୍କ ଆଗରେ ଠିଆ କଲେ । ପୁଣି ପ୍ରେରିତମାନେ
ସେମାନଙ୍କ ଉପରେ ହାତ ରଖି[n] ପ୍ରାର୍ଥନା କଲେ ।

7ଏହାପରେ ଈଶ୍ୱରଙ୍କ ବାକ୍ୟ ଅଧିକ ବ୍ୟାପିବାକୁ ଲାଗିଲା ।
ଯିରୁଶାଲମ ନଗରରେ ଶିଷ୍ୟମାନଙ୍କ ସଂଖ୍ୟା ବହୁତ ବଢ଼ିଲା, ପୁଣି

---

[l] **5.42** ଜଗତର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଏକ ମାତ୍ର ମନୋନୀତ ବ୍ୟକ୍ତି । ଆହୁରି ଦେଖନ୍ତୁ, ପ୍ରେରିତ ୨:୩୬

[m] **6.3** ଲୋକମାନଙ୍କ ମଧ୍ୟରେ ଭଲ ନାଁ ଥିବା ଲୋକ

[n] **6.6** ମୂଳ ଭାଷାରେ ହସ୍ତାର୍ପଣ କଲେ

ଯିହୁଦୀ ଧର୍ମର ଯାଜକମାନଙ୍କ ମଧ୍ୟରୁ ଅନେକ ଏହି ବିଶ୍ୱାସ ପଥ
ଗ୍ରହଣ କଲେ ।

## ସ୍ତିଫାନ ବନ୍ଦୀ ହେଲେ

[8]ଈଶ୍ୱରଙ୍କ ଅନୁଗ୍ରହ ଓ ଶକ୍ତିରେ ପୂର୍ଣ୍ଣ ସ୍ତିଫାନ ଲୋକମାନଙ୍କ
ମଧ୍ୟରେ ଅଦ୍ଭୁତ ଚିହ୍ନ ସହିତ ମହାନ ମହାନ ଆଶ୍ଚର୍ଯ୍ୟ କର୍ମ କଲେ
। [9]ସେହି ସମୟରେ ଯିରୁଶାଲମ ନଗରରେ, ଦାସତ୍ୱରୁ ମୁକ୍ତ
ହୋଇଥିବା ଲୋକମାନଙ୍କର ଏକ ଉପାସନା[o] ଗୃହ ଥିଲା ।
ସେଠାକାର ସଭ୍ୟମାନଙ୍କ ମଧ୍ୟରୁ କିଛି ଲୋକ ଉଠି ସ୍ତିଫାନଙ୍କ
ସହିତ ଯୁକ୍ତି କରିବାକୁ ଲାଗିଲେ । ସେମାନେ କୂରୀଣୀ,
ଆଲେକ୍‌ଜାଣ୍ଡାର, କିଲିକିଆ ଓ ଆସିଆ ପ୍ରଦେଶର ଯିହୁଦୀଲୋକ
ଥିଲେ । [10]ମାତ୍ର ସ୍ତିଫାନ ଜ୍ଞାନ ଓ ପବିତ୍ର ଆତ୍ମାଙ୍କ ଶକ୍ତିରେ କଥା
କହୁଥିବାରୁ, ସେମାନେ ତାଙ୍କ ସହିତ ଯୁକ୍ତି କରି ପାରିଲେ ନାହିଁ ।

[11]ସେଥିରେ ସେମାନେ ସ୍ତିଫାନଙ୍କ ବିରୁଦ୍ଧରେ ମିଛ ସାକ୍ଷ୍ୟ
ଦେବାକୁ କିଛି ଲୋକଙ୍କୁ ମତାଇଲେ । ସେହି ଲୋକମାନେ
ସ୍ତିଫାନଙ୍କ ବିରୁଦ୍ଧରେ ମିଛ ସାକ୍ଷ୍ୟ ଦେଇ କହିଲେ, "ଏହି ଲୋକ,
ମୋଶା ଓ ଈଶ୍ୱରଙ୍କୁ ମଧ୍ୟ ନିନ୍ଦା କରିବାର ଆମ୍ଭେମାନେ ଶୁଣିଅଛୁ
।" [12]ତେଣୁ ସେମାନେ ଯିହୁଦୀ ଲୋକମାନଙ୍କୁ, ପ୍ରାଚୀନମାନଙ୍କୁ[p] ଓ
ବ୍ୟବସ୍ଥା[q] ଶିକ୍ଷକମାନଙ୍କୁ ଉତ୍ତେଜିତ କଲେ । ଏଣୁ ସେମାନେ
ସ୍ତିଫାନଙ୍କୁ ବନ୍ଦୀକରି ମହାସଭାକୁ ନେଇଗଲେ ।

[13]ପୁଣି ସେମାନେ ସ୍ତିଫାନଙ୍କ ବିରୁଦ୍ଧରେ ମିଛ ସାକ୍ଷ୍ୟ ଦେଇ
କହିଲେ, "ଏହି ଲୋକ ଏହି ପବିତ୍ର ମନ୍ଦିର ଓ ମୋଶାଙ୍କ ବ୍ୟବସ୍ଥା
ବିରୁଦ୍ଧରେ କଥା କହିବା ବନ୍ଦ କରୁନାହିଁ । [14]ଏହି ଲୋକ ଏପରି
କହିବାର ଆମ୍ଭେମାନେ ଶୁଣିଅଛୁ ଯେ, ନାଜରିତ ଗ୍ରାମର ଏହି
ଯୀଶୁ ଏହି ମନ୍ଦିର ଧ୍ୱଂସ କରିବେ ଓ ମୋଶା ଯେଉଁ ରୀତିନୀତି
ଆମ୍ଭମାନଙ୍କୁ ଦେଇଛନ୍ତି ସେସବୁ ବଦଳାଇବେ ।"

[15]ସେହି ସମୟରେ ସେହି ମହାସଭାରେ ଥିବା ସବୁଲୋକ
ସ୍ତିଫାନଙ୍କ ମୁହଁକୁ ଅନାଇ ରହିଲେ, ପୁଣି ସେତେବେଳେ ତାଙ୍କ
ମୁହଁ ଈଶ୍ୱରଙ୍କ ଦୂତଙ୍କ ମୁହଁ ପରି ଉଜ୍ଜ୍ୱଳ ଦେଖାଯାଉଥିଲା ।

# 7

## ସ୍ତିଫାନ ମହାସଭାରେ ପ୍ରଚାରକଲେ

[1]ସେଥିରେ ମହାଯାଜକ ସ୍ତିଫାନଙ୍କୁ ପଚାରିଲେ, "ଏହିସବୁ
ଅଭିଯୋଗ କଅ ଣ ସତ ?"

[2]ସ୍ତିଫାନ ଉତ୍ତର ଦେଇ କହିଲେ, "ହେ ଭାଇମାନେ ଓ
ବାପାମାନେ, ଆପଣମାନେ ମୋ କଥା ଶୁଣନ୍ତୁ । ଆମ୍ଭମାନଙ୍କର
ପିତା ଅବ୍ରାହାମ ହାରଣ ନାମକ ନଗରକୁ ଯାଇ ସେଠାରେ ବାସ
କରିବା ଆଗରୁ ଆମ୍ଭମାନଙ୍କର ଗୌରବମୟ ଈଶ୍ୱର ତାଙ୍କୁ
ମେସପଟାମିଆ ଦେଶରେ ଦର୍ଶନ ଦେଲେ । [3]ସେଠାରେ ଈଶ୍ୱର
ତାଙ୍କୁ କହିଲେ, 'ତୁମେ ତୁମର ଦେଶ, ତୁମ କୁଟୁମ୍ବର
ଲୋକମାନଙ୍କଠାରୁ ବାହାରି ଯାଅ ଓ ଆମ୍ଭେ ତୁମକୁ ଯେଉଁ ଦେଶ
ଦେଖାଇବା ସେହି ଦେଶକୁ ଯାଅ ।' [4]ତେଣୁ ସେ କଲଦ ଜାତିର
ଲୋକମାନଙ୍କର ମେସପଟାମିଆ ଦେଶ ଛାଡ଼ି ହାରଣ ନଗରକୁ
ଯାଇ ବାସ କଲେ । ତାଙ୍କ ବାପାଙ୍କର ମୃତ୍ୟୁ ପରେ, ଈଶ୍ୱର
ତାହାଙ୍କୁ ଏହି ଦେଶକୁ ଆଣିଲେ, ଯେଉଁଠାରେ ଏବେ
ଆପଣମାନେ ବାସ କରୁଅଛନ୍ତି ।

[5]ତଥାପି ଈଶ୍ୱର ତାହାଙ୍କୁ ଏଠାରେ କିଛି ଭୂମି ଦେଲେ ନାହିଁ,
ଏପରିକି ଏକ ପାଦ ପରିମାଣର ଭୂମି ମଧ୍ୟ ଦେଲେ ନାହିଁ । କିନ୍ତୁ
ସେହି ସମୟରେ ଅବ୍ରାହାମଙ୍କର କୌଣସି ସନ୍ତାନ ନ ଥିଲେ ମଧ୍ୟ,
ଈଶ୍ୱର ତାହାଙ୍କୁ ପ୍ରତିଜ୍ଞା କରି କହିଲେ ଯେ, ସେ ଏହି ଦେଶ ତାଙ୍କୁ
ଓ ତାଙ୍କର ଭବିଷ୍ୟତ ବଂଶଧରଙ୍କୁ ଦେବେ । [6]ମାତ୍ର ଈଶ୍ୱର
ଅବ୍ରାହାମଙ୍କୁ ଏପରି ମଧ୍ୟ କହିଥିଲେ ଯେ, ତାଙ୍କର
ବଂଶଧରମାନେ ବିଦେଶରେ ବାସ କରିବେ ଓ ସେହି ଦେଶର
ଲୋକମାନଙ୍କୁ ଚାରିଶ ବର୍ଷ ଦାସ କରି ରଖି ସେମାନଙ୍କ ପ୍ରତି
ଅତ୍ୟାଚାର କଲେ । [7]ପୁଣି ଈଶ୍ୱର ଅବ୍ରାହାମଙ୍କୁ କହିଲେ, 'କିନ୍ତୁ
ଯେଉଁ ଦେଶ ସେମାନଙ୍କୁ ଦାସ ଭାବରେ କାର୍ଯ୍ୟ କରାଇବ, ଆମ୍ଭେ
ସେହି ଦେଶକୁ ଦଣ୍ଡ ଦେବା । ପୁଣି ଶେଷରେ ତୁମର
ବଂଶଧରମାନେ ସେହି ଦେଶରୁ ବାହାରି ଆସିବେ ଓ ଏହି କିଣାନ

---

[o]**6.9** ଏହା ଯିହୁଦୀ ଲୋକମାନଙ୍କର ସମାଜ ଗୃହକୁ ବୁଝାଏ,
ଯେଉଁଠାରେ ପ୍ରାର୍ଥନା, ଉପାସନା, ଧର୍ମଶାସ୍ତ୍ର ପାଠ ଓ ଆଲୋଚନା
କରାଯାଉଥିଲା ।

[p]**6.12** ଧର୍ମନେତାମାନଙ୍କୁ

[q]**6.12** ଈଶ୍ୱର ମୋଶାଙ୍କ ଦ୍ୱାରା ଯିହୁଦୀଲୋକମାନଙ୍କୁ ଦେଇଥିବା
ନିତିନିୟମ

ଦେଶରେ ଆମ୍ଭର ଉପାସନା କରିବେ' ।
[8]ଏହାପରେ ଈଶ୍ୱର ଅବ୍ରହାମଙ୍କୁ ସେହି ନିୟମର ଚିହ୍ନ ସ୍ୱରୂପେ
ସୁନ୍ନତ[r] ବିଧି ଦେଲେ । ତେଣୁ, ଅବ୍ରାହାମଙ୍କଠାରୁ ଇସ୍‌ହାକ ଜନ୍ମ
ହେବାର ଆଠ ଦିନରେ ଅବ୍ରାହାମ ଇସ୍‌ହାକଙ୍କର ସୁନ୍ନତ କଲେ ।
ପୁଣି ଇସ୍‌ହାକ ଯାକୁବଙ୍କୁ ଜନ୍ମ ଦେଲେ ଓ ଯାକୁବ ଇସ୍ରାଏଲ
ଲୋକମାନଙ୍କର ବାର ଜଣ ପିତୃପୁରୁଷଙ୍କୁ ଜନ୍ମ ଦେଲେ ।
[9]ସେହି ପିତୃପୁରୁଷମାନେ ସେମାନଙ୍କ ଭାଇ ଯୋଷେଫଙ୍କୁ
ଈର୍ଷାକଲେ ଓ ତାହାଙ୍କୁ ବିକିଲେ । ପରେ ସେ ମିସର ଦେଶରେ
କ୍ରିତଦାସ[s] ହେଲେ କିନ୍ତୁ ଈଶ୍ୱର ଯୋଷେଫଙ୍କ ସହିତ ଥିଲେ ।
[10]ପୁଣି ସେ ଯେଉଁ ସମସ୍ତ ବିପଦ ମଧ୍ୟ ଦେଇଗଲେ, ଈଶ୍ୱର ସେହି
ସମସ୍ତ ବିପଦରୁ ତାଙ୍କୁ ଉଦ୍ଧାରକଲେ । ପୁଣି ସେ ମିସର ଦେଶର
ରାଜା, ଫାରୋଙ୍କ ଆଗରେ ଠିଆ ହେବା ସମୟରେ ଈଶ୍ୱର ତାଙ୍କୁ
ଜ୍ଞାନ ଓ ରାଜାଙ୍କର ମନ ଜିଣିବାର ଅନୁଗ୍ରହ ଦେଲେ । ଫଳରେ
ଫାରୋ ତାଙ୍କୁ ମିସର ଦେଶ ଓ ନିଜ ରାଜ ପ୍ରାସାଦର ସମସ୍ତ
ଦାୟିତ୍ୱରେ ରଖିଲେ ।
[11]ଏହାପରେ ସାରା ମିସର ଓ କିଣାନ ଦେଶରେ ଦୁର୍ଭିକ୍ଷ
ହେବାରୁ ଲୋକମାନେ ବହୁତ ଦୁଃଖଭୋଗ କଲେ । ଏଣୁ
ଆମ୍ଭମାନଙ୍କର ପିତୃପୁରୁଷମାନେ ଖାଦ୍ୟ ପାଇ ପାରିଲେ ନାହିଁ ।
[12]କିନ୍ତୁ ଯାକୁବ ଶୁଣିଲେ ଯେ, ମିସର ଦେଶରେ ଖାଦ୍ୟ ଅଛି ।
ତେଣୁ ସେ ଆମ୍ଭମାନଙ୍କର ପିତୃପୁରୁଷମାନଙ୍କୁ ଖାଦ୍ୟ କିଣିବାକୁ
ପ୍ରଥମ ଥର ମିସର ଦେଶକୁ ପଠାଇଲେ । [13]ସେମାନେ ଦ୍ୱିତୀୟ
ଥର ଖାଦ୍ୟ କିଣିବାକୁ ମିସର ଦେଶକୁ ଯିବା ପରେ ଯୋଷେଫ
ନିଜ ଭାଇମାନଙ୍କ ନିକଟରେ ନିଜର ପରିଚୟ ଦେଲେ ଓ
ସେମାନଙ୍କୁ ଫାରୋଙ୍କ ନିକଟରେ ପରିଚିତ କରାଇଲେ ।
[14]ଏହାପରେ ଯୋଷେଫ ନିଜର ବାପା ଯାକୁବ ଓ ଭାଇମାନଙ୍କ
ପରିବାରଗୁଡ଼ିକର ସମସ୍ତ ପଞ୍ଚସ୍ତରୀ ଜଣ ଲୋକଙ୍କୁ ନିଜ ପାଖକୁ
ଡକାଇ ପଠାଇଲେ । [15]ଏଣୁ ଯାକୁବ ମିସର ଦେଶକୁ ଗଲେ ପୁଣି
ସେଠାରେ ସେ ଓ ଆମ୍ଭମାନଙ୍କର ପିତୃପୁରୁଷମାନେ ମୃତ୍ୟୁବରଣ
କଲେ । [16]ସେମାନଙ୍କର ମୃତ ଶରୀରଗୁଡ଼ିକୁ ସେମାନଙ୍କର
ବଂଶଧରମାନେ କିଣାନ ଦେଶକୁ ନେଇଗଲେ ଓ ଅବ୍ରାହାମ
ହମୋରଙ୍କ ବଂଶଧରଙ୍କୁ କିଛି ରୂପା ଟଙ୍କା ଦେଇ ଯେଉଁ ସମାଧି
ସ୍ଥାନ ଶିଖିମରେ କିଣିଥିଲେ, ସେଠାରେ ସେମାନଙ୍କୁ ସମାଧି
ଦେଲେ ।
[17]ମାତ୍ର ଈଶ୍ୱର ଅବ୍ରାହାମଙ୍କ ନିକଟରେ ଯେଉଁ ପ୍ରତିଜ୍ଞା
କରିଥିଲେ ତାହା ସଫଳ ହେବାର ସମୟ ନିକଟ ହେବାରୁ,
ଇସ୍ରାଏଲ ଲୋକମାନଙ୍କ ସଂଖ୍ୟା ମିସର ଦେଶରେ ବହୁତ ବଢ଼ିଲା
। [18]ପରେ ମିସର ଦେଶରେ ଜଣେ ନୂଆ ରାଜା ହେଲେ, ଯିଏ
ଯୋଷେଫଙ୍କୁ ଜାଣି ନ ଥିଲେ । [19]ସେ ଆମ୍ଭମାନଙ୍କର ଇସ୍ରାଏଲ
ଜାତି ପ୍ରତି ଖଳ ଭାବରେ ବ୍ୟବହାର କରି ଅତ୍ୟାଚାର କଲେ ଓ
ସେମାନଙ୍କୁ ନିଜ ନିଜର ଶିଶୁମାନଙ୍କୁ ବାହାରେ ପକାଇ ଦେବାକୁ
ବାଧ୍ୟ କଲେ, ଯେପରି ସେହି ଶିଶୁମାନେ ଆଉ ବଞ୍ଚିବେ ନାହିଁ ।
[20]ସେହି ସମୟରେ ମୋଶା ଜନ୍ମ ହେଲେ ପୁଣି ସେ ଈଶ୍ୱରଙ୍କ
ଦୃଷ୍ଟିରେ[t] ବହୁତ ସୁନ୍ଦର ଓ ସ୍ୱତନ୍ତ୍ର ଥିଲେ । ତାଙ୍କର ବାପାମାଆ
ତାଙ୍କୁ ତିନି ମାସ ଯାଏଁ ଘରେ ରଖି ପାଳନ କଲେ । [21]ଏହାପରେ,
ଯେତେବେଳେ ମୋଶାଙ୍କର ମାଆ ତାଙ୍କୁ ବାହାରେ ରଖିଦେଲେ,
ଫାରୋଙ୍କ ଝିଅ ତାଙ୍କୁ ଦେଖି ନେଇଗଲେ ଓ ନିଜର ପୁଅ କରି
ପାଳନ କଲେ । [22]ମୋଶା ମିସର ଦେଶର ସମସ୍ତ ବିଦ୍ୟା ଲାଭ
କଲେ, ପୁଣି ଉଭୟ କଥାରେ ଓ କାମରେ ଶକ୍ତିଶାଳୀ ହେଲେ ।
[23]ମୋଶା ଚାଳିଶ ବର୍ଷ ବୟସରେ, ଦିନେ, ନିଜ ଇସ୍ରାଏଲ
ଲୋକମାନଙ୍କର ଭଲମନ୍ଦ ଜାଣିବାକୁ ଇଚ୍ଛାକରି ସେମାନଙ୍କ
ନିକଟକୁ ଗଲେ । [24]ସେତେବେଳେ ସେ ମିସର ଦେଶର ଜଣେ
ଲୋକ ଇସ୍ରାଏଲ ଜାତିର ଜଣେ ଲୋକଙ୍କୁ ମାଡ଼ ମାରୁଥିବାର
ଦେଖିଲେ । ତେଣୁ ମୋଶା ସେହି ଇସ୍ରାଏଲ ଲୋକଙ୍କୁ ସାହାଯ୍ୟ
କଲେ, ପୁଣି ମିସର ଦେଶର ସେହି ଲୋକଙ୍କୁ ହତ୍ୟାକରି
ଅନ୍ୟାୟର ପ୍ରତିଶୋଧ ନେଲେ । [25]ମୋଶା ଭାବିଲେ ଯେ,
ଇସ୍ରାଏଲ ଲୋକମାନଙ୍କୁ ଉଦ୍ଧାର କରିବାକୁ ଈଶ୍ୱର ତାଙ୍କୁ
ପଠାଇଛନ୍ତି, ଏହା ନିଜ ଇସ୍ରାଏଲ ଲୋକମାନେ ବୁଝିବେ; କିନ୍ତୁ
ସେମାନେ ତାହା ବୁଝିଲେ ନାହିଁ ।

---

[r]**7.8** ଈଶ୍ୱରଙ୍କ ଆଦେଶ ଅନୁସାରେ ଯିହୁଦୀ ଜାତିର ଲୋକମାନେ ଲିଙ୍ଗ ଆଗରେ ଥିବା ଚମଡ଼ା କାଟିବାକୁ ସୁନ୍ନତ ବିଧି କୁହାଯାଏ ।

[s]**7.9** ଯାହାକୁ କିଣି ଦାସ ରୂପ ରଖାଯାଏ

[t]**7.20** ଦେଖିବାରେ

26 ତହିଁଆର ଦିନ ସେ ପୁଣି ଥରେ ଇସ୍ରାଏଲ ଲୋକମାନଙ୍କୁ
ଭେଟିବାକୁ ଗଲେ । ସେତେବେଳେ ଦୁଇ ଜଣ ଇସ୍ରାଏଲ ଲୋକ
ମାଡ଼ ମରାମରି ହେଉଥିବାର ସେ ଦେଖିଲେ । ସେ ସେମାନଙ୍କୁ
ମିଳାମିଶା କରାଇବାକୁ ଚେଷ୍ଟାକରି କହିଲେ, 'ଭାଇମାନେ,
ତୁମ୍ଭେମାନେ ପରସ୍ପର ଭାଇ । ତୁମ୍ଭେମାନେ କାହିଁକି ଏପରି
ପରସ୍ପର ମାଡ଼ ମରାମରି ହେଉଅଛ ?'

27 କିନ୍ତୁ ଯେଉଁ ଲୋକ ଆର ଜଣକ ସହିତ ଖରାପ ବ୍ୟବହାର
କରୁଥିଲା, ସେ ମୋଶାଙ୍କୁ ଠେଲିଦେଇ କହିଲା, 'କିଏ ତୁମକୁ
ଆମ୍ଭମାନଙ୍କ ଉପରେ ଶାସନକର୍ତ୍ତା ଓ ବିଚାରକର୍ତ୍ତା କରିଅଛି ?
28 ଗତକାଲି ତୁମେ ଯେପରି ମିସର ଦେଶର ସେହି ଲୋକକୁ
ହତ୍ୟାକଲ, ସେପରି କି ମୋତେ ମଧ୍ୟ ହତ୍ୟା କରିବାକୁ ଇଚ୍ଛା
କରୁଅଛ ?' 29 ଯେତେବେଳେ ମୋଶା ଏହି କଥା ଶୁଣିଲେ, ସେ
ମିଦିୟନ ଦେଶକୁ ପଳାଇଗଲେ ଓ ସେଠାରେ ଜଣେ ବିଦେଶୀ
ଲୋକ ଭାବରେ ବାସକଲେ । ସେଠାରେ ତାଙ୍କର ଦୁଇଟି ପୁଅ
ଜନ୍ମ ହେଲେ ।

30 ମୋଶା ସେଠାରେ ରହିବାର ଚାଳିଶ ବର୍ଷ ପରେ, ଯିହୋବା
ପ୍ରଭୁଙ୍କର ଜଣେ ଦୂତ ସିନୟ ପର୍ବତର ପ୍ରାନ୍ତରରେ, ଗୋଟିଏ
ବୁଦାରେ ନିଆଁର ଶିଖାରେ ତାହାଙ୍କୁ ଦର୍ଶନ ଦେଲେ[u] । 31 ମୋଶା
ତାହା ଦେଖି ଆଶ୍ଚର୍ଯ୍ୟ ହେଲେ ଓ ତାହା ଭଲରେ ଦେଖିବାକୁ
ନିକଟକୁ ଯାଉଥିବା ସମୟରେ, ଯିହୋବା ପ୍ରଭୁ ତାଙ୍କୁ ଡାକି
କହିଲେ, 32 'ହେ ମୋଶା, ଆମ୍ଭେ ହେଉଛୁ ତୁମ୍ଭର ପିତୃପୁରୁଷ
ଅବ୍ରାହାମ, ଇସ୍‌ହାକ ଓ ଯାକୁବଙ୍କର ପରମେଶ୍ୱର ।' ଏହା ଶୁଣି
ମୋଶା ଭୟରେ ଥରିଲେ ଓ ତାହା ଆଉ ଦେଖିବାକୁ ସାହସ
କଲେ ନାହିଁ ।

33 ଏହାପରେ ଯିହୋବା ପ୍ରଭୁ ମୋଶାଙ୍କୁ କହିଲେ, 'ତୁମେ ତୁମ
ପାଦରୁ ଜୋତା ବାହାରକର, କାରଣ ତୁମେ ଯେଉଁ ସ୍ଥାନରେ ଠିଆ
ହୋଇଅଛ ତାହା ପବିତ୍ର ସ୍ଥାନ । 34 ଆମ୍ଭର ଯେଉଁ ଲୋକମାନେ
ମିସର ଦେଶରେ ଅଛନ୍ତି, ଆମ୍ଭେ ସେମାନଙ୍କର କଷ୍ଟ ନିଶ୍ଚିତ
ଭାବରେ ଦେଖିଅଛୁ । ଆମ୍ଭେ ସେମାନେ ଯନ୍ତ୍ରଣାରେ କାନ୍ଦିବାର
ଶୁଣିଅଛୁ । ଏଣୁ ଆମ୍ଭେ ସେମାନଙ୍କୁ ଉଦ୍ଧାର କରିବାକୁ ସ୍ୱର୍ଗରୁ
ତଳକୁ ଓହ୍ଲାଇ ଆସିଅଛୁ । ଏବେ ଆସ, ଆମ୍ଭେ ତୁମକୁ ମିସର
ଦେଶକୁ ପଠାଇବା ।'

35 ତେଣୁ ଯାହାକୁ ଇସ୍ରାଏଲ ଲୋକମାନେ ପୂର୍ବରୁ ଗ୍ରହଣ ନ
କରି କହିଥିଲେ, 'ତୁମକୁ କିଏ ଆମ୍ଭମାନଙ୍କ ଉପରେ ଶାସନକର୍ତ୍ତା
ଓ ବିଚାରକର୍ତ୍ତା କରିଅଛି ?' ସେହି ମୋଶାଙ୍କୁ ଈଶ୍ୱର ଦୂତଙ୍କ ଦ୍ୱାରା
ବୁଦାରେ ଦର୍ଶନ ଦେଇ, ସେମାନଙ୍କର ଶାସନକର୍ତ୍ତା ଓ
ଉଦ୍ଧାରକର୍ତ୍ତା ଭାବରେ ମିସର ଦେଶକୁ ପଠାଇଲେ । 36 ଏହି ବ୍ୟକ୍ତି
ମିସର ଦେଶରେ, ସୁଫ ସାଗରରେ ପୁଣି ମରୁପ୍ରାନ୍ତରରେ ଚାଳିଶ
ବର୍ଷ ଯାଏଁ ଅଦ୍ଭୁତ ଚିହ୍ନ ସହ ଅନେକ ଆଶ୍ଚର୍ଯ୍ୟ କର୍ମ କରି,
ଇସ୍ରାଏଲ ଲୋକମାନଙ୍କୁ ମିସର ଦେଶରୁ ବାହାରକରି ଆଣିଲେ ।

37 ସେହି ମୋଶା ହିଁ ଇସ୍ରାଏଲ ଲୋକମାନଙ୍କୁ କହିଲେ,
'ପରମେଶ୍ୱର ତୁମ୍ଭମାନଙ୍କ ମଧ୍ୟରୁ ମୋ ପରି ଜଣେ ଭାବବାଦୀଙ୍କୁ
ଜାତ କରିବେ' । 38 ଯେତେବେଳେ ଏହି ମୋଶାଙ୍କୁ ସିନୟ
ପର୍ବତରେ ଦୂତ କଥା କହିଲେ, ସେଠାରେ ମୋଶା ଆମ୍ଭମାନଙ୍କୁ
ଦେବା ପାଇଁ ଜୀବନଦାୟକ ବାକ୍ୟସବୁ ପାଇଲେ । ସେହି
ସମୟରେ ମୋଶା ମରୁପ୍ରାନ୍ତରରେ ବାସ କରୁଥିବା ଆମ୍ଭମାନଙ୍କ
ପିତୃପୁରୁଷ ଅର୍ଥାତ ଇସ୍ରାଏଲ ସମାଜ ସହିତ ଥିଲେ ।

39 କିନ୍ତୁ ଆମ୍ଭମାନଙ୍କର ପିତୃପୁରୁଷମାନେ ମୋଶାଙ୍କର କଥା
ମାନିବାକୁ ଇଚ୍ଛାକଲେ ନାହିଁ ଓ ତାଙ୍କୁ ଅଗ୍ରାହ୍ୟ କଲେ, ପୁଣି
ସେମାନେ ନିଜ ହୃଦୟରେ ମିସର ଦେଶକୁ ଫେରିଯିବାକୁ
ଇଚ୍ଛାକଲେ । 40 ସେମାନେ ମୋଶାଙ୍କ ଭାଇ ହାରୋଣଙ୍କୁ କହିଲେ,
'ଆପଣ ଆମ୍ଭମାନଙ୍କ ପାଇଁ ଦେବତାମାନଙ୍କୁ ତିଆରି କରନ୍ତୁ,
ଯେଉଁମାନେ ଆମ୍ଭମାନଙ୍କୁ ଆଗେ ଆଗେ ବାଟ କଢ଼ାଇ ନେବେ ।
କାରଣ ଯେଉଁ ମୋଶା ଆମ୍ଭମାନଙ୍କୁ ମିସର ଦେଶରୁ ବାହାରକରି
ଆଣିଲେ, ତାଙ୍କ ପ୍ରତି ପର୍ବତରେ କଅଣ ଘଟିଅଛି, ତାହା
ଆମ୍ଭେମାନେ ଜାଣୁ ନାହୁଁ ।' 41 ତେଣୁ ସେମାନେ ସେହି ସମୟରେ
ଏକ ବାଛୁରୀର ମୂର୍ତ୍ତି ତିଆରି କରି ତାହା ନିକଟରେ ବଳି ଉତ୍ସର୍ଗ
କଲେ ପୁଣି ସେମାନେ ନିଜ ହାତରେ ଯେଉଁ ମୂର୍ତ୍ତି ତିଆରି
କରିଥିଲେ ତାହା ନିମନ୍ତେ ଉତ୍ସବ କଲେ । 42 ତେଣୁ ଈଶ୍ୱର
ସେମାନଙ୍କଠାରୁ ନିଜର ମୁହଁ ଫେରାଇ ନେଲେ ଓ ସେମାନଙ୍କୁ
ଆକାଶର ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗୁଡ଼ିକ ପୁଜା କରିବାକୁ
ଛାଡ଼ିଦେଲେ, ଯେପରି ଭବିଷ୍ୟତବକ୍ତାଙ୍କ[v] ପୁସ୍ତକରେ

---

[u] **7.30** ଯାତ୍ରା ୩:୨

[v] **7.42** ଆମୋଷ ୫:୨୫

ଲେଖାଯାଇଛି:
ହେ ଇସ୍ରାଏଲ ଲୋକମାନେ,
ତୁମ୍ଭେମାନେ ମରୁପ୍ରାନ୍ତରରେ
ଚାଳିଶ ବର୍ଷ ଥିବା ସମୟରେ
ପ୍ରକୃତରେ କ'ଣ କେବଳ ଆମ୍ଭଠାରେ
ପଶୁବଳି ଓ ନୈବେଦ୍ୟ ଉତ୍ସର୍ଗ କରିଥିଲ ?

[43]ନା ! ମାତ୍ର, ତୁମ୍ଭେମାନେ
ଯେଉଁ ମୋଲଖ ଦେବତାର ବେଦୀ,
ରମ୍ଫା ଦେବତାର ତାରା ଓ
ମୂର୍ତ୍ତିଗୁଡ଼ିକ ପୂଜା କରିବା ପାଇଁ ତିଆରି କଲ,
ସେଗୁଡ଼ିକ ମଧ୍ୟ ବୋହିକି ବୁଲିଲ ।
ସେଥିପାଇଁ ଆମ୍ଭେ ତୁମ୍ଭମାନଙ୍କୁ
ବନ୍ଦୀକରି ବାବିଲୋନ ଦେଶ ଆର ପାଖକୁ ପଠାଇବା ।

[44]ଆମ୍ଭମାନଙ୍କର ପିତୃପୁରୁଷମାନେ ମରୁପ୍ରାନ୍ତରରେ ବାସ
କରୁଥିବା ସମୟରେ ସେମାନଙ୍କ ନିକଟରେ ସାକ୍ଷ୍ୟତମ୍ବୁ[w] ଥିଲା ।
ଯେଉଁ ଈଶ୍ୱର ମୋଶାଙ୍କ ସହିତ କଥା କହିଥିଲେ, ସେ ମୋଶାଙ୍କୁ
ଦେଖାଇଥିବା ନମୁନା ଅନୁସାରେ ସେହି ସାକ୍ଷ୍ୟତମ୍ବୁ ତିଆରି
କରାଯାଇଥିଲା । [45]ଆମ୍ଭମାନଙ୍କର ପିତୃପୁରୁଷମାନେ
ଯିହୋଶୂୟଙ୍କ ନେତୃତ୍ୱରେ ଅନ୍ୟ ଜାତିଗୁଡ଼ିକର ଦେଶସବୁ
ଅଧିକାର କରିବା ବେଳେ ଈଶ୍ୱର ସେହି ସମସ୍ତ ଜାତିଙ୍କୁ
ସେମାନଙ୍କ ଆଗରୁ ତଡ଼ିଦେଲେ, ପୁଣି ସେତେବେଳେ, ସେମାନେ
ସେହି ସାକ୍ଷ୍ୟତମ୍ବୁ ସେହି ସ୍ଥାନକୁ ନେଇ ଆସିଲେ । ତାହା ସେହି
ସମୟରୁ ଦାଉଦ ରାଜାଙ୍କ ସମୟ ଯାଏଁ ସେଠାରେ ରହିଲା ।

[46]ସେହି ଦାଉଦ ରାଜା ଈଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଲେ ଓ
ନିଜ ପିତୃପୁରୁଷ ଯାକୁବଙ୍କର ପରମେଶ୍ୱରଙ୍କ ପାଇଁ ଏକ ସ୍ଥାୟୀ
ମନ୍ଦିର ତିଆରି କରିବାକୁ ପ୍ରାର୍ଥନା କଲେ । [47]କିନ୍ତୁ ସେ ନୁହେଁ,
ମାତ୍ର ତାଙ୍କ ପୁଅ ଶଲୋମନ ସେହି ମନ୍ଦିର ତିଆରି କଲେ ।
[48]ମାତ୍ର, ମନୁଷ୍ୟ ଦ୍ୱାରା ତିଆରି ହୋଇଥିବା ମନ୍ଦିରରେ ସେହି ଅତି
ଉଚ୍ଚ ପରମେଶ୍ୱର ବାସକରନ୍ତି ନାହିଁ । ଯେପରି ଈଶ୍ୱରଙ୍କ ଜଣେ
ଭାବବାଦୀ କହନ୍ତି:

[49]ଯିହୋବା ପ୍ରଭୁ ଏହିପରି କହନ୍ତି,
'ସ୍ୱର୍ଗ ଆମ୍ଭର ସିଂହାସନ[x],
ପୁଣି ପୃଥିବୀ ଆମ୍ଭର ପାଦ ରଖିବା ସ୍ଥାନ ।
ତୁମ୍ଭେମାନେ ଆମ୍ଭ ନିମନ୍ତେ କି ପ୍ରକାର ମନ୍ଦିର ତିଆରି କରିବ ?
ତୁମ୍ଭେମାନେ ଆମ୍ଭ ନିମନ୍ତେ କିପରି ବାସସ୍ଥାନ ତିଆରି କରିବ ?

[50]ଆମ୍ଭେ କ'ଣ ନିଜ ହାତରେ ଏସମସ୍ତ ବିଷୟ ସୃଷ୍ଟି କରି ନାହୁଁ[y] ।'"

[51]ସ୍ତିଫାନ ପୁଣି କହିଲେ, "ହେ ଅବାଧ ଲୋକମାନେ,
ତୁମ୍ଭେମାନେ ଈଶ୍ୱରଙ୍କ ପ୍ରତି ତୁମ୍ଭମାନଙ୍କର ହୃଦୟ ଓ କାନ ବନ୍ଦ
କରିଅଛ, ତୁମ୍ଭେମାନେ ସଦାବେଳେ ପବିତ୍ର ଆତ୍ମାଙ୍କୁ ବାଧା
ଦେଉଅଛ । ତୁମ୍ଭମାନଙ୍କର ପିତୃପୁରୁଷମାନେ ଯେପରି କଲେ,
ତୁମ୍ଭେମାନେ ମଧ୍ୟ ସେପରି କରୁଅଛ । [52]ତୁମ୍ଭମାନଙ୍କର
ପିତୃପୁରୁଷମାନେ ଭାବବାଦୀମାନଙ୍କ ମଧ୍ୟରୁ କାହାକୁ ତାଡ଼ନା ନ
କରି ଛାଡ଼ିଲେ ? ଯେଉଁ ଭାବବାଦୀମାନେ ସେହି ଧାର୍ମିକ ବ୍ୟକ୍ତି
ଆସିବା ବିଷୟରେ ଆଗରୁ ଜଣାଇଥିଲେ, ସେମାନଙ୍କୁ
ତୁମ୍ଭମାନଙ୍କର ପିତୃପୁରୁଷମାନେ ହତ୍ୟାକଲେ; ଏବେ ତୁମ୍ଭେମାନେ
ସେହି ଧାର୍ମିକ ବ୍ୟକ୍ତିଙ୍କ ପ୍ରତି ବିଶ୍ୱାସଘାତକତା କଲ ଓ ତାହାଙ୍କୁ
ହତ୍ୟାକଲ । [53]ଈଶ୍ୱର ଦୂତମାନଙ୍କ ଦ୍ୱାରା ଯେଉଁ ବ୍ୟବସ୍ଥା
ଆପଣମାନଙ୍କୁ ଦେଇଥିଲେ, ତାହା ଆପଣମାନେ ପାଳନ କଲେ
ନାହିଁ ।"

[54]ଯେତେବେଳେ ମହାସଭାର ଲୋକମାନେ ଏହି ସବୁକଥା
ଶୁଣିଲେ, ସେମାନେ ବହୁତ ରାଗିଲେ ଓ ରାଗରେ ଦାନ୍ତ କଡ଼ମଡ଼
କରିବାକୁ ଲାଗିଲେ । [55]କିନ୍ତୁ ସ୍ତିଫାନ ପବିତ୍ର ଆତ୍ମାରେ ପୂର୍ଣ୍ଣହୋଇ
ସ୍ୱର୍ଗ ଆଡ଼କୁ ଅନାଇ ଈଶ୍ୱରଙ୍କ ମହିମା ଓ ଯୀଶୁଙ୍କୁ ଈଶ୍ୱରଙ୍କ
ସମ୍ମାନଜନକ ଡାହାଣ ପାଖରେ ଠିଆ ହୋଇଥିବାର ଦେଖିଲେ ।
[56]ପୁଣି ସେ କହିଲେ, "ଦେଖ, ସ୍ୱର୍ଗ ଖୋଲା ହୋଇଥିବାର ଓ

---

[w]**7.44** ଈଶ୍ୱରଙ୍କ ଉପସ୍ଥିତି ଥିବା ଏକ ତମ୍ବୁ ବା ସିନ୍ଧୁକ । ଇସ୍ରାଏଲ ଲୋକମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଗଲେ ଏହା ବୋହି ନେଉଥିଲେ । ଏହା ଭିତରେ ଦଶ ଆଜ୍ଞା ଲେଖାଯାଇଥିବା ପଥର ପଟା, ଫୁଲ ଫୁଟିଥିବା ହାରୋଣଙ୍କ ବାଡ଼ି ଓ ମାନ୍ନା ରଖାଯାଇଥିଲା । ଏହା ଈଶ୍ୱରଙ୍କର ପବିତ୍ରତା ଓ ଗୁଣକୁ ସୂଚାଏ ।

[x]**7.49** ରାଜାମାନଙ୍କ ବସିବା ସ୍ଥାନ

[y]**7.50** ଯିଶାଇୟ ୫୦:୧-୨

ମନୁଷ୍ୟ ପୁତ୍ର, ଯୀଶୁଙ୍କୁ ଈଶ୍ୱରଙ୍କ ଡାହାଣ ପାଖରେ ଠିଆ ହୋଇଥିବାର ମୁଁ ଦେଖୁଅଛି ।"

57ଏହା ଶୁଣି ସେମାନେ ନିଜ ନିଜର କାନ ବନ୍ଦ କରି ଉଚ୍ଚ ସ୍ୱରରେ ପାଟିକଲେ ଓ ଏକା ସଙ୍ଗରେ ତାଙ୍କ ଆଡ଼କୁ ମାଡ଼ି ଗଲେ । 58ପୁଣି ସେମାନେ ତାହାଙ୍କୁ ସେହି ନଗରରୁ ବାହାରକୁ ଟାଣି ନେଇଗଲେ ଓ ତାଙ୍କ ଉପରକୁ ପଥର ଫୋପାଡ଼ି ମାରିବାକୁ ଲାଗିଲେ । ସେହି ସମୟରେ ସ୍ତିଫାନଙ୍କ ବିରୋଧିମାନେ ସେମାନଙ୍କର ଲୁଗା ବାହାରକରି ଶାଉଲ ନାମକ ଜଣେ ଯୁବକଙ୍କ ପାଦ ପାଖରେ ରଖିଲେ ।

59ସେମାନେ ସ୍ତିଫାନଙ୍କ ଉପରକୁ ପଥର ଫୋପାଡୁଥିବା ସମୟରେ ସେ ପ୍ରାର୍ଥନା କରି କହିଲେ, "ହେ ପ୍ରଭୁ ଯୀଶୁ ମୋର ଆତ୍ମା ଗ୍ରହଣ କର ।"

60ପୁଣି ସେ ଆଣ୍ଠୋଇପଡ଼ି ଉଚ୍ଚ ସ୍ୱରରେ ଈଶ୍ୱରଙ୍କୁ କହିଲେ, "ହେ ପ୍ରଭୁ, ଏମାନଙ୍କର ଏହି ପାପ ସେମାନଙ୍କ ବିରୁଦ୍ଧରେ ଧର ନାହିଁ" । ଏହା କହି ସେ ପ୍ରାଣତ୍ୟାଗ କଲେ ।

# 8

## ତାଡ଼ନା ହେବାରୁ ବିଶ୍ୱାସୀମାନେ ଛିନ୍ନଭିନ୍ନ ହେଲେ

1ସ୍ତିଫାନଙ୍କୁ ହତ୍ୟା କରିବାରେ ଶାଉଲ ରାଜି ଥିଲେ । ସେହିଦିନ ଯିରୁଶାଲମ ନଗରରେ ଥିବା ମଣ୍ଡଳୀ ପ୍ରତି ବହୁତ ତାଡ଼ନା ଘଟିଲା । ସେଥିଯୋଗୁଁ ପ୍ରେରିତମାନଙ୍କ ଛଡ଼ା ଅନ୍ୟ ସମସ୍ତ ବିଶ୍ୱାସୀ ଯିହୁଦା ପ୍ରଦେଶ ଓ ଶମିରୋଣ ଅଞ୍ଚଳଗୁଡ଼ିକର ଚାରିଆଡ଼େ ଚାଲିଗଲେ । 2ଈଶ୍ୱରଙ୍କ କିଛି ଭକ୍ତ ସ୍ତିଫାନଙ୍କୁ ସମାଧି ଦେଲେ ଓ ତାଙ୍କ ପାଇଁ ବହୁତ କାନ୍ଦିଲେ । 3କିନ୍ତୁ ଶାଉଲ ମଣ୍ଡଳୀକୁ ଧ୍ୱଂସ କରିବାକୁ ସବୁଆଡ଼େ ଯାଇ ଘରେ ଘରେ ପଶି ଉଭୟ ପୁରୁଷ ଓ ସ୍ତ୍ରୀଲୋକମାନଙ୍କୁ ଧରି ଆଣି ବନ୍ଦୀଶାଳାରେ ରଖୁଥିଲେ ।

## ଫିଲିପ୍‌ପ ଶମିରୋଣକୁ ଯାଇ ପ୍ରଚାର କଲେ

4ତାଡ଼ନା ଘଟିବା ଯୋଗୁଁ ଯେଉଁମାନେ ଛିନ୍ନଭିନ୍ନ ହେଲେ, ସେମାନେ ଯାଉ ଯାଉ ସୁସମାଚାର ପ୍ରଚାର କଲେ । 5ଫିଲିପ୍‌ପ ଶମିରୋଣ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ[z] ବିଷୟରେ ପ୍ରଚାର କଲେ । 6ଲୋକମାନେ ଫିଲିପ୍‌ପଙ୍କ ପ୍ରଚାର ଶୁଣି ଓ ସେ ଯେଉଁ ଆଶ୍ଚର୍ଯ୍ୟ କର୍ମସବୁ କଲେ, ସେସବୁ ଦେଖି ତାଙ୍କ ଶିକ୍ଷା ପ୍ରତି ମନ ଦେବାକୁ ଲାଗିଲେ । 7କାରଣ ଯେଉଁମାନଙ୍କୁ ଭୂତ ଆତ୍ମା ଧରିଥିଲା, ସେମାନଙ୍କଠାରୁ ସେହି ଭୂତ ଆତ୍ମାଗୁଡ଼ିକ ପାଟିକରି ବାହାରି ଯାଉଥିଲା, ପୁଣି ବହୁ ପକ୍ଷାଘାତ ରୋଗୀ ଓ ଛୋଟା ଲୋକ ସୁସ୍ଥ ହେଲେ । 8ସେଥିରେ ସେହି ନଗରର ଲୋକମାନେ ବହୁତ ଆନନ୍ଦ କଲେ ।

9ଆଗରୁ ତନ୍ତ୍ରମନ୍ତ୍ର କରି ଆସିଥିବା ଶିମୋନ ନାମକ ଜଣେ ଲୋକ ସେହି ନଗରରେ ଥିଲା । ସେ ଶମିରୋଣ ଅଞ୍ଚଳର ଲୋକମାନଙ୍କୁ ବିଭିନ୍ନ ପ୍ରକାରେ ଆଶ୍ଚର୍ଯ୍ୟ କରି ନିଜକୁ ଜଣେ ବହୁତ ବଡ଼ ଲୋକ ବୋଲି କହି ଆସୁଥିଲା । 10ସାନଠାରୁ ବଡ଼ ଯାଏଁ ସମସ୍ତେ ତାଙ୍କୁ ଗୁରୁତ୍ୱ ଦେଉଥିଲେ, କାରଣ ସେ 'ମହାନ' ବା 'ଈଶ୍ୱରଙ୍କ ଶକ୍ତି' ବୋଲି ସେମାନେ ବିଶ୍ୱାସ କରୁଥିଲେ । 11ସେ ବହୁ ବର୍ଷ ଧରି ନିଜର ତନ୍ତ୍ରମନ୍ତ୍ର ଦ୍ୱାରା ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରି ଆସୁଥିବାରୁ, ଲୋକମାନେ ତାଙ୍କୁ ଗୁରୁତ୍ୱ ଦେଉଥିଲେ ।

12କିନ୍ତୁ ଫିଲିପ୍‌ପ ଈଶ୍ୱରଙ୍କ ରାଜ୍ୟର ସୁସମାଚାର ଓ ଯୀଶୁଖ୍ରୀଷ୍ଟଙ୍କ ନାମ ପ୍ରଚାର କରିବାରୁ ଲୋକମାନେ ତାହା ବିଶ୍ୱାସ କଲେ; ପୁଣି ଉଭୟ ପୁରୁଷ ଓ ସ୍ତ୍ରୀଲୋକମାନେ ଡୁବନ ନେବାକୁ ଲାଗିଲେ । 13ପୁଣି ଶିମୋନ ମଧ୍ୟ ସେହି ସୁସମାଚାରରେ ବିଶ୍ୱାସ କଲେ ଓ ଡୁବନ ନେଲେ ଏବଂ ଫିଲିପ୍‌ପଙ୍କ ସହିତ ରହି, ଫିଲିପ ଯେଉଁ ଆଡ଼େ ଗଲେ, ତାଙ୍କ ସହିତ ଗଲେ । ପୁଣି ସେ ଅଦ୍ଭୁତ ଚିହ୍ନ ଓ ମହା ଆଶ୍ଚର୍ଯ୍ୟ କର୍ମସବୁ ଦେଖି ଆଶ୍ଚର୍ଯ୍ୟ ହେଲେ ।

14ଯେତେବେଳେ ଯିରୁଶାଲମରେ ଥିବା ପ୍ରେରିତମାନେ ଶୁଣିଲେ ଯେ, ଶମିରୋଣ ଅଞ୍ଚଳର ଲୋକମାନେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରିଛନ୍ତି, ସେତେବେଳେ ସେମାନେ ପିତର ଓ ଯୋହନଙ୍କୁ ସେମାନଙ୍କ ନିକଟକୁ ପଠାଇଲେ । 15ସେମାନେ ଯାଇ ସେହି ଲୋକମାନେ ଯେପରି ପବିତ୍ର ଆତ୍ମାଙ୍କୁ ପାଇବେ ସେଥିପାଇଁ ପ୍ରାର୍ଥନା କଲେ । 16କାରଣ ସେଯାଏଁ ସେମାନଙ୍କ ମଧ୍ୟରୁ କାହା ଉପରକୁ ପବିତ୍ର ଆତ୍ମା ଆସି ନ ଥିଲେ, ସେମାନେ କେବଳ ପ୍ରଭୁ

---

[z]**8.5** ପ୍ରେରିତ ୨:୩୧

ଯୀଶୁଙ୍କ ନାମରେ ଡୁବନ ନେଇଥିଲେ । [17]ଯେତେବେଳେ ପିତର
ଓ ଯୋହନ ସେମାନଙ୍କ ଉପରେ ହାତ ରଖି[a] ପ୍ରାର୍ଥନା କଲେ,
ସେମାନେ ପବିତ୍ର ଆତ୍ମାଙ୍କୁ ପାଇଲେ[b] ।

[18]ଯେତେବେଳେ ଶିମୋନ ଦେଖିଲେ ଯେ, ପ୍ରେରିତମାନେ ଲୋକମାନଙ୍କ ଉପରେ ହାତ ରଖି ପ୍ରାର୍ଥନା କଲେ, ଈଶ୍ୱର ସେମାନଙ୍କୁ ପବିତ୍ର ଆତ୍ମାଙ୍କୁ ଦେଉଅଛନ୍ତି, ସେତେବେଳେ ସେ ପ୍ରେରିତମାନଙ୍କୁ ଟଙ୍କା ଯାଚି କହିଲେ,
[19]"ଆପଣମାନେ ମୋତେ ମଧ୍ୟ ଏହି ଶକ୍ତି ଦିଅନ୍ତୁ, ଯେପରି ମୁଁ ମଧ୍ୟ କାହା ଉପରେ ହାତ ରଖି ପ୍ରାର୍ଥନା କଲେ ସେହି ଲୋକ ପବିତ୍ର ଆତ୍ମାଙ୍କୁ ପାଇବ" ।

[20]ଏହା ଶୁଣି ପିତର ତାଙ୍କୁ କହିଲେ, "ତୁମର ଟଙ୍କା ତୁମ ସହିତ ନଷ୍ଟ ହେଉ, କାରଣ ତୁମେ ଭାବୁଛ ଯେ, ତୁମେ ଟଙ୍କା ଦେଇ ଈଶ୍ୱରଙ୍କ ଏହି ଦାନ କିଣି ପାରିବ ।
[21]ଏହି ବିଷୟରେ ତୁମର କିଛି ଭାଗ କି ଅଂଶ ନାହିଁ; କାରଣ ଈଶ୍ୱରଙ୍କ ଆଗରେ ତୁମର ହୃଦୟ ଠିକ୍ ନୁହେଁ ।
[22]ତୁମର ଏହି ଦୁଷ୍ଟତା ପାଇଁ ଅନୁତାପ କର ଓ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର, ଯାହା ଦ୍ୱାରା ହୋଇପାରେ ତୁମେ ତୁମର ମନ୍ଦ ଚିନ୍ତା ପାଇଁ କ୍ଷମା ପାଇ ପାର ।
[23]କାରଣ ମୁଁ ଦେଖୁଅଛି ଯେ, ତୁମର ହୃଦୟ ବହୁତ ଈର୍ଷାରେ ପୂର୍ଣ୍ଣ ହୋଇଅଛି ଓ ଅଧର୍ମ ତୁମକୁ ବାନ୍ଧି ରଖିଅଛି ।"

[24]ସେଥିରେ ଶିମୋନ ତାହାଙ୍କୁ ଅନୁରୋଧ କରି କହିଲେ, "ଆପଣ ଦୟାକରି ମୋ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ଦିଅନ୍ତୁ, ଯେପରି ଆପଣ ଯେଉଁ ସମସ୍ତ କଥା ମୋ ବିଷୟରେ କହିଲେ, ସେସବୁ କିଛି ମୋ ପ୍ରତି ଘଟିବ ନାହିଁ ।"

[25]ପିତର ଓ ଯୋହନ ପ୍ରଭୁଙ୍କ ବିଷୟରେ ସାକ୍ଷ୍ୟ ଦେଇ ଓ ପ୍ରଚାର କରି, ଶମିରୋଣ ଅଞ୍ଚଳର ଅନେକ ଗ୍ରାମରେ ସୁସମାଚାର ପ୍ରଚାର କରୁ କରୁ ଯିରୁଶାଲମ ନଗରକୁ ଫେରିଲେ ।

## ଫିଲିପ୍ପ ଇଥିଓପିଆ ଦେଶର ନପୁଂସକଙ୍କ ନିକଟରେ ପ୍ରଚାର କଲେ

[26]ପ୍ରଭୁଙ୍କର ଜଣେ ଦୂତ ଫିଲିପ୍ପଙ୍କୁ କହିଲେ, "ଉଠ, ଦକ୍ଷିଣ ଦିଗର ମରୁଭୂମିରେ ଯେଉଁ ରାସ୍ତା ଯିରୁଶାଲମ ନଗରରୁ ଗଜ୍ଜା ଅଞ୍ଚଳ ଆଡ଼କୁ ଯାଇଛି, ସେହି ରାସ୍ତାକୁ ଯାଅ" ।
[27]ସେଥିରେ ଫିଲିପ୍ପ ଉଠି ସେହି ରାସ୍ତାକୁ ଚାଲିଗଲେ । ସେହି ସମୟରେ ଇଥିଓପିଆ[c] ଦେଶର ରାଣୀ କାଣ୍ଡାକିଙ୍କର ସମସ୍ତ ଧନସମ୍ପତ୍ତି ଦାୟିତ୍ୱରେ ଥିବା ଜଣେ ଉଚ୍ଚପଦସ୍ଥ ନପୁଂସକ[d] ଯିରୁଶାଲମ ମନ୍ଦିରକୁ ଆସି ଉପାସନା କରି ଫେରୁଥିଲେ ।
[28]ସେ ନିଜ ରଥରେ ବସି ଫେରିଯାଉଥିବା ସମୟରେ ଯିଶାଇୟ ଭାବବାଦୀ ଲେଖିଥିବା ପୁସ୍ତକ ପାଠ କରୁଥିଲେ ।

[29]ପୁଣି ପବିତ୍ର ଆତ୍ମା ଫିଲିପ୍ପଙ୍କୁ କହିଲେ, "ତୁମେ ଏହି ରଥ ନିକଟକୁ ଯାଇ ତାହାର ପାଖେ ପାଖେ ଯାଅ" ।

[30]ସେଥିରେ ଫିଲିପ୍ପ ସେହି ରଥ ନିକଟକୁ ଧାଇଁଗଲେ ଓ ସେହି ନପୁଂସକ ଯିଶାଇୟ ଭାବବାଦୀ ଲେଖିଥିବା ପୁସ୍ତକ ପାଠ କରୁଥିବାର ଶୁଣି ତାହାଙ୍କୁ ପଚାରିଲେ, "ଆପଣ ଯାହା ପାଠ କରୁଛନ୍ତି, ତାହା ବୁଝି ପାରୁଛନ୍ତି କି ?"

[31]ସେହି ଲୋକ ଉତ୍ତର ଦେଲେ, "ମୋତେ କେହି ବୁଝାଇ ନ ଦେଲେ ମୁଁ ଏହା କିପରି ବୁଝି ପାରିବି ?" ଏହାପରେ ସେ ଫିଲିପ୍ପଙ୍କୁ ରଥ ଉପରକୁ ଆସି ତାଙ୍କ ପାଖରେ ବସିବାକୁ ଅନୁରୋଧ କଲେ ।

[32]ଯିଶାଇୟ ଭାବବାଦୀ ଲେଖିଥିବା ଶାସ୍ତ୍ରର ଯେଉଁ ଅଂଶ ସେ ପାଠ କରୁଥିଲେ ତାହା ଏପରି ଥିଲା:

ଲୋକମାନେ ମେଣ୍ଢାକୁ ହତ୍ୟା କରିବାକୁ ନେବା ପରି
ତାହାଙ୍କୁ ନେଇଗଲେ,
ପୁଣି ମେଣ୍ଢାଲୋମ କାଟିବା ଲୋକମାନଙ୍କ ଆଗରେ
ମେଣ୍ଢା ଯେପରି ପାଟି ଫିଟାଏ ନାହିଁ,
ସେପରି ସେ ମଧ୍ୟ ନିଜ ପାଟି ଫିଟାଇଲେ ନାହିଁ ।
[33]ସେ ଅପମାନିତ ହେଲେ ଓ ତାହାଙ୍କୁ ନ୍ୟାୟ ମିଳିଲା ନାହିଁ ।
ତାହାଙ୍କ ବଂଶଧରଙ୍କ କଥା କିଏ କହି ପାରିବ ?

---

[a]**8.17** ହସ୍ତାର୍ପଣ କରି

[b]**8.17** ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ

[c]**8.27** କୁଶ

[d]**8.27** ଅଣ୍ଡକୋଷ କଟାଯାଇଥିବା ପୁରୁଷ ଲୋକ, ଯାହାର ସନ୍ତାନ ଉତ୍ପନ୍ନ କରିବାର ଶକ୍ତି ନ ଥାଏ ।

କାରଣ ତାଙ୍କର ଜୀବନ ପୃଥିବୀରୁ ନିଆଗଲା[e] ।

[34]ଏହା ଶୁଣି ନପୁଂସକ ଫିଲିପ୍‌ପଙ୍କୁ ପଚାରିଲେ, "ଭାବବାଦୀ
ଏହା ନିଜ ବିଷୟରେ ନା ଅନ୍ୟ କାହା ବିଷୟରେ କହୁଛନ୍ତି, ତାହା
ମୋତେ କୁହନ୍ତୁ ।" [35]ସେଥିରେ ନପୁଂସକ ଶାସ୍ତ୍ରର ଯେଉଁ ଅଂଶ
ପାଠ କରୁଥିଲେ, ସେହି ଅଂଶରୁ ଆରମ୍ଭ କରି ଫିଲିପ୍‌ପ ଯୀଶୁଙ୍କ
ସୁସମାଚାର ତାଙ୍କ ନିକଟରେ ପ୍ରଚାର କଲେ ।

[36]ଆଉ ସେମାନେ ରାସ୍ତାରେ ଯାଉ ଯାଉ ପାଣି ଥିବା ଗୋଟିଏ
ଜାଗାରେ ପହଞ୍ଚିଲେ, ସେଥିରେ ନପୁଂସକ ଫିଲିପ୍‌ପଙ୍କୁ କହିଲେ,
"ଦେଖନ୍ତୁ, ଏଠାରେ ତ ପାଣି ଅଛି, ମୋର ବୁଡ଼ନ ନେବାରେ କିଛି
ବାଧା ଅଛି କି ?" [37][ଫିଲିପ୍‌ପ ଉତ୍ତର ଦେଲେ, ଯଦି ଆପଣ
ସମ୍ପୂର୍ଣ୍ଣ ହୃଦୟରେ ସୁସମାଚାର ବିଶ୍ୱାସ କରନ୍ତି, ତେବେ ବୁଡ଼ନ
ନେଇପାରନ୍ତି । ସେଥିରେ ନପୁଂସକ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ
ଯେ ଈଶ୍ୱରଙ୍କ ପୁତ୍ର, ଏହା ମୁଁ ବିଶ୍ୱାସ କରୁଅଛି ।][f] [38]ପୁଣି
ନପୁଂସକ ନିଜର ରଥ ଅଟକାଇବାକୁ ଆଦେଶ ଦେଲେ, ଆଉ
ଫିଲିପ୍‌ପ ଓ ନପୁଂସକ ଉଭୟ ପାଣି ଭିତରକୁ ଗଲେ, ପୁଣି
ଫିଲିପ୍‌ପ ତାଙ୍କୁ ବୁଡ଼ନ ଦେଲେ ।

[39]ସେମାନେ ପାଣି ଭିତରୁ ବାହାରି ଆସିବା ପରେ, ପ୍ରଭୁଙ୍କର
ଆତ୍ମା ଫିଲିପ୍‌ପଙ୍କୁ ହଠାତ୍ ସେହି ସ୍ଥାନରୁ ନେଇଗଲେ, ଏଣୁ
ନପୁଂସକ ତାଙ୍କୁ ଆଉ ଦେଖି ପାରିଲେ ନାହିଁ, ତଥାପି ସେ ଆନନ୍ଦ
କରୁ କରୁ ନିଜ ପଥରେ ଫେରିଗଲେ । [40]ପୁଣି ଫିଲିପ୍‌ପ
ଦେଖିଲେ ଯେ, ପ୍ରଭୁଙ୍କ ଆତ୍ମା ତାଙ୍କୁ ଅସ୍‌ଦୋଦ ଅଞ୍ଚଳକୁ
ଆଣିଛନ୍ତି । ଆଉ ଫିଲିପ୍‌ପ କାଇସର ଅଞ୍ଚଳରେ ପହଞ୍ଚିବା ଯାଏଁ
ନଗରେ ନଗରେ ସୁସମାଚାର ପ୍ରଚାର କଲେ ।

# 9

## ଶାଉଲଙ୍କର ପରିବର୍ତ୍ତନ ହେଲା

[1]କିନ୍ତୁ ଶାଉଲ ସେହି ସମୟରେ ପ୍ରଭୁଙ୍କ ଶିଷ୍ୟମାନଙ୍କୁ ସର୍ବଦା
ଭୟ ଦେଖାଇ ହତ୍ୟା କରିବାକୁ ଧମକ ଦେଉଥିଲେ ଓ ସେ
ଯିହୁଦୀ ଧର୍ମର ମହାଯାଜକଙ୍କ ନିକଟକୁ ଗଲେ । [2]ଯୀଶୁଖ୍ରୀଷ୍ଟ
ଶିକ୍ଷା ଦେଇଥିବା ପଥରେ ଚାଲୁଥିବା ଯେକୌଣସି ସ୍ତ୍ରୀ କିମ୍ବା
ପୁରୁଷଲୋକକୁ ପାଇଲେ, ସେ ସେମାନଙ୍କୁ ବାନ୍ଧି ଯିରୂଶାଲମ
ନଗରକୁ ଆଣିବା ପାଇଁ ଚାହୁଁଥିଲେ । ଦମ୍ମେସକ ଅଞ୍ଚଳର
ଉପାସନାଗୃହଗୁଡ଼ିକ ତାଙ୍କୁ ସେଥିରେ ସହଯୋଗ କରିବା ପାଇଁ
ଚିଠି ଲେଖିବାକୁ ସେ ମହାଯାଜକଙ୍କୁ ଅନୁରୋଧ କଲେ ।

[3]ଶାଉଲ ସେହି ଚିଠି ନେଇ ଯାଉଥିବା ସମୟରେ,
ଯେତେବେଳେ ଦମ୍ମେସକ ଅଞ୍ଚଳ ନିକଟରେ ପହଞ୍ଚିଲେ,
ସେତେବେଳେ ସ୍ୱର୍ଗରୁ ହଠାତ୍ ତାଙ୍କ ଚାରିଆଡ଼େ ଅତି ଉଜ୍ଜ୍ୱଳ
ଆଲୁଅ ପଡ଼ିଲା । [4]ସେଥିରେ ସେ ଭୂମିରେ ପଡ଼ିଗଲେ ଓ କେହି
ତାଙ୍କୁ କହିବାର ଶୁଣିଲେ,

"ହେ ଶାଉଲ, ହେ ଶାଉଲ,
ତୁମେ କାହିଁକି ଆମ୍ଭକୁ ତାଡ଼ନା କରୁଅଛ ?"

[5]ଶାଉଲ ପଚାରିଲେ, "ହେ ପ୍ରଭୁ, ଆପଣ କିଏ ?" ସେ
କହିଲେ, "ତୁମେ ଯାହାକୁ ତାଡ଼ନା କରୁଅଛ ଆମ୍ଭେ ସେହି ଯୀଶୁ"
[6]ପ୍ରଭୁ ତାଙ୍କୁ କହିଲେ, " ଏବେ ତୁମେ ଉଠ, ଦମ୍ମେସକ ନଗର
ଭିତରକୁ ଯାଅ । ଆଉ ତୁମକୁ କଅଣ କରିବାକୁ ହେବ, ତାହା
ତୁମକୁ କୁହାଯିବ ।"

[7]ସେତେବେଳେ ଯେଉଁ ଲୋକମାନେ ଶାଉଲଙ୍କ ସହିତ
ଯାଉଥିଲେ, ସେମାନେ ସେହି ସ୍ୱର ଶୁଣିଲେ କିନ୍ତୁ କାହାକୁ ଦେଖି
ପାରିଲେ ନାହିଁ, ତେଣୁ ସେମାନେ ନୀରବ ହୋଇ ଠିଆହୋଇ
ରହିଲେ । [8]ଶାଉଲ ଭୂମିରୁ ଉଠି ନିଜର ଆଖି ଫିଟାଇଲେ, ମାତ୍ର
ସେ କିଛି ଦେଖି ପାରିଲେ ନାହିଁ । ତେଣୁ ଶାଉଲଙ୍କ ସହିତ
ଯାଉଥିବା ଲୋକମାନେ ତାଙ୍କୁ ହାତ ଧରି ଦମ୍ମେସକ ନଗର
ଭିତରକୁ ନେଇଗଲେ । [9]ଆଉ ସେ ସେଠାରେ ତିନି ଦିନ ଯାଏଁ
ଅନ୍ଧ ହୋଇ ରହିଲେ ପୁଣି କିଛି ଖାଇଲେ ନାହିଁ କିମ୍ବା ପିଇଲେ
ନାହିଁ ।

[10]ସେତେବେଳେ ଦମ୍ମେସକ ନଗରରେ ହନନିୟ ନାମକ
ଯୀଶୁଙ୍କର ଜଣେ ଶିଷ୍ୟ ରହୁଥିଲେ । ପ୍ରଭୁ ତାହାଙ୍କୁ ଦର୍ଶନ ଦେଇ
ଡାକିଲେ, "ହେ ହନନିୟ" । ସେଥିରେ ହନନିୟ ଉତ୍ତର ଦେଲେ,
"ହେ ପ୍ରଭୁ, କୁହନ୍ତୁ, ମୁଁ ଶୁଣୁଅଛି ।"

---

[e]**8.33** ଯିଶାଇୟ ୫୩:୭-୮

[f]**8.37** ପ୍ରାଚୀନ ଗ୍ରୀକ୍ ପାଣ୍ଡୁଲିପିରେ ଏହି ଅଂଶ ନାହିଁ, ମାତ୍ର ପରବର୍ତ୍ତୀ ସମୟର ପାଣ୍ଡୁଲିପିରେ ଅଛି ।

[11]ପୁଣି ପ୍ରଭୁ ତାହାଙ୍କୁ କହିଲେ, "ତୁମେ ଏବେ ଉଠ, ପୁଣି ସଳଖ
ନାମକ ରାସ୍ତାକୁ ଯାଅ । ସେଠାରେ ପହଞ୍ଚି, ଯିହୂଦାଙ୍କ ଘରେ ତାର୍ଷ
ନଗରର ଶାଉଲ ନାମକ ଯେଉଁ ଲୋକ ଅଛନ୍ତି, ତାଙ୍କୁ ଖୋଜ;
କାରଣ ସେହି ଲୋକ ଏବେ ଆମ୍ଭଠାରେ ପ୍ରାର୍ଥନା କରୁଅଛି ।
[12]ଆଉ ସେ ଯେପରି ଦେଖି ପାରିବ, ସେଥିପାଇଁ ହନନିୟ ନାମକ
ଜଣେ ଲୋକ ଆସି ତାଙ୍କ ଉପରେ ହାତ ରଖିବେ ବୋଲି ସେ
ଦର୍ଶନ ଦେଖିଅଛି ।"

[13]କିନ୍ତୁ ହନନିୟ କହିଲେ, "ପ୍ରଭୁ, ଏହି ଲୋକ ଯିରୁଶାଲମ
ନଗରର ତୁମ୍ଭର ସାଧୁଭକ୍ତମାନଙ୍କୁ କେତେ କଷ୍ଟ ଦେଇଅଛି, ତାହା
ମୁଁ ଅନେକ ଲୋକଙ୍କଠାରୁ ଶୁଣିଅଛି । [14]ପୁଣି ଯେତେଲୋକ
ତୁମ୍ଭର ନାମ ଧରି ପ୍ରାର୍ଥନା କରନ୍ତି, ସେମାନଙ୍କୁ ବାନ୍ଧିନେବାକୁ ଏହି
ଲୋକ ପ୍ରଧାନ ଯାଜକମାନଙ୍କଠାରୁ ଅଧିକାର ପାଇଅଛି ।"

[15]କିନ୍ତୁ, ପ୍ରଭୁ ହନନିୟଙ୍କୁ କହିଲେ, "ତୁମେ ଅବଶ୍ୟ ତାଙ୍କ
ପାଖକୁ ଯାଅ, କାରଣ, ଅଣ-ଯିହୁଦୀଲୋକ, ଇସ୍ରାଏଲ ଲୋକ ଓ
ରାଜାମାନଙ୍କ ଆଗରେ ଆମ୍ଭ ନାମର ସମ୍ବାଦ ବହନ କରିବାକୁ ସେ
ଆମ୍ଭର ମନୋନୀତ ବ୍ୟକ୍ତି । [16]ଆମ୍ଭର ନାମ ପ୍ରଚାର କରିବା
ଯୋଗୁଁ ସେ ଅବଶ୍ୟ କେତେ ଦୁଃଖ ପାଇବ, ସେ ବିଷୟରେ
ଆମ୍ଭେ ତାହାକୁ ଜଣାଇବା ।" [17]ସେଥିରେ ହନନିୟ ଯାଇ ଯେଉଁ
ଘରେ ଶାଉଲ ଥିଲେ, ସେହି ଘରେ ପଶିଲେ । ପୁଣି ଶାଉଲଙ୍କ
ଉପରେ ହାତ ରଖି କହିଲେ, "ଶାଉଲ ଭାଇ, ଯେଉଁ ପ୍ରଭୁ ଯୀଶୁ
ଆପଣଙ୍କର ଆସିବା ରାସ୍ତାରେ ଆପଣଙ୍କୁ ଦର୍ଶନ ଦେଲେ, ସେ
ମୋତେ ପଠାଇଛନ୍ତି, ଯେପରି ଆପଣ ଆଉ ଥରେ ଦେଖି
ପାରିବେ, ପୁଣି ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇପାରିବେ ।"
[18]ସେହିକ୍ଷଣି ଶାଉଲଙ୍କ ଆଖିରୁ ମାଛର କାତି ପରି କିଛି
ଖସିପଡ଼ିଲା ଓ ସେ ପୁଣି ଥରେ ଦେଖି ପାରିଲେ । ତାପରେ ସେ
ଉଠି ଡୁବନ ନେଲେ । [19]ପରେ ସେ କିଛି ଖାଦ୍ୟ ଖାଇଲେ ଓ ବଳ
ପାଇଲେ । ଏହାପରେ ସେ ଦମ୍ମେସକ ନଗରରେ ଥିବା
ବିଶ୍ୱାସୀମାନଙ୍କ ସହିତ କିଛି ଦିନ ରହିଲେ । [20]ପୁଣି ସେ ସଙ୍ଗେ
ସଙ୍ଗେ ଉପାସନା ଗୃହଗୁଡ଼ିକୁ ଯାଇ ପ୍ରଚାର କରି କହିବାକୁ
ଲାଗିଲେ, "ଯୀଶୁ ହେଉଛନ୍ତି ଈଶ୍ୱରଙ୍କର ଅନାଦି ଅନନ୍ତ ପୁତ୍ର ।"

[21]ଆଉ ଯେତେଲୋକ ଶାଉଲଙ୍କ କଥା ଶୁଣୁଥିଲେ, ସେମାନେ
ସମସ୍ତେ ଆଶ୍ଚର୍ଯ୍ୟ ହୋଇ କହିବାକୁ ଲାଗିଲେ, "ଏ କଅଣ ସେହି
ଲୋକ ନୁହେଁ, ଯିଏ ଯିରୁଶାଲମ ନଗରରେ ଯୀଶୁଙ୍କ ପଥରେ
ଯାଉଥିବା ଲୋକମାନଙ୍କୁ ବିନାଶ କରୁଥିଲା ? ଆଉ ସେମାନଙ୍କୁ
ବାନ୍ଧି ପ୍ରଧାନ ଯାଜକମାନଙ୍କ ନିକଟକୁ ନେବାପାଇଁ ସେ କଅଣ
ଏହି ସ୍ଥାନକୁ ଆସିନାହିଁ ?"

[22]କିନ୍ତୁ ଶାଉଲ ଶକ୍ତିରେ ବୃଦ୍ଧି ପାଇବାକୁ ଲାଗିଲେ ପୁଣି ଯୀଶୁ
ଯେ ଖ୍ରୀଷ୍ଟ[g] ଅଟନ୍ତି, ଏହା ପ୍ରମାଣ କରୁଥିଲେ । ସେଥିରେ
ଦମ୍ମେସକ ଅଞ୍ଚଳରେ ବାସ କରୁଥିବା ଯିହୁଦୀ ଧର୍ମର
ଲୋକମାନେ ତାଙ୍କୁ ଆଉ ଉତ୍ତର ଦେଇ ପାରୁ ନ ଥିଲେ । [23]କିଛି
ଦିନ ପରେ ଯିହୁଦୀ ଧର୍ମର ଲୋକମାନେ ଶାଉଲଙ୍କୁ ହତ୍ୟା
କରିବାକୁ ଷଡ଼ଯନ୍ତ୍ର କଲେ । [24]ସେମାନେ ତାହାଙ୍କୁ ହତ୍ୟା
କରିବାକୁ ନଗର ଦ୍ୱାରରେ ଦିନରାତି ଜଗି ରହୁଥିଲେ । କିନ୍ତୁ
ଶାଉଲ ସେମାନଙ୍କର ଷଡ଼ଯନ୍ତ୍ର ଜାଣି ପାରିଲେ । [25]ତେଣୁ
ଶାଉଲଙ୍କର ଶିଷ୍ୟମାନେ ରାତିରେ ତାଙ୍କୁ ଏକ ବଡ଼ ଟୋକେଇରେ
ବସାଇ ପ୍ରାଚୀର ଦେଇ ଆର ପଟକୁ ଓହ୍ଲାଇଦେଲେ ।

[26]ପୁଣି ସେ ଯିରୁଶାଲମକୁ ଯାଇ, ସେଠାରେ ଥିବା ଶିଷ୍ୟମାନଙ୍କ
ସହିତ ମିଶିବାକୁ ଚେଷ୍ଟାକଲେ । କିନ୍ତୁ ସେମାନେ ସମସ୍ତେ ତାହାଙ୍କୁ
ଡରିଲେ, କାରଣ ସେ ମଧ୍ୟ ଯୀଶୁଙ୍କର ଶିଷ୍ୟ ହୋଇଛନ୍ତି, ତାହା
ସେମାନେ ବିଶ୍ୱାସ କରୁ ନ ଥିଲେ । [27]କିନ୍ତୁ ବର୍ଣ୍ଣବାସ ତାଙ୍କୁ
ସାଥିରେ ନେଇ ପ୍ରେରିତମାନଙ୍କ ନିକଟକୁ ଗଲେ । ପୁଣି
ଦମ୍ମେସକ ନଗରକୁ ଯାଉଥିବା ରାସ୍ତାରେ ଶାଉଲ ପ୍ରଭୁଙ୍କୁ
ଦେଖିଥିବା କଥା ଓ ପ୍ରଭୁ ତାହାଙ୍କ ସହିତ କଥା ହୋଇଥିବା ବିଷୟ
ସହିତ ସେ ଦମ୍ମେସକ ଅଞ୍ଚଳରେ ଯୀଶୁଙ୍କ ନାମରେ ସାହସର
ସହିତ ପ୍ରଚାର କରିଥିବା କଥା ବର୍ଣ୍ଣବାସ ପ୍ରେରିତମାନଙ୍କୁ କହିଲେ
।

[28]ତେଣୁ ଶାଉଲ ପ୍ରେରିତମାନଙ୍କ ସହିତ ରହି ଯିରୁଶାଲମ
ନଗରର ଚାରିଆଡ଼େ ଯାଇ ସାହସର ସହିତ ପ୍ରଭୁଯୀଶୁଙ୍କ
ନାମରେ ବାକ୍ୟ କହିବାକୁ ଲାଗିଲେ । [29]ସେ ଗ୍ରୀକ୍ ଭାଷା
କହୁଥିବା ଯିହୁଦୀ ଧର୍ମର ଲୋକମାନଙ୍କ ସହିତ ଯୁକ୍ତିତର୍କ

---

[g]**9.22** ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦର ଅର୍ଥ 'ଈଶ୍ୱରଙ୍କ ଅଭିଷିକ୍ତ ବା ମନୋନୀତ ବ୍ୟକ୍ତି, ଯାହାଙ୍କୁ ଈଶ୍ୱର ଏହି ଜଗତର ପରିତ୍ରାଣ ନିମନ୍ତେ ପଠାଇଲେ ।'

କରୁଥିଲେ, କିନ୍ତୁ ସେମାନେ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟାକଲେ ।
30ଯେତେବେଳେ ବିଶ୍ୱାସୀ ଭାଇମାନେ ଏହି କଥା ଜାଣିଲେ,
ସେମାନେ ତାଙ୍କୁ କାଇସରିଆ ଅଞ୍ଚଳକୁ ନେଇଯାଇ ତାଙ୍କର
ଜନ୍ମସ୍ଥାନ ତାର୍ଷ ନଗରକୁ ପଠାଇଲେ ।

31ଯାହାଫଳରେ ଯିହୁଦା ପ୍ରଦେଶ, ଗାଲିଲୀ ଓ ଶମିରୋଣ
ଅଞ୍ଚଳର ସମସ୍ତ ମଣ୍ଡଳୀ ଶାନ୍ତିରେ ରହିଲେ ଓ ଶକ୍ତିଯୁକ୍ତ ହେବାକୁ
ଲାଗିଲେ । ପୁଣି ପ୍ରଭୁଙ୍କୁ ଭୟକରି ଓ ପବିତ୍ର ଆତ୍ମାଙ୍କ ସାନ୍ତ୍ୱନାରେ
ଜୀବନ ଯାପନ କରି ବିଶ୍ୱାସୀମାନେ ସଂଖ୍ୟାରେ ବଢ଼ିବାକୁ
ଲାଗିଲେ ।

### ପିତର ଏନିୟଙ୍କୁ ସୁସ୍ଥ କଲେ ଓ ଦର୍କାଙ୍କୁ ମୃତ୍ୟୁରୁ ଉଠାଇଲେ

32ସେହି ସମୟରେ, ପିତର ସମସ୍ତ ଅଞ୍ଚଳ ବୁଲି ବୁଲି ପ୍ରଚାର
କରୁ କରୁ, ଲୁଦ ନଗରରେ ବାସ କରୁଥିବା ସାଧୁମାନଙ୍କ ନିକଟକୁ
ମଧ୍ୟ ଗଲେ । 33ସେଠାରେ ସେ ଏନିୟ ନାମକ ଜଣେ ଲୋକଙ୍କୁ
ଦେଖିଲେ, ଯିଏ ପକ୍ଷାଘାତ ରୋଗ ହୋଇଥିବାରୁ ଆଠ ବର୍ଷ ଧରି
ଶଯ୍ୟାରେ ଶୋଇ ରହିଥିଲେ । 34ପିତର ତାଙ୍କୁ କହିଲେ, "ଏନିୟ,
ଯୀଶୁଖ୍ରୀଷ୍ଟ ତୁମକୁ ସୁସ୍ଥ କରୁଅଛନ୍ତି । ଉଠ, ପୁଣି ତୁମେ
ଶୋଇଥିବା ଶେଯ ଗୁଡ଼ାଇ ରଖ ।" ତହିଁରେ ଏନିୟ ସଙ୍ଗେ ସଙ୍ଗେ
ସୁସ୍ଥ ହୋଇ ଠିଆହେଲେ । 35ଲୁଦ ଓ ଶାରୋଣ ନଗରଗୁଡ଼ିକରେ
ବାସ କରୁଥିବା ସମସ୍ତ ଲୋକ ସେ ସୁସ୍ଥ ହେବାର ଦେଖିଲେ ପୁଣି
ସେମାନେ ପ୍ରଭୁଙ୍କ ପ୍ରତି ଫେରିଲେ ।

36ଯାଫୋ ନଗରରେ ଟାବିଥା ନାମରେ ଜଣେ ଶିଷ୍ୟା ଥିଲେ ।
ଗ୍ରୀକ୍ ଭାଷାରେ ଟାବିଥାର ଅର୍ଥ ଦର୍କା ବା ହରିଣୀ । ସେ ଅନେକ
ଉତ୍ତମ କର୍ମ କରିବାରେ ଓ ଗରୀବମାନଙ୍କୁ ସାହାଯ୍ୟ କରିବାରେ
ସମୟ କାଟୁଥିଲେ । 37ସେହି ସମୟରେ ସେ ରୋଗରେ ପଡ଼ି
ମୃତ୍ୟୁବରଣ କଲେ । ସେଥିରେ ବିଶ୍ୱାସୀମାନେ ତାଙ୍କ ମୃତ
ଶରୀରକୁ ଗାଧୋଇ ଦେଇ ଘରର ଉପର କୋଠରୀରେ ଶୁଆଇ
ରଖିଲେ । 38ଶିଷ୍ୟମାନେ ଶୁଣିଲେ ଯେ, ପିତର ଲୁଦ ନଗରରେ
ଅଛନ୍ତି । ପୁଣି ଲୁଦ ନଗର ଯାଫୋ ନଗର ପାଖରେ ଥିବାରୁ,
ଶିଷ୍ୟମାନେ ପିତରଙ୍କ ନିକଟକୁ ଦୁଇ ଜଣ ଲୋକଙ୍କୁ ପଠାଇ
ଏପରି ଅନୁରୋଧ କଲେ, "ଆପଣ ଦୟାକରି ଅତିଶୀଘ୍ର
ଆମ୍ଭମାନଙ୍କ ନିକଟକୁ ଆସନ୍ତୁ ।"

39ତେଣୁ ପିତର ଉଠି ସେମାନଙ୍କ ସହିତ ଗଲେ । ପିତର
ସେଠାରେ ପହଞ୍ଚିବାରୁ ଶିଷ୍ୟମାନେ ତାଙ୍କୁ ସେହି ଉପର
କୋଠରୀକୁ ନେଇଗଲେ । ସେଠାରେ ବିଧବାମାନେ ପିତରଙ୍କ
ପାଖରେ ଠିଆହୋଇ କାନ୍ଦୁଥିଲେ । ପୁଣି ଦର୍କା ସେମାନଙ୍କ ସହିତ
ଥିବା ସମୟରେ ସେମାନଙ୍କ ପାଇଁ ଓ ଅନ୍ୟମାନଙ୍କ ପାଇଁ ଯେଉଁ
ପୋଷାକ ତିଆରି କରି ଦେଇଥିଲେ ସେସବୁ ସେମାନେ ପିତରଙ୍କୁ
ଦେଖାଇବାକୁ ଲାଗିଲେ । 40କିନ୍ତୁ ପିତର ସେଠାରେ ଥିବା
ସମସ୍ତଙ୍କୁ ବାହାରକୁ ଯିବାକୁ କହିଲେ ଓ ନିଜେ ଆଣ୍ଠୁମାଡ଼ି ପ୍ରାର୍ଥନା
କଲେ । ଏହାପରେ ପିତର ଟାବିଥାଙ୍କ ମୃତ ଶରୀର ଆଡ଼କୁ
ବୁଲିପଡ଼ି କହିଲେ, "ଟାବିଥା, ଉଠ" । ସେଥିରେ ଟାବିଥା ଆଖି
ଖୋଲିଲେ ଓ ପିତରଙ୍କୁ ଦେଖି ଉଠି ବସିଲେ । 41ପୁଣି ପିତର ନିଜ
ହାତରେ ଟାବିଥାଙ୍କୁ ଧରି ଉଠାଇଲେ ଓ ସେଠାରେ ଥିବା
ସାଧୁମାନଙ୍କୁ ଓ ବିଧବାମାନଙ୍କୁ ଡାକି ଟାବିଥା ବଞ୍ଚିଥିବାର
ଦେଖାଇଲେ ।

42ଏହି କଥା ଯାଫୋ ନଗରର ସବୁଲୋକ ଜାଣିଲେ ପୁଣି
ବହୁଲୋକ ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କଲେ । 43ପୁଣି ପିତର
ଯାଫୋ ନଗରରେ, ଶିମୋନ ନାମକ ଜଣେ ବ୍ୟକ୍ତିଙ୍କ ଘରେ ବହୁ
ଦିନ ଯାଏଁ ରହିଲେ । ସେହି ଶିମୋନ ଚମଡ଼ା କାମ କରୁଥିଲେ ।

# 10

### କର୍ଣ୍ଣେଲିଅଙ୍କ ଘରେ ପିତରଙ୍କ ପ୍ରଚାର

1କାଇସରିଆ ଅଞ୍ଚଳରେ କର୍ଣ୍ଣେଲିୟ ନାମକ ଜଣେ ଲୋକ
ଥିଲେ । ସେ ରୋମ୍ ସରକାରଙ୍କ ସୈନ୍ୟବାହିନୀର ଇଟାଲିକ
ନାମକ ଶହେ ଜଣ ସୈନ୍ୟଥିବା ଦଳର ସେନାପତି ଥିଲେ । 2ସେ
ଜଣେ ଈଶ୍ୱର ଭକ୍ତ ଥିଲେ । ତାଙ୍କ ପରିବାରର ସମସ୍ତେ ଈଶ୍ୱରଙ୍କୁ
ଭୟକରୁଥିଲେ । ସେ ଗରୀବ ଲୋକମାନଙ୍କୁ ଖୋଲା ହୃଦୟରେ
ଦାନ ଦେଉଥିଲେ, ପୁଣି ଈଶ୍ୱରଙ୍କ ନିକଟରେ ସବୁଦିନ[h] ପ୍ରାର୍ଥନା
କରୁଥିଲେ । 3ଦିନେ ଉପରଓଳି[i] ତିନି ଘଣ୍ଟା ସମୟରେ ସେ ସ୍ପଷ୍ଟ
ରୂପେ ଏକ ଦର୍ଶନରେ ଦେଖିଲେ, ପ୍ରଭୁଙ୍କର ଜଣେ ଦୂତ ତାଙ୍କ

---

[h]**10.2** ନିୟମିତ

[i]**10.3** ଅପରାହ୍ନ ସମୟରେ

ନିକଟକୁ ଆସିଲେ ଓ କହିଲେ, 'ହେ କର୍ଣ୍ଣେଲିୟ ।'

4ସେଥିରେ କର୍ଣ୍ଣେଲିୟ ଦୂତଙ୍କ ଆଡ଼କୁ ଅନାଇ ଡରି ଡରି
ପଚାରିଲେ, "ହେ ପ୍ରଭୁ, କଅଣ ?" ଦୂତ ତାହାଙ୍କୁ କହିଲେ,
"ତୁମର ପ୍ରାର୍ଥନା ଓ ତୁମେ ଗରୀବ ଲୋକମାନଙ୍କୁ ଯାହାସବୁ ଦାନ
କରିଅଛ, ସେସବୁ ନୈବେଦ୍ୟ ସ୍ୱରୂପେ ସ୍ୱର୍ଗକୁ ଉଠି ଈଶ୍ୱରଙ୍କ
ନିକଟରେ ପହଞ୍ଚିଅଛି ଓ ଈଶ୍ୱର ସେସବୁ ମନେପକାଇଅଛନ୍ତି ।
5ଏବେ ତୁମେ ଯାଫୋ ନଗରକୁ କିଛି ଲୋକଙ୍କୁ ପଠାଇ
ସେଠାରେ ଥିବା ଶିମୋନଙ୍କୁ ଡକାଅ, ଯାହାଙ୍କର ଅନ୍ୟ ନାମ
ପିତର । 6ସେଠାରେ ସମୁଦ୍ର କୂଳରେ ଆଉ ଜଣେ ଶିମୋନ ବାସ
କରୁଛନ୍ତି । ସେ ଚମଡ଼ାକାମ କରନ୍ତି । ସେହି ଶିମୋନଙ୍କ ଘରେ
ଶିମୋନ ପିତର ରହୁଛନ୍ତି ।"

7ପ୍ରଭୁଙ୍କ ଦୂତ ତାଙ୍କ ସହିତ କଥାବାର୍ତ୍ତା କରି ଚାଲିଯିବା ପରେ,
କର୍ଣ୍ଣେଲିୟ ନିଜର ଦାସମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଓ ତାଙ୍କର
ସେବା କରୁଥିବା ଈଶ୍ୱର ଭକ୍ତ ଜଣେ ସୈନ୍ୟଙ୍କୁ ନିଜ ପାଖକୁ
ଡାକିଲେ । 8ଆଉ ସେ ସବୁକଥା ସେମାନଙ୍କୁ ବୁଝାଇ ଶିମୋନ
ପିତରଙ୍କୁ ଡାକିବାକୁ ଯାଫୋ ନଗରକୁ ପଠାଇଲେ ।

## ପିତର କର୍ଣ୍ଣେଲିୟଙ୍କ ଘରକୁ ଗଲେ

9ତହିଁଆର ଦିନ ସେମାନେ ଯାଫୋ ନଗର ନିକଟରେ
ପହଞ୍ଚିଲେ, ସେତେବେଳେ ଦିନର ପ୍ରାୟ ବାର ଘଣ୍ଟା ହୋଇଥିଲା
ଓ ପିତର ପ୍ରାର୍ଥନା କରିବା ପାଇଁ ଘରର ଛାତ ଉପରକୁ
ଯାଇଥିଲେ । 10ସେହି ସମୟରେ ତାଙ୍କୁ ଭୋକ ଲାଗୁଥିଲା ପୁଣି
ସେ କିଛି ଖାଇବାକୁ ଇଚ୍ଛା କରୁଥିଲେ । ସେତେବେଳେ
ଅନ୍ୟମାନେ ରୋଷେଇ କରୁଥିବା ସମୟରେ ପିତର ମୂର୍ଚ୍ଛାହେଲେ,
11ପୁଣି ଦର୍ଶନରେ ଦେଖିଲେ, ଯେପରି ସ୍ୱର୍ଗ ଖୋଲାହୋଇଛି ଓ
ଏକ ବଡ଼ ଚାଦର ଚାରି କୋଣରେ ଧରି ପୃଥିବୀକୁ ଓହ୍ଲାଇ
ଦିଆଯାଉଛି । 12ସେହି ଚାଦରରେ ସବୁପ୍ରକାର ପଶୁ, ସରୀସୃପ[j] ଓ
ପକ୍ଷୀସବୁ ଥିଲା । 13ଏହାପରେ ସେ ଏକ ସ୍ୱର ଶୁଣିଲେ, "ହେ
ପିତର ଉଠ, ଏସବୁ ମାର ଓ ଖାଅ ।"

14ପିତର କହିଲେ, "ନାହିଁ ପ୍ରଭୁ, ମୁଁ ଏସବୁ କଦାପି ଖାଇ ପାରିବି
ନାହିଁ । କାରଣ, ଆମ ଯିହୁଦୀ ବ୍ୟବସ୍ଥା[k] ଅନୁସାରେ ଯାହା ଅଛୁଆଁ
ବା ଅଶୁଚି, ତାହା ମୁଁ କେବେହେଲେ ଖାଇନାହିଁ ।"

15ସେ ପୁଣି ଥରେ ଏହି ସ୍ୱର ଶୁଣିଲେ, "ଈଶ୍ୱର ଯାହା ଶୁଚି
କରିଛନ୍ତି, ସେସବୁ ତୁମେ ଅଶୁଚି ବୋଲି କୁହ ନାହିଁ ।" 16ଏହିପରି
ତିନି ଥର ହେଲା, ଏହାପରେ ସଙ୍ଗେ ସଙ୍ଗେ ସେହି ଚାଦରକୁ
ସ୍ୱର୍ଗକୁ ଉଠାଇ ନିଆଗଲା ।

17ପିତର ଯେଉଁ ଦର୍ଶନ ଦେଖିଲେ, ତାହାର ଅର୍ଥ କଅଣ ବୋଲି
ଚିନ୍ତା କରିବାକୁ ଲାଗିଲେ କିନ୍ତୁ ବୁଝିପାରିଲେ ନାହିଁ । ସେହି
ସମୟରେ କର୍ଣ୍ଣେଲିୟ ପଠାଇଥିବା ସେହି ଲୋକମାନେ ପିତର
ରହୁଥିବା ଘର ଖୋଜି ଖୋଜି ଆସି ଦ୍ୱାର ପାଖରେ ଠିଆହେଲେ ।
18ପୁଣି ଶିମୋନ ଯାହାଙ୍କର ଅନ୍ୟ ନାମ ପିତର, ସେ ସେଠାରେ
ବାସ କରୁଛନ୍ତି କି ବୋଲି ସେମାନେ ପଚାରିଲେ ।

19ପିତର ସେହି ଦର୍ଶନର ଅର୍ଥ କଅଣ ବୋଲି ଭାବୁଥିବା
ସମୟରେ, ପବିତ୍ର ଆତ୍ମା ତାଙ୍କୁ କହିଲେ, "ଦେଖ ତିନି ଜଣ
ଲୋକ ତୁମକୁ ଖୋଜୁଛନ୍ତି । 20ତୁମେ ଉଠ, ତଳକୁ ଯାଅ, ପୁଣି
କିଛି ସନ୍ଦେହ ନ କରି ସେମାନଙ୍କ ସହିତ ଯାଅ । କାରଣ ଆମ୍ଭେ
ସେମାନଙ୍କୁ ପଠାଇଅଛୁ ।"

21ସେଥିରେ ପିତର ଓହ୍ଲାଇ ସେମାନଙ୍କ ନିକଟକୁ ଯାଇ
କହିଲେ, "ଆପଣମାନେ ଯାହାକୁ ଖୋଜୁଅଛନ୍ତି ମୁଁ ସେହି ବ୍ୟକ୍ତି ।
ଆପଣମାନେ କାହିଁକି ଆସିଛନ୍ତି ?"

22ସେମାନେ କହିଲେ, "କର୍ଣ୍ଣେଲିୟ ନାମକ ଜଣେ
ଶତସେନାପତି[l] ତାଙ୍କ ଘରକୁ ଆପଣଙ୍କୁ ଡାକି ନେବାକୁ
ଆମ୍ଭମାନଙ୍କୁ ପଠାଇଛନ୍ତି । ସେ ଜଣେ ଧାର୍ମିକ ବ୍ୟକ୍ତି ଓ ଈଶ୍ୱରଙ୍କୁ
ଭୟ କରନ୍ତି, ପୁଣି ଯିହୁଦୀ ଜାତିର ସବୁଲୋକ ତାଙ୍କୁ ପ୍ରଶଂସା
କରନ୍ତି । ଆପଣଙ୍କଠାରୁ ଶିକ୍ଷା ଶୁଣିବା ପାଇଁ ଆପଣଙ୍କୁ ତାଙ୍କ
ଘରକୁ ଡାକିବାକୁ ଈଶ୍ୱରଙ୍କ ଜଣେ ପବିତ୍ର ଦୂତ ତାଙ୍କୁ ଦର୍ଶନ ଦେଇ
କହିଛନ୍ତି ।" 23ସେଥିରେ ପିତର ସେମାନଙ୍କୁ ଅତିଥି ଭାବରେ ଘର

---

[j]**10.12** ସାପ ଜାତିର ପ୍ରାଣୀ

[k]**10.14** ଯିହୁଦୀ ଧର୍ମର ଲୋକମାନଙ୍କୁ ଈଶ୍ୱର ଦେଇଥିବା ନୀତି ନିୟମ

[l]**10.22** ଶହେ ଜଣ ସୈନ୍ୟଙ୍କର ସେନାପତି

ଭିତରକୁ ଡାକିଲେ । ତହିଁଆର ଦିନ ସେ ଉଠି ସେହି
ଲୋକମାନଙ୍କ ସହିତ ଗଲେ । ପୁଣି ଯାଫୋ ନଗରର କିଛି ଭାଇ
ମଧ୍ୟ ତାଙ୍କ ସହିତ ଗଲେ ।

[24]ତହିଁଆର ଦିନ ସେମାନେ କାଇସର ଅଞ୍ଚଳରେ ପହଞ୍ଚିଲେ ।
କର୍ଣ୍ଣେଲିୟ ନିଜର ପରିବାର, ସମ୍ପର୍କୀୟ ଓ ନିକଟ ବନ୍ଧୁମାନଙ୍କୁ
ଏକାଠି କରି ସେମାନଙ୍କୁ ଅପେକ୍ଷା କରୁଥିଲେ । [25]ପିତର ଘର
ଭିତରକୁ ପଶିବାରୁ କର୍ଣ୍ଣେଲିୟ ତାଙ୍କ ପାଦ ତଳେ ପଡ଼ି ତାଙ୍କୁ
ପ୍ରଣାମ କଲେ । [26]କିନ୍ତୁ ପିତର ତାଙ୍କୁ ଉଠାଇ କହିଲେ, "ଠିଆ
ହୁଅନ୍ତୁ, ମୁଁ ମଧ୍ୟ ଜଣେ ମନୁଷ୍ୟ ।" [27]ଏହାପରେ ପିତର ତାଙ୍କ
ସହିତ କଥାବାର୍ତ୍ତା କରୁ କରୁ ଭିତରକୁ ଯାଇ ଦେଖିଲେ ଯେ,
ଭିତରେ ବହୁଲୋକ ଏକାଠି ହୋଇଛନ୍ତି ।

[28]ଆଉ ପିତର ସେମାନଙ୍କୁ କହିଲେ, "ଆପଣମାନେ ନିଜେ
ଜାଣନ୍ତି, ଜଣେ ଯିହୁଦୀ ଲୋକ, ଅଣ-ଯିହୁଦୀଲୋକମାନଙ୍କ
ନିକଟକୁ ଯିବା କିମ୍ବା ସେମାନଙ୍କ ସହିତ ମିଶିବା ଯିହୁଦୀ ବ୍ୟବସ୍ଥା
ଅନୁସାରେ ଠିକ୍ ନୁହେଁ । ତଥାପି କୌଣସି ଲୋକକୁ ଅଛୁଆଁ ବା
ଅଶୁଚି ବୋଲି ନ କହିବାକୁ ଈଶ୍ୱର ମୋତେ ଦର୍ଶନରେ
ଦେଖାଇଛନ୍ତି । [29]ସେଥିପାଇଁ ଆପଣ ମୋତେ ଡକାଇବାରୁ ମୁଁ
କିଛି ଆପତ୍ତି ନ କରି ଆସିଲି । ଏଣୁ ଏବେ ମୋତେ କୁହନ୍ତୁ,
'ଆପଣ ମୋତେ କାହିଁକି ଡକାଇ ପଠାଇଲେ ?'"

[30]କର୍ଣ୍ଣେଲିୟ ଉତ୍ତର ଦେଲେ, "ଆଜିଠାରୁ ଚାରି ଦିନ ପୂର୍ବେ,
ଠିକ୍ ଏହି ଅପରାହ୍ନ ତିନି ଘଣ୍ଟା ସମୟରେ, ମୁଁ ନିଜ ଘରେ ପ୍ରାର୍ଥନା
କରୁଥିଲି । ଆଉ ଦେଖନ୍ତୁ, ସେହି ସମୟରେ ଉଜ୍ଜ୍ୱଳ
ଦେଖାଯାଉଥିବା ପୋଷାକ ପିନ୍ଧିଥିବା ଜଣେ ଲୋକ ମୋ
ଆଗରେ ଠିଆହେଲେ । [31]ସେ ମୋତେ କହିଲେ, 'ହେ
କର୍ଣ୍ଣେଲିୟ, ଈଶ୍ୱର ତୁମର ପ୍ରାର୍ଥନା ଶୁଣିଛନ୍ତି ପୁଣି ତୁମେ ଗରୀବ
ଲୋକମାନଙ୍କୁ ଯାହାସବୁ ଦାନ କରିଅଛ, ସେସବୁ ଈଶ୍ୱର
ମନେପକାଇଛନ୍ତି । [32]ଏବେ ତୁମେ କିଛି ଲୋକଙ୍କୁ ଯାଫୋ
ନଗରକୁ ପଠାଇ ସେଠାରେ ରହୁଥିବା ଶିମୋନଙ୍କୁ ଡକାଅ,
ଯାହାଙ୍କର ଅନ୍ୟ ନାମ ପିତର । ସେଠାରେ ସମୁଦ୍ର କୂଳରେ ଆଉ
ଜଣେ ଶିମୋନ ବାସ କରୁଛନ୍ତି । ସେ ଜୋତା ତିଆରି କରନ୍ତି ।
ସେହି ଶିମୋନଙ୍କ ଘରେ ଏହି ଶିମୋନ ପିତର ରହୁଛନ୍ତି ।'
[33]ସେଥିପାଇଁ ମୁଁ ସଙ୍ଗେ ସଙ୍ଗେ ଆପଣଙ୍କୁ ଡାକିବାକୁ ଲୋକ
ପଠାଇଲି । ପୁଣି ଆପଣ ଆସିଅଛନ୍ତି, ଏହା ଭଲ କଥା । ଆପଣ
ଆମ୍ଭମାନଙ୍କୁ ଯାହାସବୁ କହିବା ପାଇଁ ପ୍ରଭୁ ଆଦେଶ ଦେଇଛନ୍ତି,
ତାହା ଶୁଣିବା ପାଇଁ ଆମ୍ଭେମାନେ ସମସ୍ତେ ଏଠାରେ ଈଶ୍ୱରଙ୍କ
ଆଗରେ ଉପସ୍ଥିତ ହୋଇଅଛୁ ।"

## ଅଣ-ଯିହୁଦୀମାନେ ସୁସମାଚାର ବିଶ୍ୱାସ କଲେ

[34]ସେଥିରେ ପିତର ସେମାନଙ୍କୁ କହିଲେ, "ମୁଁ ପ୍ରକୃତରେ
ବୁଝିପାରୁଅଛି ଯେ, ଈଶ୍ୱର ମୁଖାପେକ୍ଷା କରନ୍ତି ନାହିଁ । [35]କିନ୍ତୁ,
ପ୍ରତ୍ୟେକ ଜାତିର ଏପରି ଲୋକଙ୍କୁ ସେ ଗ୍ରହଣ କରନ୍ତି ଯିଏ
ଈଶ୍ୱରଙ୍କୁ ଭୟକରେ ଓ ଯାହା ଠିକ୍ ତାହା କରେ ।
[36]ଆପଣମାନେ ଜାଣନ୍ତି ଯେ, ଈଶ୍ୱର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଶାନ୍ତିର
ସୁସମାଚାର ଇସ୍ରାଏଲ ଲୋକମାନଙ୍କ ନିକଟରେ ପ୍ରଚାର
କରାଇଲେ ଓ ଯୀଶୁଖ୍ରୀଷ୍ଟ ଯେ ସମସ୍ତଙ୍କର ପ୍ରଭୁ, ଏହି ବାକ୍ୟ ସେ
ସେମାନଙ୍କ ନିକଟକୁ ପଠାଇଲେ । [37]ଯୋହନ ଡୁବନ ବିଷୟରେ
ପ୍ରଚାର କରିବା ପରେ ଗାଲିଲିଠାରୁ ଆରମ୍ଭ କରି ସମୁଦାୟ
ଯିହୁଦା ପ୍ରଦେଶରେ ଯାହାସବୁ ଘଟିଲା, ତାହା ଆପଣମାନେ
ଜାଣନ୍ତି । [38]ଆପଣମାନେ ମଧ୍ୟ ଜାଣନ୍ତି ଯେ, ଈଶ୍ୱର ନାଜରିତ
ଗ୍ରାମର ଯୀଶୁଙ୍କୁ ପବିତ୍ର ଆତ୍ମା ଓ ଶକ୍ତିରେ ଅଭିଷେକ କଲେ ।
ଆଉ ଈଶ୍ୱର ଯୀଶୁଙ୍କ ସହିତ ଥିବାରୁ, ଯୀଶୁ ଯେଉଁଆଡ଼େ ଗଲେ,
ସେସବୁ ସ୍ଥାନରେ ଲୋକମାନଙ୍କର ଉପକାର କଲେ ଓ ଶୟତାନ
ଦ୍ୱାରା କଷ୍ଟ ପାଉଥିବା ଲୋକମାନଙ୍କୁ ସୁସ୍ଥ କଲେ ।

[39]ଯୀଶୁ ଇସ୍ରାଏଲ ଦେଶରେ ଓ ଯିରୁଶାଲମ ନଗରରେ
ଯାହାସବୁ କଲେ, ସେସବୁର ଆମ୍ଭେମାନେ ସାକ୍ଷୀ ଅଟୁ ।
ସେମାନେ ଯୀଶୁଙ୍କୁ କ୍ରୁଶରେ[m] ଟଙ୍ଗାଇ ହତ୍ୟାକଲେ । [40]କିନ୍ତୁ
ଈଶ୍ୱର ତାହାଙ୍କୁ ତୃତୀୟ ଦିନରେ ମୃତ୍ୟୁରୁ ଉଠାଇଲେ ଓ
ଲୋକମାନଙ୍କୁ ତାହାଙ୍କୁ ଦେଖିବାକୁ ଦେଲେ । [41]ତାହାଙ୍କୁ
ସବୁଲୋକ ଦେଖିଲେ ନାହିଁ, ମାତ୍ର ଆମ୍ଭମାନଙ୍କୁ ଯେତେଜଣଙ୍କୁ
ଈଶ୍ୱର ସାକ୍ଷୀ ହେବାକୁ ବାଛିଥିଲେ, ଆମ୍ଭେମାନେ ତାହାଙ୍କୁ
ଦେଖିଲୁ । ପୁଣି ଯୀଶୁ ମୃତ୍ୟୁରୁ ଉଠିବା ପରେ ମଧ୍ୟ ଆମ୍ଭେମାନେ

---

[m]**10.39** କ୍ରୁଶ ହେଉଛି ଏକ ପ୍ରକାର ଛକି କାଠ । ଅପରାଧିମାନଙ୍କୁ ଅଧିକ କଷ୍ଟ ଦେଇ ମାରିବାକୁ ରୋମ ସରକାର ଏହା ବ୍ୟବହାର କରୁଥିଲେ ।

ନିଜେ ତାହାଙ୍କ ସହିତ ଭୋଜନପାନ କଲୁ । [42]ଆଉ
ଲୋକମାନଙ୍କ ନିକଟରେ ପ୍ରଚାର କରିବାକୁ ପୁଣି ମୃତ ଓ
ଜୀବିତମାନଙ୍କର ବିଚାରକର୍ତ୍ତା ହେବାକୁ ଈଶ୍ୱର ଯୀଶୁଙ୍କୁ ନିଯୁକ୍ତ
କରିଅଛନ୍ତି ବୋଲି ସାକ୍ଷ୍ୟ ଦେବାକୁ, ସେ ଆମ୍ଭମାନଙ୍କୁ ଆଜ୍ଞା
ଦେଇଅଛନ୍ତି । [43]ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ
ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ, ସମସ୍ତ ଭାବବାଦୀ
ତାହାଙ୍କ ବିଷୟରେ ଏହି ସାକ୍ଷ୍ୟ ଦିଅନ୍ତି ।"

## ଅଣ-ଯିହୁଦୀମାନେ ପବିତ୍ର ଆତ୍ମାଙ୍କୁ ପାଇଲେ

[44]ପିତର ଏହି ସବୁକଥା କହୁଥିବା ସମୟରେ, ଯେତେଲୋକ
ତାଙ୍କ ବାକ୍ୟ ଶୁଣୁଥିଲେ, ସେସମସ୍ତଙ୍କ ଉପରକୁ ପବିତ୍ର ଆତ୍ମା
ଓହ୍ଲାଇ ଆସିଲେ । [45]ସେଥିରେ ପିତରଙ୍କ ସହିତ ସେହିସ୍ଥାନକୁ
ଆସିଥିବା ସୁନ୍ନତ ବିଶ୍ୱାସୀମାନେ, ଅଣ-ଯିହୁଦୀମାନେ ସୁଦ୍ଧା
ପବିତ୍ର ଆତ୍ମାଙ୍କ ଦାନ ପାଇବା ଦେଖି ଆଶ୍ଚର୍ଯ୍ୟ ହେଲେ ।
[46]କାରଣ ସେମାନେ ସେମାନଙ୍କୁ ପରଭାଷାରେ କଥା କହୁଥିବାର
ଓ ଈଶ୍ୱରଙ୍କୁ ପ୍ରଶଂସା କରୁଥିବାର ଶୁଣିଲେ । ଏହାପରେ ପିତର
କହିଲେ, [47]"ଏହି ଯେଉଁ ଲୋକମାନେ ଆମ୍ଭମାନଙ୍କ ପରି ପବିତ୍ର
ଆତ୍ମାଙ୍କୁ ପାଇଛନ୍ତି, ସେମାନେ ପାଣିରେ ଡୁବନ ନେବାକୁ କେହି
ମନାକରି ପାରିବ କି ?" [48]ତେଣୁ ସେ ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ
ନାମରେ ଡୁବନ ନେବା ପାଇଁ ଆଜ୍ଞା ଦେଲେ । ପରେ ସେମାନେ
ପିତରଙ୍କୁ ସେଠାରେ କିଛି ଦିନ ରହିବାକୁ ଅନୁରୋଧ କଲେ ।

# 11

## ଅଣ-ଯିହୁଦୀମାନଙ୍କୁ ମଧ୍ୟ ଈଶ୍ୱର ଗ୍ରହଣ କରନ୍ତି

[1]ଅଣ-ଯିହୁଦୀଜାତିର ଲୋକମାନେ[n] ମଧ୍ୟ ଯେ ଈଶ୍ୱରଙ୍କ ବାକ୍ୟ
ଗ୍ରହଣ କରିଛନ୍ତି, ଏହି କଥା ପ୍ରେରିତମାନେ ଏବଂ ସମଗ୍ର ଯିହୁଦା
ପ୍ରଦେଶରେ ଥିବା ବିଶ୍ୱାସୀ ଭାଇମାନେ ଶୁଣିଲେ । [2]ତେଣୁ, ପିତର
ଯିରୁଶାଲମ ନଗରକୁ ଫେରିବାରୁ, ସୁନ୍ନତ[o] ହୋଇଥିବା ଯିହୁଦୀ
ବିଶ୍ୱାସୀମାନେ ତାଙ୍କୁ ସମାଲୋଚନା କରି କହିଲେ, [3]"ଆପଣ
ଅସୁନ୍ନତ ଲୋକମାନଙ୍କ ଘରକୁ ଗଲେ ଓ ସେମାନଙ୍କ ସହିତ
ଖାଇଲେ ।"

[4]କିନ୍ତୁ ପିତର ସେମାନଙ୍କୁ ସେହି ଘଟଣାକୁ ଆରମ୍ଭରୁ ଶେଷ
ଯାଏଁ ବୁଝାଇ ଏପରି କହିଲେ, [5]"ମୁଁ ଯାଫୋ ନଗରରେ ଥିବା
ସମୟରେ, ଦିନେ ପ୍ରାର୍ଥନା କରୁଥିବା ବେଳେ, ମୂର୍ଚ୍ଛା ହୋଇ
ଗୋଟିଏ ଦର୍ଶନ ଦେଖିଲି, ଯେପରି ଏକ ବଡ଼ ଚାଦର ଚାରି
କୋଣରେ ଧରି ସ୍ୱର୍ଗରୁ ତଳକୁ ମୋ ପାଖକୁ ଓହ୍ଲାଇ
ଦିଆଯାଉଅଛି । [6]ମୁଁ ତାହା ଏକ ଦୃଷ୍ଟିରେ ଚାହିଁ, ସେଥିରେ
ଗୃହପାଳିତ ଓ ବଣର ପଶୁ, ସରୀସୃପ ଓ ପକ୍ଷୀସବୁ ଦେଖିଲି ।
[7]ପୁଣି, ମୋତେ ଏକ ସ୍ୱର ଏହିପରି କହିବାର ମୁଁ ଶୁଣିଲି, 'ହେ
ପିତର, ଉଠ, ଏସବୁ ମାର ଓ ଖାଅ' ।

[8]କିନ୍ତୁ ମୁଁ କହିଲି, 'ନାହିଁ ପ୍ରଭୁ, ମୁଁ ଏସବୁ ଖାଇ ପାରିବି ନାହିଁ ।
କାରଣ, ଆମ ଯିହୁଦୀ ବ୍ୟବସ୍ଥା[p] ଅନୁସାରେ ଯାହା ଅଛୁଆଁ ବା
ଅଶୁଚି ତାହା ମୁଁ କେବେହେଲେ ଖାଇ ନାହିଁ ।'

[9]କିନ୍ତୁ, ଆଉ ଥରେ ସ୍ୱର୍ଗରୁ ସେହି ସ୍ୱର ମୁଁ ଶୁଣିଲି, 'ଈଶ୍ୱର
ଯାହା ଶୁଚି କରିଛନ୍ତି ସେସବୁ ତୁମେ ଅଶୁଚି ବୋଲି କୁହ ନାହିଁ ।'
[10]ଏହିପରି ତିନି ଥର ହେଲା । ପରେ ସେସବୁ ସ୍ୱର୍ଗକୁ ନିଆଗଲା
।

[11]ପୁଣି ସେହିକ୍ଷଣି ତିନି ଜଣ ପୁରୁଷ ଲୋକ ଆସି, ଆମେ
ଯେଉଁ ଘରେ ଥିଲୁ, ସେହି ଘରେ ପହଞ୍ଚିଲେ । ସେମାନଙ୍କୁ
କାଇସରିଆ ନଗରରୁ ମୋ ପାଖକୁ ପଠାଯାଇଥିଲା । [12]ପୁଣି,
ସେମାନେ ଅଣ ଯିହୁଦୀ ଲୋକ ହୋଇଥିଲେ ମଧ୍ୟ କିଛି
ଭେଦଭାବ[q] ନ କରି ସେମାନଙ୍କ ସହିତ ଯିବା ପାଇଁ ପବିତ୍ର ଆତ୍ମା
ମୋତେ କହିଲେ । ଏହି ଛଅ ଜଣ ଭାଇମାନେ ମଧ୍ୟ ମୋ ସହିତ
ଗଲେ, ପୁଣି ଆମେ ଆମକୁ ଡକାଇଥିବା ସେହି ଲୋକଙ୍କ ଘର

---

[n]**11.1** ଯେଉଁମାନେ ଯିହୁଦୀ ଜାତିର ଲୋକ ନୁହନ୍ତି

[o]**11.2** ପ୍ରେରିତ ୭:୮

[p]**11.8** ଯିହୁଦୀ ଧର୍ମର ଲୋକମାନଙ୍କୁ ଈଶ୍ୱର ଦେଇଥିବା ନୀତି ନିୟମ

[q]**11.12** ନୀଚ ଜାତି ଭାବରେ ଦେଖିବା

ଭିତରକୁ ଗଲୁ । [13]ପୁଣି କିପରି ଈଶ୍ୱରଙ୍କର ଜଣେ ଦୂତ ତାଙ୍କ
ଘରେ ତାଙ୍କୁ ଦର୍ଶନ ଦେଇଥିଲେ, ସେ ସେହି କଥା ଆମ୍ଭମାନଙ୍କୁ
କହିଲେ । ଦୂତ ତାଙ୍କୁ କହିଥିଲେ, 'ଯାଫୋ ନଗରକୁ ଲୋକ
ପଠାଇ ଶିମୋନଙ୍କୁ ଡାକି ଆଣ, ଯାହାଙ୍କର ଅନ୍ୟ ନାମ ପିତର ।
[14]ପୁଣି ତୁମେ ଓ ତୁମ ଘରର ସମସ୍ତ ଲୋକ କିପରି ପରିତ୍ରାଣ[r]
ପାଇବ ସେହି କଥା ସେ ତୁମକୁ କହିବେ ।'

[15]ମୁଁ ସେହିସ୍ଥାନରେ କଥା କହିବାକୁ ଆରମ୍ଭ କରିବାରୁ, ପବିତ୍ର
ଆତ୍ମା ପ୍ରଥମରେ[s] ଯେପରି ଆମ ଉପରକୁ ଓହ୍ଲାଇ ଆସିଥିଲେ,
ସେପରି ସେମାନଙ୍କ ଉପରକୁ ମଧ୍ୟ ଓହ୍ଲାଇ ଆସିଲେ । [16]ତାପରେ
ପ୍ରଭୁଯୀଶୁଙ୍କର ଏହି ବାକ୍ୟ ମୋର ମନେପଡ଼ିଲା, 'ଯୋହନ
ଜଳରେ ଡୁବନ ଦେଲେ ସତ, କିନ୍ତୁ ତୁମ୍ଭେମାନେ ପବିତ୍ର ଆତ୍ମାରେ
ବାପ୍ତିଜିତ ହେବ ।' [17]ଆମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ
ବିଶ୍ୱାସ କରିବାରୁ ଈଶ୍ୱର ଯେପରି ଆମ୍ଭମାନଙ୍କୁ ପବିତ୍ର ଆତ୍ମାଙ୍କୁ
ଦାନ କଲେ, ସେହିପରି ଅଣ-ଯିହୁଦୀମାନେ ମଧ୍ୟ ଖ୍ରୀଷ୍ଟଙ୍କଠାରେ
ବିଶ୍ୱାସ କରିବାରୁ, ଈଶ୍ୱର ସେମାନଙ୍କୁ ସେହି ସମାନ ଦାନ ଅର୍ଥାତ୍
ପବିତ୍ର ଆତ୍ମାଙ୍କୁ ଦେଲେ । ତେବେ, ମୁଁ କିଏ ଯେ ଏଥିରେ
ଈଶ୍ୱରଙ୍କୁ ବାଧା ଦେଇ ପାରିଥାଆନ୍ତି ?"

[18]ଏହି ସବୁକଥା ଶୁଣିବାରୁ, ସେମାନେ ସମାଲୋଚନା କରିବା
ବନ୍ଦ କଲେ । ପୁଣି ସେମାନେ ଈଶ୍ୱରଙ୍କର ପ୍ରଶଂସା କରି କହିଲେ,
"ଏବେ ଆମେ ଜାଣି ପାରିଲୁ ଯେ, ଈଶ୍ୱର ଅଣ-ଯିହୁଦୀମାନଙ୍କୁ
ମଧ୍ୟ ମନ ପରିବର୍ତ୍ତନର କରି ଅନନ୍ତ ଜୀବନ ପାଇବାର ସୁଯୋଗ
ଦେଇଅଛନ୍ତି ।"

## କୂରିଣୀୟ ଆନ୍ତିୟୋଖର ମଣ୍ଡଳୀ

[19]ସେହି ସମୟରେ, ସ୍ତିଫାନଙ୍କ ପ୍ରଚାରକୁ ନେଇ ଘଟିଥିବା
ତାଡ଼ନା ଯୋଗୁଁ ଯେଉଁମାନେ ବିଭିନ୍ନ ସ୍ଥାନକୁ ପଳାଇଯାଇଥିଲେ,
ସେମାନେ ଫୈନୀକିଆ, କୁପ୍ର ଓ ଆନ୍ତିୟଖ ଅଞ୍ଚଳ ଯାଏଁ ବୁଲି ବୁଲି
ଯିହୁଦୀ ଜାତିର ଲୋକମାନଙ୍କ ଛଡ଼ା ଅନ୍ୟ କାହାକୁ ବାକ୍ୟ କହୁ ନ
ଥିଲେ । [20]କିନ୍ତୁ ସେମାନଙ୍କ ମଧ୍ୟରୁ କୁପ୍ର ଓ କୁରୀଣ ଅଞ୍ଚଳର
କେତେକ ଲୋକ, ଆନ୍ତିୟଖ ନଗରକୁ ଆସି ଗ୍ରୀକ୍ ଜାତିର
ଲୋକମାନଙ୍କ ନିକଟରେ ମଧ୍ୟ ପ୍ରଭୁ ଯୀଶୁଙ୍କ ସୁସମାଚାର ପ୍ରଚାର
କରିବାକୁ ଲାଗିଲେ । [21]ଆଉ ଈଶ୍ୱରଙ୍କର ହାତ ସେମାନଙ୍କ ସହିତ
ଥିଲା, ପୁଣି ବହୁ ସଂଖ୍ୟାରେ ଅଣ-ଯିହୁଦୀ ଲୋକ ବିଶ୍ୱାସ କରି
ପ୍ରଭୁଙ୍କ ପ୍ରତି ଫେରିଲେ ।

[22]ଏହି କଥା ଯିରୂଶାଲମ ନଗରରେ ଥିବା ମଣ୍ଡଳୀର
ବିଶ୍ୱାସୀମାନେ ଶୁଣିଲେ ଓ ସେମାନେ ବର୍ଣ୍ଣବ୍ବାଙ୍କୁ ଆନ୍ତିୟଖ
ନଗରକୁ ପଠାଇଲେ । [23]ସେ ସେଠାରେ ପହଞ୍ଚି, ଈଶ୍ୱରଙ୍କ
ଅନୁଗ୍ରହର ପ୍ରମାଣ ଦେଖି ଆନନ୍ଦିତ ହେଲେ ଓ ଆଉ
ବିଶ୍ୱାସୀମାନଙ୍କୁ ପ୍ରଭୁଙ୍କଠାରେ ସମ୍ପୂର୍ଣ୍ଣ ହୃଦୟର ସହିତ ବିଶ୍ୱସ୍ତ
ରହିବା ପାଇଁ ଉତ୍ସାହିତ କଲେ । [24]କାରଣ ସେ ପବିତ୍ର ଆତ୍ମା ଓ
ବିଶ୍ୱାସରେ ପୂର୍ଣ୍ଣ ଜଣେ ଭଲ ଲୋକ ଥିଲେ । ଏହିପରି ଅନେକ
ଲୋକ ପ୍ରଭୁଙ୍କଠାରେ ସଂଯୁକ୍ତ ହେଲେ ।

[25]ଏହାପରେ ବର୍ଣ୍ଣବ୍ବା ଶାଉଲଙ୍କୁ ଖୋଜିବା ପାଇଁ ତାର୍ଷ
ନଗରକୁ ଗଲେ । [26]ସେ ତାଙ୍କୁ ପାଇ ଆନ୍ତିୟଖ ନଗରକୁ
ନେଇଆସିଲେ । ସେମାନେ ସେଠାରେ ପୁରା ଗୋଟିଏ ବର୍ଷ
ମଣ୍ଡଳୀ ସହିତ ରହି ଅନେକ ଲୋକଙ୍କୁ ଶିକ୍ଷାଦେଲେ । ପୁଣି
ଆନ୍ତିୟଖ ନଗରରେ ପ୍ରଥମେ ଲୋକମାନେ ଶିଷ୍ୟମାନଙ୍କୁ
ଖ୍ରୀଷ୍ଟିୟାନ ବୋଲି ଡାକିଲେ ।

[27]ସେହି ସମୟରେ କେତେ ଜଣ ଭାବବାଦୀ ଯିରୂଶାଲମ
ନଗରରୁ ଆନ୍ତିୟଖ ନଗରକୁ ଆସିଲେ । [28]ସେମାନଙ୍କ ମଧ୍ୟରୁ
ଆଗାବ ନାମକ ଜଣେ ଭାବବାଦୀ ଠିଆ ହୋଇ, ସମଗ୍ର ରୋମୀୟ
ସାମ୍ରାଜ୍ୟରେ ବଡ଼ ଦୁର୍ଭିକ୍ଷ ହେବ ବୋଲି ପବିତ୍ର ଆତ୍ମାଙ୍କ ଦ୍ୱାରା
ଭବିଷ୍ୟତବାଣୀ କଲେ । ଏହା ସମ୍ରାଟ କ୍ଲାଉଦିଅଙ୍କ ଶାସନ
ସମୟରେ ଘଟିଲା । [29]ଏଣୁ, ଆନ୍ତିୟଖ ନଗରର ଶିଷ୍ୟମାନେ
ପ୍ରତି ଜଣ ନିଜେ ଯେତିକି ଦେଇ ପାରିବ, ସେ ଅନୁସାରେ, ଯିହୁଦା
ପ୍ରଦେଶରେ ରହୁଥିବା ଶିଷ୍ୟମାନଙ୍କ ପାଇଁ ସାହାଯ୍ୟ ପଠାଇବାକୁ
ସ୍ଥିର କଲେ । [30]ପୁଣି ସେମାନେ ତାହା ବର୍ଣ୍ଣବ୍ବା ଓ ଶାଉଲଙ୍କ
ହାତରେ ଯିରୂଶାଲମ ନଗରରେ ଥିବା ପ୍ରାଚୀନମାନଙ୍କ ନିକଟକୁ
ପଠାଇଲେ ।

---

[r]**11.14** ପାପକ୍ଷମା ହୋଇ ପରିତ୍ରାଣ ପାଇବା । ଦେଖନ୍ତୁ- ପ୍ରେରିତ ୨:୪୭, ୪:୧୨

[s]**11.15** ପେଣ୍ଟିକଷ୍ଟ ଦିନରେ

## ହେରୋଦ ରାଜା ମଣ୍ଡଳୀକୁ ତାଡ଼ନା କରିବାକୁ ଆରମ୍ଭ କଲେ

[1]ସେହି ସମୟରେ ହେରୋଦ ରାଜା ମଣ୍ଡଳୀର କେତେକ
ବିଶ୍ୱାସୀଙ୍କୁ ତାଡ଼ନା କରିବାକୁ ଆରମ୍ଭ କଲେ । [2]ସେ ଯୋହନଙ୍କ
ଭାଇ ଯାକୁବଙ୍କୁ ଖଣ୍ଡାରେ ହତ୍ୟାକଲେ । [3]ସେଥିରେ
ଯିହୁଦୀମାନେ ଖୁସି ହେବାର ଦେଖି, ସେ ପିତରଙ୍କୁ ମଧ୍ୟ ବନ୍ଦୀ
କରିବାକୁ ନିଷ୍ପତ୍ତିକଲେ । ସେହି ସମୟରେ ଖମୀରଶୂନ୍ୟ
ରୋଟୀର[a] ପର୍ବ ଥିଲା । [4]ପରେ ସେ ପିତରଙ୍କୁ ଧରି କାରାଗାରରେ
ରଖିଲେ । ପୁଣି, ଖମୀରଶୂନ୍ୟ ରୋଟୀର ପର୍ବ ବା ନିସ୍ତାରପର୍ବ
ପରେ, ତାଙ୍କୁ ବିଚାର କରିବା ପାଇଁ ଲୋକମାନଙ୍କ ନିକଟକୁ
ବାହାରକରି ଆଣିବା ପାଇଁ ଚିନ୍ତା କରି, ସେ ତାଙ୍କୁ ପ୍ରତି ଦଳରେ
ଚାରି ଜଣ ଲେଖାଏଁ ସୈନ୍ୟଥିବା ଚାରୋଟି ସେନାଦଳ ନିକଟରେ
ରଖିଲେ । [5]କିନ୍ତୁ ପିତର କାରାଗାରରେ ଥିବାବେଳେ ତାଙ୍କ ପାଇଁ
ମଣ୍ଡଳୀର ବିଶ୍ୱାସୀମାନେ ଏକ ମନରେ ଈଶ୍ୱରଙ୍କ ନିକଟରେ
ପ୍ରାର୍ଥନା କରୁଥିଲେ ।

## ପିତର କାରାଗାରରୁ ଆଶ୍ଚର୍ଯ୍ୟ ଭାବରେ ମୁକ୍ତ ହେଲେ

[6]ହେରୋଦ ପିତରଙ୍କୁ ବିଚାର କରିବା ପାଇଁ, ଯେଉଁ ଦିନ
ବାହାରକରି ଯିହୁଦୀମାନଙ୍କ ନିକଟକୁ ଆଣିବାର ଥିଲା, ତାହାର
ପୂର୍ବ ରାତିରେ ପିତରଙ୍କୁ ଦୁଇଟା ଶିଙ୍କୁଳିରେ ବନ୍ଧା ହୋଇଥିଲା ଓ
ସେ ଦୁଇ ଜଣ ସୈନ୍ୟଙ୍କ ମଝିରେ ଶୋଇଥିଲେ । ଆଉ
ଜଗୁଆଳମାନେ ବନ୍ଦୀଶାଳାର କବାଟ ଆଗରେ ଜଗୁଥିଲେ ।
[7]ପୁଣି, ଦେଖ, ରାତିରେ ପ୍ରଭୁଙ୍କର ଜଣେ ଦୂତ ପିତରଙ୍କ ପାଖରେ
ଠିଆହେଲେ ଓ ସେହି କୋଠରୀ ଆଲୁଅରେ ପୂର୍ଣ୍ଣ ହେଲା । ପୁଣି
ପ୍ରଭୁଙ୍କର ଦୂତ ପିତରଙ୍କ କାନ୍ଧକୁ ହଲାଇ ତାଙ୍କୁ ଉଠାଇଲେ ଓ
କହିଲେ, "ଶୀଘ୍ର ଉଠ" । ପୁଣି ପିତରଙ୍କ ହାତର ଶିକୁଳି
ଖସିପଡ଼ିଲା । [8]ତାପରେ ଦୂତ ତାହାଙ୍କୁ କହିଲେ, "ତୁମର
ପୋଷାକ ଓ ପାଦରେ ଜୋତା ପିନ୍ଧ" । ପିତର ସେପରି କଲେ ।
ଆଉ ଦୂତ ତାଙ୍କୁ କହିଲେ, "ଦେହରେ ତୁମର ଚାଦର ଗୁଡ଼ାଇ
ପୋଷାକ ପିନ୍ଧି ମୋ ପଛେ ପଛେ ଆସ" ।

[9]ସେଥିରେ ପିତର ଦୂତଙ୍କ ପଛେ ପଛେ ଗଲେ । କିନ୍ତୁ ଦୂତ
ଯାହା କରୁଅଛନ୍ତି ତାହା ସତ ବୋଲି ସେ ଜାଣି ନ ଥିଲେ ମାତ୍ର,
ସେ ଦର୍ଶନ ଦେଖୁଅଛନ୍ତି ବୋଲି ଭାବୁଥିଲେ । [10]ସେମାନେ ପ୍ରଥମ
ଓ ଦ୍ୱିତୀୟ ପ୍ରହରୀ ଦଳ ପାର ହୋଇ, ଯେଉଁ ଲୁହା ଫାଟକ ଦେଇ
ନଗରକୁ ଯିବାକୁ ହୁଏ, ସେଠାରେ ପହଞ୍ଚିଲେ । ସେତେବେଳେ
ସେହି ଫାଟକ ସେମାନଙ୍କ ନିମନ୍ତେ ଆପେ ଆପେ ଫିଟିଗଲା,
ପୁଣି ସେମାନେ ବାହାରକୁ ଯାଇ, ଗୋଟିଏ ଗଳି ରାସ୍ତାରେ ଯାଉ
ଯାଉ, ଦୂତ ତାଙ୍କୁ ହଠାତ୍ ଛାଡ଼ି ଚାଲିଗଲେ ।

[11]ସେତେବେଳେ ପିତରଙ୍କ ଚେତା ଆସିଲା, ଆଉ ସେ
କହିଲେ, " ପ୍ରଭୁ ଈଶ୍ୱର ନିଜର ଦୂତଙ୍କୁ ପଠାଇ ହେରୋଦଙ୍କ
ହାତରୁ ଓ ଯିହୁଦୀମାନେ ମୋ ପ୍ରତି ଯାହା କରିବାକୁ ଆଶା
କରିଥିଲେ, ସେଥିରୁ ମୋତେ ଉଦ୍ଧାର କରିଛନ୍ତି, ଏହା ମୁଁ ଏବେ
ନିଶ୍ଚିତ ରୂପେ ଜାଣିଲି" ।

[12]ଯେତେବେଳେ ସେ ଏହା ଜାଣିଲେ, ସେ ଯୋହନଙ୍କ ମାଆ
ମରିୟମଙ୍କ ଘରକୁ ଗଲେ, ଏହି ଯୋହନ, ମାର୍କ ନାମରେ ମଧ୍ୟ
ପରିଚିତ । ସେଠାରେ ବହୁଲୋକ ଏକାଠି ହୋଇ ପ୍ରାର୍ଥନା
କରୁଥିଲେ । [13]ସେ କବାଟରେ ମାରିବାରୁ, ରୋଦା ନାମରେ
ଜଣେ ଦାସୀ, କିଏ ବୋଲି ପଚାରିବାକୁ ଆସିଲା । [14]ସେ
ପିତରଙ୍କର ସ୍ୱର ଶୁଣି ତାହା ଚିହ୍ନିପାରି, ବହୁତ ଖୁସିରେ ଦ୍ୱାର ନ
ଫିଟାଇ ଘର ଭିତରକୁ ଧାଇଁଯାଇ, ପିତର ଦ୍ୱାର ନିକଟରେ ଛିଡ଼ା
ହୋଇଛନ୍ତି ବୋଲି କହିଲା ।

[15]ସେମାନେ ତାଙ୍କୁ କହିଲେ, "ତୁ ଗୋଟିଏ ବାୟାଣୀ" । କିନ୍ତୁ
ସେ ଜୋର୍ ଦେଇ ତାହା ସତ ବୋଲି କହିବାରୁ ସେମାନେ
କହିଲେ, "ସେ ପିତରଙ୍କର ଦୂତ ହୋଇଥିବେ" ।

[16]କିନ୍ତୁ, ପିତର ଦ୍ୱାରରେ ବାରମ୍ବାର ମାରୁଥିଲେ, ଆଉ
ସେମାନେ କବାଟ ଫିଟାଇବାରୁ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ।
[17]କିନ୍ତୁ ସେ ସେମାନଙ୍କୁ ତୁନି ହୋଇ ରହିବା ପାଇଁ ହାତରେ
ଠାରିଲେ । ପୁଣି ପ୍ରଭୁ ତାଙ୍କୁ କିପରି କାରାଗାରରୁ ବାହାରକରି
ଆଣିଲେ, ତାହା ସେମାନଙ୍କୁ କହିଲେ । ଏହାସହ ଏହି ସବୁକଥା
ଯାକୁବ ଓ ଅନ୍ୟ ଭାଇମାନଙ୍କୁ ଜଣାଇବାକୁ ସେ ସେମାନଙ୍କୁ
କହିଲେ । ଏହାପରେ ସେ ସେହି ସ୍ଥାନ ଛାଡ଼ି ଅନ୍ୟଆଡ଼େ

---

[a]**12.3** ଖମୀରଶୂନ୍ୟ ରୋଟୀ - ଖାଇବା ଖାର ନ ମିଶାଇ ତିଆରି ହୋଇଥିବା ରୋଟୀ

ଚାଲିଗଲେ ।

18ସକାଳ ହେବା ପରେ ପିତରଙ୍କ ପ୍ରତି କଅଣ ଘଟିଲା ସେ
ବିଷୟରେ ସୈନ୍ୟମାନଙ୍କ ମଧ୍ୟରେ ବହୁତ ଗୋଳମାଳ ହେଲା ।
19ହେରୋଦ ତାଙ୍କୁ ଖୋଜି ନ ପାଇବାରୁ, ଜଗୁଆଳିମାନଙ୍କୁ ସେ
ବିଷୟରେ ପଚାରି ବୁଝିଲେ ଓ ସେମାନଙ୍କୁ ହତ୍ୟା କରିବା ପାଇଁ
ଆଦେଶ ଦେଲେ । ପରେ ହେରୋଦ ଯିହୁଦା ପ୍ରଦେଶରୁ
କାଇସରିଆ ଅଞ୍ଚଳକୁ ଯାଇ ସେଠାରେ ସମୟ କାଟିଲେ ।

## ହେରୋଦଙ୍କ ମୃତ୍ୟୁ

20ସେହି ସମୟରେ ହେରୋଦ ରାଜା ସୋର ଓ ସୀଦୋନ
ଅଞ୍ଚଳର ଲୋକଙ୍କ ଉପରେ ବହୁତ ରାଗିଥିଲେ । ସେଥିପାଇଁ
ସୋର ଓ ସୀଦୋନ ଅଞ୍ଚଳର ଲୋକମାନେ ଏକମତ ହୋଇ
ହେରୋଦଙ୍କ ନିକଟକୁ ଆସିଲେ । ପୁଣି ସେମାନେ ରାଜାଙ୍କ
ସହିତ ଶାନ୍ତିରେ ରହିବା ପାଇଁ, ରାଜାଙ୍କର ବ୍ୟକ୍ତିଗତ ସହାୟକ
ବ୍ଲାଷ୍ଟସଙ୍କ ମାଧ୍ୟମରେ ରାଜାଙ୍କୁ ଅନୁରୋଧ କଲେ । କାରଣ
ସେମାନେ ଖାଦ୍ୟ ଦ୍ରବ୍ୟ ପାଇବା ପାଇଁ ହେରୋଦଙ୍କ ଦେଶ
ଉପରେ ନିର୍ଭର କରୁଥିଲେ । 21ସେମାନଙ୍କ ସହିତ ଆଲୋଚନା
କରିବାକୁ ସ୍ଥିର ହୋଇଥିବା ଦିନରେ, ହେରୋଦ ନିଜର ରାଜବସ୍ତ୍ର
ପିନ୍ଧି ସିଂହାସନରେ ବସି ସେମାନଙ୍କ ନିକଟରେ ଭାଷଣ ଦେଲେ ।
22ସେଥିରେ ଲୋକମାନେ ପାଟିକରି କହିବାକୁ ଲାଗିଲେ, "ଏହା
ମନୁଷ୍ୟର ସ୍ୱର ନୁହେଁ, ମାତ୍ର ଈଶ୍ୱରଙ୍କର ।"

23ସେହିକ୍ଷଣି ପ୍ରଭୁଙ୍କର ଜଣେ ଦୂତ ହେରୋଦଙ୍କୁ ଆଘାତ
କଲେ; କାରଣ ସେ ଈଶ୍ୱରଙ୍କୁ ଗୌରବ ନ ଦେଇ, ତାହା ନିଜେ
ଗ୍ରହଣ କଲେ । ପୁଣି କୀଟମାନେ ତାଙ୍କୁ ଖାଇଲେ ଓ ସେ ମଲେ ।

24କିନ୍ତୁ ଈଶ୍ୱରଙ୍କ ବାକ୍ୟ ବୃଦ୍ଧି ପାଇ ଅଧିକ ବ୍ୟାପିବାକୁ ଲାଗିଲା
।

25ପରେ ବର୍ଣ୍ଣବ୍ବା ଓ ଶାଉଲ ନିଜର ସେବାକାର୍ଯ୍ୟ ଶେଷକରି
ମାର୍କ ନାମକ ଯୋହନଙ୍କୁ ସାଙ୍ଗରେ ନେଇ ଯିରୁଶାଲମ ନଗରରୁ
ଫେରିଲେ ।

# 13

## ପାଉଲ ଓ ବର୍ଣ୍ଣବ୍ବାଙ୍କୁ ସୁସମାଚାର ପ୍ରଚାର ପାଇଁ ପଠାଗଲା

1ସେତେବେଳେ ସିରିଆ ଅଞ୍ଚଳର ଆନ୍ତିୟଖ ନଗରରେ ଥିବା
ମଣ୍ଡଳୀରେ ଭାବବାଦୀ ଓ ଶିକ୍ଷକମାନେ ଥିଲେ । ସେମାନେ
ହେଲେ, ବର୍ଣ୍ଣବ୍ବା, ଶିମିୟୋନ, ଯାହାଙ୍କୁ କଳାଲୋକ ବୋଲି
କୁହାଯାଉଥିଲା, କୂରୀଣୀ ଅଞ୍ଚଳର ଲୂକିୟ, ସାମନ୍ତରାଜା
ହେରୋଦ ଆନ୍ତିପାସଙ୍କ ସହିତ ପାଳିତ ହୋଇଥିବା ମନହେମ୍ ଓ
ଶାଉଲ । 2ଦିନେ ସେମାନେ ପ୍ରଭୁଙ୍କର ଉପାସନା ଓ ଉପବାସ
କରୁଥିବା ସମୟରେ, ପବିତ୍ର ଆତ୍ମା ସେମାନଙ୍କୁ କହିଲେ, "ଯେଉଁ
କାମ ପାଇଁ ଆମ୍ଭେ ବର୍ଣ୍ଣବ୍ବା ଓ ଶାଉଲଙ୍କୁ ଡାକିଅଛୁ ସେଥିପାଇଁ
ସେମାନଙ୍କୁ ଅଲଗାକର ।" 3ତେଣୁ ସେମାନେ ଉପବାସ ପ୍ରାର୍ଥନା
କରି ସାରିଲା ପରେ, ସେମାନଙ୍କ ଉପରେ ହାତ ରଖି ପ୍ରାର୍ଥନା
କରି ପଠାଇଲେ ।

## ସୁସମାଚାର ପ୍ରଚାର କାର୍ଯ୍ୟରେ ପାଉଲଙ୍କ ପ୍ରଥମ ଯାତ୍ରା

4ଏହିପରି ପବିତ୍ର ଆତ୍ମା ସେମାନଙ୍କୁ ପଠାଇବାରୁ ସେମାନେ
ସେଲୁକିଆ ଅଞ୍ଚଳକୁ ଗଲେ ଓ ସେଠାରୁ ପାଣି ଜାହାଜରେ କୁପ୍ର
ଦ୍ୱୀପକୁ ଗଲେ । 5ସେମାନେ କୁପ୍ର ଦ୍ୱୀପରେ ଥିବା ସାଲାମି
ନଗରରେ ପହଞ୍ଚିଲା ପରେ, ଯିହୁଦୀ ଜାତିର ଲୋକମାନଙ୍କର
ଉପାସନା ଗୃହଗୁଡ଼ିକରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କଲେ । ଆଉ
ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଯୋହନ, ଯାହାର ଅନ୍ୟନାମ
ମାର୍କ, ସେ ମଧ୍ୟ ସେମାନଙ୍କ ସହିତ ଥିଲେ ।

6ପୁଣି ସେମାନେ ସେହି ଦ୍ୱୀପ ମଧ୍ୟ ଦେଇ ଯାଇ, ଶେଷରେ
ପାଫସ ନଗରକୁ ଆସିଲେ । ସେଠାରେ ସେମାନେ ବ-ର୍ଯୀଶୁ
ନାମକ ଜଣେ ଯାଦୁକରକୁ ଭେଟିଲେ । ସେ ଯିହୁଦୀ ଜାତିର
ଜଣେ ମିଥ୍ୟା ଭବିଷ୍ୟତବକ୍ତା ଥିଲେ । 7ସେହି ମିଥ୍ୟା
ଭବିଷ୍ୟତବକ୍ତା ସେହି ଦ୍ୱୀପର ଶାସନକର୍ତ୍ତା ସେର୍ଗିଅସ
ପାଉଲୁସ୍‌ଙ୍କ ସହିତ ଥିଲା । ସେହି ଶାସନକର୍ତ୍ତା ଜଣେ ଜ୍ଞାନି ବ୍ୟକ୍ତି
ଥିଲେ । ସେ ବର୍ଣ୍ଣବ୍ବା ଏବଂ ଶାଉଲଙ୍କୁ ନିଜ ପାଖକୁ ଡାକିଲେ ଓ
ସେମାନଙ୍କଠାରୁ ଈଶ୍ୱରଙ୍କ ବାକ୍ୟ ଶୁଣିବାକୁ ଇଚ୍ଛାକଲେ । 8କିନ୍ତୁ
ସେହି ଶାସନକର୍ତ୍ତା ଯେପରି ଯୀଶୁଙ୍କଠାରେ ବିଶ୍ୱାସ କରିବେ
ନାହିଁ, ସେଥିପାଇଁ ସେହି ଯାଦୁକର ବ-ର୍ଯୀଶୁ, ଯାହାକୁ ଗ୍ରୀକ୍
ଭାଷାରେ ଅଲ୍ଲୀମା ବୋଲି କୁହାଯାଏ, ସେ ବର୍ଣ୍ଣବ୍ବା ଓ ଶାଉଲଙ୍କୁ

ବାଧା ଦେବାକୁ ଲାଗିଲା ।

[9]ମାତ୍ର ଶାଉଲ ଯିଏ ପରେ ପାଉଲ ନାମରେ ପରିଚିତ ହେଲେ, ସେ ପବିତ୍ର ଆତ୍ମାରେ ପୂର୍ଣ୍ଣହୋଇ ତାଙ୍କୁ ଏକ ଦୃଷ୍ଟିରେ ଅନାଇଲେ,
[10]ପୁଣି କହିଲେ, "ଆରେ ଶୟତାନର ସନ୍ତାନ, ତୁମେ ସବୁ ଉତ୍ତମ ବିଷୟର ଶତ୍ରୁ, ପୁଣି ସବୁପ୍ରକାର ଛଳନା ଓ ଦୁଷ୍ଟତାରେ ପୂର୍ଣ୍ଣ । ତୁମେ କଅଣ ପ୍ରଭୁଙ୍କର ସତ୍ୟର ସଳଖ ପଥକୁ କୁଟିଳ[u] କରିବା
କେବେ ବନ୍ଦ କରିବ ନାହିଁ ? [11]ଆଉ ଏବେ ଦେଖ, ପ୍ରଭୁଙ୍କ ହାତ ତୁମକୁ ଆଘାତ କରିବ, ତେଣୁ ତୁମେ କିଛି ସମୟ ପାଇଁ ଅନ୍ଧ ହୋଇ ସୂର୍ଯ୍ୟର ଆଲୁଅ ଦେଖି ପାରିବ ନାହିଁ ।" ପାଉଲ ଏହା କହିବା ସଙ୍ଗେ ସଙ୍ଗେ କୁହୁଡ଼ି ଓ ଅନ୍ଧାର ସେହି ଲୋକର ଆଖିକୁ ଘୋଡ଼ାଇ ପକାଇବା ପରି ସେ ଅନୁଭବ କଲା, ତେଣୁ ସେ ତାଙ୍କୁ ହାତ ଧରି ବାଟ କଢ଼ାଇ ନେବା ପାଇଁ ଏଣେ ତେଣେ ଦରାଣ୍ଡି ହୋଇ ଲୋକମାନଙ୍କୁ ଖୋଜିବାକୁ ଲାଗିଲା ।

[12]ସେହି ଶାସନକର୍ତ୍ତା ଏହିସବୁ ଘଟଣା ଦେଖି ବିଶ୍ୱାସ କଲେ, କାରଣ ସେ ପ୍ରଭୁଙ୍କ ଶିକ୍ଷା ଶୁଣି ଆଶ୍ଚର୍ଯ୍ୟ ହେଲେ ।

## ପାଉଲ ପିସିଦିଆ ଅଞ୍ଚଳର ଆଣ୍ଟିୟଖ ନଗରରେ ପ୍ରଚାର କଲେ

[13]ଏହାପରେ ପାଉଲ ଓ ତାଙ୍କର ସଙ୍ଗୀମାନେ ପାଫସ ନାମକ ସେହି ସ୍ଥାନରୁ ବାହାରି ପାଣି ଜାହାଜରେ ପମ୍ଫୂଲିଆ ଅଞ୍ଚଳର ପର୍ଗୀ ନଗରକୁ ଗଲେ । କିନ୍ତୁ ଯୋହନ ଯାହାଙ୍କର ଅନ୍ୟ ନାମ ମାର୍କ ସେମାନଙ୍କୁ ସେଠାରେ ଛାଡ଼ି ଯିରୂଶାଲମ ନଗରକୁ
ଫେରିଗଲେ । [14]ସେମାନେ ପର୍ଗୀ ନଗରରୁ ଯାଇ ପିସିଦିଆ ଅଞ୍ଚଳର ଆଣ୍ଟିୟଖ ନଗରରେ ପହଞ୍ଚିଲେ, ଆଉ ବିଶ୍ରାମବାର[v] ଦିନ ସେମାନେ ଯିହୁଦୀମାନଙ୍କର ଉପାସନା ଗୃହକୁ ଯାଇ
ଉପାସନାରେ ବସିଲେ । [15]ଈଶ୍ୱରଙ୍କ ବ୍ୟବସ୍ଥା ଓ ଭାବବାଦୀମାନେ ଲେଖିଥିବା ଶାସ୍ତ୍ର ପାଠ କରି ସାରିଲା ପରେ, ଯିହୁଦୀମାନଙ୍କର ଉପାସନା ଗୃହର ଅଧ୍ୟକ୍ଷ ସେମାନଙ୍କ ନିକଟକୁ ଏହିପରି କହି ପଠାଇଲେ, "ଭାଇମାନେ ଯଦି ଆପଣମାନଙ୍କର କିଛି ଉତ୍ସାହଜନକ କଥା ଲୋକମାନଙ୍କୁ କହିବାର ଅଛି, ତାହାହେଲେ କୁହନ୍ତୁ" ।

[16]ତେଣୁ ପାଉଲ ଠିଆହେଲେ ଓ ନୀରବ ହୋଇ ତାଙ୍କ କଥା ଶୁଣିବାକୁ ଲୋକମାନଙ୍କୁ ହାତରେ ଠାରିଲେ ଓ କହିଲେ, "ହେ ଇସ୍ରାଏଲ ଲୋକମାନେ ଏବଂ ଈଶ୍ୱରଙ୍କୁ ଭୟକରୁଥିବା ଲୋକମାନେ, ମୋ କଥା ଶୁଣନ୍ତୁ ।

[17]ଏହି ଇସ୍ରାଏଲ ଜାତିର ଈଶ୍ୱର ଆମ୍ଭମାନଙ୍କ ପିତୃପୁରୁଷମାନଙ୍କୁ ବାଛିଲେ, ଆଉ ସେମାନେ ମିସର ଦେଶରେ ବାସ କରୁଥିବା ସମୟରେ ସେମାନଙ୍କୁ ବହୁ ସଂଖ୍ୟାରେ ବୃଦ୍ଧି କରି ମହାନ କଲେ, ପୁଣି ସେ ଶକ୍ତିର ସହିତ ସେମାନଙ୍କୁ ସେଠାରୁ
ବାହାରକରି ଆଣିଲେ । [18]ପୁଣି, ତାପରେ, ପ୍ରାୟ ଚାଳିଶ ବର୍ଷ ଯାଏଁ ସେ ମରୁଭୂମିରେ ସେମାନଙ୍କ ମନ୍ଦ ବ୍ୟବହାର ସହିଲେ ।
[19]ପୁଣି ସେ କିଣାନ ଦେଶର ସାତୋଟି ଜାତିର ଲୋକମାନଙ୍କୁ ବିନାଶ କରି ଇସ୍ରାଏଲ ଜାତିକୁ ସେହି ଦେଶଗୁଡ଼ିକ ଅଧିକାର କରିବା ପାଇଁ ଦେଲେ ।

[20]ଏସମସ୍ତ ଘଟଣା ପ୍ରାୟ ୪୫୦ ବର୍ଷ ମଧ୍ୟରେ ଘଟିଥିଲା । ଏହାପରେ ଭବିଷ୍ୟତବକ୍ତା ଶାମୁୟେଲଙ୍କ ସମୟ ଯାଏଁ, ସେ
ସେମାନଙ୍କୁ ଉଦ୍ଧାରକର୍ତ୍ତାମାନଙ୍କୁ[w] ଦେଲେ । [21]ତାପରେ ସେମାନେ ଈଶ୍ୱରଙ୍କୁ ନିଜ ପାଇଁ ଜଣେ ରାଜାଙ୍କୁ ମାଗିଲେ । ଆଉ ଈଶ୍ୱର ସେମାନଙ୍କୁ ବିନ୍ୟାମିନ ଗୋଷ୍ଠୀର କୀଶଙ୍କ ପୁଅ ଶାଉଲଙ୍କୁ ରାଜା ରୂପେ ଦେଲେ । ସେ ସେମାନଙ୍କୁ ଚାଳିଶ ବର୍ଷ ଯାଏଁ ଶାସନ
କଲେ । [22]ପରେ ଈଶ୍ୱର, ଶାଉଲଙ୍କୁ ରାଜା ପଦରୁ ବାହାରକରି, ସେମାନଙ୍କ ରାଜା ହେବା ପାଇଁ ଦାଉଦଙ୍କୁ ଉଠାଇଲେ । ଈଶ୍ୱର ଦାଉଦଙ୍କ ବିଷୟରେ କହିଲେ, "ଆମ୍ଭେ ଯିଶୟର ପୁଅ ଦାଉଦକୁ ପାଇଅଛୁ । ସେ ଆମ୍ଭର ମନ ପସନ୍ଦର ବ୍ୟକ୍ତି; ସେ ଆମ୍ଭର ଇଚ୍ଛା ଅନୁସାରେ ସମସ୍ତ କାର୍ଯ୍ୟ କରିବ ।"

[23]ପୁଣି ଏବେ, ଈଶ୍ୱର ନିଜେ ପ୍ରତିଜ୍ଞା କରିଥିବା ଅନୁସାରେ, ଇସ୍ରାଏଲ ଲୋକମାନଙ୍କ ପାଇଁ ଦାଉଦଙ୍କ ବଂଶରୁ ଜଣେ

---

[u] **13.10** ଯାହା ମନ୍ଦ ଅଟେ ଓ ସରଳ ନୁହେଁ

[v] **13.14** ବିଶ୍ରାମବାର - ଯିହୁଦୀ ଜାତିର ଲୋକମାନେ ସପ୍ତାହରେ ଗୋଟିଏ ଦିନ କାର୍ଯ୍ୟ ନ କରି ବିଶ୍ରାମ କରୁଥିଲେ ଓ ଈଶ୍ୱରଙ୍କର ଉପାସନା କରୁଥିଲେ । ସେହି ଦିନକୁ ବିଶ୍ରାମବାର କୁହାଯାଏ ।

[w] **13.20** ମୂଳ ଭାଷାରେ 'ବିଚାରକର୍ତ୍ତା'; କିନ୍ତୁ ମୂଖ୍ୟତଃ ସେମାନେ ଇସ୍ରାଏଲ ଜାତିର ଲୋକମାନଙ୍କୁ ସେମାନଙ୍କ ଶତ୍ରୁମାନଙ୍କଠାରୁ ଉଦ୍ଧାର କରୁଥିବାରୁ ସେମାନଙ୍କୁ ଉଦ୍ଧାରକର୍ତ୍ତା ବୋଲି ମଧ୍ୟ କୁହାଯାଏ ।

ତ୍ରାଣକର୍ତ୍ତାଙ୍କୁ ଆଣିଅଛନ୍ତି, ସେ ହେଉଛନ୍ତି ଯୀଶୁ । 24 ଯୀଶୁ ଆସିବା
ଆଗରୁ, ପ୍ରଥମରେ ଯୋହନ ସମସ୍ତ ଇସ୍ରାଏଲ ଲୋକଙ୍କ
ନିକଟରେ ମନପରିବର୍ତ୍ତନ କରି ଡୁବନ[x] ନେବାକୁ ଘୋଷଣା କଲେ
। 25 ଆଉ ଯୋହନ ନିଜର ସେବାକାର୍ଯ୍ୟ ଶେଷ ହୋଇ ଆସୁଥିବା
ସମୟରେ, ଲୋକମାନଙ୍କୁ ପଚାରିଲେ, 'ମୁଁ କିଏ ବୋଲି
ତୁମ୍ଭେମାନେ ମନେକରୁଅଛ ? ଯାହାଙ୍କୁ[y] ତୁମ୍ଭେମାନେ ଅପେକ୍ଷା
କରୁଅଛ, ମୁଁ ସେ ନୁହେଁ । କିନ୍ତୁ, ଦେଖ, ମୋ ପରେ ଜଣେ
ଆସୁଅଛନ୍ତି, ଆଉ ତାହାଙ୍କ ପାଦର ଜୋତା ଫିଟାଇଦେବାକୁ ମଧ୍ୟ
ମୁଁ ଯୋଗ୍ୟ ନୁହେଁ ।'

26 ହେ ମୋର ଭାଇମାନେ, ଅବ୍ରାହାମଙ୍କର ବଂଶଧର ଓ
ପରମେଶ୍ୱରଙ୍କୁ ଭୟକରୁଥିବା ଅଣ-ଯିହୁଦୀମାନେ, ଏହି
ପରିତ୍ରାଣର[z] ସମ୍ବାଦ ଈଶ୍ୱର ଆମ୍ଭମାନଙ୍କ ନିକଟକୁ ପଠାଇଅଛନ୍ତି ।
27 ଯିରୂଶାଲମ ନଗରର ଲୋକମାନେ ଏବଂ ସେମାନଙ୍କର
ନେତାମାନେ, ଯୀଶୁଙ୍କୁ ଚିହ୍ନି ନ ପାରିବାରୁ ଓ ପ୍ରତି ବିଶ୍ରାମବାରରେ
ଉପାସନା ଗୃହରେ ପାଠ କରାଯାଉଥିବା ଭାବବାଦୀମାନଙ୍କ
ଲେଖାଗୁଡ଼ିକ ବୁଝି ନ ପାରିବାରୁ, ତାହାଙ୍କୁ ଦୋଷି କଲେ ଓ
ଭାବବାଦୀମାନେ ଯାହା ଲେଖିଥିଲେ ତାହା ସେମାନେ ଏହିପରି
ସଫଳ କଲେ । 28 ଆଉ ସେମାନେ ତାହାଙ୍କୁ ମୃତ୍ୟୁଦଣ୍ଡ ଦେବା
ପାଇଁ ତାହାଙ୍କଠାରେ କୌଣସି ଦୋଷ ନ ପାଇଲେ ମଧ୍ୟ, ତାହାଙ୍କୁ
ମୃତ୍ୟୁଦଣ୍ଡ ଦେବା ପାଇଁ ପିଲାତଙ୍କୁ ଅନୁରୋଧ କଲେ ।

29 ପୁଣି ତାହାଙ୍କ ବିଷୟରେ ଯେଉଁସବୁ କଥା ଲେଖାଯାଇଥିଲା,
ସେମାନେ ସେଅନୁସାରେ କଲା ପରେ, ତାଙ୍କୁ କ୍ରୁଶରୁ[a] ତଳକୁ
ଓହ୍ଲାଇଲେ ଓ ସମାଧିରେ ରଖିଲେ । 30 କିନ୍ତୁ ଈଶ୍ୱର ତାଙ୍କୁ ମୃତ
ଲୋକମାନଙ୍କ ମଧ୍ୟରୁ ଉଠାଇଲେ । 31 ପୁଣି ଯେଉଁମାନେ ତାହାଙ୍କ
ସହିତ ଗାଲିଲୀ ଅଞ୍ଚଳରୁ ଯିରୂଶାଲମ ନଗରକୁ ଆସିଥିଲେ,
ସେମାନଙ୍କୁ ସେ ବହୁ ଦିନ ପର୍ଯ୍ୟନ୍ତ ବାରମ୍ବାର ଦେଖାଦେଲେ ।
ସେମାନେ ଏବେ ଲୋକମାନଙ୍କ ନିକଟରେ ତାହାଙ୍କର ସାକ୍ଷୀ
ଅଟନ୍ତି ।

32 ଈଶ୍ୱର ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ନିକଟରେ ପ୍ରତିଜ୍ଞା
କରିଥିବା ସେହି ସୁସମାଚାର ଆମ୍ଭେମାନେ ଆପଣମାନଙ୍କୁ କହିବା
ପାଇଁ ଏହି ସ୍ଥାନକୁ ଆସିଅଛୁ । 33 ଯେଉଁ ଈଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ
ଉଠାଇ, ତାଙ୍କର ପୁଅଝିଅମାନେ ଯେ ଆମ୍ଭେମାନେ, ଆମ୍ଭମାନଙ୍କ
ପ୍ରତି ସେ ସେହି ପ୍ରତିଜ୍ଞା ସଫଳ କରିଛନ୍ତି । ଦ୍ୱିତୀୟ ଗୀତରେ[b],
ଯୀଶୁଙ୍କ ବିଷୟରେ ଏପରି ଲେଖାଯାଇଛି, 'ତୁମ୍ଭେ ଆମ୍ଭର ପୁତ୍ର,
ଏହା, ଆଜି ଆମ୍ଭେ ଜଗତକୁ ଦେଖାଇଲୁ ।'

34 ଈଶ୍ୱର ଯୀଶୁଙ୍କୁ ମୃତ ଲୋକମାନଙ୍କ ମଧ୍ୟରୁ ଉଠାଇଥିବାରୁ
ତାଙ୍କ ଶରୀର ସମାଧିରେ କଦାପି ନଷ୍ଟ ହେବ ନାହିଁ । ସେଥିପାଇଁ
ଈଶ୍ୱର ଆଗରୁ ଏହିପରି କହିଛନ୍ତି, 'ଆମ୍ଭେ ଦାଉଦଙ୍କ ନିକଟରେ
ପ୍ରତିଜ୍ଞା କରିଥିବା ପବିତ୍ର ଓ ଅଟଳ ଆଶୀର୍ବାଦସବୁ ତୁମକୁ ଦେବା'
। 35 ସେଥିପାଇଁ ସେ ଗୀତ ସଂହିତାର ଅନ୍ୟ ଏକ ସ୍ଥାନରେ କହନ୍ତି,
'ତୁମ୍ଭେ ତୁମ୍ଭର ପବିତ୍ର ବ୍ୟକ୍ତିଙ୍କୁ ସମାଧିରେ ନଷ୍ଟ ହେବାକୁ କଦାପି
ଦେବ ନାହିଁ' । 36 କାରଣ ଦାଉଦ ନିଜ ସମୟର ଲୋକମାନଙ୍କ
ମଧ୍ୟରେ ଈଶ୍ୱରଙ୍କର ଇଚ୍ଛାକୁ ସଫଳ କଲା ପରେ, ମୃତ୍ୟୁବରଣ
କଲେ ଏବଂ ନିଜ ପିତୃପୁରୁଷମାନଙ୍କ ସହିତ ସମାଧି ପାଇଲେ
ପୁଣି ସମାଧିରେ ତାଙ୍କ ଶରୀର ନଷ୍ଟ ହେଲା । 37 କିନ୍ତୁ ଈଶ୍ୱର
ଯେଉଁ ଯୀଶୁଙ୍କୁ ମୃତ ଲୋକମାନଙ୍କ ମଧ୍ୟରୁ ଉଠାଇଅଛନ୍ତି, ଆଉ
ତାହାଙ୍କ ଶରୀର ସମାଧିରେ ନଷ୍ଟ ହେଲା ନାହିଁ ।

38 ସେଥିପାଇଁ, ହେ ଭାଇମାନେ, ଆପଣମାନେ ଏହା
ଜାଣିରଖନ୍ତୁ ଯେ, କେବଳ ଏହି ଯୀଶୁଙ୍କ ଦ୍ୱାରା ପାପକ୍ଷମା
ହୋଇପାଇବ, ଏହା ଆମ୍ଭେମାନେ ଆପଣମାନଙ୍କଠାରେ
ଘୋଷଣା କରୁଅଛୁ । 39 ପୁଣି ଯେକେହି ତାହାଙ୍କଠାରେ ବିଶ୍ୱାସ
କରେ, ସେ ପ୍ରତ୍ୟେକ ପାପରୁ ମୁକ୍ତି ପାଏ, ଯେଉଁ ପାପରୁ
ଆପଣମାନେ ମୋଶା ଦେଇଥିବା ବ୍ୟବସ୍ଥା ଦ୍ୱାରା ମୁକ୍ତ ହୋଇ

---

[x] **13.24** ଡୁବନକୁ ଗ୍ରୀକ୍ ଭାଷାରେ ବାପ୍ତିସ୍ମ କୁହାଯାଏ । ଦେଖନ୍ତୁ, ପ୍ରେରିତ ୧:୫

[y] **13.25** ଏହି ବାକ୍ୟରେ "ଯାହାଙ୍କୁ" ପଦଟି ଈଶ୍ୱରଙ୍କ ନିରୂପିତ ଖ୍ରୀଷ୍ଟଙ୍କୁ ବୁଝାଏ ।

[z] **13.26** ପାପକ୍ଷମା ହୋଇ ପରିତ୍ରାଣ ପାଇବା । ଦେଖନ୍ତୁ, ପ୍ରେରିତ ୨:୪୭, ୪:୧୨

[a] **13.29** କ୍ରୁଶ ହେଉଛି ଏକ ପ୍ରକାର ଛକି କାଠ । ଅପରାଧିମାନଙ୍କୁ ଅଧିକ କଷ୍ଟ ଦେଇ ମାରିବାକୁ ରୋମ ସରକାର ଏହା ବ୍ୟବହାର କରୁଥିଲେ । ଦେଖନ୍ତୁ ପ୍ରେରିତ ୧:୩

[b] **13.33** ଗୀତସହିଁତା ଦ୍ୱିତୀୟ ଅଧ୍ୟାୟରେ

ପାରିଲେ ନାହିଁ । 40 ତେଣୁ, ଆପଣମାନେ ସାବଧାନ ହୁଅନ୍ତୁ,
ଯେପରି ଭବିଷ୍ୟତବକ୍ତାମାନେ ସେମାନଙ୍କ ପୁସ୍ତକଗୁଡ଼ିକରେ
ଯେଉଁ ସମସ୍ତ କଥା ଲେଖିଛନ୍ତି, ସେସବୁ ଆପଣମାନଙ୍କ ପ୍ରତି
ଘଟିବ ନାହିଁ । 41 କାରଣ ସେମାନେ ଲେଖିଛନ୍ତି

‘ହେ ଈଶ୍ୱରଙ୍କ ବାକ୍ୟ ତୁଚ୍ଛ କରୁଥିବା ଲୋକମାନେ,
ତୁମ୍ଭେମାନେ ଆଶ୍ଚର୍ଯ୍ୟ ହୋଇ ବିନଷ୍ଟ ହୁଅ;
କାରଣ ଆମ୍ଭେ ତୁମ୍ଭମାନଙ୍କ ସମୟରେ ଏକ କାର୍ଯ୍ୟ
କରୁଅଛୁ;
ଏପରି ଏକ କାର୍ଯ୍ୟ, ଯାହା ବିଷୟରେ ତୁମ୍ଭମାନଙ୍କୁ
କେହି କହିଲେ ମଧ୍ୟ
ତୁମ୍ଭେମାନେ ତାହା କୌଣସି ପ୍ରକାରେ ବିଶ୍ୱାସ କରିବ
ନାହିଁ ।’”

42 ଏହାପରେ ପାଉଲ ଓ ବର୍ଣ୍ଣବ୍ବା ସେହି ସ୍ଥାନରୁ ବାହାରି
ଯାଉଥିବା ସମୟରେ, ସେମାନେ ଯେପରି ପରବର୍ତ୍ତୀ
ବିଶ୍ରାମବାରରେ ଆସି ସେହିସବୁ ବିଷୟରେ ସେମାନଙ୍କୁ ପୁଣି
ଥରେ କହିବେ, ସେଥିପାଇଁ ଲୋକମାନେ ସେମାନଙ୍କୁ ଅନୁରୋଧ
କଲେ । 43 ଉପାସନା ଗୃହର ସଭା ସରିଲା ପରେ, ଅନେକ
ଯିହୁଦୀ ଏବଂ ଯିହୁଦୀ ଧର୍ମ ଗ୍ରହଣ କରିଥିବା ଭକ୍ତମାନେ ପାଉଲ
ଏବଂ ବର୍ଣ୍ଣବ୍ବାଙ୍କ ପଛେ ପଛେ ଗଲେ । ପୁଣି ପାଉଲ ଏବଂ
ବର୍ଣ୍ଣବ୍ବା ସେମାନଙ୍କ ସହିତ କଥାବାର୍ତ୍ତା କରି ଈଶ୍ୱରଙ୍କ
ଅନୁଗ୍ରହରେ ନିର୍ଭର କରି ରହିବାକୁ ସେମାନଙ୍କୁ ବୁଝାଇଲେ ।

44 ସପ୍ତାହକ ପରେ, ପରବର୍ତ୍ତୀ ବିଶ୍ରାମବାରରେ ସହରର ପ୍ରାୟ
ସବୁଲୋକ ପ୍ରଭୁଯୀଶୁଙ୍କ ବାକ୍ୟ ଶୁଣିବା ପାଇଁ ସେଠାରେ ଏକାଠି
ହେଲେ । 45 କିନ୍ତୁ କେତେକ ଯିହୁଦୀ ଲୋକ, ଜନଗହଳି ଦେଖି
ଈର୍ଷାକଲେ, ପୁଣି ପାଉଲଙ୍କୁ ଗାଳି କରୁ କରୁ ତାଙ୍କ କଥାକୁ
ବିରୋଧ କଲେ ।

46 ତଥାପି ପାଉଲ ଓ ବର୍ଣ୍ଣବ୍ବା ସାହସର ସହିତ କହିଲେ, “
ଈଶ୍ୱରଙ୍କ ବାକ୍ୟ, ପ୍ରଥମେ ଆପଣମାନଙ୍କ ନିକଟରେ ଅର୍ଥାତ
ଯିହୁଦୀମାନଙ୍କ ନିକଟରେ ପ୍ରଚାର କରିବାର ଆବଶ୍ୟକ ଥିଲା କିନ୍ତୁ
ଆପଣମାନେ ତାହା ଗ୍ରହଣ କଲେନାହିଁ ଓ ଆପଣମାନେ ନିଜକୁ
ଅନନ୍ତ ଜୀବନ ପାଇବାକୁ ଅଯୋଗ୍ୟ ବୋଲି ଭାବିଲେ । ଏଣୁ,
ଏବେ ଦେଖନ୍ତୁ, ଆମ୍ଭେମାନେ ଅଣ-ଯିହୁଦୀମାନଙ୍କ ନିକଟରେ
ପ୍ରଚାର କରିବାକୁ ଯାଉଅଛୁ । 47 କାରଣ ପ୍ରଭୁ ଆମ୍ଭମାନଙ୍କୁ
ଏହିପରି ଆଦେଶ ଦେଇ କହିଅଛନ୍ତି, ‘ଆମ୍ଭେ
ଅଣ-ଯିହୁଦୀମାନଙ୍କ ପାଇଁ ତୁମକୁ ଆଲୋକ ସ୍ୱରୂପେ କରିଅଛୁ,
ଯେପରି ପୃଥିବୀର ଶେଷ ଭାଗରେ ଥିବା ଲୋକମାନଙ୍କ ପାଇଁ
ତୁମ୍ଭେମାନେ ପରିତ୍ରାଣ[c] ନେଇ ଆସିବ ।’”

48 ଯେତେବେଳେ ଅଣ-ଯିହୁଦୀ ଲୋକମାନେ ଏହା ଶୁଣିଲେ,
ସେମାନେ ଖୁସି ହେଲେ, ଆଉ ଈଶ୍ୱରଙ୍କ ବାକ୍ୟକୁ ପ୍ରଶଂସା
କରିବାକୁ ଲାଗିଲେ, ପୁଣି ଅନନ୍ତ ଜୀବନ ପାଇବା ପାଇଁ ଈଶ୍ୱର
ଯେତେ ଲୋକଙ୍କୁ ବାଛିଥିଲେ, ସେମାନେ ବିଶ୍ୱାସ କଲେ । 49 ଆଉ
ପ୍ରଭୁଙ୍କର ବାକ୍ୟ ସାରା ଅଞ୍ଚଳରେ ବ୍ୟାପି ଗଲା ।

50 କିନ୍ତୁ କିଛି ଯିହୁଦୀ ଲୋକ, ସମାଜରେ ବହୁତ ସମ୍ମାନଥିବା
ଭକ୍ତ ମହିଳାମାନଙ୍କୁ ଓ ନଗରର ମୂଖ୍ୟ ଲୋକମାନଙ୍କୁ ପାଉଲ ଓ
ବର୍ଣ୍ଣବ୍ବାଙ୍କ ବିରୁଦ୍ଧରେ ଉସୁକାଇଲେ ଓ ସେମାନଙ୍କୁ
ତାଡ଼ନାକରିବାକୁ ଲୋକମାନଙ୍କୁ ମତାଇଲେ, ପୁଣି ପାଉଲ ଓ
ବର୍ଣ୍ଣବ୍ବାଙ୍କୁ ସେହି ଅଞ୍ଚଳରୁ ବାହାର କରିଦେଲେ । 51 ଏଣୁ
ଆନ୍ତିୟଖର ଯିହୁଦୀ ନେତାମାନେ ପ୍ରଭୁଙ୍କ ବାକ୍ୟ ଗ୍ରହଣ ନ
କରିବାର ଚିହ୍ନ ରୂପେ ପାଉଲ ଏବଂ ବର୍ଣ୍ଣବ୍ବା ସେମାନଙ୍କ
ବିରୁଦ୍ଧରେ ନିଜ ନିଜ ପାଦର ଧୂଳି ଝାଡ଼ିଦେଇ ଇକନିୟ ନଗରକୁ
ଗଲେ । 52 ଆଉ ବିଶ୍ୱାସୀମାନେ ଆନନ୍ଦ ଓ ପବିତ୍ର ଆତ୍ମାରେ
ପୂର୍ଣ୍ଣହେବାକୁ ଲାଗିଲେ ।

# 14

### ପାଉଲ ଏବଂ ବର୍ଣ୍ଣବ୍ବା ଇକନିୟ ନଗରରେ ପ୍ରଚାର କଲେ

1 ଇକନିୟ ନଗରରେ ମଧ୍ୟ ସେହିପରି ଘଟିଲା; ପାଉଲ ଏବଂ
ବର୍ଣ୍ଣବ୍ବା ଯିହୁଦୀ ଲୋକମାନଙ୍କ ଉପାସନା ଗୃହକୁ ଗଲେ ଏବଂ
ସେଠାରେ ଏପରି ଶକ୍ତିର ସହିତ ପ୍ରଚାର କଲେ ଯେ, ଉଭୟ
ଯିହୁଦୀ ଏବଂ ଗ୍ରୀକ୍ ଲୋକମାନଙ୍କ ମଧ୍ୟରୁ ବହୁଲୋକ ବିଶ୍ୱାସ
କଲେ । 2 କିନ୍ତୁ ଯେଉଁ ଯିହୁଦୀ ଲୋକମାନେ ବିଶ୍ୱାସ କଲେ ନାହିଁ,
ସେମାନେ ଭାଇମାନଙ୍କ ବିରୁଦ୍ଧରେ ଅଣ-ଯିହୁଦୀ ଲୋକମାନଙ୍କୁ
ଉସୁକାଇଲେ ଓ ସେମାନଙ୍କ ବିରୁଦ୍ଧରେ ମତାଇଲେ । 3 କିନ୍ତୁ

---

[c] **13.47** ପ୍ରେରିତ ୨:୪୭, ୪:୧୨, ୧୩:୨୬

ପ୍ରେରିତମାନେ ସେଠାରେ ବହୁ ଦିନ ଯାଏଁ ରହି, ପ୍ରଭୁଙ୍କ ବିଷୟ
ସାହସରେ ପ୍ରଚାର କଲେ । ଆଉ ପ୍ରଭୁ ସେମାନଙ୍କ ଦେଇ
ଅନେକ ଅଦ୍ଭୁତ ଲକ୍ଷଣ ଦେଖାଇ ଓ ଆଶ୍ଚର୍ଯ୍ୟ କର୍ମ କରି ନିଜ
ଅନୁଗ୍ରହର ସମ୍ବାଦ ସତ୍ୟ ବୋଲି ସାକ୍ଷ୍ୟ ଦେଲେ । 4 କିନ୍ତୁ ନଗରର
ଲୋକମାନେ ଦୁଇ ଭାଗ ହେଲେ, କିଛି ଲୋକ ଯିହୁଦୀ
ଲୋକମାନଙ୍କ ସପକ୍ଷ ହେଲେ ଓ ଆଉ କିଛି ଲୋକ
ପ୍ରେରିତମାନଙ୍କ ସପକ୍ଷ ହେଲେ ।

5 ଏହାପରେ କିଛି ଯିହୁଦୀ ଓ ଅଣ-ଯିହୁଦୀଲୋକ ସେମାନଙ୍କ
ନେତାମାନଙ୍କ ସହିତ ମିଶି ପାଉଲ ଏବଂ ବର୍ଣ୍ଣବ୍ବାଙ୍କୁ ମନ୍ଦ
ବ୍ୟବହାର କରିବାକୁ ଓ ପଥର ଫୋପାଡ଼ିବାକୁ ଚେଷ୍ଟାକଲେ ।
6 ମାତ୍ର ପ୍ରେରିତମାନେ ତାହା ଜାଣିପାରି, ଲୁକାନିଆ ଅଞ୍ଚଳର ଲୁସ୍ତ୍ରା
ଓ ଦର୍ବୀ ନଗର ପୁଣି ତାହାର ଚତୁଃପାର୍ଶ୍ୱ ଅଞ୍ଚଳକୁ ପଳାଇଗଲେ ।
7 ପୁଣି ସେମାନେ ସେଠାରେ ସୁସମାଚାର ପ୍ରଚାର କରିବାକୁ
ଲାଗିଲେ ।

### ପାଉଲ ଓ ବର୍ଣ୍ଣବାସ ଲୁସ୍ତ୍ରା ଓ ଦର୍ବୀରେ ପ୍ରଚାର କଲେ

8 ଲୁସ୍ତ୍ରାରେ ଜଣେ ଲୋକ ଥିଲେ । ସେ ଜନ୍ମରୁ ଛୋଟା ହୋଇ
ଥିବାରୁ କେବେ ଚାଲି ନ ଥିଲେ । ସେ ବସି 9 ପାଉଲଙ୍କ ପ୍ରଚାର
ଶୁଣୁଥିଲେ । ଆଉ ପାଉଲ ତାଙ୍କୁ ଏକ ଲକ୍ଷରେ ଅନାଇ, ସୁସ୍ଥ
ହେବା ପାଇଁ ତାର ବିଶ୍ୱାସ ଥିବାର ଦେଖି, 10 ଉଚ୍ଚ ସ୍ୱରରେ
କହିଲେ, "ତୁମ ପାଦରେ ଠିଆ ହୁଅ" ! ସେଥିରେ ସେହି ଲୋକ
କୁଦାମାରି ନିଜ ପାଦରେ ଠିଆ ହେଲା ଓ ଚାଲିବାକୁ ଲାଗିଲା ।

11 ପାଉଲଙ୍କ ଦ୍ୱାରା ସେହି ଲୋକ ସୁସ୍ଥ ହେବାର ଦେଖି,
ଲୋକମାନେ ଲୁକାୟନିଆ ଅଞ୍ଚଳର ଭାଷାରେ ଉଚ୍ଚ ସ୍ୱରରେ
କହିଲେ, "ଦେବତାମାନେ ମନୁଷ୍ୟ ରୂପରେ ଆମ ପାଖକୁ
ଆସିଛନ୍ତି" । 12 ସେମାନେ ବର୍ଣ୍ଣବ୍ବାଙ୍କୁ ବୃହସ୍ପତି ଦେବତା ଓ
ପାଉଲ ମୁଖ୍ୟ ପ୍ରଚାରକ ଥିବାରୁ ତାଙ୍କୁ ବୁଧ ଦେବତା ବୋଲି
କହିଲେ । 13 ନଗରକୁ ପଶିବା ସ୍ଥାନରେ ଥିବା ବୃହସ୍ପତି ଦେବତାର
ମନ୍ଦିରର ପୂଜାରୀ ଷଣ୍ଢ ଓ ଫୁଲହାର ନେଇ ଲୋକମାନଙ୍କ ସହିତ
ସେଠାକୁ ଆସି, ପାଉଲ ଓ ବର୍ଣ୍ଣବ୍ବାଙ୍କ ନିକଟରେ ସେସବୁ
ବଳିଦେବା ପାଇଁ ଚାହିଁଲେ ।

14 କିନ୍ତୁ ପ୍ରେରିତମାନେ, ଅର୍ଥାତ୍, ପାଉଲ ଓ ବର୍ଣ୍ଣବ୍ବା ଏହି କଥା
ଶୁଣି ନିଜର ପୋଷାକ ଚିରି ଲୋକମାନଙ୍କ ପାଖକୁ ଶୀଘ୍ର
ଧାଇଁଗଲେ ଓ ପାଟିକରି କହିଲେ, 15 "ହେ ଭାଇମାନେ,
ଆପଣମାନେ କାହିଁକି ଏହିସବୁ ବିଷୟ କରୁଛନ୍ତି ? ଆମ୍ଭେମାନେ
ମଧ୍ୟ ଆପଣମାନଙ୍କ ପରି ମନୁଷ୍ୟ ଅଟୁ । ପୁଣି ଆମ୍ଭେମାନେ
ଆପଣମାନଙ୍କ ନିକଟକୁ ଏହି ସୁସମାଚାର ଆଣିଅଛୁ, ଯେପରି
ଆପଣମାନେ ଏହି ଅସାର ବସ୍ତୁଗୁଡ଼ିକ ଛାଡ଼ି ଜୀବିତ ଈଶ୍ୱରଙ୍କ
ନିକଟକୁ ଫେରିବେ, ଯେଉଁ ଈଶ୍ୱର ସ୍ୱର୍ଗ ଓ ପୃଥିବୀ, ସମୁଦ୍ର ଓ
ସେଥିରେ ଥିବା ସବୁ ବିଷୟ ସୃଷ୍ଟି କରିଛନ୍ତି । 16 ଏକଥା ସତ ଯେ,
ସେ ଅତୀତରେ ସବୁଜାତିର ଲୋକଙ୍କୁ ସେମାନେ ଚାହୁଁଥିବା
ପଥରେ ଯିବା ପାଇଁ ଛାଡ଼ି ଦେଇଥିଲେ । 17 କିନ୍ତୁ, ଭାବନ୍ତୁ ନାହିଁ
ଯେ, ସେ ନିଜ ବିଷୟରେ ପ୍ରମାଣ ଦେଇ ନାହାନ୍ତି । ସେ
ଆକାଶରୁ ବର୍ଷା ଓ ଭୂମିର ଉତ୍ତମ ଫସଲ ଦେଇ, ଖାଦ୍ୟ ଏବଂ
ଆନନ୍ଦରେ ଆପଣମାନଙ୍କ ହୃଦୟକୁ ସନ୍ତୁଷ୍ଟ କରି ମଙ୍ଗଳ
କରିଅଛନ୍ତି । 18 ଏହି ସବୁକଥା କହି ସେମାନେ ସେମାନଙ୍କ
ଉଦ୍ଦେଶ୍ୟରେ ବଳିଦାନ କରିବାରୁ ବହୁ କଷ୍ଟରେ ଲୋକମାନଙ୍କୁ
ଅଟକାଇଲେ ।

19 କିନ୍ତୁ ଆନ୍ତିୟଖ ଓ ଇକନିୟ ଅଞ୍ଚଳରୁ ଯିହୁଦୀ ଲୋକମାନେ
ସେହିସ୍ଥାନକୁ ଆସି ଲୋକମାନଙ୍କୁ ଉସୁକାଇଲେ, ପୁଣି ପାଉଲଙ୍କ
ଉପରକୁ ପଥର ଫୋପାଡ଼ିଲେ ଓ ସେ ମରିଯାଇଛନ୍ତି ବୋଲି ଭାବି
ନଗର ବାହାରକୁ ଟାଣି ନେଇଗଲେ । 20 ମାତ୍ର ଶିଷ୍ୟମାନେ
ପାଉଲଙ୍କୁ ଘେରି ରହିବାରୁ, ସେ ଉଠି ନଗର ଭିତରକୁ ଗଲେ;
ପୁଣି ସେ ତାପରଦିନ ବର୍ଣ୍ଣବ୍ବାଙ୍କ ସହିତ ଦର୍ବୀ ନଗରକୁ
ଚାଲିଗଲେ ।

21 ସେମାନେ ସେହି ନଗରରେ ସୁସମାଚାର ପ୍ରଚାର କରି ଓ
ଅନେକଙ୍କୁ ଶିଷ୍ୟ କଲା ପରେ, ଲୁସ୍ତ୍ରା ନଗରକୁ ଫେରିଲେ, ପରେ
ଇକନିୟ ଓ ଆନ୍ତିୟଖ ଅଞ୍ଚଳକୁ ଫେରିଲେ । 22 ପୁଣି, ସେମାନେ
ସେହି ଅଞ୍ଚଳଗୁଡ଼ିକରେ ଥିବା ଶିଷ୍ୟମାନଙ୍କର ମନୋବଳ
ବଢ଼ାଇଲେ ଓ ବିଶ୍ୱାସରେ ରହିବା ପାଇଁ ସେମାନଙ୍କୁ ଉତ୍ସାହ ଦେଇ
କହିଲେ, "ଅନେକ କଷ୍ଟ ଦେଇ ଆମକୁ ଈଶ୍ୱରଙ୍କ ରାଜ୍ୟରେ
ପଶିବାକୁ ହେବ" । 23 ଆଉ, ସେମାନେ ପ୍ରତି ମଣ୍ଡଳୀରେ
ଉପବାସ ଓ ପ୍ରାର୍ଥନା ସହିତ ପ୍ରାଚୀନମାନଙ୍କୁ ନିଯୁକ୍ତ କରିବା

ପରେ, ଯେଉଁ ପ୍ରଭୁଙ୍କଠାରେ ସେମାନେ ବିଶ୍ୱାସ କରିଥିଲେ,
ତାହାଙ୍କଠାରେ ସେମାନଙ୍କୁ ସମର୍ପଣ କଲେ । [24]ତାପରେ
ସେମାନେ ପିସିଦିଆ ଅଞ୍ଚଳ ଦେଇ ପଂଫୂଲିଆ ନଗରକୁ
ଫେରିଲେ । [25]ଆଉ ସେମାନେ ପର୍ଗୀ ନଗରରେ ଈଶ୍ୱରଙ୍କ ବାକ୍ୟ
ପ୍ରଚାର କରି ଆତ୍ତାଲିଆ ଅଞ୍ଚଳକୁ ଗଲେ ।

[26]ସେଠାରୁ ସେମାନେ ପାଣି ଜାହାଜରେ ଆନ୍ତିୟଖ ଅଞ୍ଚଳକୁ
ଆସିଲେ । ସେଠାରେ ଈଶ୍ୱରଙ୍କ ଅନୁଗ୍ରହରେ ଯେଉଁ କାର୍ଯ୍ୟ
କରିବାକୁ ସେମାନଙ୍କୁ ଦିଆଯାଇଥିଲା, ସେହି କାର୍ଯ୍ୟ ଶେଷକରି
ସେମାନେ ଫେରିଲେ । [27]ସେମାନେ ଆନ୍ତିୟଖରେ ପହଞ୍ଚି,
ମଣ୍ଡଳୀର ବିଶ୍ୱାସୀମାନଙ୍କୁ ଏକାଠି କଲେ, ପୁଣି ଈଶ୍ୱର ସେମାନଙ୍କ
ସହିତ ଥାଇ ଯେଉଁ କାର୍ଯ୍ୟସବୁ କରିଥିଲେ ଓ ସେ କିପରି ଅଣ
ଯିହୁଦୀମାନେ ବିଶ୍ୱାସ କରିବାକୁ ଦ୍ୱାର ଫିଟାଇଲେ, ସେସବୁ କଥା
ମଣ୍ଡଳୀକୁ ଜଣାଇଲେ । [28]ଆଉ ସେମାନେ ଶିଷ୍ୟମାନଙ୍କ ସହିତ
ଅନେକ ଦିନ ଯାଏଁ ରହିଲେ ।

# 15

## ଯିରୁଶାଲମ ସଭା

[1]ଏଥିମଧ୍ୟରେ କିଛି ଲୋକ ଯିହୁଦା ପ୍ରଦେଶରୁ ସିରିଆ ଅଞ୍ଚଳର
ଆନ୍ତିୟଖ ନଗରକୁ ଆସି, ଭାଇମାନଙ୍କୁ ଏହିପରି ଶିକ୍ଷାଦେଇ
କହିଲେ, "ମୋଶା ଦେଇଥିବା ବ୍ୟବସ୍ଥା ଅନୁସାରେ ସୁନ୍ନତ ନ
ହେଲେ, ତୁମ୍ଭେମାନେ ପରିତ୍ରାଣ[d] ପାଇବ ନାହିଁ ।" [2]ପୁଣି ଏହି
ବିଷୟରେ ପାଉଲ ଓ ବର୍ଣ୍ଣବ୍ବାଙ୍କ ସହିତ ସେମାନଙ୍କର ବହୁ
ଯୁକ୍ତିତର୍କ ଓ ବାଦବିବାଦ ହେଲା । ପରେ, ଏହି ପ୍ରଶ୍ନ ନେଇ
ଯିରୁଶାଲମ ନଗରରେ ଥିବା ପ୍ରେରିତ ଓ ପ୍ରାଚୀନମାନଙ୍କ ନିକଟକୁ
ଯିବା ପାଇଁ, ଆନ୍ତିୟଖ ମଣ୍ଡଳୀ ପାଉଲ, ବର୍ଣ୍ଣବ୍ବା ଓ କିଛି
ବିଶ୍ୱାସୀଙ୍କୁ ନିଯୁକ୍ତ କଲା । [3]ମଣ୍ଡଳୀ ସେମାନଙ୍କୁ ପଠାଇବା ପରେ,
ସେମାନେ ଫୈନୀକିଆ ଓ ଶମିରୋଣ ଅଞ୍ଚଳ ଦେଇ ଯାଉ ଯାଉ,
ସେହି ଅଞ୍ଚଳରେ ଥିବା ମଣ୍ଡଳୀଗୁଡ଼ିକର ଭାଇମାନଙ୍କୁ
ଅଣ-ଯିହୁଦୀମାନେ ପ୍ରଭୁଙ୍କ ପ୍ରତି ଫେରିଥିବା କଥା ଜଣାଇଲେ;
ସେଥିରେ ଭାଇମାନେ ମହା ଆନନ୍ଦ କଲେ ।

[4]ସେମାନେ ଯିରୁଶାଲମରେ ପହଞ୍ଚିବାରୁ ମଣ୍ଡଳୀ, ପ୍ରେରିତ ଓ
ପ୍ରାଚୀନମାନେ ସେମାନଙ୍କୁ ସ୍ୱାଗତ କଲେ, ପୁଣି ଈଶ୍ୱର
ସେମାନଙ୍କ ସହିତ ରହି ଯେଉଁ କାର୍ଯ୍ୟସବୁ କରିଥିଲେ, ତାହା
ସେମାନଙ୍କୁ ଜଣାଇଲେ । [5]କିନ୍ତୁ, ଫାରୂଶୀମାନଙ୍କ ଦଳର କିଛି
ବିଶ୍ୱାସୀ ଉଠି କହିଲେ, "ଅଣ-ଯିହୁଦୀ ବିଶ୍ୱାସୀମାନଙ୍କୁ ସୁନ୍ନତ
ହେବାକୁ ଓ ମୋଶା ଦେଇଥିବା ବ୍ୟବସ୍ଥା ପାଳନ କରିବାକୁ
ଆଦେଶ ଦେବା ଆବଶ୍ୟକ ।" [6]ତେଣୁ ଏହି ବିଷୟ ଆଲୋଚନା
କରିବା ପାଇଁ ପ୍ରେରିତ ଓ ପ୍ରାଚୀନମାନେ ଏକାଠି ହେଲେ । [7]ବହୁ
ଆଲୋଚନା ହେଲା ପରେ, ପିତର ଉଠି ସେମାନଙ୍କୁ କହିଲେ,
"ହେ ଭାଇମାନେ ଆପଣମାନେ ଜାଣନ୍ତି ଯେ, ମୁଁ ଯେପରି
ଅଣ-ଯିହୁଦୀ ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର
କରିବି ଓ ସେମାନେ ଶୁଣି ବିଶ୍ୱାସ କରିବେ, ଏଥିପାଇଁ ବହୁ ଦିନ
ଆଗରୁ ଈଶ୍ୱର ଆପଣମାନଙ୍କ ମଧ୍ୟରୁ ମୋତେ ବାଛିଥିଲେ ।
[8]ଯେଉଁ ଈଶ୍ୱର ମନୁଷ୍ୟ ହୃଦୟର କଥା ଜାଣନ୍ତି, ସେ ଆମ୍ଭମାନଙ୍କୁ
ଯେପରି ପବିତ୍ର ଆତ୍ମାଙ୍କୁ ଦାନ କରିଥିଲେ, ସେ ସେପରି
ଅଣ-ଯିହୁଦୀ ଜାତିର ଲୋକମାନଙ୍କୁ ମଧ୍ୟ ପବିତ୍ର ଆତ୍ମାଙ୍କୁ ଦାନ
କରି ପ୍ରମାଣ ଦେଲେ ଯେ ସେ ସେମାନଙ୍କୁ ମଧ୍ୟ ଗ୍ରହଣ କରନ୍ତି ।
[9]ଆଉ ଅଣ-ଯିହୁଦୀ ଜାତିର ଲୋକମାନେ ବିଶ୍ୱାସ କରିବାରୁ, ସେ
ସେମାନଙ୍କ ହୃଦୟ ଶୁଚି କରି ପ୍ରମାଣ କରିଛନ୍ତି ଯେ, ସେ
ଆମ୍ଭମାନଙ୍କୁ ଓ ଅଣ-ଯିହୁଦୀ ଜାତିର ଲୋକମାନଙ୍କୁ ସମାନ
ଭାବରେ ଦେଖନ୍ତି । [10]ସେଥିପାଇଁ, ଆମ୍ଭମାନଙ୍କର
ପିତୃପୁରୁଷମାନେ ଓ ଆମ୍ଭେମାନେ ଯେଉଁ ରୀତିନୀତି ଓ ବ୍ୟବସ୍ଥାର
ଭାର ବୋହି ପାରିଲୁ ନାହିଁ, ସେହି ଭାର ଅଣ-ଯିହୁଦୀ
ବିଶ୍ୱାସୀମାନଙ୍କ କାନ୍ଧରେ ରଖି ଆପଣମାନେ କାହିଁକି ଏହିପରି
ଈଶ୍ୱରଙ୍କୁ ପରୀକ୍ଷା କରି ଦେଖିବାକୁ ଚେଷ୍ଟା କରୁଛନ୍ତି ? [11]କିନ୍ତୁ,
ଆମ୍ଭେମାନେ ବିଶ୍ୱାସ କରୁଅଛୁ ଯେ, ଆମ୍ଭେମାନେ ସମସ୍ତେ,
ଉଭୟ ଯିହୁଦୀ ଓ ଅଣ-ଯିହୁଦୀମାନେ ପ୍ରଭୁ ଯୀଶୁଙ୍କ ଅନୁଗ୍ରହରେ

---

[d]**15.1** ପାପକ୍ଷମା ହୋଇ ପରିତ୍ରାଣ ପାଇବା ।

ପରିତ୍ରାଣ[e] ପାଉ ।"

12ଈଶ୍ୱର ଯେଉଁ ସମସ୍ତ ଆଶ୍ଚର୍ଯ୍ୟ ଲକ୍ଷଣ ଓ ଅଦ୍ଭୁତ କାର୍ଯ୍ୟ
ପାଉଲ ଓ ବର୍ଣ୍ଣବ୍‌ବାଙ୍କ ଦେଇ ଅଣ-ଯିହୁଦୀ ଲୋକମାନଙ୍କ
ମଧ୍ୟରେ କରିଥିଲେ, ସେସବୁ କଥା ସେମାନେ କହିବାରୁ ସଭାରେ
ଥିବା ସବୁଲୋକ ନୀରବରେ ଶୁଣିଲେ ।

13ସେମାନେ କହି ସାରିବା ପରେ, ଯାକୁବ ଠିଆହୋଇ
କହିଲେ, "ଭାଇମାନେ ମୋ କଥା ଶୁଣନ୍ତୁ । 14ଈଶ୍ୱର କିପରି
ପ୍ରଥମ ଥର ପାଇଁ ଅଣ-ଯିହୁଦୀ ଲୋକମାନଙ୍କ ପ୍ରତି ଦୟା
ଦେଖାଇ ସେମାନଙ୍କ ମଧ୍ୟରୁ ବାଛି ନିଜ ନାମର ଗୌରବ ନିମନ୍ତେ
ଏକ ବିଶେଷ ଗୋଷ୍ଠୀ କରି ଅଛନ୍ତି, ତାହା ଶିମୋନ ପିତର
କହିସାରିଛନ୍ତି । 15ଆଉ ଅଣ-ଯିହୁଦୀ ଜାତିର ଲୋକମାନେ
ପରିତ୍ରାଣ[f] ପାଇବା ବିଷୟ ସହ ଭାବବାଦୀମାନେ ଲେଖିଥିବା
ଈଶ୍ୱରଙ୍କ ବାକ୍ୟ ମିଶୁଅଛି, କାରଣ ସେମାନେ ଏପରି ଲେଖିଛନ୍ତି,

16'ଏହାପରେ ଆମ୍ଭେ ଫେରିବା ଓ
ଦାଉଦଙ୍କ ଯେଉଁ ରାଜ୍ୟ ତମ୍ବୁ ପରି ପତିତ[g] ହୋଇଅଛି,
ତାହା ପୁଣି ଥରେ ତିଆରି କରିବା,
ଆମ୍ଭେ ତାହାର ନଷ୍ଟ ହୋଇଥିବା ସ୍ଥାନସବୁ ପୁଣି ଥରେ ଗଢ଼ିବା,
ପୁଣି ଆମ୍ଭେ ତାହାକୁ ପୂର୍ବ ଅବସ୍ଥାକୁ ଆଣିବା ।
17ଫଳରେ ପୃଥିବୀର ଯେଉଁ ଅବଶିଷ୍ଟ ଲୋକ
ଅର୍ଥାତ୍ ଅଣ-ଯିହୁଦୀ ଲୋକମାନଙ୍କୁ ଆମ୍ଭେ ଆମ୍ଭ ନାମରେ ଡାକିଅଛୁ,
ସେମାନେ ଆମ୍ଭଙ୍କୁ ଖୋଜିବେ,
ଏହା ଆମ୍ଭେ ଯିହୋବା ପ୍ରଭୁ କହୁଅଛୁ ।
18ପୁଣି ଏସମସ୍ତ କଥା ଆମ୍ଭେ ବହୁ ଆଗରୁ ଜଣାଇଅଛୁ[h] ।'

19ସେଥିପାଇଁ ଏହା ମୋର ବିଚାର: ଯେଉଁ ଅଣ-ଯିହୁଦୀ
ଲୋକମାନେ ଈଶ୍ୱରଙ୍କ ପ୍ରତି ଫେରୁଅଛନ୍ତି, ସେମାନଙ୍କ ଉପରେ
ଆମ୍ଭେମାନେ ଆଉ ବୋଝ ଲଦିଦେବା ଉଚିତ୍ ନୁହେଁ । 20କିନ୍ତୁ,
ଯୌନ ପାପରୁ ଦୂରରେ ରହିବାକୁ, ପୁଣି, ମୂର୍ତ୍ତି ନିକଟରେ ଉତ୍ସର୍ଗ[i]
କରାଯାଇଥିବା ଖାଦ୍ୟ, ତଣ୍ଟି ଚିପି ମାରିଦିଆଯାଇଥିବା ପଶୁର
ମାଂସ ଓ ରକ୍ତ ନ ଖାଇବାକୁ କହି ଆମ୍ଭେମାନେ ସେମାନଙ୍କୁ ଚିଠି
ଲେଖିବା ଉଚିତ୍ । 21କାରଣ ମୋଶା ଦେଇଥିବା ବ୍ୟବସ୍ଥା ପ୍ରଚାର
କରିବା ଲୋକମାନେ ଆଗକାଳରୁ ଏବେ ଯାଏଁ ସବୁ ନଗରରେ
ଅଛନ୍ତି, ଏଣୁ ସେମାନେ ସବୁ ବିଶ୍ରାମବାରରେ[j] ଉପାସନା ଗୃହରେ
ତାହାଙ୍କର ବାକ୍ୟ ପଢୁଅଛନ୍ତି ।"

## ଅଣ-ଯିହୁଦୀ ବିଶ୍ୱାସୀମାନଙ୍କ ନିକଟକୁ ଚିଠି

22ତାପରେ ପ୍ରେରିତମାନେ, ଯିରୁଶାଲମ ମଣ୍ଡଳୀର
ପ୍ରାଚୀନମାନେ ଓ ମଣ୍ଡଳୀର ସମସ୍ତ ବିଶ୍ୱାସୀ, ସେମାନଙ୍କ ମଧ୍ୟରୁ
କିଛି ଜଣଙ୍କୁ ବାଛି, ପାଉଲ ଓ ବର୍ଣ୍ଣବ୍‌ବାଙ୍କ ସହିତ ଆନ୍ତିୟଖ
ଅଞ୍ଚଳକୁ ପଠାଇବା ଭଲ ହେବ ବୋଲି ମନେକଲେ । ସେମାନେ
ଭାଇମାନଙ୍କ ମଧ୍ୟରେ ନେତାଥିବା ଯୁଦାସଙ୍କୁ, ଯାହାର ଅନ୍ୟ ନାମ
ବର୍ଶବ୍‌ବା ଓ ସିଲାସଙ୍କୁ ପଠାଇଲେ ।

23ଆଉ ସେମାନେ ଏପରି ଚିଠି ଲେଖି ସେମାନଙ୍କୁ ପଠାଇଲେ,
"ଆମ୍ଭେମାନେ ଯିରୁଶାଲମ ମଣ୍ଡଳୀର ଭାଇମାନେ- ଉଭୟ
ପ୍ରେରିତ ଓ ପ୍ରାଚୀନମାନେ । ଆମ୍ଭେମାନେ ଆନ୍ତିୟଖ, ସୁରିଆ ଓ
କିଲିକିଆରେ ଥିବା ଅଣ-ଯିହୁଦୀ ଜାତିର ଭାଇମାନଙ୍କୁ ନମସ୍କାର
ଜଣାଉଅଛୁ । 24ଆମ୍ଭେମାନେ ଶୁଣିଅଛୁ ଯେ, ଆମ୍ଭେମାନେ
କାହାକୁ ଆଦେଶ ଦେଇ ତୁମ୍ଭମାନଙ୍କ ନିକଟକୁ ପଠାଇ ନ ଥିଲେ
ମଧ୍ୟ, ଆମ୍ଭମାନଙ୍କ ମଧ୍ୟରୁ କିଛି ଲୋକ ସେହିସ୍ଥାନକୁ ଆସି,
ସେମାନଙ୍କ କଥା ଦ୍ୱାରା ଆପଣମାନଙ୍କର ମନକୁ ଅସ୍ଥିର କରି
ଆପଣମାନଙ୍କୁ ଦ୍ୱନ୍ଦରେ ପକାଇଛନ୍ତି । 25ଏଣୁ ସମସ୍ତଙ୍କ

---

[e]**15.11** ପ୍ରେରିତ ୧୫:୧

[f]**15.15** ପ୍ରେରିତ ୧୫:୧

[g]**15.16** ପଡ଼ିଯାଇଥିବା

[h]**15.18** ଆମୋଷ ୯:୧୧-୧୨

[i]**15.20** ଏହି ସ୍ଥାନରେ ଖାଦ୍ୟ ଉତ୍ସର୍ଗ କରିବାର ଅର୍ଥ ମୂର୍ତ୍ତି ନିକଟରେ ପୂଜା କରାଯାଇଥିବା ଖାଦ୍ୟ ।

[j]**15.21** ବିଶ୍ରାମବାର - ଯିହୁଦୀ ଜାତିର ଲୋକମାନେ ସପ୍ତାହରେ ଗୋଟିଏ ଦିନ କାର୍ଯ୍ୟ ନ କରି ବିଶ୍ରାମ କରୁଥିଲେ ଓ ଈଶ୍ୱରଙ୍କର ଉପାସନା କରୁଥିଲେ । ସେହି ଦିନକୁ ବିଶ୍ରାମବାର କୁହାଯାଏ ।

ସହମତିରେ ଆମ୍ଭମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ବାଛି
ଆମ୍ଭମାନଙ୍କର ପ୍ରିୟ ବର୍ଣ୍ଣବ୍‌ବା ଓ ପାଉଲଙ୍କ ସହିତ ସେମାନଙ୍କୁ
ଆପଣମାନଙ୍କ ପାଖକୁ ପଠାଇବାକୁ ଆମ୍ଭେମାନେ ଉଚିତ୍
ମନେକଲୁ, 26 ଯେଉଁ ବର୍ଣ୍ଣବ୍‌ବା ଓ ପାଉଲ ଆମ୍ଭମାନଙ୍କର ପ୍ରଭୁ
ଯୀଶୁଖ୍ରୀଷ୍ଟଙ୍କ ପାଇଁ ନିଜ ନିଜ ଜୀବନରେ ବିପଦକୁ ଗ୍ରହଣ
କରିଛନ୍ତି । 27 ଆହୁରି ଆମ୍ଭେମାନେ ଯିହୂଦା ଓ ଶିଲାସଙ୍କୁ ମଧ୍ୟ
ତୁମ୍ଭମାନଙ୍କ ନିକଟକୁ ପଠାଇଅଛୁ, ସେମାନେ ନିଜେ ସେହି କଥା
ତୁମ୍ଭମାନଙ୍କୁ କହିବେ । 28 କେତେକ ଆବଶ୍ୟକୀୟ ବିଷୟ ଛଡ଼ା
ଆଉ ଅଧିକ ଅନ୍ୟ କୌଣସି ଭାର ଆପଣମାନଙ୍କୁ ନ ଦେବାକୁ
ପବିତ୍ର ଆତ୍ମାଙ୍କୁ ଓ ଆମ୍ଭମାନଙ୍କୁ ଉଚିତ୍ ମନେହେଲା । 29 ସେସବୁ
ହେଉଛି: ଆପଣମାନେ ମୂର୍ତ୍ତି ନିକଟରେ ଉତ୍ସର୍ଗ କରାଯାଇଥିବା
ଖାଦ୍ୟ, ରକ୍ତ ଓ ତଣ୍ଟି ଚିପି ମାରିଦିଆଯାଇଥିବା ପଶୁର ମାଂସ
ଖାଆନ୍ତୁ ନାହିଁ, ପୁଣି ଯୌନ ପାପରୁ ଦୂରରେ ରୁହନ୍ତୁ । ଯଦି
ଆପଣମାନେ ଏସବୁ ପାଳନ କରିବେ, ତେବେ ଆପଣମାନଙ୍କର
ମଙ୍ଗଳ ହେବ । ନମସ୍କାର ।"

30 ସେମାନେ ଯିରୁଶାଲମ ନଗରରୁ ବିଦାୟ ନେଇ ଆନ୍ତିୟଖ
ଅଞ୍ଚଳକୁ ଆସିଲେ, ଆଉ ମଣ୍ଡଳୀକୁ ଏକାଠି କରି ସେହି ଚିଠି
ଦେଲେ ।

31 ଆନ୍ତିୟଖର ବିଶ୍ୱାସୀମାନେ ସେହି ଚିଠି ପଢ଼ି ଆନନ୍ଦିତ
ହେଲେ, କାରଣ ଏହା ସେମାନଙ୍କୁ ଉତ୍ସାହ ଦେଲା । 32 ପୁଣି
ଯିହୂଦା ଓ ଶିଲାସ ଭାବବାଦୀ ହୋଇଥିବାରୁ, ସେମାନେ
ଭାଇମାନଙ୍କୁ ବହୁତ ଶିକ୍ଷାଦେଇ ଉତ୍ସାହ ଦେଲେ ଓ ଶକ୍ତିଯୁକ୍ତ
କଲେ । 33 ଆଉ ସେମାନେ ସେଠାରେ କିଛି ଦିନ ରହିଲା ପରେ
ସେମାନଙ୍କୁ ପଠାଇଥିବା ଭାଇମାନଙ୍କ ପାଖକୁ ଫେରିଯିବାକୁ
ଆନ୍ତିୟଖ ଅଞ୍ଚଳର ମଣ୍ଡଳୀ ସେମାନଙ୍କୁ ଶାନ୍ତିରେ ବିଦାୟ ଦେଲେ
। 34 [କିନ୍ତୁ ଶୀଲାସ ସେଠାରେ ରହିବା ଉଚିତ୍ ମନେକଲେ ।]

## ପାଉଲ ଓ ବର୍ଣ୍ଣବ୍‌ବା ଅଲଗା ହେଲେ

35 ଆଉ ପାଉଲ ଓ ବର୍ଣ୍ଣବ୍‌ବା ଆନ୍ତିୟଖ ଅଞ୍ଚଳରେ ରହି,
ଅନ୍ୟାନ୍ୟ ଅନେକଙ୍କ ସହିତ ମିଶି ବହୁ ଲୋକଙ୍କୁ ପ୍ରଭୁଙ୍କ ବାକ୍ୟ
ଶିକ୍ଷାଦେଲେ ଓ ପ୍ରଚାର କଲେ । 36 ପୁଣି କିଛି ଦିନ ପରେ, ପାଉଲ
ବର୍ଣ୍ଣବ୍‌ବାଙ୍କୁ କହିଲେ, "ଚାଲ, ଆମ୍ଭେମାନେ ଯେଉଁ
ସହରଗୁଡ଼ିକରେ ପ୍ରଭୁଙ୍କ ବାକ୍ୟ ପ୍ରଚାର କରିଅଛୁ, ସେହିସବୁ
ସ୍ଥାନକୁ ଫେରିଯିବା ଓ ବିଶ୍ୱାସୀମାନେ କିପରି ଅଛନ୍ତି ତାହା
ଦେଖିବା" ।

37 ବର୍ଣ୍ଣବ୍‌ବା ସେମାନଙ୍କ ସହିତ ଯୋହନଙ୍କୁ, ଯାହାଙ୍କର ଅନ୍ୟ
ନାମ ମାର୍କ, ତାଙ୍କୁ ସାଙ୍ଗରେ ନେବା ପାଇଁ ଇଚ୍ଛାକଲେ । 38 କିନ୍ତୁ
ଏହି ମାର୍କ ଆଗରୁ ପମ୍ଫୂଲିଆରେ ସେମାନଙ୍କ ସଙ୍ଗ ଛାଡ଼ି
ସେମାନଙ୍କ ସହିତ ସୁସମାଚାର ପ୍ରଚାର କରିବାକୁ ଯାଇ ନ ଥିଲେ,
ତେଣୁ, ପାଉଲ ତାଙ୍କୁ ନିଜ ସାଙ୍ଗରେ ନେବା ଉଚିତ୍ ମନେକଲେ
ନାହିଁ । 39 ଏଣୁ ପାଉଲ ଓ ବର୍ଣ୍ଣବ୍‌ବା ଏ ବିଷୟରେ ଏକମତ
ହୋଇ ନ ପାରିବାରୁ ପରସ୍ପରଠାରୁ ଅଲଗା ହେଲେ । ବର୍ଣ୍ଣବ୍‌ବା
ନିଜ ସହିତ ମାର୍କଙ୍କୁ ନେଇ ପାଣି ଜାହାଜରେ କୁପ୍ର ଅଞ୍ଚଳକୁ ଗଲେ
। 40 କିନ୍ତୁ ପାଉଲ, ସିଲାସଙ୍କୁ ବାଛିଲେ ଓ ଭାଇମାନେ ତାଙ୍କୁ
ପ୍ରଭୁଙ୍କ ଅନୁଗ୍ରହରେ ସମର୍ପଣ କରିବା ପରେ, ସେ ଶିଲାସଙ୍କୁ
ସାଥିରେ ନେଇ ଚାଲିଗଲେ । 41 ଆଉ ସେ ସୁରିଆ ଓ କିଲିକିଆ
ଅଞ୍ଚଳ ଦେଇ ଯାଉ ଯାଉ ମଣ୍ଡଳୀଗୁଡ଼ିକୁ ଶକ୍ତିଯୁକ୍ତ କଲେ ।

# 16

## ସୁସମାଚାର ପ୍ରଚାର କାର୍ଯ୍ୟରେ ପାଉଲଙ୍କ ଦ୍ୱିତୀୟ ଯାତ୍ରା

1 ପାଉଲ ଦର୍ବୀ ଓ ଲୁସ୍ତ୍ରା ନଗରକୁ ମଧ୍ୟ ଗଲେ । ସେଠାରେ
ତିମଥି ନାମକ ଜଣେ ଯୁବା ଶିଷ୍ୟ ଥିଲେ । ତାଙ୍କର ମାଆ ଯିହୁଦୀ
ଜାତିର ଜଣେ ଖ୍ରୀଷ୍ଟ ବିଶ୍ୱାସୀ ଓ ବାପା ଗ୍ରୀକ୍ ଜାତିର ଲୋକ
ଥିଲେ । 2 ଲୁସ୍ତ୍ରା ଓ ଇକନିୟ ନଗରର ଖ୍ରୀଷ୍ଟ ବିଶ୍ୱାସୀମାନେ
ତିମଥିଙ୍କୁ ପ୍ରଶଂସା କରୁଥିଲେ । 3 ପାଉଲ ତାଙ୍କ ସହିତ ତିମଥିଙ୍କୁ
ନେବାକୁ ଇଚ୍ଛାକଲେ । ଆଉ ସେହି ଅଞ୍ଚଳରେ ଥିବା ଯିହୁଦୀ
ଜାତିର ଲୋକମାନେ ଯେପରି ତିମଥିଙ୍କୁ ଗ୍ରହଣ କରିବେ,
ସେଥିପାଇଁ ସେ ତିମଥିଙ୍କୁ ନେଇ ସୁନ୍ନତ କରାଇଲେ । କାରଣ
ତିମଥିଙ୍କ ବାପା ଗ୍ରୀକ୍ ଜାତିର ଲୋକ ବୋଲି ସେହି ସ୍ଥାନର
ସବୁଲୋକ ଜାଣିଥିଲେ । 4 ସେମାନେ ନଗରଗୁଡ଼ିକ ଦେଇ ଯାଉ
ଯାଉ, ଯିରୁଶାଲମରେ ଥିବା ପ୍ରେରିତ ଓ ପ୍ରାଚୀନମାନେ ଯେଉଁ
ନିଷ୍ପତ୍ତି ସବୁ ପାଳନ କରିବାକୁ ସ୍ଥିର କରିଥିଲେ, ସେସବୁ ପାଳନ

କରିବା ପାଇଁ ବିଶ୍ୱାସୀମାନଙ୍କୁ ଶିକ୍ଷାଦେଲେ । 5ତେଣୁ ମଣ୍ଡଳୀଗୁଡ଼ିକ ବିଶ୍ୱାସରେ ଶକ୍ତିଯୁକ୍ତ ହେଲେ ଓ ବିଶ୍ୱାସୀମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଲା ।

6ଆସିଆ ପ୍ରଦେଶରେ ଯୀଶୁଙ୍କର ବାକ୍ୟ କହିବାକୁ ପବିତ୍ର ଆତ୍ମା ସେମାନଙ୍କୁ ମନା କରିବାରୁ, ସେମାନେ ଫ୍ରୁଗିଆ ଓ ଗାଲାତୀୟ ଅଞ୍ଚଳକୁ ଗଲେ । 7ପୁଣି ସେମାନେ ମୁସିଆ ଅଞ୍ଚଳକୁ ପହଞ୍ଚି ବୀଥୁନିଆ ନଗରକୁ ଯିବାକୁ ଚେଷ୍ଟାକଲେ କିନ୍ତୁ ଯୀଶୁଖ୍ରୀଷ୍ଟଙ୍କର ଆତ୍ମା[k] ସେହିସ୍ଥାନକୁ ଯିବାକୁ ସେମାନଙ୍କୁ ଅନୁମତି ଦେଲେ ନାହିଁ । 8ତେଣୁ ସେମାନେ ମୂସିଆ ଅଞ୍ଚଳ ଦେଇ ତ୍ରୋୟା ନଗରକୁ ଗଲେ ।

9ସେଦିନ ରାତିରେ ପାଉଲ ଗୋଟିଏ ଦର୍ଶନ ଦେଖିଲେ, ମାକିଦନିଆ ସହରର ଜଣେ ଲୋକ ଠିଆହୋଇ ତାଙ୍କୁ ଅନୁରୋଧ କରି କହୁଛନ୍ତି, "ମାକିଦନିଆକୁ ଆସନ୍ତୁ ଓ ଆମକୁ ସାହାଯ୍ୟ କରନ୍ତୁ" । 10ଏଣୁ ପାଉଲ ସେହି ଦର୍ଶନ ଦେଖିବା ପରେ, ମାକିଦନିଆ ସହରରେ ସୁସମାଚାର ପ୍ରଚାର କରିବାକୁ ଈଶ୍ୱର ଆମ୍ଭମାନଙ୍କୁ[l] ଡାକିଅଛନ୍ତି ବୋଲି ଜାଣିପାରି ଆମ୍ଭେମାନେ ସେହିକ୍ଷଣି ମାକିଦନିଆ ସହରକୁ ଯିବା ପାଇଁ ପ୍ରସ୍ତୁତ ହେଲୁ ।

## ଫିଲିପ୍ପୀ ମହାନଗରର ଲୁଦିଆ ଯୀଶୁଙ୍କଠାରେ ବିଶ୍ୱାସ କଲେ

11ତେଣୁ ଆମ୍ଭେମାନେ ତ୍ରୋୟା ନଗରରୁ ପାଣି ଜାହାଜରେ ସିଧା ସଳଖ ସାମଥ୍ରାକୀ ନାମକ ସହରକୁ ଗଲୁ ଓ ତାର ପରଦିନ ନିୟାପଲି ନଗରକୁ ଗଲୁ । 12ପୁଣି ଆମ୍ଭେମାନେ ସେଠାରୁ ଫିଲିପ୍ପୀ ମହାନଗରକୁ ଗଲୁ । ଏହି ଫିଲିପ୍ପୀ ମହାନଗର ମାକିଦନିଆ ଜିଲ୍ଲାର ଏକ ପ୍ରଧାନ ନଗର ଥିଲା ଓ ରୋମ ସରକାରଙ୍କର କର୍ମଚାରୀମାନେ ଏଠାରେ ବାସ କରୁଥିଲେ । ଆମ୍ଭେମାନେ ଏହି ନଗରରେ କିଛି ଦିନ ରହିଲୁ ।

13ଆମ୍ଭେମାନେ ଲୋକମାନଙ୍କର ପ୍ରାର୍ଥନା କରିବାର ସ୍ଥାନ ନଦୀ କୂଳରେ ଅଛି ବୋଲି ମନେକରି, ବିଶ୍ରାମବାରରେ[m] ନଗର ଦ୍ୱାରରୁ ବାହାରି ସେଠାକୁ ଗଲୁ । ସେହିସ୍ଥାନରେ କିଛି ମହିଳା ଏକାଠି ହୋଇଥିଲେ, ପୁଣି ଆମ୍ଭେମାନେ ସେଠାରେ ବସି ସେମାନଙ୍କୁ ଶିକ୍ଷା ଦେଲୁ । 14ଯେଉଁମାନେ ଆମ୍ଭମାନଙ୍କର ଶିକ୍ଷା ଶୁଣୁଥିଲେ, ସେମାନଙ୍କ ମଧ୍ୟରେ ଥୁୟାଥୀରା ନଗରର ଜଣେ ମହିଳା ଥିଲେ, ତାଙ୍କ ନାମ ଲୁଦିଆ । ସେ ବାଇଗଣ ରଙ୍ଗର ଦାମିକିଆ କନା[n] ବିକୁଥିଲେ; ପୁଣି ସେ ଈଶ୍ୱରଙ୍କୁ ଭକ୍ତି କରୁଥିଲେ । ସେ ପାଉଲଙ୍କର ଶିକ୍ଷା ଶୁଣୁଥିବା ସମୟରେ ପ୍ରଭୁ ତାଙ୍କର ହୃଦୟ ଫିଟାଇଦେଲେ; ଆଉ ସେ ପାଉଲ କହୁଥିବା କଥା ଗ୍ରହଣ କଲେ । 15ସେ ଓ ତାଙ୍କ ପରିବାରର ଲୋକମାନେ ଡ଼ୁବନ ନେବା ପରେ, ସେ ଆମ୍ଭମାନଙ୍କୁ ଅନୁରୋଧ କରି କହିଲେ, "ଯଦି ଆପଣମାନେ ମୋତେ ପ୍ରଭୁଙ୍କର ଜଣେ ବିଶ୍ୱାସିନୀ ବୋଲି ମନେ କରୁଛନ୍ତି, ତେବେ ମୋ ଘରକୁ ଆସି ରୁହନ୍ତୁ ।" ପୁଣି ସେ ତାଙ୍କ ଘରକୁ ଯିବାକୁ ଆମ୍ଭମାନଙ୍କୁ ବହୁତ ଅନୁରୋଧ କଲେ ।

## ପାଉଲ ଓ ସିଲାସ ବନ୍ଦୀ ହେଲେ

16ଦିନେ, ଆମ୍ଭେମାନେ ପ୍ରାର୍ଥନା କରିବା ସ୍ଥାନକୁ ଯାଉଥିବା ସମୟରେ, ଜଣେ ଦାସୀ ଝିଅ ଆମ୍ଭମାନଙ୍କୁ ଭେଟିଲା । ତାହାଠାରେ ମନ୍ଦ ଆତ୍ମା ଥିଲା, ଯାହା ସାହାଯ୍ୟରେ ସେ ଲୋକମାନଙ୍କର ଭାଗ୍ୟ କଥା କହି ତାହାର ମାଲିକମାନଙ୍କ ପାଇଁ ବହୁତ ଟଙ୍କା ଲାଭ କରୁଥିଲା । 17ସେ ପାଉଲ ଓ ଆମ୍ଭମାନଙ୍କ ପଛେ ପଛେ ଆସି ପାଟିକରି କହିଲା, "ଏହି ଲୋକମାନେ ସବୁଠାରୁ ଉଚ୍ଚ ଈଶ୍ୱରଙ୍କର ଦାସ ଅଟନ୍ତି; ଏମାନେ କିପରି ପରିତ୍ରାଣ[o] ପାଇବାକୁ ହେବ, ତାହା ତୁମ୍ଭମାନଙ୍କ ନିକଟରେ ଘୋଷଣା କରୁଛନ୍ତି" ।

18ଏହିପରି ସେ ଅନେକ ଦିନ ଯାଏଁ କଲା । ସେଥିରେ ପାଉଲ ବିରକ୍ତ ହୋଇ ବୁଲିପଡ଼ି ସେହି ଆତ୍ମାକୁ କହିଲେ, "ମୁଁ

---

[k]**16.7** ପବିତ୍ର ଆତ୍ମା

[l]**16.10** ପାଉଲ, ସିଲାସ, ତୀମଥି ଓ ଲୁକ

[m]**16.13** ବିଶ୍ରାମବାର - ଯିହୁଦୀ ଜାତିର ଲୋକମାନେ ସପ୍ତାହରେ ଗୋଟିଏ ଦିନ କାର୍ଯ୍ୟ ନ କରି ବିଶ୍ରାମ କରୁଥିଲେ ଓ ଈଶ୍ୱରଙ୍କର ଉପାସନା କରୁଥିଲେ । ସେହି ଦିନକୁ ବିଶ୍ରାମବାର କୁହାଯାଏ

[n]**16.14** ଏହା ସେହି ସମୟରେ ଧନୀ ଲୋକମାନେ ବ୍ୟବହାର କରୁଥିବା ବାଇଗଣ ରଙ୍ଗର ବହୁ ଦାମର କନାକୁ ବୁଝାଏ ।

[o]**16.17** ପ୍ରେରିତ ୧୫:୧

ଯୀଶୁଖ୍ରୀଷ୍ଟଙ୍କ ନାମରେ ଆଦେଶ ଦେଉଅଛି, ତୁ ସେହି ଝିଅଠାରୁ
ବାହାରିଯାଆ" । ଆଉ ସେହି ଆତ୍ମା ସେହିକ୍ଷଣି ସେହି ଝିଅଠାରୁ
ବାହାରି ଗଲା ।

19 କିନ୍ତୁ ଯେତେବେଳେ ତାହାର ମାଲିକମାନେ ଦେଖିଲେ ଯେ,
ସେମାନଙ୍କର ତାଙ୍କ ଦ୍ୱାରା ଲାଭ ପାଇବାର ଆଶା ଚାଲିଗଲା,
ସେତେବେଳେ ସେମାନେ ପାଉଲ ଓ ଶିଲାସଙ୍କୁ ଧରି ବଜାରରେ
ଥିବା ଶାସନକର୍ତ୍ତାମାନଙ୍କ ନିକଟକୁ ଟାଣି ନେଇଗଲେ । 20 ଆଉ
ସେମାନେ ସେମାନଙ୍କୁ ବିଚାରକର୍ତ୍ତାମାନଙ୍କ ନିକଟକୁ ଆଣି
କହିଲେ, "ଏମାନେ ଯିହୁଦୀ ଜାତିର ଲୋକ । ଏମାନେ
ଆମ୍ଭମାନଙ୍କର ନଗରରେ ଗୋଳମାଳ ସୃଷ୍ଟି କରୁଛନ୍ତି । 21 ଯାହା
ଆମ ରୋମୀୟ ଲୋକମାନଙ୍କ ବ୍ୟବସ୍ଥା ବିରୁଦ୍ଧ, ସେପରି
ରୀତିନୀତିସବୁ ଏମାନେ ଶିଖାଉଛନ୍ତି ।"

22 ସେହି ସ୍ଥାନର ଲୋକମାନେ ମଧ୍ୟ ସେମାନଙ୍କ ସହିତ ମିଶି
ସେମାନଙ୍କୁ ଆକ୍ରମଣ କଲେ, ପୁଣି ବିଚାରକର୍ତ୍ତାମାନେ ପାଉଲ ଓ
ଶିଲାସଙ୍କ ପୋଷାକ ଚିରିଦେଇ ସେମାନଙ୍କୁ ବାଡ଼ିରେ ମାରିବା
ପାଇଁ ଆଦେଶ ଦେଲେ । 23 ପୁଣି ସେମାନେ ସେମାନଙ୍କୁ ବହୁତ
ମାଡ଼ ମାରିଲା ପରେ, ବନ୍ଦୀଶାଳାରେ ରଖିଲେ ଓ ସେମାନେ
ଯେପରି ସେଠାରୁ ପଳାଇଯାଇ ପାରିବେ ନାହିଁ ସେଥିପାଇଁ
ସେମାନଙ୍କୁ ଭଲରେ ଜଗିବାକୁ ବନ୍ଦୀଶାଳାର ରକ୍ଷକଙ୍କୁ ଆଦେଶ
ଦେଲେ । 24 ବନ୍ଦୀଶାଳାର ରକ୍ଷକ ସେହି ଆଦେଶ ପାଇ,
ସେମାନଙ୍କୁ ଭିତର କାରାଗାରରେ ରଖିଲେ ଓ ସେମାନଙ୍କ
ପାଦରେ ହରିକାଠ[p] ଲଗାଇଦେଲେ ।

25 ପ୍ରାୟ ଅଧ ରାତିରେ ପାଉଲ ଏବଂ ଶିଲାସ ପ୍ରାର୍ଥନା
କରୁଥିଲେ ଓ ଗୀତଗାଇ ଈଶ୍ୱରଙ୍କର ପ୍ରଶଂସା କରୁଥିଲେ । ଆଉ
ଅନ୍ୟ ବନ୍ଦୀମାନେ ତାହା ଶୁଣୁଥିଲେ । 26 ପୁଣି ହଠାତ୍ ଏପରି
ଭୂମିକମ୍ପ ହେଲା ଯେ, କାରାଗାର ଭିତ୍ତିମୂଳ ଦୋହଲିବାକୁ ଲାଗିଲା
। ବନ୍ଦୀଶାଳାର କବାଟସବୁ ଫିଟିଗଲା ଓ ସମସ୍ତ ବନ୍ଦୀମାନଙ୍କର
ଶିଙ୍କୁଳି ଖୋଲିଗଲା । 27 ବନ୍ଦୀଶାଳାର ରକ୍ଷକ ନିଦରୁ ଉଠି,
ବନ୍ଦୀଶାଳାର କବାଟଗୁଡ଼ିକ ଫିଟିଯାଇଥିବାର ଦେଖିଲେ ଓ
ବନ୍ଦୀମାନେ ପଳାଇଯାଇଛନ୍ତି ବୋଲି ଭାବି, ସେ ନିଜର ଖଣ୍ଡା
ବାହାରକରି ନିଜକୁ ହତ୍ୟା କରିବାକୁ ଯାଉଥିଲେ । 28 କିନ୍ତୁ ପାଉଲ
ତାଙ୍କୁ ଉଚ୍ଚ ସ୍ୱରରେ ଡାକି କହିଲେ, "ଆପଣ ନିଜକୁ ହତ୍ୟା କରନ୍ତୁ
ନାହିଁ, କାରଣ ଆମ୍ଭେମାନେ ପଳାଇଯାଇନାହୁଁ, ସମସ୍ତେ ଏଠାରେ
ଅଛୁ ।"

29 ବନ୍ଦୀଶାଳାର ରକ୍ଷକ ଦୀପ ଆଣିବାକୁ କହିଲେ ଓ ବନ୍ଦୀଶାଳା
ଭିତରକୁ ଧାଇଁଯାଇ, ଭୟରେ ଥରି ଥରି ପାଉଲ ଏବଂ ଶିଲାସଙ୍କ
ପାଦରେ ପଡ଼ିଲେ । 30 ପରେ ସେ ପାଉଲ ଏବଂ ଶିଲାସଙ୍କୁ
ବାହାରକୁ ଆଣି ପଚାରିଲେ, "ଆଜ୍ଞା ମୁଁ କଅଣ କଲେ ପରିତ୍ରାଣ
ପାଇବି ?"

31 ପାଉଲ ଏବଂ ଶିଲାସ ତାହାଙ୍କୁ କହିଲେ, "ପ୍ରଭୁ
ଯୀଶୁଙ୍କଠାରେ ବିଶ୍ୱାସ କରନ୍ତୁ, ତାହା ହେଲେ ଆପଣ ଓ
ଆପଣଙ୍କ ପରିବାରର ଲୋକମାନେ ପରିତ୍ରାଣ ପାଇବେ ।"
32 ତାପରେ ପାଉଲ ଏବଂ ଶିଲାସ ବନ୍ଦୀଶାଳାର ରକ୍ଷକ ଏବଂ
ତାଙ୍କ ପରିବାରରେ ଥିବା ସମସ୍ତଙ୍କୁ ପ୍ରଭୁଯୀଶୁଙ୍କ ବାକ୍ୟ କହିଲେ ।
33 ପୁଣି କାରାରକ୍ଷକ ସେହି ରାତିରେ ପାଉଲ ଏବଂ ଶିଲାସଙ୍କୁ
ବାହାରକୁ ନେଇଯାଇ ସେମାନଙ୍କର କ୍ଷତସବୁ ଧୋଇଦେଲେ,
ପୁଣି ସେ ଓ ତାଙ୍କ ପରିବାରର ସମସ୍ତେ ସେହିକ୍ଷଣି ବୁବନ ନେଲେ
। 34 ତାପରେ ବନ୍ଦୀଶାଳାର ରକ୍ଷକ ସେମାନଙ୍କୁ ନିଜ ଘରକୁ
ନେଇଯାଇ ସେମାନଙ୍କୁ ଖାଇବାକୁ ଦେଲେ । ଆଉ
ଈଶ୍ୱରଙ୍କଠାରେ ବିଶ୍ୱାସ କରିଥିବାରୁ ସେ ପରିବାରର ସମସ୍ତଙ୍କ
ସହିତ ଆନନ୍ଦ କଲେ ।

35 ସକାଳ ହେବାରୁ ବିଚାରକର୍ତ୍ତାମାନେ ସୈନ୍ୟମାନଙ୍କ ହାତରେ
କାରାରକ୍ଷକଙ୍କ ନିକଟକୁ କହି ପଠାଇଲେ, "ସେହି ଲୋକମାନଙ୍କୁ
ଛାଡ଼ି ଦିଅନ୍ତୁ" । 36 ସେଥିରେ କାରାରକ୍ଷକ ପାଉଲଙ୍କୁ କହିଲେ, "
ଆପଣମାନଙ୍କୁ ଛାଡ଼ିଦେବା ପାଇଁ ବିଚାରକର୍ତ୍ତାମାନେ କହି
ପଠାଇଅଛନ୍ତି । ଏଣୁ ଏବେ ଆପଣମାନେ ବନ୍ଦୀଶାଳାରୁ ବାହାରି
ଶାନ୍ତିରେ ଯାଆନ୍ତୁ" ।

37 କିନ୍ତୁ ପାଉଲ ସେମାନଙ୍କୁ କହିଲେ, "ଆମେ ହେଉଛୁ
ରୋମୀୟ ନାଗରିକ । ପୁଣି ସେମାନେ ଆମର ବିଚାର ନ କରି
ଆମକୁ ସମସ୍ତଙ୍କ ଆଗରେ ମାଡ଼ମାରି କାରାଗାରରେ ରଖିଥିଲେ,
ଏବେ ସେମାନେ ଆମକୁ କେହି ନ ଜାଣିଲା ପରି ଛାଡ଼ିବାକୁ

---

[p] **16.24** କାରାଗାରରେ ବନ୍ଦୀମାନଙ୍କ ପାଦରେ ଲଗାଇ ଦିଆଯାଉଥିବା ଏକ ପ୍ରକାର କାଠ ତିଆରି ଜିନିଷ, ଯାହା ଲଗାଇଦେଲେ ସେମାନେ ପଳାଇଯାଇ ପାରିବେ ନାହିଁ

ଚାହୁଁଛନ୍ତି ? ସେପରି ହେବ ନାହିଁ । ସେମାନେ ନିଜେ ଆସି
ଆମକୁ ବାହାର କରନ୍ତୁ" ।

38ସେଥିରେ ସେହି ସୈନ୍ୟମାନେ ଯାଇ ବିଚାରକର୍ତ୍ତାମାନଙ୍କୁ
ସେହି କଥା ଜଣାଇଲେ । ତେଣୁ ପାଉଲ ଏବଂ ଶିଲାସ ରୋମୀୟ
ନାଗରିକ ବୋଲି ଜାଣି ବିଚାରକର୍ତ୍ତାମାନେ ଡରିଗଲେ । 39ଆଉ
ସେମାନେ ଆସି ପାଉଲ ଏବଂ ଶିଲାସଙ୍କୁ କ୍ଷମା ମାଗିଲେ, ପୁଣି
ସେମାନଙ୍କୁ ବାହାରକୁ ଆଣି ନଗରରୁ ବାହାରି ଯିବା ପାଇଁ
ଅନୁରୋଧ କଲେ । 40ସେଥିରେ ପାଉଲ ଏବଂ ଶିଲାସ
ବନ୍ଦୀଶାଳାରୁ ବାହାରିଯାଇ, ଲୁଦିଆଙ୍କ ଘରକୁ ଗଲେ । ସେଠାରେ
ସେମାନେ ଭାଇମାନଙ୍କୁ ଭେଟିଲେ ଏବଂ ସେମାନଙ୍କୁ ଉତ୍ସାହ
ଦେଇ ସେଠାରୁ ଚାଲିଗଲେ ।

# 17

### ପାଉଲ ଥେସଲନୀକି ସହରରେ ପ୍ରଚାର କଲେ

1ପାଉଲ ଏବଂ ଶିଲାସ, ଆମ୍ଫିପଲି ଓ ଆପଲ୍ଲୋନିଆ ସହର
ଦେଇ ଯିବା ପରେ, ଥେସଲନୀକ ନଗରକୁ ଆସିଲେ । ସେଠାରେ
ଯିହୁଦୀ ଜାତିର ଲୋକମାନଙ୍କର ଏକ ଉପାସନା ଗୃହ ଥିଲା ।
2ପାଉଲ ନିଜ ରୀତି ଅନୁସାରେ ତିନୋଟି ବିଶ୍ରାମବାରରେ[a] ସେହି
ଉପାସନା ଗୃହକୁ ଗଲେ ଏବଂ ଶାସ୍ତ୍ରର ବାକ୍ୟ ଦେଖାଇ
ସେମାନଙ୍କ ସହିତ ଆଲୋଚନା କଲେ । 3ଖ୍ରୀଷ୍ଟ[b] ଦୁଃଖଭୋଗ
କରି ମୃତ୍ୟୁବରଣ କରିବା ଓ ମୃତ୍ୟୁରୁ ଉଠିବା ଆବଶ୍ୟକ ଥିଲା
ବୋଲି ସେ ସେମାନଙ୍କୁ ବୁଝାଇବା ସହିତ ତାହାର ପ୍ରମାଣ
ଦେଲେ । ପୁଣି ସେ କହିଲେ, "ଏହି ଯୀଶୁ ଯାହାଙ୍କ ବିଷୟରେ ମୁଁ
ଆପଣମାନଙ୍କ ନିକଟରେ ପ୍ରଚାର କରୁଅଛି, ସେ ହିଁ ଖ୍ରୀଷ୍ଟ ଅଟନ୍ତି
।" 4ସେଠାରେ ଥିବା ଯିହୁଦୀ ଲୋକମାନଙ୍କ ମଧ୍ୟରୁ କେତେକ
ତାହା ଗ୍ରହଣ କଲେ ପୁଣି ପାଉଲ ଓ ଶିଲାସଙ୍କ ସହିତ
ଯୋଗଦେଲେ; ପୁଣି ଈଶ୍ୱରଙ୍କୁ ଭକ୍ତି କରୁଥିବା ବହୁ ସଂଖ୍ୟକ
ଗ୍ରୀକ୍ ଜାତିର ଲୋକ ଓ ସମାଜରେ ଭଲ ପ୍ରଭାବ ଥିବା ବହୁ
ସ୍ତ୍ରୀଲୋକ ମଧ୍ୟ ସେମାନଙ୍କ ସହିତ ଯୋଗଦେଲେ ।

5କିନ୍ତୁ ଯିହୁଦୀ ଜାତିର କେତେକ ଲୋକ ଈର୍ଷା କଲେ ଏବଂ
ବଜାରର କିଛି ଦୁଷ୍ଟ ଲୋକଙ୍କୁ ଆଣି ଗହଳିକରି ନଗରରେ
ଗଣ୍ଡଗୋଳ କରିବାକୁ ଆରମ୍ଭ କଲେ । ସେମାନେ ଯାସୋନ
ନାମକ ଜଣେ ବ୍ୟକ୍ତିଙ୍କ ଘରକୁ ଆକ୍ରମଣ କଲେ, ପୁଣି ପାଉଲ ଓ
ଶିଲାସଙ୍କୁ ଲୋକମାନଙ୍କ ନିକଟକୁ ଆଣିବା ପାଇଁ ଖୋଜିଲେ ।
6କିନ୍ତୁ ସେମାନେ ପାଉଲ ଓ ଶିଲାସଙ୍କୁ ନ ପାଇବାରୁ, ଯାସୋନ ଓ
କିଛି ଭାଇମାନଙ୍କୁ ନଗରର ଅଧିକାରୀମାନଙ୍କ ପାଖକୁ ଟାଣି
ନେଲେ ଓ ଉଚ୍ଚ ସ୍ୱରରେ କହିଲେ, "ଏହି ଲୋକମାନେ ଜଗତକୁ
ଓଲଟ ପାଲଟ କରିସାରିଲେଣି, ପୁଣି ଏବେ ଏମାନେ ଏହି ସ୍ଥାନକୁ
ମଧ୍ୟ ଆସିଅଛନ୍ତି । 7ଆଉ ଯାସୋନ ସେମାନଙ୍କୁ ଗ୍ରହଣ କରି ନିଜ
ଘରକୁ ନେଇଅଛି ଓ ଯୀଶୁ ନାମରେ ଆଉ ଜଣେ ରାଜା ଅଛନ୍ତି
ବୋଲି କହି, ସେମାନେ ସମସ୍ତେ କାଇସରଙ୍କ ଆଜ୍ଞା ବିରୁଦ୍ଧରେ
କାମ କରୁଛନ୍ତି" ।

8ଏହି କଥା ଶୁଣି, ଜମା ହୋଇଥିବା ଲୋକମାନେ ଓ
ଅଧିକାରୀମାନେ ବିଚଳିତ ହେଲେ । 9ତେଣୁ, ଅଧିକାରୀମାନେ
ଯାସୋନ ଓ ଅନ୍ୟମାନଙ୍କଠାରୁ ଜାମିନ୍ ଟଙ୍କା ନେଇ ସେମାନଙ୍କୁ
ଛାଡ଼ିଦେଲେ ।

### ପାଉଲ ବେରୟା ନଗରରେ ପ୍ରଚାର କଲେ

10ଏହାପରେ, ଭାଇମାନେ ସେହି ରାତିରେ ପାଉଲ ଓ
ଶିଲାସଙ୍କୁ ବେରୟା ନଗରକୁ ପଠାଇଦେଲେ, ପୁଣି ସେମାନେ
ସେଠାରେ ପହଞ୍ଚି, ଯିହୁଦୀ ଜାତିର ଲୋକମାନଙ୍କର ଉପାସନା
ଗୃହକୁ ଗଲେ ।

11ବେରୟା ନଗରର ଯିହୁଦୀ ଜାତିର ଲୋକମାନେ
ଥେସଲନୀକୀ ନଗରରେ ଥିବା ଯିହୁଦୀ ଜାତିର
ଲୋକମାନଙ୍କଠାରୁ ଅଧିକ ଖୋଲା ହୃଦୟର ଲୋକ ଥିଲେ ।
ପାଉଲ ଓ ସିଲାସଙ୍କଠାରୁ ଶୁଣିଥିବା ବାକ୍ୟ ସତ କି ନାହିଁ, ତାହା
ଜାଣିବା ପାଇଁ ସେମାନେ ପ୍ରତିଦିନ ଶାସ୍ତ୍ରରେ ଖୋଜିଲେ, ପୁଣି
ସେମାନେ ଶୁଣିଥିବା ବାକ୍ୟ ବହୁତ ଆଗ୍ରହରେ ଗ୍ରହଣ କଲେ ।

---

[a]**17.2** ବିଶ୍ରାମବାର - ଯିହୁଦୀ ଜାତିର ଲୋକମାନେ ସପ୍ତାହରେ ଗୋଟିଏ ଦିନ କାର୍ଯ୍ୟ ନ କରି ବିଶ୍ରାମ କରୁଥିଲେ ଓ ଈଶ୍ୱରଙ୍କର ଉପାସନା କରୁଥିଲେ । ସେହି ଦିନକୁ ବିଶ୍ରାମବାର କୁହାଯାଏ ।

[b]**17.3** ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦର ଅର୍ଥ 'ଈଶ୍ୱରଙ୍କ ଅଭିଷିକ୍ତ ବା ମନୋନୀତ ବ୍ୟକ୍ତି, ଯାହାଙ୍କୁ ଈଶ୍ୱର ଏହି ଜଗତର ପରିତ୍ରାଣ ନିମନ୍ତେ ପଠାଇଲେ ।'

[12]ପୁଣି ସେମାନଙ୍କ ମଧ୍ୟରୁ ଅନେକ ଯିହୁଦୀଲୋକ, ପୁଣି ଗ୍ରୀକ୍
ଜାତିର ଅନେକ ପ୍ରଭାବଶାଳୀ ମହିଳା ଓ ଏପରିକି ପୁରୁଷମାନେ
ମଧ୍ୟ ବିଶ୍ୱାସ କଲେ ।

[13]କିନ୍ତୁ ଯେତେବେଳେ ଥେସଲନୀକୀ ଅଞ୍ଚଳର ଯିହୁଦୀମାନେ
ଜାଣିଲେ ଯେ, ପାଉଲ ବେରୟା ଅଞ୍ଚଳରେ ମଧ୍ୟ ଈଶ୍ୱରଙ୍କ ବାକ୍ୟ
ପ୍ରଚାର କରିଛନ୍ତି, ସେତେବେଳେ କିଛି ଯିହୁଦୀ ଲୋକ ସେଠାକୁ
ମଧ୍ୟ ଯାଇ ଲୋକମାନଙ୍କୁ ଉସୁକାଇଲେ ଓ ଗଣ୍ଡଗୋଳ ସୃଷ୍ଟିକଲେ
। [14]ସେଥିରେ ସେହି ସ୍ଥାନର ଭାଇମାନେ ପାଉଲଙ୍କୁ ସମୁଦ୍ର କୂଳକୁ
ଯିବାପାଇଁ ଅତିଶୀଘ୍ର ପଠାଇଦେଲେ, ମାତ୍ର ଶିଲାସ ଓ ତିମଥି
ସେହିସ୍ଥାନରେ ରହିଲେ । [15]ଯେଉଁ ଲୋକମାନେ ପାଉଲଙ୍କୁ
ଛାଡ଼ିବାକୁ ଯାଉଥିଲେ, ସେମାନେ ତାଙ୍କ ସହିତ ଆଥେନ୍ସ
ମହାନଗର ଯାଏଁ ଗଲେ । ସେମାନେ ଫେରି ଶିଲାସ ଓ
ତୀମଥିଙ୍କୁ ଯେପରି ପାଉଲଙ୍କ ନିକଟକୁ ଅତିଶୀଘ୍ର ପଠାଇବେ
ସେଥିପାଇଁ ପାଉଲଙ୍କଠାରୁ ଆଜ୍ଞା ପାଇ ସେମାନେ ସଙ୍ଗେ ସଙ୍ଗେ
ସେଠାରୁ ଫେରିଲେ ।

## ପାଉଲ ଆଥେନ୍ସ ମହାନଗରରେ ପ୍ରଚାର କଲେ

[16]ପାଉଲ ଆଥେନ୍ସ ନଗରରେ ଶିଲାସ ଓ ତୀମଥି ଆସିବାର
ଅପେକ୍ଷା କରି ରହିଥିବା ସମୟରେ, ନଗରଟି ବିଭିନ୍ନ
ଦେବାଦେବୀଙ୍କ ମୂର୍ତ୍ତିରେ ପୂର୍ଣ୍ଣ ହୋଇଥିବାର ଦେଖି ବହୁତ
ଦୁଃଖିତ ହେଲେ । [17]ତେଣୁ ସେ ଯିହୁଦୀମାନଙ୍କ ଉପାସନା
ଗୃହରେ, ଯିହୁଦୀମାନଙ୍କୁ ଏବଂ ଈଶ୍ୱରଙ୍କୁ ଭୟକରୁଥିବା
ଅଣ-ଯିହୁଦୀମାନଙ୍କ ସହିତ ପ୍ରଭୁଙ୍କ ବାକ୍ୟ ଆଲୋଚନା
କରୁଥିଲେ । ପୁଣି ବଜାରକୁ ଆସୁଥିବା ଯେଉଁ ଲୋକମାନଙ୍କ
ସହିତ ତାଙ୍କର ପ୍ରତିଦିନ ଦେଖା ହେଉଥିଲା, ସେମାନଙ୍କ ସହିତ
ମଧ୍ୟ ପ୍ରଭୁଙ୍କ ବାକ୍ୟ ଆଲୋଚନା କରୁଥିଲେ ।

[18]ସେତେବେଳେ ଏପିକ୍ୟୁରିୟ[s] ଓ ଷ୍ଟୋଇକ[t] ମତ
ଶିକ୍ଷାଦେଉଥିବା କିଛି ଲୋକ ପାଉଲଙ୍କ ସହିତ ଯୁକ୍ତି କଲେ । ସେ
ଯୀଶୁଙ୍କ ବିଷୟରେ ଓ ପୁନରୁତ୍‌ଥାନ[u] ବିଷୟରେ ପ୍ରଚାର
କରୁଥିବାରୁ, ସେମାନଙ୍କ ମଧ୍ୟରୁ କେତେକ କହିଲେ, "ଏ ବାଚାଳ[v]
କଅଣ କହିବାକୁ ଚାହୁଁଛି ?" ଅନ୍ୟମାନେ କହିଲେ, "ସେ ବିଦେଶୀ
ଦେବତାମାନଙ୍କ ବିଷୟରେ ପ୍ରଚାର କରିବା ପରି ମନେହେଉଛି ।"

[19]ତେଣୁ, ସେମାନେ ତାଙ୍କୁ ଆରୟପାଗ ନାମକ ସ୍ଥାନରେ
ବସୁଥିବା ନଗରର ମହାସଭାକୁ ନେଇଗଲେ ଓ କହିଲେ, "ଆପଣ
ଏହି ଯେଉଁ ନୂଆ ଶିକ୍ଷା ଦେଉଛନ୍ତି, ତାହା କଅଣ ଆମ୍ଭେମାନେ
ଜାଣିପାରିବା କି ? [20]ଆପଣ କିଛି ଅଦ୍ଭୁତ କଥା କହୁଥିବାର
ଆମ୍ଭେମାନେ ଶୁଣୁଅଛୁ । ସେଥିପାଇଁ ଆମ୍ଭେମାନେ ସେସବୁର
ଅର୍ଥ କଅଣ ତାହା ଜାଣିବାକୁ ଚାହୁଁଅଛୁ ।"

[21](ଆଥେନ୍ସ ନଗରର ସମସ୍ତ ଲୋକ ଓ ସେଠାରେ ବାସ
କରୁଥିବା ବିଦେଶୀମାନେ ଅନ୍ୟ କିଛି କାମ ନ କରି, ସେମାନଙ୍କର
ସବୁସମୟ ନୂଆ ନୂଆ କଥା ଶୁଣିବା ଓ କହିବାରେ କାଟୁଥିଲେ ।)
[22]ତେଣୁ ପାଉଲ ଆରୀୟପାଗର ସେହି ସଭାରେ ଛିଡ଼ା ହୋଇ
କହିଲେ, "ହେ ଆଥେନ୍ସ ନଗରରେ ରହୁଥିବା ଲୋକମାନେ,
ଆପଣମାନେ ସବୁ ବିଷୟରେ ଧର୍ମପରାୟଣ ଅଟନ୍ତି, ଏହା ମୁଁ
ଲକ୍ଷ କରୁଅଛି । [23]କାରଣ ମୁଁ ଏହି ନଗର ବୁଲି ଆପଣମାନେ
ପୂଜା କରୁଥିବା ବିଭିନ୍ନ ବସ୍ତୁ ଦେଖିବା ସମୟରେ ଗୋଟିଏ
ପୂଜାବେଦୀ ମଧ୍ୟ ଦେଖିଲି, ଯାହା ଉପରେ ଏପରି
ଲେଖାହୋଇଅଛି, 'ଆମେ ଜାଣି ନ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟରେ
।' ଏଣୁ ମୁଁ କହିବାକୁ ଚାହେଁ, ଆପଣମାନେ ନ ଜାଣି ଯାହାଙ୍କୁ
ପୂଜା କରୁଛନ୍ତି, ମୁଁ ସେହି ଈଶ୍ୱରଙ୍କୁ ଆପଣମାନଙ୍କ ନିକଟରେ
ପ୍ରଚାର କରୁଅଛି ।

[24]ଯେଉଁ ଈଶ୍ୱର ଜଗତ ଓ ସେଥିରେ ଥିବା ପ୍ରତ୍ୟେକ ବିଷୟ
ସୃଷ୍ଟିକଲେ, ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହୋଇଥିବାରୁ ସେ
ମନୁଷ୍ୟ ତିଆରି କରିଥିବା ମନ୍ଦିରରେ ବାସକରନ୍ତି ନାହିଁ । [25]ପୁଣି,
ତାଙ୍କର ଏପରି କିଛି ଅଭାବ ନାହିଁ, ଯାହା ମନୁଷ୍ୟର ସେବା ଦ୍ୱାରା
ପୂରଣ ହୋଇପାରିବ । କାରଣ ଈଶ୍ୱର ନିଜେ ସମସ୍ତଙ୍କୁ ଜୀବନ,
ପ୍ରାଣବାୟୁ ଓ ଆବଶ୍ୟକ ବିଷୟ ଦିଅନ୍ତି । [26]ସେ ଜଣେ

---

[s]**17.18** ଏହି ବିଶ୍ୱାସ ମତର ଲୋକମାନେ ବିଶ୍ୱାସ କରୁଥିଲେ ଯେ, ଈଶ୍ୱର ଅଛନ୍ତି, କିନ୍ତୁ ସେ ସୃଷ୍ଟିକୁ ପ୍ରକୃତିର ନିୟମରେ ପରିଚାଳିତ ହେବାକୁ ଛାଡ଼ି ଦେଇଛନ୍ତି ।

[t]**17.18** ଏହି ବିଶ୍ୱାସ ମତର ଲୋକମାନେ ବିଳାସ ବ୍ୟସନ ଜୀବନରୁ ଦୂରରେ ରହିବାରେ ବିଶ୍ୱାସ କରୁଥିଲେ ।

[u]**17.18** ମୃତ୍ୟୁରୁ ବଞ୍ଚି ଉଠିବା । ପ୍ରେରିତ ୨ :୨୪

[v]**17.18** ଯେଉଁ ଲୋକ ଇଆଡୁ ସିଆଡୁ କଥା କହେ ।

ଲୋକଠାରୁ ସବୁଜାତିର ଲୋକମାନଙ୍କୁ ସୃଷ୍ଟିକଲେ, ଯେଉଁମାନେ
ପୃଥିବୀର ସବୁସ୍ଥାନରେ ବାସ କରୁଛନ୍ତି । ସେ ସେମାନଙ୍କ
ଜୀବନକାଳ ଓ ବାସସ୍ଥାନର ସୀମାସବୁ ସ୍ଥିର କରିଛନ୍ତି, [27]ଯେପରି
ସେମାନେ ଈଶ୍ୱରଙ୍କୁ ପାଇବେ ବୋଲି ଆଶା କରି ଦରାଣ୍ଡି ଦରାଣ୍ଡି
ଖୋଜିବେ ଓ ତାହାଙ୍କୁ ପାଇବେ । ମାତ୍ର, ଏହା ସତ୍ୟ ଯେ, ସେ
ଆମ୍ଭମାନଙ୍କ ମଧ୍ୟରୁ କାହାଠାରୁ ଦୂରରେ ନାହାନ୍ତି । [28]କାରଣ
ତାହାଙ୍କଠାରେ ଥାଇ ଆମ୍ଭେମାନେ ବଞ୍ଚୁ, ତାହାଙ୍କଠାରେ ଥାଇ
ଆମ୍ଭେମାନେ ଗମନାଗମନ କରୁ ଓ ତାହାଙ୍କଠାରେ ଆମ୍ଭମାନଙ୍କ
ଅସ୍ତିତ୍ୱ[w] ଅଛି । ଯେପରି ଆପଣମାନଙ୍କର କବିମାନଙ୍କ ମଧ୍ୟରୁ
କେତେକ କହିଅଛନ୍ତି 'କାରଣ ଆମ୍ଭେମାନେ ମଧ୍ୟ ପ୍ରକୃତରେ
ତାହାଙ୍କର ସନ୍ତାନ ।' [29]ଏଣୁ ଆମ୍ଭେମାନେ ଈଶ୍ୱରଙ୍କର ସନ୍ତାନ
ହୋଇଥିବାରୁ, ଈଶ୍ୱରଙ୍କୁ ମନୁଷ୍ୟର କଳାକୌଶଳ[x] ଓ କଳ୍ପନା
ଅନୁସାରେ ତିଆରି କରାଯାଇଥିବା ସୁନା, ରୁପା ବା ପଥରର ମୂର୍ତ୍ତି
ବୋଲି ଚିନ୍ତା କରିବା ଉଚିତ୍ ନୁହେଁ ।

[30]ପୂର୍ବରୁ ଲୋକମାନେ ନ ଜାଣି ଏପରି କରିଥିବାରୁ ଈଶ୍ୱର
ଦୋଷ ଧରି ନ ଥିଲେ, କିନ୍ତୁ ବର୍ତ୍ତମାନ ସେ ସବୁସ୍ଥାନର ସବୁଲୋକ
ମନପରିବର୍ତ୍ତନ କରିବାକୁ ଆଜ୍ଞା ଦେଇଅଛନ୍ତି । [31]କାରଣ, ଯେଉଁ
ଦିନ ଈଶ୍ୱର ନିଜେ ନିଯୁକ୍ତ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ
ସମସ୍ତ ଜଗତର ବିଚାର କରିବେ, ଈଶ୍ୱର ଏପରି ଏକ ଦିନ ସ୍ଥିର
କରିଅଛନ୍ତି । ଆଉ ସେ ସେହି ଯୀଶୁଙ୍କୁ ମୃତ ଲୋକମାନଙ୍କ ମଧ୍ୟରୁ
ଉଠାଇବା ଦ୍ୱାରା, ଏହି ସମସ୍ତ କଥା ଯେ ସତ୍ୟ ତାହା ସମସ୍ତଙ୍କୁ
ପ୍ରମାଣ ଦେଇଅଛନ୍ତି ।"

[32]ଯେତେବେଳେ ସେମାନେ ମୃତ୍ୟୁରୁ ଉଠିବା କଥା ଶୁଣିଲେ,
କେହି କେହି ପାଉଲଙ୍କୁ ପରିହାସ କଲେ କିନ୍ତୁ ଅନ୍ୟମାନେ
କହିଲେ, "ଆମ୍ଭେମାନେ ଆପଣଙ୍କଠାରୁ ଏ ବିଷୟରେ ଆଉ
ଥରେ ଶୁଣିବା ।" [33]ଏହାପରେ ପାଉଲ ସେମାନଙ୍କଠାରୁ
ଚାଲିଗଲେ । [34]କିନ୍ତୁ କିଛି ଲୋକ ଯୀଶୁଙ୍କଠାରେ ବିଶ୍ୱାସ କରି
ପାଉଲଙ୍କ ସହିତ ଯୋଗଦେଲେ; ସେମାନଙ୍କ ମଧ୍ୟରେ
ଆରୀୟପାଗ ସଭାର ସଭ୍ୟ ଦିୟନୁସିୟ, ଜଣେ ମହିଳା,
ଯାହାଙ୍କର ନାମ ଦାମାରୀ ଓ ସେମାନଙ୍କ ସହିତ ଆଉ କେତେକ
ଲୋକ ଥିଲେ ।

# 18

### ପାଉଲ କରିନ୍ଥ ମହାନଗରରେ ପ୍ରଚାର କଲେ

[1]ଏହାପରେ ପାଉଲ ଆଥେନ୍ସ ନଗର ଛାଡ଼ି କରିନ୍ଥ
ମହାନଗରକୁ ଗଲେ । [2]ଆଉ ସେ ସେଠାରେ ଆକ୍ୱିଲା ନାମକ
ଜଣେ ଯିହୁଦୀ ଜାତିର ଲୋକଙ୍କର ଦେଖା ପାଇଲେ, ତାହାଙ୍କ
ଜନ୍ମସ୍ଥାନ ଥିଲା ପନ୍ତ । ଅଳ୍ପ ଦିନ ଆଗରୁ ସେ ନିଜ ସ୍ତ୍ରୀ ପ୍ରୀସ୍କିଲାଙ୍କ
ସହିତ ଇଟାଲି ଦେଶରୁ ସେହିସ୍ଥାନକୁ ଆସିଥିଲେ । କାରଣ
ଇଟାଲି ଦେଶର ଶାସନକର୍ତ୍ତା କ୍ଲାଉଦିୟ ଯିହୁଦୀ ଜାତିର
ସବୁଲୋକଙ୍କୁ ଇଟାଲି ଦେଶର ରାଜଧାନୀ ରୋମରୁ
ବାହାରିଯିବାକୁ ଆଦେଶ ଦେଇଥିଲେ । ପାଉଲ ସେମାନଙ୍କୁ
ଭେଟିବାକୁ ଗଲେ । [3]ସେମାନେ ତମ୍ବୁ ତିଆରି କରିବା ଲୋକ
ଥିଲେ ଓ ପାଉଲ ମଧ୍ୟ ତମ୍ବୁ ତିଆରି କରିବା ଲୋକ ହୋଇଥିବାରୁ
ସେ ସେମାନଙ୍କ ସହିତ ବାସକଲେ । ଆଉ ସେମାନେ ତମ୍ବୁ
ତିଆରି କରିବାକୁ ଲାଗିଲେ ।

[4]ପୁଣି ସେ ପ୍ରତି ବିଶ୍ରାମବାରରେ[y] ଯିହୁଦୀ ଜାତିର
ଲୋକମାନଙ୍କର ଉପାସନା ଗୃହକୁ ଯାଇ ଆଲୋଚନା କଲେ,
ପୁଣି ଯିହୁଦୀ ଓ ଗ୍ରୀକ୍ ଜାତିର ଲୋକମାନଙ୍କୁ ବୁଝାଇବାକୁ
ଲାଗିଲେ । [5]ଯେତେବେଳେ ଶିଲାସ ଓ ତିମଥି ମାକିଦନିଆ
ଅଞ୍ଚଳରୁ ସେହିସ୍ଥାନକୁ ଆସିଲେ, ସେତେବେଳେ, ଯୀଶୁ ଯେ
ଖ୍ରୀଷ୍ଟ[z] ଅଟନ୍ତି, ପାଉଲ ଏହି ସାକ୍ଷ୍ୟ ଦେଇ ବାକ୍ୟ ପ୍ରଚାରରେ
ଲାଗିରହିଥିଲେ । [6]କିନ୍ତୁ ଯେତେବେଳେ କରିନ୍ଥର ଲୋକମାନେ
ପାଉଲଙ୍କୁ ବାଧା ଦେଲେ ଓ ତାଙ୍କୁ ନିନ୍ଦା କରିବାକୁ ଲାଗିଲେ,
ସେତେବେଳେ ପାଉଲ ନିଜର ଲୁଗା ଝାଡ଼ି କହିଲେ,

---

[w]**17.28** ଈଶ୍ୱରଙ୍କଠାରେ ଜୀବନର ସ୍ଥିତି ଅଛି । କଲସିୟ ୧:୧୭- ତାହାଙ୍କଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି ।

[x]**17.29** ଚିତ୍ର ଆଙ୍କିବା ବା ମୂର୍ତ୍ତି ତିଆରି କରିବାର ଜ୍ଞାନ

[y]**18.4** ବିଶ୍ରାମବାର - ଯିହୁଦୀ ଜାତିର ଲୋକମାନେ ସପ୍ତାହରେ ଗୋଟିଏ ଦିନ କାର୍ଯ୍ୟ ନ କରି ବିଶ୍ରାମ କରୁଥିଲେ ଓ ଈଶ୍ୱରଙ୍କର ଉପାସନା କରୁଥିଲେ । ସେହି ଦିନକୁ ବିଶ୍ରାମବାର କୁହାଯାଏ ।

[z]**18.5** ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦର ଅର୍ଥ 'ଈଶ୍ୱରଙ୍କ ଅଭିଷିକ୍ତ ବା ମନୋନୀତ ବ୍ୟକ୍ତି, ଯାହାଙ୍କୁ ଈଶ୍ୱର ଏହି ଜଗତର ପରିତ୍ରାଣ ନିମନ୍ତେ ପଠାଇଲେ ।'

“ଆପଣମାନଙ୍କର ପାପ ପାଇଁ ଆପଣମାନେ ଦାୟୀହେବେ । ମୁଁ ନିର୍ଦ୍ଦୋଷ; ଏବେ ମୁଁ ଅଣ-ଯିହୁଦୀ ଜାତିର ଲୋକମାନଙ୍କ ନିକଟକୁ ଯିବି ।”

[7]ଏହାପରେ ସେ ସେହି ସ୍ଥାନରୁ ଚାଲିଯାଇ ତିତସ ଯୁସ୍ତ ନାମକ ଜଣେ ଲୋକଙ୍କ ଘରକୁ ଗଲେ । ଏହି ତିତସ ଯୁସ୍ତ ଜଣେ ଅଣ-ଯିହୁଦୀ ଜାତିର ଲୋକ ହୋଇଥିଲେ, ମଧ୍ୟ ଈଶ୍ୱରଙ୍କର ଉପାସକ ଥିଲେ । ତାଙ୍କ ଘର ଯିହୁଦୀ ଜାତିର ଲୋକମାନଙ୍କର ଉପାସନା ଗୃହକୁ ଲାଗିଥିଲା । [8]ସେହି ଉପାସନା ଗୃହର ଅଧ୍ୟକ୍ଷ କ୍ରୀଷ୍ପ ଓ ତାଙ୍କ ପରିବାରର ସବୁଲୋକ ପ୍ରଭୁଙ୍କଠାରେ ବିଶ୍ୱାସ କଲେ । ଆଉ କରିନ୍ଥ ଅଞ୍ଚଳର ଲୋକମାନଙ୍କ ମଧ୍ୟରୁ ବହୁଲୋକ ପାଉଲଙ୍କ କଥା ଶୁଣି ବିଶ୍ୱାସ କଲେ ଓ ଡୁବନ ନେଲେ ।

[9]ପୁଣି ଦିନେ ରାତିରେ ପ୍ରଭୁ ଦର୍ଶନରେ ପାଉଲଙ୍କୁ କହିଲେ, “ତୁମେ ଭୟ କର ନାହିଁ, ନୀରବ ନ ରହି ପ୍ରଚାର କର । [10]କାରଣ ଆମ୍ଭେ ତୁମ ସହିତ ଅଛୁ, କୌଣସି ଲୋକ ତୁମର କ୍ଷତି କରିବାକୁ ତୁମ ଉପରେ ଆକ୍ରମଣ କରିବ ନାହିଁ, କାରଣ ଆମ୍ଭର ଅନେକ ଲୋକ ଏହି ନଗରରେ ଅଛନ୍ତି ।” [11]ପୁଣି ସେ ସେମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଉ ଦେଉ ଦେଢ଼ ବର୍ଷ ସେଠାରେ ରହିଲେ ।

[12]କିନ୍ତୁ ଆଖାୟା ପ୍ରଦେଶରେ ଗାଲ୍ଲିୟୋନ ନାମକ ଶାସନକର୍ତ୍ତା ଥିବା ସମୟରେ ଯିହୁଦୀ ଜାତିର ଲୋକମାନେ ପାଉଲଙ୍କ ବିରୁଦ୍ଧରେ ଏକାଠି ହୋଇ ତାଙ୍କୁ ବିଚାରାଳୟକୁ ନେଇଗଲେ । [13]ସେମାନେ ବିଚାରାଳୟରେ ପାଉଲଙ୍କ ବିରୁଦ୍ଧରେ ଅଭିଯୋଗ କରି କହିଲେ, “ଏହି ବ୍ୟକ୍ତି ଈଶ୍ୱରଙ୍କୁ ଏପରି ଉପାସନା କରିବାକୁ ଲୋକମାନଙ୍କୁ ଶିଖାଉଅଛି, ଯାହା ଆମ୍ଭମାନଙ୍କ ବ୍ୟବସ୍ଥାର ବିପରୀତ” ।

[14]କିନ୍ତୁ ପାଉଲ ନିଜର ପାଟି ଫିଟାଇ କହିବାକୁ ଆରମ୍ଭ କରିବା ସମୟରେ, ସେହି ଶାସନକର୍ତ୍ତା ଗାଲ୍ଲିୟୋନ ଯିହୁଦୀ ଜାତିର ଲୋକମାନଙ୍କୁ କହିଲେ, “ହେ ଯିହୁଦୀ ଲୋକମାନେ, ତୁମ୍ଭେମାନେ ଯେଉଁ ଅଭିଯୋଗ ଆଣୁଅଛ, ତାହା ଯଦି କିଛି ଅନ୍ୟାୟ ବା ବଡ଼ ଅପରାଧ ବିଷୟରେ ହୋଇଥାନ୍ତା, ତେବେ ସେହି କାରଣରୁ ମୁଁ ତୁମ୍ଭମାନଙ୍କର ଅଭିଯୋଗ ଗ୍ରହଣ କରି ଥାଆନ୍ତି । [15]କିନ୍ତୁ ଏହା କେବଳ କିଛି ବାକ୍ୟ, ନାମ ଓ ତୁମ୍ଭମାନଙ୍କର ବ୍ୟବସ୍ଥା ବିଷୟ ହୋଇଥିବାରୁ, ତୁମ୍ଭେମାନେ ନିଜେ ତାହା ବୁଝ । ମୁଁ ଏହିସବୁ ବିଷୟ ବିଚାର କରିବାକୁ ଚାହୁଁ ନାହିଁ ।" [16]ପୁଣି ସେ ସେମାନଙ୍କୁ ବିଚାରାଳୟରୁ ତଡ଼ିଦେଲେ ।

[17]ପୁଣି ସେମାନେ ସମସ୍ତେ ଉପାସନା ଗୃହର ଅଧ୍ୟକ୍ଷ ସସ୍ଥେନସଙ୍କୁ ଧରି ବିଚାରାଳୟ ଆଗରେ ମାରିବାକୁ ଲାଗିଲେ, କିନ୍ତୁ ଶାସନକର୍ତ୍ତା ଗାଲ୍ଲିୟୋନ ସେସବୁ ବିଷୟରେ ମନ ଦେଲେ ନାହିଁ ।

## ପାଉଲ କୂରିଣୀୟ ଆନ୍ତିୟୋଖକୁ ଫେରିଆସିଲେ

[18]ଏହାପରେ ପାଉଲ ସେହିସ୍ଥାନରେ ଆହୁରି ଅନେକ ଦିନ ଯାଏଁ ରହିଲେ ଓ ପରେ ସେହି ସ୍ଥାନର ଭାଇମାନଙ୍କ ନିକଟରୁ ଚାଲିଯାଇ ପାଣି ଜାହାଜରେ ସୁରିଆ ଦେଶକୁ ଗଲେ । ପ୍ରୀସ୍କିଲା ଓ ଆକ୍ୱିଲା ମଧ୍ୟ ତାଙ୍କ ସାଙ୍ଗରେ ଗଲେ । ପାଉଲ ମାନସିକ କରିଥିବାରୁ ସେ ତାହା ଶେଷକରି କେଙ୍କ୍ରେୟା ନଗରରେ ନିଜର ମୁଣ୍ଡ ଲଣ୍ଡା କଲେ । [19]ପରେ ସେମାନେ ଏଫିସ ନଗରରେ ପହଞ୍ଚିଲେ, ପୁଣି ପାଉଲ ସେ ସ୍ଥାନରେ ପ୍ରୀସ୍କିଲା ଓ ଆକ୍ୱିଲାଙ୍କୁ ଛାଡ଼ି ନିଜେ ଯିହୁଦୀ ଜାତିର ଲୋକମାନଙ୍କର ଉପାସନା ଗୃହକୁ ଯାଇ ଯିହୁଦୀମାନଙ୍କୁ ଉପଦେଶ ଦେଲେ । [20]ସେମାନେ ତାଙ୍କୁ ଅଧିକ ଦିନ ରହିବାକୁ କହିଲେ, କିନ୍ତୁ ସେ ରାଜି ହେଲେ ନାହିଁ । [21]କିନ୍ତୁ ସେ ସେମାନଙ୍କୁ କହିଲେ, “ଈଶ୍ୱରଙ୍କର ଇଛା ହେଲେ ମୁଁ ଆଉ ଥରେ ଆପଣମାନଙ୍କ ନିକଟକୁ ବାହୁଡ଼ି ଆସିବି” । ପୁଣି ସେ ଏଫିସ ଅଞ୍ଚଳରୁ ପାଣି ଜାହାଜରେ କାଇସରୀଆ ଅଞ୍ଚଳକୁ ଚାଲିଗଲେ । [22]ସେ କାଇସରୀଆ ଅଞ୍ଚଳରେ ପହଞ୍ଚି ପାଣି ଜାହାଜରୁ ଓହ୍ଲାଇଲେ, ଆଉ ଯିରୁଶାଲମ ମଣ୍ଡଳୀକୁ ଯାଇ ବିଶ୍ୱାସୀମାନଙ୍କୁ ନମସ୍କାର କରି ଆନ୍ତିୟଖ ଅଞ୍ଚଳକୁ ଚାଲିଗଲେ ।

[23]ସେହିସ୍ଥାନରେ କିଛି ଦିନ ରହିଲା ପରେ, ସେ ସେଠାରୁ ଚାଲିଗଲେ ପୁଣି ଗାଲାତୀ ଓ ଫ୍ରୁଗିଆ ଅଞ୍ଚଳର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ଶିଷ୍ୟମାନଙ୍କୁ ଶକ୍ତିଯୁକ୍ତ କଲେ ।

## ଆପଲ ଏଫିସି ନଗରରେ ଶିକ୍ଷାଦେଲେ

[24]ସେହି ସମୟରେ ଆପଲ୍ଲ ନାମକ ଜଣେ ଯିହୁଦୀ ଜାତିର ଲୋକ ଏଫିସ ନଗରକୁ ଆସିଲେ । ତାଙ୍କ ଜନ୍ମସ୍ଥାନ

ଆଲେକ୍‌ଜାଣ୍ଡ୍ରିଆ । ସେ ଜଣେ ଉତ୍ତମ ବକ୍ତା ଥିଲେ ଓ ଧର୍ମଶାସ୍ତ୍ର
ଭଲରେ ଜାଣିଥିଲେ । [25]ସେହି ବ୍ୟକ୍ତି ପ୍ରଭୁଙ୍କ ପଥ ବିଷୟରେ
ଶିକ୍ଷା ପାଇଥିଲେ, ପୁଣି ବହୁତ ଉତ୍ସାହରେ ଯୀଶୁଙ୍କ ବିଷୟରେ
ଠିକ୍ ରୂପେ ଶିକ୍ଷା ଦେଉଥିଲେ, କିନ୍ତୁ ବାପ୍ତିଜକ[a] ଯୋହନ ଯେଉଁ
ପ୍ରକାରର ଡୁବନ ଦେଉଥିଲେ, ସେ କେବଳ ସେହି ଡୁବନ କଥା
ଜାଣିଥିଲେ । [26]ସେ ଯିହୁଦୀ ଜାତିର ଲୋକମାନଙ୍କର ଉପାସନା
ଗୃହରେ ସାହସର ସହିତ ପ୍ରଚାର କରିବାକୁ ଲାଗିଲେ । କିନ୍ତୁ
ଯେତେବେଳେ ପ୍ରିସ୍କିଲା ଓ ଆକ୍ୱିଲା ନାମକ ସ୍ୱାମୀସ୍ତ୍ରୀ ତାଙ୍କ
ପ୍ରଚାର ଶୁଣିଲେ, ସେମାନେ ତାଙ୍କୁ ନିଜ ଘରକୁ ଡାକି ନେଲେ ଓ
ଅଧିକ ଠିକ୍ ରୂପେ ଈଶ୍ୱରଙ୍କ ପଥ ବିଷୟ ତାଙ୍କୁ ବୁଝାଇଦେଲେ ।

[27]ସେ ଆଖାୟା ଅଞ୍ଚଳକୁ ଯିବା ପାଇଁ ଇଚ୍ଛା କରିବାରୁ
ଭାଇମାନେ ତାଙ୍କୁ ଉତ୍ସାହ ଦେଲେ ଓ ତାଙ୍କୁ ଗ୍ରହଣ କରିବା ପାଇଁ
ସେହି ସ୍ଥାନର ଶିଷ୍ୟମାନଙ୍କୁ ଚିଠି ଲେଖିଲେ । ସେ ସେଠାରେ
ପହଞ୍ଚିଲେ, ପୁଣି ଯେଉଁମାନେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ବିଶ୍ୱାସ
କରିଥିଲେ, ସେମାନଙ୍କୁ ବହୁତ ସାହାଯ୍ୟ କଲେ । [28]ଆଉ ସେ
ଧର୍ମଶାସ୍ତ୍ର ବ୍ୟବହାର କରି, ଯୀଶୁ ଯେ ଖ୍ରୀଷ୍ଟ,[b] ଏହା ସେ ସମସ୍ତଙ୍କ
ଆଗରେ ପ୍ରମାଣ କରି ଶକ୍ତିର ସହିତ ଯିହୁଦୀମାନଙ୍କର ଯୁକ୍ତିସବୁ
କାଟି ପକାଇଲେ ।

# 19

## ସୁସମାଚାର ପ୍ରଚାର କାର୍ଯ୍ୟରେ ପାଉଲଙ୍କ ତୃତୀୟ ଯାତ୍ରା

[1]ଆପଲ୍ଲ କରିନ୍ଥ ଅଞ୍ଚଳରେ ଥିବା ସମୟରେ, ପାଉଲ ସେହି
ସ୍ଥାନର ଭିତର ଅଞ୍ଚଳ ଦେଇ ଯାଉ ଯାଉ ଏଫିସ ଅଞ୍ଚଳରେ
ପହଞ୍ଚିଲେ । ସେଠାରେ ସେ କିଛି ଶିଷ୍ୟଙ୍କୁ ଭେଟିଲେ । [2]ସେ
ସେମାନଙ୍କୁ ପଚାରିଲେ, "ଆପଣମାନେ ବିଶ୍ୱାସ କରିବା
ସମୟରେ ପବିତ୍ର ଆତ୍ମାଙ୍କୁ ପାଇଥିଲେ କି ?" ସେମାନେ ଉତ୍ତର
ଦେଲେ, "ନାହିଁ ! ପବିତ୍ର ଆତ୍ମା ବୋଲି କେହି ଜଣେ ଅଛନ୍ତି, ତାହା
ଆମ୍ଭେମାନେ ଶୁଣି ହିଁ ନାହୁଁ ।"

[3]ଏଣୁ ପାଉଲ ସେମାନଙ୍କୁ ପଚାରିଲେ, "ତାହାହେଲେ
ଆପଣମାନେ କେଉଁ ପ୍ରକାର ଡୁବନ ନେଇଅଛନ୍ତି ?" ସେମାନେ
କହିଲେ, "ଆମ୍ଭେମାନେ ଯୋହନ ଦେଉଥିବା ଡୁବନ ନେଇଅଛୁ ।"

[4]ପାଉଲ କହିଲେ, "ପାପରୁ ମନ ପରିବର୍ତ୍ତନ କରି ଈଶ୍ୱରଙ୍କ
ପ୍ରତି ଫେରିବାର ଚିହ୍ନ ସ୍ୱରୂପେ ଯୋହନ ଡୁବନ ଦେଉଥିଲେ ।
କିନ୍ତୁ, ସେ ତାଙ୍କ ପରେ ଆସିବାକୁ ଥିବା ଯୀଶୁଙ୍କଠାରେ ବିଶ୍ୱାସ
କରିବାକୁ ଲୋକମାନଙ୍କୁ ଶିକ୍ଷାଦେଉଥିଲେ ।"

[5]ଏହା ଶୁଣି ସେମାନେ ପ୍ରଭୁ ଯୀଶୁଙ୍କ ନାମରେ ଡୁବନ ନେଲେ
। [6]ପୁଣି ପାଉଲ ସେମାନଙ୍କ ଉପରେ ହାତ ରଖି ପ୍ରାର୍ଥନା
କରିବାରୁ, ପବିତ୍ର ଆତ୍ମା ସେମାନଙ୍କ ଉପରକୁ ଓହ୍ଲାଇ ଆସିଲେ
ପୁଣି ସେମାନେ ପରଭାଷାରେ କଥା କହିବାକୁ ଏବଂ ଭାବବାଣୀ
କହିବାକୁ ଆରମ୍ଭ କଲେ । [7]ସେଠାରେ ସେମାନେ ସମସ୍ତେ ବାର
ଜଣ ପୁରୁଷଲୋକ ଥିଲେ ।

## ପାଉଲଙ୍କର ଏଫିସି ନଗରରେ ସେବାକାର୍ଯ୍ୟ

[8]ପାଉଲ ଯିହୁଦୀ ଜାତିର ଲୋକମାନଙ୍କ ଉପାସନା ଗୃହକୁ ତିନି
ମାସ ଯାଏଁ ଯାଇ, ସାହସର ସହିତ ଶିକ୍ଷାଦେଲେ ଓ ସେମାନଙ୍କ
ସହିତ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଆଲୋଚନା କରି
ଦୃଢ଼ଭାବରେ ବୁଝାଇବାକୁ ଚେଷ୍ଟାକଲେ । [9]କିନ୍ତୁ ସେମାନଙ୍କ
ମଧ୍ୟରୁ କିଛି ଲୋକ ନିଜ ନିଜ ହୃଦୟ କଠିନ କଲେ ଓ ବିଶ୍ୱାସ
କରିବାକୁ ଚାହିଁଲେ ନାହିଁ, ପୁଣି ଯୀଶୁ ଶିକ୍ଷା ଦେଇଥିବା ପଥକୁ
ଲୋକମାନଙ୍କ ଆଗରେ ନିନ୍ଦା କଲେ । ତେଣୁ ପାଉଲ ସେମାନଙ୍କୁ
ଛାଡ଼ି, ସମସ୍ତ ଶିଷ୍ୟଙ୍କୁ ସାଥିରେ ନେଇ ଚାଲିଗଲେ, ପୁଣି,
ତୁରାନ୍ନର ନାମକ ବ୍ୟକ୍ତିଙ୍କର ଶିକ୍ଷା ଗୃହରେ ଶିଷ୍ୟମାନଙ୍କ ସହିତ
ପ୍ରତିଦିନ ଆଲୋଚନା କରିବାକୁ ଲାଗିଲେ । [10]ଏହିପରି ସେ ଦୁଇ
ବର୍ଷ ଶିକ୍ଷାଦେଲେ, ତେଣୁ ଆସିଆରେ ବାସ କରୁଥିବା ସମସ୍ତ
ଯିହୁଦୀ ଓ ଗ୍ରୀକ୍ ଜାତିର ଲୋକମାନେ ପ୍ରଭୁଙ୍କର ବାକ୍ୟ ଶୁଣିଲେ
।

[11]ପୁଣି ଈଶ୍ୱର ପାଉଲଙ୍କ ହାତରେ ଅସାଧାରଣ ଆଶ୍ଚର୍ଯ୍ୟ
କର୍ମସବୁ କଲେ । [12]ଏପରିକି ସେମାନେ ପାଉଲଙ୍କର ରୁମାଲ ବା
ଗାମୁଛା ରୋଗୀମାନଙ୍କ ନିକଟକୁ ନେଲେ, ରୋଗୀମାନେ ସୁସ୍ଥ
ହେଉଥିଲେ ଓ ସେମାନଙ୍କ ଦେହରୁ ମନ୍ଦ ଆତ୍ମା ବାହାରି
ଯାଉଥିଲା ।

[a]**18.25** ଯିଏ ଡୁବନ ଦିଅନ୍ତି

[b]**18.28** ପ୍ରେରିତ ୧୮:୫

13ସେହି ସମୟରେ, ବୁଲି ବୁଲି ଭୂତ ଛଡ଼ାଉଥିବା ଯିହୁଦୀ
ଜାତିର କିଛି ଲୋକ ମନ୍ଦ ଆତ୍ମା ଧରିଥିବା ଲୋକମାନଙ୍କ ପ୍ରତି
ପ୍ରଭୁ ଯୀଶୁଙ୍କ ନାମ ବ୍ୟବହାର କରିବାକୁ ଚେଷ୍ଟାକରି କହୁଥିଲେ,
"ପାଉଲ ପ୍ରଚାର କରୁଥିବା ଯୀଶୁଙ୍କ ନାମରେ ମୁଁ ତୋତେ
ଆଦେଶ ଦେଉଅଛି, ବାହାରିଯା ।" 14ଯିହୁଦୀ ଧର୍ମର ସ୍କେବା
ନାମକ ଜଣେ ମହା ଯାଜକଙ୍କର ସାତ ପୁଅ ଏହିପରି କରୁଥିଲେ ।
15କିନ୍ତୁ ଦିନେ ଏକ ମନ୍ଦ ଆତ୍ମା ସେମାନଙ୍କୁ ଉତ୍ତର ଦେଲା, "ମୁଁ
ଯୀଶୁଙ୍କୁ ଜାଣେ ଓ ପାଉଲଙ୍କୁ ଚିହ୍ନେ, କିନ୍ତୁ ତୁମ୍ଭେମାନେ ସବୁ କିଏ
?" 16ଏହାସହ ମନ୍ଦ ଆତ୍ମା ଧରିଥିବା ଲୋକ ସେମାନଙ୍କ ଉପରକୁ
ଡେଇଁପଡ଼ିଲା, ପୁଣି, ସେମାନଙ୍କୁ ପରାସ୍ତ କରି ଏପରି ମାରିଲା
ଯେ, ସେମାନେ ଉଲଙ୍ଗ ଓ ଖଣ୍ଡିଆଖାବରା ହୋଇ ସେହି ଘରୁ
ଧାଇଁ ପଳାଇଗଲେ ।

17ପୁଣି ଏହି କଥା ଏଫିସ ନଗରରେ ବାସ କରୁଥିବା ଉଭୟ
ଯିହୁଦୀ ଓ ଗ୍ରୀକ୍ ଜାତିର ସମସ୍ତ ଲୋକ ଶୁଣିଲେ । ଏଣୁ
ସେମାନେ ବହୁତ ଭୟ କଲେ ଓ ପ୍ରଭୁ ଯୀଶୁଙ୍କ ନାମର ମହା
ଗୌରବ ହେଲା । 18ବିଶ୍ୱାସୀମାନଙ୍କ ମଧ୍ୟରୁ ଅନେକ ଆସି
ସେମାନଙ୍କ କର୍ମସବୁ ଲୋକମାନଙ୍କ ଆଗରେ ସ୍ୱୀକାର କଲେ ।
19ଆଉ ଆଗରୁ ଗୁଣିଗାରେଡ଼ି କରିଥିବା ଅନେକ ଲୋକ
ସେମାନଙ୍କ ମନ୍ତ୍ରତନ୍ତ୍ରର ବହିସବୁ ଆଣି ଲୋକମାନଙ୍କ ଆଗରେ
ଗଦା କରି ନିଆଁରେ ପୋଡ଼ିଲେ । ସେମାନେ ସେହି ବହିଗୁଡ଼ିକ
ମୂଲ୍ୟ ହିସାବ କରି ପଚାଶ ହଜାର ରୂପା ଟଙ୍କା[c] ବୋଲି ଜାଣିଲେ
। 20ଏହିପରି ପ୍ରଭୁଙ୍କ ବାକ୍ୟ ବ୍ୟାପିବାକୁ ଲାଗିଲା ଓ ଲୋକମାନଙ୍କ
ଉପରେ ଶକ୍ତିର ସହିତ ପ୍ରଭାବ ପକାଇଲା ।

21ଏହିସବୁ ଘଟଣା ପରେ ପାଉଲ ମାକିଦନିଆ ଓ ଆଖାୟା
ଅଞ୍ଚଳ ମଧ୍ୟ ଦେଇ ଯିବାକୁ ଓ ତାପରେ ଯିରୁଶାଲମ ନଗରକୁ
ଯିବାକୁ ପବିତ୍ର ଆତ୍ମାଙ୍କ ପ୍ରେରଣା ପାଇ ମନରେ ଦୃଢ଼ ନିଷ୍ପତ୍ତି କରି
କହିଲେ, "ଯିରୁଶାଲମ ନଗରକୁ ଯିବା ପରେ, ମୋତେ ଅବଶ୍ୟ
ରୋମ୍ ମହାନଗରକୁ ମଧ୍ୟ ଯିବାକୁ ହେବ ।" 22ତେଣୁ, ପାଉଲ
ନିଜେ ମାକିଦନିଆ ଅଞ୍ଚଳକୁ ଯିବା ଆଗରୁ, ତାଙ୍କ
ସାହାଯ୍ୟକାରୀମାନଙ୍କ ମଧ୍ୟରୁ ଦୁଇ ଜଣ, ତୀମଥି ଓ ଏରାସ୍ତୁସଙ୍କୁ
ସେଠାକୁ ପଠାଇଲେ ଓ ନିଜେ ଆଉ କିଛି ଦିନ ଆସିଆରେ
ରହିଲେ ।

## ଏଫିସି ନଗରର ଲୋକମାନେ ପାଉଲଙ୍କୁ ଗଣ୍ଡଗୋଳ କଲେ

23ସେହି ସମୟରେ ସେଠାରେ ଯୀଶୁ ଶିକ୍ଷା ଦେଇଥିବା ପଥ
ବିଷୟରେ ବହୁତ ଗଣ୍ଡଗୋଳ ହେଲା । 24କାରଣ, ଏହିପରି
ଘଟିଲା: ରୂପାର ବିଭିନ୍ନ ଜିନିଷ ତିଆରି କରୁଥିବା ଦୀମିତ୍ରିୟ
ନାମକ ଜଣେ ଲୋକ ଆର୍ତ୍ତେମୀ ନାମରେ ପରିଚିତ ଦେବୀର
ମନ୍ଦିର ପରି ଦେଖାଯାଉଥିବା ଛୋଟ ଛୋଟ ମନ୍ଦିର ରୁପାରେ
ତିଆରି କରୁଥିଲା । ଯେଉଁମାନେ ତାଙ୍କ ପାଇଁ ସେସବୁ ତିଆରି
କରୁଥିଲେ, ସେମାନଙ୍କର ବହୁତ ଲାଭ ହେଉଥିଲା । 25ଦୀମିତ୍ରିୟ
ସେମାନଙ୍କୁ ଓ ତାଙ୍କ ପରି ସମାନ ବ୍ୟବସାୟ କରୁଥିବା
ଲୋକମାନଙ୍କୁ ଏକାଠି କରି କହିଲେ, "ହେ ବନ୍ଧୁମାନେ,
ଆପଣମାନେ ଜାଣନ୍ତି ଯେ, ଏହି ବ୍ୟବସାୟ କରି ଆମ୍ଭେମାନେ
ବହୁତ ଧନ ପାଉଅଛୁ । 26ମାତ୍ର, ଏବେ, ଏହି ଲୋକ ପାଉଲ
କେବଳ ଏଫିସି ଅଞ୍ଚଳରେ ନୁହେଁ ମାତ୍ର ସାରା ଆସିଆରେ ମଧ୍ୟ
ପ୍ରଚାର କରୁଅଛି ଯେ, ମଣିଷ ହାତ ତିଆରି ଦେବତାମାନେ
ପ୍ରକୃତ ଈଶ୍ୱର ନୁହନ୍ତି । ଆଉ ସେ ଏ ବିଷୟରେ ବହୁ ଲୋକଙ୍କୁ
ମତାଇ ଆମ୍ଭମାନଙ୍କଠାରୁ ଅଲଗା କରିଅଛି । ଏହା ଆପଣମାନେ
ନିଜେ ଦେଖୁଛନ୍ତି ଓ ଶୁଣୁଛନ୍ତି । 27ଫଳରେ, କେବଳ ଆମର ଏହି
ବ୍ୟବସାୟର ଖ୍ୟାତି ଯେ ନଷ୍ଟ ହେବ, ତାହା ନୁହେଁ, ମାତ୍ର, ଏହି
ବିପଦ ଘଟିବା ସହିତ, ଆର୍ତ୍ତେମି ମହାଦେବୀଙ୍କ ମନ୍ଦିରର ମୂଲ୍ୟ
କିଛି ରହିବ ନାହିଁ ଓ ଯେଉଁ ମହାଦେବୀଙ୍କୁ ଆସିଆ ପ୍ରଦେଶ ତଥା
ସାରା ଜଗତ ପୂଜା କରେ, ତାଙ୍କର ଗୌରବ ମଧ୍ୟ ରହିବ ନାହିଁ ।"

28ଯେତେବେଳେ ସେମାନେ ଏହା ଶୁଣିଲେ, ସେମାନେ
ରାଗରେ ପାଟିକରି କହିଲେ, "ଏଫିସିର ଆର୍ତ୍ତେମୀ ଦେବୀ ମହାନ
ଅଟନ୍ତି ।" 29ତେଣୁ, ସେମାନେ ସାରା ନଗରରେ ଗୋଳମାଳ
କଲେ, ଆଉ ପାଉଲଙ୍କ ସହିତ ଯାଇଥିବା ମାକିଦନିଆ ସହରର
ଗାୟସ ଏବଂ ଆରିଷ୍ଟାର୍ଖସ୍‌ଙ୍କୁ ଟାଣି ନେଇ ନାଟ୍ୟଶାଳାକୁ[d] ଏକା
ସାଙ୍ଗରେ ଦୌଡ଼ିଗଲେ । 30ଆଉ ପାଉଲ ନାଟ୍ୟଶାଳାରେ ଥିବା

[c]**19.19** ସେହି ସମୟରେ ଗୋଟିଏ ରୂପା ଟଙ୍କା ଜଣେ ଲୋକର ଗୋଟିଏ ଦିନର ମଜୁରୀ ଥିଲା ।

[d]**19.29** ଯେଉଁ ସ୍ଥାନରେ ନାଟକ ହୁଏ

ଭିଡ଼ ଭିତରକୁ ଯିବାକୁ ଇଚ୍ଛାକଲେ, କିନ୍ତୁ ଶିଷ୍ୟମାନେ ତାଙ୍କୁ
ଯିବାକୁ ଦେଲେ ନାହିଁ । 31 ଆଉ ଆସିଆ ପ୍ରଦେଶର କିଛି
ସରକାରୀ ଉଚ୍ଚ କର୍ମଚାରୀ ପାଉଲଙ୍କର ବନ୍ଧୁ ଥିଲେ ।
ନାଟ୍ୟଶାଳାରେ ପାଉଲ ବିପଦରେ ନ ପଡ଼ନ୍ତୁ ବୋଲି, ସେମାନେ
ପାଉଲଙ୍କ ପାଖକୁ ଖବର ପଠାଇ ତାଙ୍କୁ ସେଠାକୁ ନ ଯିବାକୁ
ବହୁତ ଅନୁରୋଧ କଲେ ।

32 ସେଠାରେ ଜମା ହୋଇଥିବା ଲୋକମାନେ ଦ୍ୱନ୍ଦରେ
ପଡ଼ିଥିବାରୁ କେହି କେହି ଏ କଥା ଓ କେହି କେହି ସେ କଥା କହି
ପାଟି କରୁଥିଲେ, ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ
ସେମାନେ କାହିଁକି ଏକାଠି ହୋଇଛନ୍ତି ତାହା ମଧ୍ୟ ଜାଣି ନ ଥିଲେ
। 33 ଯିହୁଦୀ ଜାତିର ଲୋକମାନେ ଆଲେକ୍‌ଜାଣ୍ଡାର ନାମକ ଯେଉଁ
ବ୍ୟକ୍ତିଙ୍କୁ ଆଗରେ ଠିଆ କରାଇଥିଲେ, ସେ କିଛି କୁହନ୍ତୁ ବୋଲି
ଲୋକମାନଙ୍କ ମଧ୍ୟରୁ କିଛି ଲୋକ କହିଲେ । ତେଣୁ ସେ
ଲୋକମାନଙ୍କ ଆଗରେ ନିଜ ପକ୍ଷ ରଖିବାକୁ ଚାହୁଁଛନ୍ତି ବୋଲି
ହାତରେ ସଙ୍କେତ ଦେଲେ । 34 କିନ୍ତୁ ଯେତେବେଳେ ଲୋକମାନେ
ଚିହ୍ନି ପାରିଲେ ଯେ, ସେ ଜଣେ ଯିହୁଦୀ ଜାତିର ଲୋକ ବୋଲି,
ସେତେବେଳେ ସେମାନେ ଦୁଇ ଘଣ୍ଟା ଧରି ଏକ ସ୍ୱରରେ
ପାଟିକରି କହିଲେ, "ଏଫିସିର ଆର୍ତେମୀ ଦେବୀ ମହାନ,
ଏଫିସିର ଆର୍ତେମୀ ଦେବୀ ମହାନ ।"

35 ଏହାପରେ ନଗର ସଭାର ଜଣେ ଅଧିକାରୀ, ଲୋକମାନଙ୍କୁ
ଶାନ୍ତ କରାଇ କହିଲେ, "ହେ ଏଫିସି ନଗରର ଲୋକମାନେ,
ଏଫିସି ନଗରୀ ହେଉଛି ମହାଦେବୀ ଆର୍ତେମୀଙ୍କ ମନ୍ଦିର ଓ
ଆକାଶରୁ ଖସି ପଡ଼ିଥିବା ପବିତ୍ର ପଥର ମୂର୍ତ୍ତିକୁ ରକ୍ଷା କରୁଥିବା
ନଗରୀ । ଏ କଥା ଜଗତରେ କିଏ ଜାଣି ନାହିଁ ? 36 ଏହି କଥା
କେହି ଅସ୍ୱୀକାର କରି ପାରିବ ନାହିଁ । ଏହା ଜାଣି ଆପଣମାନେ
ସମସ୍ତେ ଶାନ୍ତ ହୁଅନ୍ତୁ ଓ ନ ଭାବି ନ ଚିନ୍ତି ହଠାତ୍ କିଛି କରନ୍ତୁ
ନାହିଁ । 37 ଆପଣମାନେ ଏହି ଲୋକମାନଙ୍କୁ ଧରି ଏଠାକୁ
ଆଣିଛନ୍ତି, ଯେଉଁମାନେ ଆମ ମନ୍ଦିରର କିଛି ଲୁଟି ନାହାନ୍ତି କିମ୍ବା
ଆମ୍ଭମାନଙ୍କର ଦେବୀଙ୍କୁ ନିନ୍ଦାକରି କିଛି କଥା କହି ନାହାନ୍ତି ।

38 ସେଥିପାଇଁ, ଯଦି, ଦୀମିତ୍ରିୟ ଓ ତାଙ୍କ ସହିତ ମୂର୍ତ୍ତି ତିଆରି
କରୁଥିବା ଲୋକମାନଙ୍କର କାହା ବିରୁଦ୍ଧରେ କିଛି ଅଭିଯୋଗ
ଅଛି, ତେବେ ବିଚାରାଳୟ ସବୁ ଖୋଲା ଅଛି ଓ
ଶାସନକର୍ତ୍ତାମାନେ ମଧ୍ୟ ଅଛନ୍ତି । ସେମାନେ ସେଠାକୁ ଯାଇ
ଅଭିଯୋଗ କରନ୍ତୁ । 39 କିନ୍ତୁ, ଯଦି ଆପଣମାନଙ୍କର ଅନ୍ୟ କିଛି
ବିଷୟରେ ଅଭିଯୋଗ କରିବାର ଅଛି, ତେବେ ତାହା ଅବଶ୍ୟ
ସାଧାରଣ ସଭାରେ ନିଷ୍ପତ୍ତି କରାଯିବ । 40 କାରଣ, ଆଜି ଯେଉଁ
ଗଣ୍ଡଗୋଳ ହେଉଅଛି, ତାହା ଆମ୍ଭେମାନେ କରାଇଅଛୁ ବୋଲି
ଆମ୍ଭମାନଙ୍କ ବିରୁଦ୍ଧରେ ଅଭିଯୋଗ ହେବାର ଆଶଙ୍କା ଅଛି ।
କାରଣ ଏହି ଗଣ୍ଡଗୋଳର କୌଣସି ଉପଯୁକ୍ତ କାରଣ
ଆମ୍ଭେମାନେ ଦେଖାଇ ପାରିବା ନାହିଁ ।" 41 ଏହି କଥା କହି ସେ
ସମସ୍ତଙ୍କୁ ପଠାଇଦେଲେ ।

# 20

### ପାଉଲ ମାକିଦନିଆ ଓ ଗ୍ରୀସକୁ ଗଲେ

1 ଗଣ୍ଡଗୋଳ ଶେଷ ହେବା ପରେ, ପାଉଲ ଶିଷ୍ୟମାନଙ୍କୁ
ଡକାଇଲେ, ପୁଣି ସେମାନଙ୍କୁ ଉତ୍ସାହର କଥା କହିବା ପରେ
ସେମାନଙ୍କୁ ଛାଡ଼ି ମାକିଦନିଆ ଅଞ୍ଚଳକୁ ଚାଲିଗଲେ । 2 ସେ
ସେହିସବୁ ଅଞ୍ଚଳ ଦେଇ ଯାଉ ଯାଉ ଶିଷ୍ୟମାନଙ୍କୁ ବହୁତ ଉତ୍ସାହ
ଦେଲେ ଓ ପରେ ଗ୍ରୀସ୍ ଦେଶକୁ ଆସିଲେ । 3 ସେଠାରେ ସେ
ତିନି ମାସ ରହିଲେ, ତାପରେ ପାଣି ଜାହାଜରେ ସିରିଆ ଦେଶକୁ
ଯିବାକୁ ଚାହୁଁଥିବା ସମୟରେ ଯିହୁଦୀ ଜାତିର ଲୋକମାନେ ତାଙ୍କୁ
ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିବାର ଜାଣିପାରି ମାକିଦନିଆ
ଅଞ୍ଚଳ ଦେଇ ଫେରିଯିବାକୁ ନିଷ୍ପତ୍ତି କଲେ । 4 ବେରିଆ ନଗର
ନିବାସୀ ପୁର ନାମକ ବ୍ୟକ୍ତିଙ୍କ ପୁଅ ସୋପାତ୍ର, ଥେସଲିନିକୀ
ଅଞ୍ଚଳ ନିବାସୀ ଆରିସ୍ତାର୍ଖ ଓ ସେକୁନ୍ଦ, ଦର୍ବୀ ଅଞ୍ଚଳର ଗାୟ ଓ
ତୀମଥି ପୁଣି ଆସିଆର ତୁଖିକ ଓ ତ୍ରଫିମ ତାଙ୍କ ସହିତ ଗଲେ ।
5 ସେମାନେ ସମସ୍ତେ ଆମ ଆଗରେ ଯାଇ ତ୍ରୋୟା ନଗରରେ
ଆମକୁ ଅପେକ୍ଷା କରିଥିଲେ । 6 ଆଉ ଆମ୍ଭେମାନେ ଖମୀରଶୂନ୍ୟ
ରୋଟୀର ପର୍ବ ପାଳନ କଲା ପରେ, ଫିଲିପିରେ ପାଣି
ଜାହାଜରେ ଚଢ଼ି ପାଞ୍ଚ ଦିନ ପରେ ତ୍ରୋୟାରେ ସେମାନଙ୍କ
ନିକଟରେ ପହଞ୍ଚିଲୁ । ସେଠାରେ ଆମ୍ଭେମାନେ ସାତ ଦିନ ରହିଲୁ
।

### ପାଉଲ ତ୍ରୋୟା ନଗରକୁ ଶେଷଥର ପାଇଁ ଗଲେ

[7]ସପ୍ତାହର ପ୍ରଥମ ଦିନରେ, ଯେତେବେଳେ ଆମ୍ଭେମାନେ
ପ୍ରଭୁଭୋଜ ପାଳନ କରିବାକୁ ଏକାଠି ହେଲୁ, ପାଉଲ ତହିଁଆର
ଦିନ ସେହି ସ୍ଥାନ ଛାଡ଼ି ଚାଲି ଯିବାର ଥିବାରୁ ଲୋକମାନଙ୍କୁ
ଅଧରାତି ଯାଏଁ ଶିକ୍ଷାଦେଲେ । [8]ଯେଉଁ ଉପର କୋଠରୀରେ
ଆମ୍ଭେମାନେ ଏକାଠି ହୋଇଥିଲୁ, ସେଠାରେ ଅନେକ ଦୀପ
ଜଳୁଥିଲା । [9]ଆଉ ଇଉତୁଖ ନାମକ ଜଣେ ଯୁବକ ଝରକା
ଉପରେ ବସିଥିଲେ, ତାକୁ ବହୁତ ନିଦ ଲାଗୁଥିଲା । ପାଉଲ
ଅଧିକ ସମୟ ଯାଏଁ ଶିକ୍ଷା ଦେବାରୁ, ଇଉତୁଖ ନିଦରେ ଶୋଇ
ପଡ଼ିବାରୁ ତିନି ମହଲା ଉପରୁ ତଳେ ପଡ଼ିଗଲେ । ଆଉ ତାଙ୍କୁ
ଉଠାଇବା ବେଳକୁ ସେ ମରିଯାଇଥିଲେ । [10]ପାଉଲ ତଳକୁ
ଓହ୍ଲାଇଯାଇ ତାଙ୍କ ଉପରେ ନଇପଡ଼ି ତାକୁ କୁଣ୍ଢାଇଧରି କହିଲେ,
"ବ୍ୟସ୍ତ ହୁଅ ନାହିଁ, ସେ ବଞ୍ଚିଛି ।" [11]ତାପରେ ପାଉଲ ଉପରକୁ
ଫେରିଗଲେ ଏବଂ ବିଶ୍ୱାସୀମାନଙ୍କ ସହିତ ରୋଟୀ ଭାଙ୍ଗି ଭୋଜନ
କଲେ । ଏହାପରେ ସେ ସକାଳ ହେବା ଯାଏଁ ସେମାନଙ୍କୁ
ଶିକ୍ଷାଦେଲେ ଏବଂ ସେଠାରୁ ଚାଲିଗଲେ । [12]ସେହି ଯୁବକ
ବଞ୍ଚିବାର ଦେଖି ସେମାନେ ତାଙ୍କୁ ତାଙ୍କ ଘରକୁ ନେଇଗଲେ ଏବଂ
ବହୁତ ସାନ୍ତ୍ୱନା ପାଇଲେ ।

### ପାଉଲ ଏଫିସି ନଗରର ପ୍ରାଚୀନମାନଙ୍କୁ ଭେଟିଲେ

[13]ପାଉଲ ନିଜେ ପାଦରେ ଚାଲିଚାଲି ଆସୋସ୍ ନଗରକୁ
ଯିବାକୁ ଚାହିଁଲେ । କିନ୍ତୁ ଆମ୍ଭେମାନେ ପାଣି ଜାହାଜରେ ଚଢ଼ି
ତାଙ୍କ ଆଗରୁ ସେହି ନଗରକୁ ଗଲୁ । ସେଠାରୁ ଆମ୍ଭେମାନେ
ପାଉଲଙ୍କ ସହିତ ମିଶି ପାଣି ଜାହାଜରେ ଯିବାକୁ ଠିକ୍ ହୋଇଥିଲା
। [14]ଯେତେବେଳେ ପାଉଲ ଆମକୁ ଆସୋସ୍ ନଗରରେ
ଭେଟିଲେ, ଆମେ ସମସ୍ତେ ମିଶି ସେଠାରୁ ପାଣି ଜାହାଜରେ
ମିତୁଲିନୀ ନଗରକୁ ଗଲୁ । [15]ସେଠାରୁ ପୁଣି ପାଣି ଜାହାଜରେ
ଯାଇ ତହିଁଆର ଦିନ ଖିଅ ଦ୍ୱୀପରେ[e] ପହଞ୍ଚିଲୁ । ଦିନକ ପରେ
ଆମ୍ଭେମାନେ ସାମୋସ୍ ଦ୍ୱୀପ ପାରହୋଇ ଗଲୁ ଓ ତାପରଦିନ
ମୀଲୀତ ଦ୍ୱୀପରେ ପହଞ୍ଚିଲୁ ।

[16]ପାଉଲ ଆସିଆ ପ୍ରଦେଶରେ ଅଧିକ ସମୟ କାଟିବାକୁ
ଇଚ୍ଛାକରୁ ନ ଥିଲେ । ସେଥିପାଇଁ ସେ ଏଫିସ ନଗରରେ ନ
ଓହ୍ଲାଇବାକୁ ସ୍ଥିର କରିଥିଲେ । କାରଣ ସମ୍ଭବ ହେଲେ ପେଣ୍ଟିକଷ୍ଟ
ପର୍ବ ଦିନ ସୁଦ୍ଧା ଯିରୁଶାଲମ ନଗରରେ ପହଞ୍ଚିବାକୁ ସେ ଚଞ୍ଚଳ
ହେଉଥିଲେ । [17]ଯେତେବେଳେ ଆମ୍ଭେମାନେ ମୀଲୀତରେ
ପହଞ୍ଚିଲୁ, ପାଉଲ ଏଫିସ ନଗରର ମଣ୍ଡଳୀର ପ୍ରାଚୀନମାନଙ୍କୁ
ନିଜ ପାଖକୁ ଆସିବାକୁ ଖବର ପଠାଇଲେ ।

[18]ସେମାନେ ତାଙ୍କ ନିକଟକୁ ଆସିବାରୁ, ସେ ସେମାନଙ୍କୁ
କହିଲେ, "ମୁଁ ଆସିଆରେ ପାଦ ରଖିବା ଦିନଠାରୁ ଆପଣମାନଙ୍କ
ସହିତ ପୁରା ସମୟ କିପରି କଟାଇଲି ତାହା ଆପଣମାନେ
ଜାଣନ୍ତି । [19]ମୋ ବିରୁଦ୍ଧରେ ଯିହୁଦୀମାନଙ୍କର ବିଭିନ୍ନ ପ୍ରକାର
ଷଡ଼ଯନ୍ତ୍ର ଯୋଗୁଁ ମୁଁ ଅନେକ ପରୀକ୍ଷା ଦେଇ ଗଲି । ତଥାପି, ମୁଁ
ଲୁହ ଝରାଇ ଓ କଷ୍ଟ ସହି, ନମ୍ରତାର ସହିତ ପ୍ରଭୁଯୀଶୁଙ୍କର ସେବା
କରିଅଛି । [20]ଯାହା ଆପଣମାନଙ୍କର ଉପକାରରେ ଆସିବ, ସେହି
ବିଷୟ ତାହା ଆପଣମାନଙ୍କୁ ଘରେ ଘରେ ଓ ଲୋକମାନଙ୍କ
ଆଗରେ ସର୍ବଦା ଶିକ୍ଷା ଦେବାକୁ କଦାପି ପଛାଇଲି ନାହିଁ । [21]ପୁଣି
ଯିହୁଦୀ ଓ ଗ୍ରୀକ୍, ଉଭୟ ଜାତିର ଲୋକମାନେ ଯେପରି ଈଶ୍ୱରଙ୍କ
ପ୍ରତି ମନ ଫେରାଇବେ ଏବଂ ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କଠାରେ
ବିଶ୍ୱାସ କରିବେ, ସେଥିପାଇଁ ମୁଁ ସେମାନଙ୍କ ନିକଟରେ ସାକ୍ଷୀ
ହେଲି ।

[22]ଏବେ ଦେଖନ୍ତୁ, ଯିରୁଶାଲମ ନଗରରେ ମୋ ପ୍ରତି କଅଣ
ଘଟିବ, ତାହା ମୁଁ ଜାଣି ନାହିଁ, ମାତ୍ର ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ
ହୋଇ ମୁଁ ସେଠାକୁ ଯାଉଅଛି । [23]ମୋତେ ଯେ ଆଗକୁ
କାରାଗାରକୁ[f] ଯିବାକୁ ହେବ ଓ ଦୁଃଖଭୋଗ କରିବାକୁ ହେବ,
ତାହା ପବିତ୍ର ଆତ୍ମା ମୋତେ ପ୍ରତି ନଗରରେ ଜଣାଉଛନ୍ତି । [24]ପୁଣି
ମୋ ପାଇଁ ଈଶ୍ୱର ସ୍ଥିର କରିଥିବା ରାସ୍ତାର ଶେଷ ଯାଏଁ ମୁଁ ନ
ଦୌଡ଼ିଲେ, ଏବଂ ଈଶ୍ୱରଙ୍କ ଅନୁଗ୍ରହର ସୁସମାଚାର ପ୍ରଚାର
କରିବାର ଯେଉଁ ସେବାକାର୍ଯ୍ୟ ମୁଁ ପ୍ରଭୁ ଯୀଶୁଙ୍କଠାରୁ ପାଇଅଛି,
ତାହା ମୁଁ ଶେଷ ନ କଲେ, ମୋ ଜୀବନର ମୂଲ୍ୟ କିଛି ନାହିଁ
ବୋଲି ମନେକରୁଅଛି ।

[25]ପୁଣି, ଏବେ ଦେଖନ୍ତୁ, ମୁଁ ବୁଲି ବୁଲି ଆପଣମାନଙ୍କ ମଧ୍ୟରେ

---

[e]**20.15** ଚାରିଆଡ଼େ ପାଣି ଥାଇ ମଝିରେ ଥିବା ଶୁଖିଲା ଭୂମି

[f]**20.23** ବନ୍ଦୀଶାଳା, ଅର୍ଥାତ୍ ଯେଉଁ ସ୍ଥାନରେ ଅପରାଧିମାନଙ୍କୁ ରଖାଯାଏ ।

ଈଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରଚାର କରିଅଛି, କିନ୍ତୁ ଏବେ
ଆପଣମାନଙ୍କ ମଧ୍ୟରୁ କେହି ମଧ୍ୟ ଆଉ ଥରେ ମୋର ମୁହଁ ଦେଖି
ପାରିବେ ନାହିଁ, ଏହା ମୁଁ ଜାଣେ । 26ଏଣୁ ମୁଁ ଆଜି ଆପଣମାନଙ୍କୁ
ଜଣାଉଅଛି ଯେ, ଆପଣମାନଙ୍କ ମଧ୍ୟରୁ ଯଦି କାହାର ଆତ୍ମିକ
ମୃତ୍ୟୁ ହୁଏ, ସେଥିପାଇଁ ମୁଁ ଦାୟୀ ନୁହେଁ । 27କାରଣ ମୁଁ ଈଶ୍ୱରଙ୍କ
ସମସ୍ତ ଶିକ୍ଷା ଆପଣମାନଙ୍କୁ ଜଣାଇବାକୁ ପଛାଇଲି ନାହିଁ ।

28ଆପଣମାନେ ନିଜ ନିଜ ବିଷୟରେ ସାବଧାନ ହୁଅନ୍ତୁ; ପୁଣି
ପ୍ରଭୁଙ୍କ ଯେଉଁ ସମସ୍ତ ବିଶ୍ୱାସୀ ପଲ ଅର୍ଥାତ୍ ମଣ୍ଡଳୀ ଉପରେ
ପବିତ୍ର ଆତ୍ମା ଆପଣମାନଙ୍କୁ ଅଧ୍ୟକ୍ଷ ସ୍ୱରୂପେ ନିଯୁକ୍ତ କରିଅଛନ୍ତି,
ସେମାନଙ୍କ ବିଷୟରେ ସାବଧାନ ହୁଅନ୍ତୁ । ଯେଉଁ ମଣ୍ଡଳୀକୁ
ଈଶ୍ୱର ନିଜ ରକ୍ତରେ କିଣିଅଛନ୍ତି, ସେହି ମଣ୍ଡଳୀକୁ ପ୍ରତିପାଳନ
କରନ୍ତୁ[g] । 29ମୁଁ ଜାଣେ ଯେ, ମୁଁ ଚାଲିଯିବା ପରେ, ହିଂସ୍ରକ ବାଘ
ପରି ଲୋକମାନେ ତୁମ୍ଭମାନଙ୍କ ମଧ୍ୟକୁ ଆସି ପ୍ରଭୁଙ୍କ ପଲକୁ
ନିର୍ଦ୍ଦୟ[h] ଭାବରେ ଆକ୍ରମଣ କରିବେ । 30ପୁଣି ତୁମ୍ଭମାନଙ୍କ ମଧ୍ୟରୁ
ସୁଦ୍ଧା କେହି କେହି ଉଠି ଶିଷ୍ୟମାନଙ୍କୁ ନିଜ ପଛରେ ଟାଣି
ନେବାକୁ ଓଲଟା ଶିକ୍ଷା ଦେବେ । 31ଏଣୁ ତୁମ୍ଭେମାନେ ଜାଗ୍ରତ
ହୋଇ ରୁହ, ଆଉ ମୁଁ ତିନି ବର୍ଷ ଯାଏଁ ଦିନରାତି ଲୁହ ଝରାଇ ପ୍ରତି
ଜଣକୁ ଚେତନା ଦେବା କେବେ ବନ୍ଦ କରି ନ ଥିଲି, ତାହା
ମନେପକାଅ । 32ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କଠାରେ ଓ
ତାହାଙ୍କର ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି ।
ସେହି ବାକ୍ୟ ତୁମ୍ଭମାନଙ୍କୁ ଗଢ଼ିବାକୁ ଓ ଈଶ୍ୱର ପବିତ୍ର କରିଥିବା
ଲୋକମାନଙ୍କ ମଧ୍ୟରେ ତୁମକୁ ଉତ୍ତରାଧିକାର ଦେବାକୁ ସକ୍ଷମ
ଅଟେ । 33ମୁଁ କେବେ କାହାରି ରୁପା କି ସୁନା କି ବସ୍ତ୍ର ଲୋଭ
କରିନାହିଁ । 34ତୁମ୍ଭେମାନେ ନିଜେ ଜାଣ ଯେ, ମୁଁ ମୋର ଓ
ଯେଉଁମାନେ ମୋ ସହିତ ଥାଇ ଈଶ୍ୱରଙ୍କର ସେବାକାର୍ଯ୍ୟ
କରୁଥିଲେ, ସେମାନଙ୍କର ଅଭାବ ପୂରଣ କରିବାକୁ ମୋ ନିଜ
ହାତରେ ପରିଶ୍ରମ କରିଅଛି । 35ଏହି ସମସ୍ତ ବିଷୟରେ ମୁଁ
ତୁମ୍ଭମାନଙ୍କୁ ଦେଖାଇଅଛି ଯେ, ଆମ୍ଭେମାନେ ପରିଶ୍ରମ କରି
ଅଭାବରେ ଥିବା ଲୋକମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ,
ପୁଣି 'ଜଣଙ୍କଠାରୁ ପାଇବା ଅପେକ୍ଷା ଜଣଙ୍କୁ ଦେବା ଯେ ଅଧିକ
ଭଲ,' ପ୍ରଭୁ ଯୀଶୁ ନିଜେ କହିଥିବା ଏହି କଥା ମନେପକାଇବା
ଆବଶ୍ୟକ ।"

36ସେ ଏହି ସମସ୍ତ କଥା କହିବା ପରେ ଆଣ୍ଠୁପାତି ସେ
ସମସ୍ତଙ୍କ ସହିତ ପ୍ରାର୍ଥନା କଲେ । 37ଆଉ ସେମାନେ ସମସ୍ତେ
କାନ୍ଦିଲେ ଓ ତାଙ୍କୁ କୁଣ୍ଢାଇଧରି ଚୁମ୍ବନ କଲେ । 38ପୁଣି ସେମାନେ
ତାଙ୍କୁ ଆଉ ଦେଖିବେ ନାହିଁ ବୋଲି ସେ ଯାହା କହିଥିଲେ,
ସେଥିପାଇଁ ସେମାନେ ବହୁତ ଦୁଃଖ କଲେ । ପରେ ସେମାନେ
ତାଙ୍କୁ ପାଣି ଜାହାଜ ଯାଏଁ ଛାଡ଼ିଗଲେ ।

# 21

## ପାଉଲ ଯିରୁଶାଲମ ନଗରକୁ ଗଲେ

1ଆମ୍ଭେମାନେ ଏଫିସ ନଗରର ପ୍ରାଚୀନମାନଙ୍କୁ ଛାଡ଼ି ପାଣି
ଜାହାଜରେ ସିଧା ଯାଇ କୋସ୍ ନାମକ ଦ୍ୱୀପକୁ ଆସିଲୁ ।
ତହିଁଆର ଦିନ ରୋଦା ନଗରକୁ ଗଲୁ ଓ ସେଠାରୁ ପାତାରା
ଅଞ୍ଚଳକୁ ଆସିଲୁ । 2ସେଠାରେ ଫୈନିକିଆ ଅଞ୍ଚଳକୁ ଯାଉଥିବା
ଏକ ପାଣି ଜାହାଜ ପାଇ ସେଥିରେ ଚଢ଼ିଲୁ । 3ଆମେ ପାଣି
ଜାହାଜରେ ଯାଉଥିବା ସମୟରେ କୁପ୍ର ଦ୍ୱୀପର ବାମ ପଟେ
ଦେଖିଲୁ ଓ ତାହା ଛାଡ଼ି ଆଗକୁ ସୁରିଆ ଅଞ୍ଚଳକୁ ଗଲୁ ଓ ସୋର
ନଗରରେ ଜାହାଜର ମାଲପତ୍ର ଓହ୍ଲାଇବାର ଥିବାରୁ ସେଠାରେ
ଆମ୍ଭେମାନେ ଜାହାଜରୁ ଓହ୍ଲାଇଲୁ ।

4ଆମ୍ଭେମାନେ ସେହିସ୍ଥାନରେ ବିଶ୍ୱାସୀମାନଙ୍କୁ ଭେଟିବାରୁ
ସେମାନଙ୍କ ସହିତ ସାତ ଦିନ ରହିଲୁ । ଯେରୁଶାଲମ ନଗରରେ
ପାଉଲଙ୍କ ପ୍ରତି ଯାହାସବୁ ଘଟିବାକୁ ଯାଉଥିଲା, ତାହା ପବିତ୍ର
ଆତ୍ମା ସେହି ବିଶ୍ୱାସୀମାନଙ୍କୁ ଜଣାଇଲେ । ଏହା ଜାଣି ସେମାନେ
ପାଉଲଙ୍କୁ ଯିରୁଶାଲମ ନଗରକୁ ନ ଯିବାକୁ କହିଲେ ।
5ଆମ୍ଭେମାନେ ସେଠାରେ ସାତ ଦିନ ରହିବା ପରେ ସେହି ସ୍ଥାନରୁ
ଯିବାକୁ ବାହାରିଲୁ । ପୁଣି ସେମାନେ ସ୍ତ୍ରୀଲୋକ ଓ ପିଲାମାନଙ୍କ
ସହିତ ସମସ୍ତେ, ନଗର ବାହାର,ସମୁଦ୍ର କୂଳ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ
ଛାଡ଼ିବାକୁ ଆସିଲେ । ସେଠାରେ ଆମ୍ଭେମାନେ ସମସ୍ତେ
ଆଣ୍ଠୁପାତି ପ୍ରାର୍ଥନା କଲୁ । 6ଏହାପରେ ଆମେ ସେମାନଙ୍କୁ

[g] **20.28** ପାଳକୀୟ ଯତ୍ନ

[h] **20.29** ଦୟା ନ କରି

ନମସ୍କାର କରି ସେମାନଙ୍କଠାରୁ ବିଦାୟ ନେଇ ଜାହାଜରେ ଚଢ଼ିଲୁ
ଓ ସେମାନେ ନିଜ ନିଜ ଘରକୁ ଫେରିଗଲେ ।
7 ଆମ୍ଭେମାନେ ସୋର ନଗରରୁ ପାଣି ଜାହାଜରେ ଆସି
ଟଲେମି ନଗରରେ ପହଞ୍ଚିଲୁ । ସେଠାରେ ଭାଇମାନଙ୍କ ନିକଟକୁ
ଯାଇ ସେମାନଙ୍କୁ ନମସ୍କାର କଲୁ ଓ ସେମାନଙ୍କ ସହିତ ଗୋଟିଏ
ଦିନ ରହିଲୁ । 8 ତହିଁଆର ଦିନ ଆମେ ଟଲେମି ନଗରରୁ
ଚାଲିଯାଇ କାଇସରୀଆ ମହାନଗରରେ ପହଞ୍ଚିଲୁ । ପୁଣି
ସେଠାରେ ଆମ୍ଭେମାନେ ସୁସମାଚାର ପ୍ରଚାରକ ଫିଲିପ୍‌ପଙ୍କ
ଗୃହକୁ ଯାଇ ରହିଲୁ । ଆଦ୍ୟ ମଣ୍ଡଳୀରେ ଖାଦ୍ୟ ବାଣ୍ଟିବା ଦାୟିତ୍ୱ
ଦିଆଯାଇଥିବା ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଫିଲିପ୍‌ପ[i] ଜଣେ ଥିଲେ
। 9 ତାଙ୍କର ଚାରି ଜଣ କୁମାରୀ ଝିଅ ଥିଲେ, ସେମାନେ
ଭାବବାଦିନୀ[j] ଥିଲେ ।
10 ଆମ୍ଭେମାନେ ସେଠାରେ ଅନେକ ଦିନ ରହିଲା ପରେ,
ଆଗାବ ନାମକ ଜଣେ ଭବିଷ୍ୟତ୍‌ବକ୍ତା ଯିହୁଦା ପ୍ରଦେଶରୁ
ସେଠାକୁ ଆସିଥିଲେ । 11 ସେ ଉଠି ଆମ୍ଭମାନଙ୍କ ନିକଟକୁ ଆସି,
ପାଉଲଙ୍କ କଟିବନ୍ଧନୀ[k] ନେଇ, ସେଥିରେ ନିଜର ହାତଗୋଡ଼ ବାନ୍ଧି
କହିଲେ, “ପବିତ୍ର ଆତ୍ମା ଏପରି କହୁଛନ୍ତି, ଏହି କଟିବନ୍ଧନୀ
ଯାହାର, ତାହାଙ୍କୁ ଯିରୁଶାଲମ ନଗରରେ ଥିବା ଯିହୁଦୀ ଜାତିର
ଲୋକମାନେ ବାନ୍ଧି, ଅଣ-ଯିହୁଦୀ ଜାତିର ଲୋକମାନଙ୍କ ହାତରେ
ସମର୍ପଣ କରିବେ ।” 12 ଯେତେବେଳେ ଆମ୍ଭେମାନେ ଏହା
ଶୁଣିଲୁ, ଆମ୍ଭେମାନେ ଓ ସେଠାକାର ବିଶ୍ୱାସୀମାନେ ପାଉଲଙ୍କୁ
ଯିରୁଶାଲମ ନଗରକୁ ନ ଯିବାକୁ ବହୁତ ଅନୁରୋଧ କଲୁ ।
13 ସେଥିରେ ପାଉଲ କହିଲେ, “ଆପଣମାନେ କାହିଁକି କ୍ରନ୍ଦନ
କରୁଅଛନ୍ତି ଓ ମୋର ହୃଦୟକୁ ଭାଙ୍ଗିପକାଉଅଛନ୍ତି ? କାରଣ
ଯିରୁଶାଲମ ନଗରରେ ପ୍ରଭୁ ଯୀଶୁଙ୍କ ପାଇଁ କେବଳ ବନ୍ଧା ହେବା
ପାଇଁ ନୁହେଁ, କିନ୍ତୁ ମୃତ୍ୟୁଭୋଗ କରିବା ପାଇଁ ମଧ୍ୟ ମୁଁ ପ୍ରସ୍ତୁତ ଅଛି
।” 14 ଆଉ ସେ ଆମ୍ଭମାନଙ୍କ କଥା ଗ୍ରହଣ ନ କରିବାରୁ
ଆମ୍ଭେମାନେ ଆଉ ତାଙ୍କ ମନ ବଦଳାଇବାକୁ ଆଉ ଚେଷ୍ଟା କଲୁ
ନାହିଁ । ମାତ୍ର, ଆମ୍ଭେମାନେ କେବଳ କହିଲୁ, “ପ୍ରଭୁଙ୍କ ଇଚ୍ଛା
ସଫଳ ହେଉ ।”

## ପାଉଲ ଯେରୁଶାଲମ ନଗରରେ ପହଞ୍ଚିଲେ

15 ତାପରେ, ଆମ୍ଭେମାନେ ଆମ୍ଭମାନଙ୍କର ଜିନିଷପତ୍ର ନେଇ
ଯିରୁଶାଲମ ନଗରକୁ ଯିବାକୁ ବାହାରିଲୁ । 16 ପୁଣି ସେହି
କାଇସରୀଆ ମହାନଗରର କିଛି ଶିଷ୍ୟ ଆମ୍ଭମାନଙ୍କ ସହିତ
ଆସିଲେ । ସେମାନେ ଆମ୍ଭମାନଙ୍କୁ କୁପ୍ର ନଗରର ମନାସୋନ
ନାମକ ବ୍ୟକ୍ତିଙ୍କ ଘରେ ରହିବାକୁ ନେଇଗଲେ । ସେ
ଯିରୁଶାଲମରେ ଥିବା ଆଦ୍ୟ ମଣ୍ଡଳୀ ସମୟର ଜଣେ ଶିଷ୍ୟ ଥିଲେ
। 17 ଆମ୍ଭେମାନେ ଯିରୁଶାଲମ ନଗରରେ ପହଞ୍ଚିବାରୁ,
ସେହିସ୍ଥାନର ବିଶ୍ୱାସୀ ଭାଇଭଉଣୀମାନେ ଆମ୍ଭମାନଙ୍କୁ
ଆନନ୍ଦରେ ଗ୍ରହଣ କଲେ ।
18 ତହିଁଆର ଦିନ ପାଉଲ ଆମ୍ଭମାନଙ୍କ ସହିତ ଯାକୁବଙ୍କୁ
ଭେଟିବାକୁ ଗଲେ, ପୁଣି ସେଠାରେ ମଣ୍ଡଳୀର ସମସ୍ତ ପ୍ରାଚୀନ
ଥିଲେ । 19 ପାଉଲ ସେମାନଙ୍କୁ ନମସ୍କାର ଜଣାଇ, ତାଙ୍କ
ସେବାକାର୍ଯ୍ୟ ଦ୍ୱାରା ଈଶ୍ୱର ଅଣ-ଯିହୁଦୀ ଜାତିର ଲୋକମାନଙ୍କ
ମଧ୍ୟରେ ଯାହାସବୁ କରିଥିଲେ, ସେସବୁ ଗୋଟିଏ ପରେ ଗୋଟିଏ
ସେମାନଙ୍କୁ ଜଣାଇଲେ ।
20 ସେମାନେ ତାହା ଶୁଣି ଈଶ୍ୱରଙ୍କୁ ଗୌରବ କଲେ । ପୁଣି
ସେମାନେ ତାଙ୍କୁ କହିଲେ, “ହେ ଭାଇ, ଯିହୁଦୀ ଜାତିର
ଲୋକମାନଙ୍କ ମଧ୍ୟରେ ଯେ କେତେ ହଜାର ବିଶ୍ୱାସୀ ଅଛନ୍ତି,
ଏହା ଆପଣ ଏବେ ଦେଖୁଅଛନ୍ତି । ପୁଣି ସେମାନେ ସମସ୍ତେ
ଈଶ୍ୱର ମୋଶାଙ୍କ ଦ୍ୱାରା ଦେଇଥିବା ବ୍ୟବସ୍ଥାକୁ ବହୁତ
ଉଦ୍‌ଯୋଗର[l] ସହିତ ପାଳନ କରନ୍ତି । 21 କିନ୍ତୁ ସେମାନେ
ଆପଣଙ୍କ ବିଷୟରେ ଶୁଣିଛନ୍ତି ଯେ, ଆପଣ, ଅଣ-ଯିହୁଦୀ
ଜାତିର ଲୋକମାନଙ୍କ ମଧ୍ୟରେ ବାସ କରୁଥିବା ଯିହୁଦୀ ଜାତିର
ସମସ୍ତ ଲୋକଙ୍କୁ, ମୋଶାଙ୍କ ଦ୍ୱାରା ଈଶ୍ୱର ଦେଇଥିବା ବ୍ୟବସ୍ଥା

---

[i] **21.8** ପ୍ରେରିତ ୬:୧-୬

[j] **21.9** ଯେଉଁ ସ୍ତ୍ରୀଲୋକ ଈଶ୍ୱରଙ୍କ ଶକ୍ତିରେ ଭବିଷ୍ୟତ କଥା ତଥା ଉତ୍ସାହ ଓ ନିସ୍ତାର ବାକ୍ୟ କହନ୍ତି ।

[k] **21.11** ବେଲ୍ଟ ବା ଯାହା ଅଣ୍ଟାରେ ବନ୍ଧାଯାଏ

[l] **21.20** ଅତି ଉତ୍ସାହ ତଥା ଆଗ୍ରହ

ପରିତ୍ୟାଗ କରିବାକୁ କହି ନିଜର ପିଲାମାନଙ୍କୁ ସୁନ୍ନତ[m] ନ
କରିବାକୁ ଓ ଆମ୍ଭମାନଙ୍କର ରୀତିନୀତି ପାଳନ ନ କରିବାକୁ ଶିକ୍ଷା
ଦେଉଛନ୍ତି । 22 ତାହା ହେଲେ ଏବେ କଅଣ କରିବାକୁ ହେବ ?
ଆପଣ ଆସିଅଛନ୍ତି ବୋଲି ସେମାନେ ନିଶ୍ଚୟ ଶୁଣିବେ ।

23 ସେଥିପାଇଁ ଆମେ ଆପଣଙ୍କୁ ଯାହା କହୁଅଛୁ ତାହା କରନ୍ତୁ ।
ମାନସିକ କରିଥିବା ଚାରି ଜଣ ଲୋକ ଆମ୍ଭମାନଙ୍କ ନିକଟରେ
ଅଛନ୍ତି । 24 ଆପଣ ସେମାନଙ୍କୁ ମନ୍ଦିରକୁ ନେଇ ସେମାନଙ୍କର ଓ
ନିଜର ଶୁଚିକ୍ରିୟା କରନ୍ତୁ ଓ ସେମାନଙ୍କର ମସ୍ତକ ମୁଣ୍ଡନ[n] ହେବାକୁ
ଯାହା ଖର୍ଚ୍ଚ ହେବ, ତାହା ଆପଣ ଦିଅନ୍ତୁ । ତାହାହେଲେ ଆପଣଙ୍କ
ବିଷୟରେ ସମସ୍ତେ ଯାହାସବୁ ଶୁଣିଛନ୍ତି, ତାହା ସତ ନୁହେଁ, ମାତ୍ର
ଆପଣ ନିଜେ ଯେ ମୋଶାଙ୍କ ଦ୍ୱାରା ଈଶ୍ୱର ଦେଇଥିବା ବ୍ୟବସ୍ଥା
ପାଳନ କରି ଜୀବନ ଯାପନ କରୁଛନ୍ତି, ତାହା ସମସ୍ତେ ଜାଣିବେ ।

25 କିନ୍ତୁ, ଅଣ-ଯିହୁଦୀ ଜାତିର ଯେଉଁ ଲୋକମାନେ ପ୍ରଭୁ
ଯୀଶୁଙ୍କୁ ବିଶ୍ୱାସ କରିଅଛନ୍ତି, ସେମାନେ ଆମ୍ଭେମାନେ ନିଷ୍ପତ୍ତି
କରିଥିବା ଅନୁସାରେ, ମୂର୍ତ୍ତି ନିକଟରେ ଉତ୍ସର୍ଗ କରାଯାଇଥିବା
ଖାଦ୍ୟ, ରକ୍ତ, ଗଳାଚିପି ହତ୍ୟା କରାଯାଇଥିବା ପଶୁର ମାଂସ ନ
ଖାଇବାକୁ ଓ ଯୌନ ପାପରୁ ଦୂରରେ ରହିବାକୁ ଆମ୍ଭେମାନେ
ସେମାନଙ୍କ ନିକଟକୁ ଚିଠି ଲେଖିଅଛୁ ।"

### ପାଉଲ ବନ୍ଦୀହେଲେ

26 ସେଥିରେ ପାଉଲ ସେହି ଚାରି ଜଣ ଲୋକଙ୍କୁ ନେଇ
ତହିଁଆର ଦିନ ସେମାନଙ୍କ ସହିତ ନିଜକୁ ମଧ୍ୟ ଶୁଚି କଲେ ଓ
ମନ୍ଦିରକୁ ଗଲେ ପୁଣି ସେମାନଙ୍କର ଶୁଚି ହେବାକୁ କେତେ ଦିନ
ଲାଗିବ ଓ ସେମାନଙ୍କ ପାଇଁ ବଳି ଉତ୍ସର୍ଗ କରାଯିବ ତାହା
ଜଣାଇଲେ ପୁଣି ସେମାନଙ୍କର ପ୍ରତି ଜଣଙ୍କ ନିମନ୍ତେ ନୈବେଦ୍ୟ
ଉତ୍ସର୍ଗ କଲେ ।

27 ସେହି ସାତ ଦିନ ପ୍ରାୟ ଶେଷ ହୋଇ ଆସୁଥିବା ସମୟରେ,
ଆସିଆ ପ୍ରଦେଶର ଯିହୁଦୀ ଜାତିର କିଛି ଲୋକ ପାଉଲଙ୍କୁ
ମନ୍ଦିରରେ ଦେଖି ସମସ୍ତ ଲୋକଙ୍କୁ ଉସୁକାଇଲେ ଓ ତାଙ୍କୁ ଧରି
କହିଲେ, 28 "ହେ ଇସ୍ରାଏଲ ଜାତିର ଲୋକମାନେ, ଆମ୍ଭମାନଙ୍କୁ
ସାହାଯ୍ୟ କର ! ଏହି ଲୋକଟି ସବୁସ୍ଥାନରେ ସମସ୍ତଙ୍କୁ
ଆମ୍ଭମାନଙ୍କ ଜାତି, ବ୍ୟବସ୍ଥା ଓ ଏହି ସ୍ଥାନ ବିରୁଦ୍ଧରେ ଶିକ୍ଷା
ଦେଉଅଛି । ଆହୁରି ମଧ୍ୟ ସେ ଅଣ-ଯିହୁଦୀ, ଗ୍ରୀକ୍ ଲୋକମାନଙ୍କୁ
ମନ୍ଦିର ଭିତରକୁ ଆଣି, ଏହି ପବିତ୍ର ସ୍ଥାନକୁ ଅଶୁଚି କରିଅଛି ।"
29 ଏହି ଘଟଣା ଆଗରୁ ସେମାନେ ନଗରରେ ପାଉଲଙ୍କ ସହିତ
ଏଫିସି ଅଞ୍ଚଳର ଅଣ-ଯିହୁଦୀ ଜାତିର ତ୍ରଫିମ ନାମକ ବ୍ୟକ୍ତିଙ୍କୁ
ଦେଖିଥିବାରୁ, ପାଉଲ ତାଙ୍କୁ ମନ୍ଦିରକୁ ନେଇ ଆସିଛନ୍ତି ବୋଲି
ଭାବିଲେ ।

30 ସେଥିରେ ସାରା ନଗର ଗଣ୍ଡଗୋଳରେ ପୂର୍ଣ୍ଣ ହେଲା ଓ
ଲୋକମାନେ ଏକାଠି ମନ୍ଦିରକୁ ଧାଇଁଆସିଲେ । ସେମାନେ
ପାଉଲଙ୍କୁ ଧରି ମନ୍ଦିରରୁ ଘୋଷାଡ଼ି ବାହାରକୁ ନେଇଗଲେ ଏବଂ
ମନ୍ଦିରର କବାଟଗୁଡ଼ିକ ସଙ୍ଗେ ସଙ୍ଗେ ବନ୍ଦ କରାଗଲା ।
31 ଲୋକମାନେ ପାଉଲଙ୍କୁ ହତ୍ୟା କରିବାକୁ ଚେଷ୍ଟାକରୁଥିବା
ସମୟରେ, ରୋମିୟ ସେନାବାହିନିର ସହସ୍ର ସେନାପତି[o] ସମ୍ବାଦ
ପାଇଲେ ଯେ, ସାରା ଯିରୂଶାଲମ ନଗର ଗଣ୍ଡଗୋଳରେ ପୂର୍ଣ୍ଣ
ହୋଇଅଛି । 32 ସେ ସଙ୍ଗେ ସଙ୍ଗେ କେତେକ ସୈନ୍ୟ ଓ ଶତ
ସେନାପତିମାନଙ୍କୁ[p] ନେଇ ଜନଗହଳି ନିକଟକୁ ଧାଇଁ ଆସିଲେ।
ପୁଣି ଲୋକମାନେ ସେହି ସହସ୍ର ସେନାପତି ଓ ସୈନ୍ୟ ଦଳକୁ
ଦେଖିଲେ, ପାଉଲଙ୍କୁ ମାଡ଼ ମାରିବା ବନ୍ଦ କଲେ ।

33 ସହସ୍ର ସେନାପତି ଆସି ପାଉଲଙ୍କୁ ଧରି ଦୁଇଟି ଶିକୁଳିରେ
ବାନ୍ଧିବା ପାଇଁ ଆଦେଶ ଦେଲେ । ଏହାପରେ ସେ ପଚାରିଲେ "ଏ
ଲୋକଟା କିଏ ଓ ସେ କଅଣ କରିଅଛି ?" 34 ଲୋକମାନଙ୍କ
ମଧ୍ୟରୁ କେତେକ ଚିତ୍କାର କରି ଗୋଟିଏ କଥା କହିଲେ, ଆଉ
କେତେକ ଅନ୍ୟ କଥା କହିଲେ । ପାଟିତୁଣ୍ଡ ଓ ଗୋଳମାଳ ହେତୁ
ଘଟଣା କଅଣ ତାହା ସେ ଜାଣି ନ ପାରି, ସୈନ୍ୟମାନେ ରହୁଥିବା
ସ୍ଥାନକୁ ପାଉଲଙ୍କୁ ନେଇ ଯିବାକୁ ଆଦେଶ ଦେଲେ ।
35 ଯେତେବେଳେ ପାଉଲ ପାହାଚ ନିକଟରେ ପହଞ୍ଚିଲେ,
ସେତେବେଳେ ଜନଗହଳି ଉତ୍ତେଜିତ ହେବାର ଦେଖି,

---

[m] **21.21** ଯିହୁଦୀ ଧର୍ମର ନିୟମ ଅନୁସାରେ ଲିଙ୍ଗର ଆଗରେ ଥିବା ଚମଡ଼ା କାଟିବା

[n] **21.24** ମୁଣ୍ଡ ଲଣ୍ଡା ହେବା

[o] **21.31** ଏକ ହଜାର ସୈନ୍ୟଙ୍କର ସେନାପତି

[p] **21.32** ଶତସେନାପତି - ଶହେ ସୈନ୍ୟଙ୍କର ସେନାପତି

ସୈନ୍ୟମାନେ ପାଉଲଙ୍କୁ ଟେକି ନେଇଗଲେ । 36ପୁଣି ତାଙ୍କ
ପଛରେ ଯାଉଥିବା ବହୁଲୋକ ଚିତ୍କାର କରି କହୁଥିଲେ, "ତାକୁ
ହତ୍ୟା କର, ତାକୁ ହତ୍ୟା କର !"

37ସୈନ୍ୟମାନେ ପାଉଲଙ୍କୁ ସୈନ୍ୟମାନେ ରହୁଥିବା ସ୍ଥାନ
ଭିତରକୁ ନେବାବେଳେ ସେ ସେହି ସହସ୍ର ସେନାପତିଙ୍କୁ କହିଲେ,
"ମୁଁ ଆପଣଙ୍କୁ କିଛି କହିପାରେ କି ?" ସହସ୍ର ସେନାପତି ତାଙ୍କୁ
ପଚାରିଲେ, "ତୁମେ କଅଣ ଗ୍ରୀକ୍ ଭାଷା ଜାଣ ? 38ମିସର
ଦେଶର ଯେଉଁ ଲୋକ ଅଳ୍ପ କିଛି ଦିନ ଆଗରୁ ନଗରରେ
ଗଣ୍ଡଗୋଳ କରି ଲୋକମାନଙ୍କୁ ମାରୁଥିବା ଚାରି ହଜାର
ଆତଙ୍କବାଦୀଙ୍କୁ ମରୁପ୍ରାନ୍ତରକୁ ନେଇ ଯାଇଥିଲା, ତୁମେ ସେହି
ଲୋକ ନୁହଁ ତ ?"

39ପାଉଲ କହିଲେ, "ମୁଁ ଜଣେ ଯିହୁଦୀ ଜାତିର ଲୋକ ଓ ମୁଁ
କିଲିକିଆ ପ୍ରଦେଶର ଏକ ଗୁରୁତ୍ୱପୂର୍ଣ୍ଣ ନଗର ତାର୍ଷର ନାଗରିକ ।
ମୁଁ ଆପଣଙ୍କୁ ଅନୁରୋଧ କରୁଅଛି, ଏହି ଲୋକମାନଙ୍କୁ କଥା
କହିବାକୁ ମୋତେ ଦୟାକରି ମୋତେ ଅନୁମତି ଦିଅନ୍ତୁ !" 40ସହସ୍ର
ସେନାପତି ଅନୁମତି ଦେବାରୁ ପାଉଲ ପାହାଚ ଉପରେ
ଠିଆହୋଇ ଲୋକମାନଙ୍କୁ ନୀରବ ରହିବାକୁ ହାତରେ ଠାରିଲେ
ଓ ଲୋକମାନେ ନୀରବ ହେବାରୁ ସେ ସେମାନଙ୍କୁ ସେମାନଙ୍କ
ନିଜ ଭାଷାରେ[q] କହିଲେ ।

# 22

1ପାଉଲ ସେମାନଙ୍କୁ କହିଲେ, "ହେ ବାପାମାନେ ଓ
ଭାଇମାନେ, ମୁଁ ଆପଣମାନଙ୍କ ଆଗରେ ମୋର ପକ୍ଷ[r] ରଖୁଅଛି,
ତାହା ଶୁଣନ୍ତୁ ।"

2ଯେତେବେଳେ ସେ ସେମାନଙ୍କୁ ସେମାନଙ୍କ ନିଜ ଭାଷାରେ[s]
କହୁଥିବାର ସେମାନେ ଶୁଣିଲେ, ସେତେବେଳେ ସେମାନେ ପୁରା
ନୀରବ ହେଲେ ।

3ଏହାପରେ ପାଉଲ କହିଲେ, "ମୁଁ ଜଣେ ଯିହୁଦୀ ଜାତିର
ଲୋକ, କିଲିକିଆ ଅଞ୍ଚଳର ତାର୍ଷ ନଗରରେ ମୋର ଜନ୍ମ, ପୁଣି ମୁଁ
ଏହି ଯିରୁଶାଲମ ନଗରରେ ଲାଳିତପାଳିତ ହୋଇଅଛି ଓ
ଆମ୍ଭମାନଙ୍କ ପିତୃପୁରୁଷମାନେ ପାଳନ କରୁଥିବା ବ୍ୟବସ୍ଥାର
କଠିନ ନିୟମ ଅନୁସାରେ, ଶିକ୍ଷାଗୁରୁ ଗମଲିୟେଲଙ୍କ ପାଦ ତଳେ
ବସି ଉତ୍ତମ ରୂପେ ଶିକ୍ଷା ପାଇଅଛି । ଆଜି ଆପଣମାନେ
ଯେପରି ଈଶ୍ୱରଙ୍କ ପାଇଁ ବହୁତ ଆଗ୍ରହ ଦେଖାଉଛନ୍ତି, ମୁଁ ମଧ୍ୟ
ସେପରି ବହୁତ ଆଗ୍ରହ ଦେଖାଉଥିଲି । 4ମୁଁ ଯେଉଁ ପଥ ବିଷୟ
ଶିକ୍ଷା ଦେଉଥିବାରୁ ଆପଣମାନେ ମୋତେ ଏହି ସ୍ଥାନକୁ ଆଣିଛନ୍ତି,
ମୁଁ ଆଗରୁ ଏହି ପଥରେ ଯାଉଥିବା ପୁରୁଷ ଓ ସ୍ତ୍ରୀଲୋକମାନଙ୍କୁ
ବନ୍ଦୀକରି ବନ୍ଦୀଶାଳାକୁ ନେଇଯାଉଥିଲି ଓ ସେମାନେ ମରିବା
ଯାଏଁ ସେମାନଙ୍କୁ ତାଡ଼ନା କରୁଥିଲି । 5ଏ ବିଷୟରେ ଯିରୁଶାଲମ
ମନ୍ଦିରର ମହାଯାଜକ ଓ ମହାସଭାର ପ୍ରାଚୀନମାନେ ସମସ୍ତେ
ଜାଣନ୍ତି । ଦିନେ, ମୁଁ ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା ଦେବାକୁ
ମହାଯାଜକ ଓ ମହାସଭାର ପ୍ରାଚୀନମାନଙ୍କଠାରୁ ଅନୁମତି ଲେଖା
ଆଣି ଦମ୍ମେସକ ନଗରକୁ ଯାଉଥିଲି, ଯେପରି ସେମାନଙ୍କୁ ମୁଁ
ବନ୍ଦୀକରି ଯିରୁଶାଲମ ନଗରକୁ ନେଇ ଆସିବି ଓ ସେମାନେ ଦଣ୍ଡ
ପାଇବେ ।

6ଯେତେବେଳେ ମୁଁ ଯାଉ ଯାଉ, ପ୍ରାୟ ମଧ୍ୟାହ୍ନ ସମୟରେ
ଦମ୍ମେସକ ନଗର ପାଖାପାଖି ପହଞ୍ଚିଲି, ସେତେବେଳେ, ସ୍ୱର୍ଗରୁ
ବହୁତ ଆଲୁଅ ହଠାତ୍ ମୋ ଚାରି ପାଖରେ ପଡ଼ିଲା । 7ଆଉ ମୁଁ
ଭୂମିରେ ପଡ଼ିଗଲି ଓ ଏହିପରି ଏକ ସ୍ୱର ଶୁଣିଲି, 'ହେ ଶାଉଲ,
ହେ ଶାଉଲ, ତୁମେ ଆମ୍ଭକୁ କାହିଁକି ତାଡ଼ନା କରୁଅଛ ?'

8ମୁଁ ପଚାରିଲି, 'ପ୍ରଭୁ ଆପଣ କିଏ ?' ପୁଣି ସେ କହିଲେ,
'ତୁମେ ଯାହାଙ୍କୁ ତାଡ଼ନା କରୁଅଛ, ଆମ୍ଭେ ନାଜରିତ ନଗରର
ସେହି ଯୀଶୁ ।' 9ସେତେବେଳେ ମୋ ସାଙ୍ଗରେ ଥିବା
ଲୋକମାନେ ସେହି ଆଲୁଅ ଦେଖିଲେ, କିନ୍ତୁ ଯିଏ ମୋ ସହିତ
କଥା କହୁଥିଲେ, ତାଙ୍କର ସ୍ୱର ସେମାନେ ବୁଝିପାରିଲେ ନାହିଁ ।

10ମୁଁ ପୁଣି ପଚାରିଲି, 'ହେ ପ୍ରଭୁ, ମୁଁ ଏବେ କଅଣ କରିବି ?'
ତହିଁରେ ପ୍ରଭୁ ମୋତେ କହିଲେ, 'ଉଠ, ଏବଂ ଦମ୍ମେସକ ନଗରକୁ
ଯାଅ, ତୁମକୁ କଅଣ କରିବାକୁ ହେବ, ତାହା ସେଠାରେ ତୁମକୁ
କୁହାଯିବ ।'

11ପୁଣି ସେହି ଆଲୁଅ ଯୋଗୁଁ ମୁଁ କିଛି ଦେଖି ପାରିଲି ନାହିଁ,
ଏଣୁ ମୋ ସହିତ ଯାଉଥିବା ଲୋକମାନେ ମୋ ହାତ ଧରି

---

[q]**21.40** ହିବ୍ରୁ ବା ଆରାମାଇକ ଭାଷା

[r]**22.1** ବିଚାର ସମୟରେ ନିଜ ସପକ୍ଷରେ କହିବା

[s]**22.2** ହିବ୍ରୁ ବା ଆରାମାଇକ ଭାଷା

ମୋତେ ଦମ୍ମେସକ ନଗରକୁ ନେଇଗଲେ । 12ସେହି ନଗରରେ
ଈଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ଜୀବନ ଯାପନ କରୁଥିବା ହନନୀୟ
ନାମକ ଜଣେ ଈଶ୍ୱର ଭକ୍ତ ଥିଲେ, ପୁଣି ଦମ୍ମେସକ ନଗରରେ
ବାସ କରୁଥିବା ଯିହୁଦୀ ଜାତିର ଲୋକ ସମସ୍ତେ ତାଙ୍କୁ ବହୁତ
ପ୍ରଶଂସା କରୁଥିଲେ । 13ସେ ମୋ ପାଖକୁ ଆସି, ମୋ ନିକଟରେ
ଠିଆହୋଇ ମୋତେ କହିଲେ, "ହେ ଶାଉଲ ଭାଇ, ଆପଣ
ଦେଖିବାଶକ୍ତି ଫେରି ପାଆନ୍ତୁ ।" ମୁଁ ସେହି ସଙ୍ଗେ ସଙ୍ଗେ ମୋର
ଦେଖିବାଶକ୍ତି ଫେରି ପାଇଲି ଓ ତାଙ୍କୁ ଦେଖିଲି ।

14ପୁଣି ସେ ମୋତେ କହିଲେ, 'ଆମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କର ଈଶ୍ୱର ଆପଣଙ୍କୁ ବାଛିଅଛନ୍ତି, ଯେପରି,
ଆପଣ ତାହାଙ୍କର ଇଛା ଜାଣିବେ, ତାହାଙ୍କର ଧାର୍ମିକ ବ୍ୟକ୍ତିଙ୍କୁ[t]
ଦେଖିବେ ଓ ସେହି ଧାର୍ମିକ ବ୍ୟକ୍ତିଙ୍କ ମୁହଁରୁ କଥା ଶୁଣିବେ ।
15କାରଣ ଆପଣ ଯାହା ଯାହା ଦେଖିଛନ୍ତି ଓ ଶୁଣିଛନ୍ତି, ସେ
ବିଷୟରେ ସମସ୍ତଙ୍କ ନିକଟରେ ତାଙ୍କର ସାକ୍ଷୀ ହେବେ । 16ଆଉ
ଏବେ ଆପଣ କାହିଁକି ଅପେକ୍ଷା କରିଛନ୍ତି ? ଉଠନ୍ତୁ, ପୁଣି ପ୍ରଭୁଙ୍କ
ନାମରେ ପ୍ରାର୍ଥନା କରନ୍ତୁ, ଆପଣଙ୍କର ପାପରୁ ପରିଷ୍କୃତ ହୁଅନ୍ତୁ ଓ
ଡୁବନ ନିଅନ୍ତୁ ।'

17ପରେ, ମୁଁ ଯିରୁଶାଲମ ନଗରକୁ ଫେରି ମନ୍ଦିରରେ ପ୍ରାର୍ଥନା
କରୁଥିବା ସମୟରେ ମୂର୍ଚ୍ଛାହୋଇ ପ୍ରଭୁଙ୍କୁ ଦର୍ଶନରେ ଦେଖିଲି ।
18ସେ ମୋତେ କହିଲେ, "ତୁମେ ଯିରୁଶାଲମ ଛାଡ଼ି ଶୀଘ୍ର
ଚାଲିଯାଅ, କାରଣ ଏହି ସ୍ଥାନର ଲୋକମାନେ ଆମ୍ଭ ବିଷୟରେ
ତୁମର ସାକ୍ଷ୍ୟ ଗ୍ରହଣ କରିବେ ନାହିଁ ।"

19ପୁଣି ମୁଁ କହିଲି, 'ପ୍ରଭୁ ମୁଁ ଗୋଟିଏ ପରେ ଗୋଟିଏ
ଯିହୁଦୀମାନଙ୍କ ଉପାସନା ଗୃହକୁ ଯାଇ ଆପଣଙ୍କଠାରେ ବିଶ୍ୱାସ
କରୁଥିବା ଲୋକମାନଙ୍କୁ ବନ୍ଦୀକରି କାରାଗାରକୁ ନେଉଥିଲି ଓ
ସେମାନଙ୍କୁ ମାଡ଼ମାରୁଥିଲି, ଏହା ସେମାନେ ନିଜେ ଜାଣନ୍ତି ।
20ପୁଣି ସ୍ତିଫାନ ଆପଣଙ୍କ ନାମର ସାକ୍ଷୀ ହେଉଥିବା ସମୟରେ,
ତାଙ୍କୁ ଯେତେବେଳେ ହତ୍ୟାକରାଗଲା, ସେତେବେଳେ ମୁଁ ମଧ୍ୟ
ସେଠାରେ ରହି, ତାହା ସମର୍ଥନ କରୁଥିଲି ଓ ତାଙ୍କ
ହତ୍ୟାକାରୀମାନଙ୍କର ପୋଷାକ ଜଗି ଦେଉଥିଲି' ।

21ଆଉ ପ୍ରଭୁ ମୋତେ କହିଲେ, 'ଯାଅ, ଆମ୍ଭେ ତୁମକୁ ବହୁ ଦୂର
ସ୍ଥାନଗୁଡ଼ିକୁ ଅଣ-ଯିହୁଦୀ ଜାତିର ଲୋକମାନଙ୍କ ନିକଟକୁ
ପଠାଇବା ।'"

22ପାଉଲ ଏହି କଥା କହିବା ଯାଏଁ ଲୋକମାନେ ତାଙ୍କ କଥା
ଶୁଣୁଥିଲେ । ତାପରେ ସେମାନେ ପାଟିକରି କହିଲେ, "ଏପରି
ଲୋକକୁ ପୃଥିବୀରୁ ଦୂର କର, କାରଣ ତାହାର ବଞ୍ଚିରହିବା ଉଚିତ୍
ନୁହେଁ ।" 23ଆଉ ଯେତେବେଳେ ସେମାନେ ପାଟିକରି ନିଜ ନିଜର
ଲୁଗାପଟା ଆକାଶ ଆଡ଼କୁ ଫିଙ୍ଗିଦେଇ ଧୂଳି ପକାଇବାକୁ
ଲାଗିଲେ ।

24ସେତେବେଳେ ସେହି ସେନାଧ୍ୟକ୍ଷ ପାଉଲଙ୍କୁ ସୈନ୍ୟମାନେ
ରହୁଥିବା ସ୍ଥାନ ଭିତରକୁ ନେଇଯିବା ପାଇଁ ଆଦେଶ ଦେଲେ ଓ
ଲୋକମାନେ କାହିଁକି ତାଙ୍କ ବିରୁଦ୍ଧରେ ଏପରି ପାଟିକରୁଛନ୍ତି,
ତାହା ଜାଣିବା ପାଇଁ ତାଙ୍କୁ ଚାବୁକରେ ମାଡ଼ ମାରିବାକୁ ଆଦେଶ
ଦେଲେ । 25କିନ୍ତୁ ସେମାନେ ପାଉଲଙ୍କୁ ଚାବୁକରେ ମାଡ଼
ମାରିବାକୁ ବାନ୍ଧିବାରୁ, ପାଉଲ ଶହେ ସୈନ୍ୟଙ୍କର ସେନାପତିଙ୍କୁ
କହିଲେ, ରୋମ ଦେଶର ସରକାରଙ୍କର ଜଣେ ନାଗରିକର
ବିଚାର ନ କରି ଓ ସେ ଦୋଷି ନ ହୋଇ ତାଙ୍କୁ ଚାବୁକରେ ମାଡ଼
ମାରିବା କଅଣ ଆପଣଙ୍କ ପାଇଁ ଆଇନ ଅନୁସାରେ ଠିକ୍ ?

26ଯେତେବେଳେ ଶହେ ସୈନ୍ୟଙ୍କର ସେନାପତି ତାହା
ଶୁଣିଲେ, ସେ ସେନାଧ୍ୟକ୍ଷଙ୍କୁ କହିଲେ, ଆପଣ କଅଣ କରିବାକୁ
ଯାଉଛନ୍ତି ? କାରଣ ଏହି ବ୍ୟକ୍ତି ରୋମ ଦେଶର ସରକାରଙ୍କର
ଜଣେ ନାଗରିକ ।

27ତେଣୁ ସେହି ସେନାଧ୍ୟକ୍ଷ ପାଉଲଙ୍କ ନିକଟକୁ ଯାଇ
ପଚାରିଲେ, "ମୋତେ କୁହ, ତୁମେ କଅଣ ରୋମ ଦେଶର
ସରକାରଙ୍କର ଜଣେ ନାଗରିକ ?" ପାଉଲ ଉତ୍ତର ଦେଲେ, "ହଁ
।"

28ସେହି ସେନାଧ୍ୟକ୍ଷ କହିଲେ, "ମୁଁ ଏହି ନାଗରିକ ପଦ ବହୁ
ଟଙ୍କା ଦେଇ କିଣିଛି" । ପାଉଲ ଉତ୍ତର ଦେଲେ, "ମୁଁ କିନ୍ତୁ ଜନ୍ମରୁ
ରୋମ ଦେଶର ସରକାରଙ୍କର ଜଣେ ନାଗରିକ ।"

29ତେଣୁ ଯେଉଁମାନେ ପାଉଲଙ୍କୁ ପରୀକ୍ଷା କରିବାକୁ
ଯାଉଥିଲେ, ସେମାନେ ସଙ୍ଗେ ସଙ୍ଗେ ଅଟକି ଗଲେ । ଆଉ
ରୋମ ଦେଶର ସରକାରଙ୍କର ନାଗରିକ ପାଉଲଙ୍କୁ ବନ୍ଦୀ

---

[t]22.14 ଖ୍ରୀଷ୍ଟଙ୍କୁ

କରିଥିବାର ଜାଣିବାରୁ ସେନାଧ୍ୟକ୍ଷ ଡରିଗଲେ ।

### ପାଉଲଙ୍କୁ ମହାସଭା ଆଗକୁ ନିଆଗଲା

30ଯିହୁଦୀ ଜାତିର ଲୋକମାନେ ପାଉଲଙ୍କୁ କାହିଁକି ଦୋଷ
ଦେଉଛନ୍ତି, ତାହା ଜାଣିବା ପାଇଁ, ସେନାଧ୍ୟକ୍ଷ ତହିଁଆର ଦିନ
ପାଉଲଙ୍କ ବନ୍ଧନ ଫିଟାଇଦେଲେ ଓ ଯିରୁଶାଲମ ମନ୍ଦିରର
ମହାଯାଜକ ଓ ମହାସଭାର ସଭ୍ୟମାନେ ଏକାଠି ହେବାକୁ
କହିଲେ ଓ ସେମାନଙ୍କ ନିକଟକୁ ପାଉଲଙ୍କୁ ଆଣିଲେ ।

## 23

1ପାଉଲ ମହାସଭା ଆଡ଼କୁ ସିଧା ଅନାଇ କହିଲେ, "ହେ
ଭାଇମାନେ, ମୁଁ ଆଜି ଯାଏଁ ସମସ୍ତ ଉତ୍ତମ ବିବେକରେ ଈଶ୍ୱରଙ୍କ
ଆଗରେ ଜୀବନ ଯାପନ କରିଅଛି ।"

2ସେଥିରେ ମନ୍ଦିରର ମହାଯାଜକ ହାନାନ, ପାଉଲଙ୍କ ପାଖରେ
ଠିଆ ହୋଇଥିବା ଲୋକମାନଙ୍କୁ ପାଉଲଙ୍କୁ ପାଟିରେ ମାରିବାକୁ
ଆଜ୍ଞା ଦେଲେ । 3ଏଣୁ ପାଉଲ ତାଙ୍କୁ କହିଲେ, "ହେ ଧଳାରଙ୍ଗ
ଦିଆଯାଇଥିବା କାନ୍ଥ, ଯାହା ଭିତରେ ସଡ଼ି ଯାଇଅଛି, ଈଶ୍ୱର
ଆପଣଙ୍କୁ ଆଘାତ କରିବେ । ଆପଣ ଈଶ୍ୱରଙ୍କ ବ୍ୟବସ୍ଥା
ଅନୁସାରେ ମୋତେ ବିଚାର କରିବାକୁ ବସିଛନ୍ତି ସତ, ମାତ୍ର ଏବେ
ମୋତେ ମାଡ଼ ମାରିବାକୁ ଆଜ୍ଞା ଦେଇ ନିଜେ ସେହି ବ୍ୟବସ୍ଥା
ବିରୁଦ୍ଧରେ ଯାଉଛନ୍ତି !"

4ପାଉଲଙ୍କ ପାଖରେ ଠିଆ ହୋଇଥିବା ଲୋକମାନେ ତାଙ୍କୁ
କହିଲେ, "ତୁମେ କି ଈଶ୍ୱରଙ୍କ ମହାଯାଜକଙ୍କୁ ଅପମାନ ଦେବାକୁ
ସାହସ କରୁଅଛ ?"

5ପାଉଲ ଉତ୍ତର ଦେଲେ, "ହେ ଭାଇମାନେ, ସେ ମହାଯାଜକ
ବୋଲି ମୁଁ ଜାଣି ନ ଥିଲି; କାରଣ ମୁଁ ଜାଣେ ଯେ, ଧର୍ମଶାସ୍ତ୍ରରେ
ଲେଖାଅଛି, 'ତୁମେ ତୁମ ଲୋକଙ୍କର ଶାସନକର୍ତ୍ତାଙ୍କ ବିଷୟରେ
ମନ୍ଦ କଥା କହିବ ନାହିଁ !'"

6ସେହି ସଭାରେ ଏକାଠି ହୋଇଥିବା ଲୋକମାନଙ୍କ ମଧ୍ୟରୁ
କିଛି ଲୋକ ସାଦ୍ଦୁକୀ ଓ ଆଉ କିଛି ଲୋକ ଫାରୂଶୀ ବୋଲି
ଜାଣିପାରି, ପାଉଲ ମହାସଭାରେ ପାଟିକରି କହିଲେ, "ହେ
ଭାଇମାନେ, ମୁଁ ହେଉଛି ଜଣେ ଫାରୂଶୀ ଲୋକ,
ଫାରୂଶୀମାନଙ୍କର ବଂଶଧର । ମୃତ ଲୋକମାନେ ପୁଣି ଥରେ
ଉଠିବେ, ଏହି ଭରସା ମୁଁ ରଖିଥିବାରୁ, ଆଜି ମୋତେ ବିଚାର
କରାଯାଉଅଛି ।"

7ଯେତେବେଳେ ସେ ଏହି କଥା କହିଲେ, ଫାରୂଶୀ ଓ
ସାଦ୍ଦୁକୀମାନଙ୍କ ମଧ୍ୟରେ ବିବାଦ ଘଟିଲା, ପୁଣି ସଭାର ଲୋକ
ଦୁଇ ଭାଗ ହେଲେ । 8କାରଣ ପୁନରୁତ୍‌ଥାନ, ଦୂତମାନେ କି ଆତ୍ମା
ନାହିଁ ବୋଲି ସାଦ୍ଦୁକୀମାନେ କହନ୍ତି, ମାତ୍ର ଫାରୂଶୀମାନେ ଏସବୁ
ବିଶ୍ୱାସ କରନ୍ତି । 9ଏହାପରେ, ଲୋକମାନେ ବହୁ ପାଟିତୁଣ୍ଡ କଲେ
ପୁଣି ମୋଶା ଦେଇଥିବା ବ୍ୟବସ୍ଥା ଶିକ୍ଷାଦେଉଥିବା ଫାରୂଶୀ
ଦଳର କେତେକ ଶିକ୍ଷକ ଠିଆହୋଇ ଦୃଢ଼ ରୂପେ ଯୁକ୍ତି କରି
କହିଲେ, "ଆମ୍ଭେମାନେ ଏହି ଲୋକଠାରେ କିଛି ଦୋଷ
ପାଉନାହୁଁ । ହୋଇପାରେ କୌଣସି ଆତ୍ମା କିମ୍ବା ଦୂତ ତାହାଙ୍କୁ
କଥା କହିଅଛନ୍ତି ।" 10ପୁଣି ବିବାଦ ନିୟନ୍ତ୍ରଣ ବାହାରକୁ
ଚାଲିଯିବାରୁ, ସେନାଧ୍ୟକ୍ଷ ଭୟ କଲେ ଯେ, ସଭାରେ ଥିବା
ଲୋକମାନେ ପାଉଲଙ୍କୁ ଖଣ୍ଡ ଖଣ୍ଡ କରିବେ । ତେଣୁ ସେ ବଳ
ପ୍ରୟୋଗ କରି ସେମାନଙ୍କ ମଧ୍ୟରୁ ପାଉଲଙ୍କୁ ସୈନ୍ୟମାନେ
ରହୁଥିବା ସ୍ଥାନ ଭିତରକୁ ନେଇ ଯିବାକୁ ସୈନ୍ୟମାନଙ୍କୁ ଆଦେଶ
ଦେଲେ । 11ସେହି ରାତିରେ ପ୍ରଭୁଯୀଶୁ ପାଉଲଙ୍କ ନିକଟରେ
ଠିଆହୋଇ କହିଲେ, "ସାହସ ଧର ! କାରଣ ତୁମେ ଆମ୍ଭ
ବିଷୟରେ ଯିରୁଶାଲମ ନଗରରେ ଯେପରି ସାକ୍ଷ୍ୟ ଦେଇଅଛ,
ସେପରି ତୁମକୁ ରୋମ ମହା ନଗରରେ ମଧ୍ୟ ସାକ୍ଷ୍ୟ ଦେବାକୁ
ହେବ ।"

### ପାଉଲଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର

12ସକାଳ ହେବାରୁ, ଯିହୁଦୀ ଜାତିର ଲୋକମାନେ ଏକାଠି
ହୋଇ ଏକ ଷଡ଼ଯନ୍ତ୍ର କଲେ ଏବଂ ଦୃଢ଼ ଶପଥ ନେଲେ ଯେ,
ପାଉଲଙ୍କୁ ହତ୍ୟା ନ କରିବା ଯାଏଁ ସେମାନେ କିଛି ଖାଇବେ ନାହିଁ
କିମ୍ବା କିଛି ପିଇବେ ନାହିଁ । 13ଯେଉଁମାନେ ଏହିପରି ଶପଥ
ନେଇଥିଲେ, ସେମାନେ ଚାଳିଶରୁ ଅଧିକ ଲୋକ ଥିଲେ ।
14ସେମାନେ ଯିରୁଶାଲମ ମନ୍ଦିରର ପ୍ରଧାନ ଯାଜକ ଓ
ପ୍ରାଚୀନମାନଙ୍କ ନିକଟକୁ ଯାଇ କହିଲେ, "ଆମ୍ଭେମାନେ ଏହି
ଶପଥ ନେଇଅଛୁ ଯେ, ପାଉଲଙ୍କୁ ହତ୍ୟା ନ କରିବା ଯାଏଁ କିଛି
ଖାଇବୁ ନାହିଁ କିମ୍ବା କିଛି ପିଇବୁ ନାହିଁ । 15ତେଣୁ ଏବେ

ଆପଣମାନେ ମହାସଭା ସହିତ ସହସ୍ର ସେନାପତିଙ୍କ ନିକଟକୁ
ଯାଇ ପାଉଲଙ୍କୁ ଅଧିକ ସଠିକ ରୂପେ ବିଚାର କରିବୁ ବୋଲି କହି,
ବାହାରକୁ ଆଣିବାକୁ ଅନୁରୋଧ କରନ୍ତୁ । ସେ ଆପଣମାନଙ୍କ
ନିକଟରେ ପହଞ୍ଚିବା ଆଗରୁ ଆମ୍ଭେମାନେ ବାଟରେ ତାକୁ ହତ୍ୟା
କରିବାକୁ ପ୍ରସ୍ତୁତ ଅଛୁ ।"

[16]ମାତ୍ର ପାଉଲଙ୍କର ଭଣଜା ସେମାନଙ୍କର ଏହି ଷଡ଼ଯନ୍ତ୍ର
ବିଷୟରେ ଶୁଣିଲେ, ତେଣୁ ସେ ସୈନ୍ୟମାନେ ରହୁଥିବା ସ୍ଥାନ
ଭିତରକୁ ଯାଇ ସେ ବିଷୟରେ ପାଉଲଙ୍କୁ ଖବର ଦେଲେ ।
[17]ଏହା ଶୁଣି ପାଉଲ ଶତ ସେନାପତିମାନଙ୍କ[u] ମଧ୍ୟରୁ ଜଣକୁ ଡାକି
କହିଲେ, "ଏହି ଯୁବକକୁ ସହସ୍ର ସେନାପତିଙ୍କ ନିକଟକୁ
ନେଇଯାଆନ୍ତୁ, କାରଣ ତାଙ୍କୁ କହିବା ପାଇଁ ଏହା ପାଖରେ କିଛି
କଥା ଅଛି ।"

[18]ଏଣୁ ଶତସେନାପତି ସେହି ଯୁବକଙ୍କୁ ସହସ୍ର ସେନାପତିଙ୍କ
ନିକଟକୁ ନେଇଗଲେ ଓ କହିଲେ, "ବନ୍ଦୀ ପାଉଲ ମୋତେ ଡାକି
ଏହି ଯୁବକଙ୍କୁ ଆପଣଙ୍କ ନିକଟକୁ ନେଇଆସିବାକୁ କହିଲେ,
କାରଣ ଆପଣଙ୍କୁ କହିବା ପାଇଁ ଏହା ପାଖରେ କିଛି କଥା ଅଛି ।"

[19]ସହସ୍ର ସେନାପତି ସେହି ଯୁବକର ହାତ ଧରି ଅଲଗା ସ୍ଥାନକୁ
ନେଇଗଲେ ଓ ପଚାରିଲେ, "ତୁମେ ମୋତେ କଅଣ କହିବାକୁ
ଚାହୁଁଛ ?"

[20]ପାଉଲଙ୍କର ଭଣଜା ତାଙ୍କୁ କହିଲେ, "ଧର୍ମନେତାମାନେ
ଏକମତ ହୋଇଛନ୍ତି ଯେ, ପାଉଲଙ୍କଠାରୁ ଆଉ ଅଧିକ ଜାଣିବା
ପାଇଁ ଛଳନା କରି, ଆସନ୍ତାକାଲି ତାଙ୍କୁ ମହାସଭାକୁ ନେଇଯିବା
ପାଇଁ ସେମାନେ ଆପଣଙ୍କୁ ଅନୁରୋଧ କରିବେ । [21]ମାତ୍ର ଆପଣ
ସେମାନଙ୍କ କଥାରେ ରାଜି ହୁଅନ୍ତୁ ନାହିଁ । କାରଣ ପାଉଲଙ୍କୁ
ହତ୍ୟା ନ କଲେ, କିଛି ଖାଇବେ ନାହିଁ ବା କିଛି ପିଇବେ ନାହିଁ
ବୋଲି ଚାଳିଶରୁ ଅଧିକ ଲୋକ ଶପଥକରି ତାଙ୍କୁ ଆକ୍ରମଣ
କରିବାକୁ ଛକି ରହିଛନ୍ତି । ପୁଣି ଏବେ ସେମାନେ ଆପଣଙ୍କର
ଅନୁମତି ପାଇବାକୁ ଅପେକ୍ଷା କରୁଛନ୍ତି ।"

[22]ସେଥିରେ ସହସ୍ର ସେନାପତି ସେହି ଯୁବକକୁ ପଠାଇଦେଇ
ଆଜ୍ଞା ଦେଲେ, "ତୁମେ ଏହି ସମସ୍ତ ବିଷୟ ମୋତେ ଜଣାଇଅଛ
ବୋଲି କାହାକୁ କୁହ ନାହିଁ ।"

## ପାଉଲଙ୍କୁ କାଇସରୀଆ ଅଞ୍ଚଳକୁ ନିଆଗଲା

[23]ଏହାପରେ ସହସ୍ର ସେନାପତି ଶତ ସେନାପତିମାନଙ୍କ ମଧ୍ୟରୁ
ଦୁଇ ଜଣଙ୍କୁ ଡାକି କହିଲେ, "ଆଜି ରାତି ନଅ ଘଣ୍ଟା ସମୟରେ
କାଇସରୀଆ ଅଞ୍ଚଳକୁ ଯିବା ପାଇଁ ଦୁଇଶହ ସୈନିକ, ସତୁରି ଜଣ
ଘୋଡ଼ାଚାଳକ ଓ ଦୁଇଶହ ବର୍ଛାଧାରୀଙ୍କୁ ପ୍ରସ୍ତୁତ କର । [24]ଆହୁରି
ପାଉଲ ଯେପରି ଶାସନକର୍ତ୍ତା ଫେଲିକ୍ସଙ୍କ ନିକଟରେ ନିରାପଦରେ
ପହଞ୍ଚିବେ ସେଥିପାଇଁ ତାଙ୍କୁ କିଛି ଘୋଡ଼ା ଦିଅ ।" [25]ଆଉ
ଶାସନକର୍ତ୍ତା ଫେଲିକ୍ସଙ୍କ ନିକଟକୁ ସହସ୍ର ସେନାପତି ଏହିପରି
ଏକ ଚିଠି ଲେଖିଲେ:

[26]"ମହାମହିମ ଶାସନକର୍ତ୍ତା ଫେଲିକ୍ସଙ୍କୁ ସେନାଧକ୍ଷ କ୍ଲାଉଦିଅ
ଲୁସିୟାଙ୍କର ନମସ୍କାର । [27]ଯିହୁଦୀ ଲୋକମାନେ ଏହି ଲୋକଙ୍କୁ
ଧରି, ହତ୍ୟା କରିବାକୁ ଯାଉଥିବା ସମୟରେ, ମୁଁ ସୈନ୍ୟଦଳ
ସହିତ ସେହିସ୍ଥାନକୁ ଯାଇ ତାହାଙ୍କୁ ଉଦ୍ଧାର କଲି । କାରଣ ମୁଁ
ଜାଣିବାକୁ ପାଇଲି ଯେ, ସେ ଜଣେ ରୋମର ନାଗରିକ । [28]ଏହି
ଲୋକ କେଉଁ ଦୋଷ କରିଥିବାର ଅଭିଯୋଗ ସେମାନେ
କରୁଛନ୍ତି, ତାହା ଜାଣିବାକୁ ମୁଁ ତାହାଙ୍କୁ ସେମାନଙ୍କ ମହାସଭାକୁ
ନେଇଗଲି । [29]ସେଠାରେ ମୁଁ ଜାଣିବାକୁ ପାଇଲି ଯେ, ସେମାନେ
ଏହାଙ୍କୁ ସେମାନଙ୍କର ଧର୍ମ ବ୍ୟବସ୍ଥା ବିଷୟରେ ଦୋଷ ଦେଉଛନ୍ତି,
କିନ୍ତୁ ସେ ମୃତ୍ୟୁଦଣ୍ଡ ପାଇବା ପରି କିମ୍ବା ବନ୍ଦୀ କରାଯିବା ପରି
କିଛି ଦୋଷ କରି ନାହାଁନ୍ତି । [30]ଏହି ଲୋକଙ୍କୁ ହତ୍ୟା କରିବାକୁ
ଷଡ଼ଯନ୍ତ୍ର କରାଯାଉଥିବା ବିଷୟରେ ଜାଣିପାରି, ମୁଁ ଏହାଙ୍କୁ ସଙ୍ଗେ
ସଙ୍ଗେ ଆପଣଙ୍କ ନିକଟକୁ ପଠାଇଲି । ଏହା ବିରୁଦ୍ଧରେ
ଅଭିଯୋଗ କରୁଥିବା ଲୋକମାନଙ୍କୁ ମଧ୍ୟ ଆପଣଙ୍କ ନିକଟରେ
ଏହା ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ଆଜ୍ଞା ଦେଇଅଛି ।"

[31]ତେଣୁ, ସହସ୍ର ସେନାପତିଙ୍କ ଆଦେଶ ଅନୁସାରେ
ସୈନିକମାନେ ରାତିରେ ପାଉଲଙ୍କୁ ଆନ୍ତିପାତ୍ରି ନାମକ ସ୍ଥାନ
ପର୍ଯ୍ୟନ୍ତ ନେଇଗଲେ । [32]ତହିଁଆର ଦିନ ସୈନ୍ୟମାନେ ପାଉଲଙ୍କ
ସହିତ କାଇସରୀଆ ନଗରକୁ ଯିବା ପାଇଁ ଘୋଡ଼ାଚଢ଼ାଳିମାନଙ୍କୁ
ଛାଡ଼ିଦେଇ, ନିଜେ ସୈନ୍ୟମାନେ ରହୁଥିବା ସ୍ଥାନକୁ
ଫେରିଆସିଲେ । [33]ସେମାନେ କାଇସରୀଆ ଅଞ୍ଚଳରେ ପହଞ୍ଚି,
ଶାସନକର୍ତ୍ତା ଫେଲିକ୍ସଙ୍କୁ ସେହି ଚିଠି ଦେଲେ ଓ ପାଉଲଙ୍କୁ ମଧ୍ୟ

---

[u]23.17 ଶତସେନାପତି - ଶହେ ସୈନ୍ୟଙ୍କର ସେନାପତି

ତାଙ୍କ ନିକଟରେ ସମର୍ପଣ କଲେ । [34]ଶାସନକର୍ତ୍ତା ଫେଲିକ୍ସ ସେହି
ଚିଠି ପଢ଼ିଲା ପରେ ପାଉଲଙ୍କୁ ସେ କେଉଁ ପ୍ରଦେଶର ଲୋକ
ବୋଲି ପଚାରିଲେ । ପାଉଲ କିଲିକିଆ ଅଞ୍ଚଳର ଲୋକ ବୋଲି
ଜାଣି, ସେ କହିଲେ, [35]ତୁମ ବିରୁଦ୍ଧରେ ଅଭିଯୋଗ କରୁଥିବା
ଲୋକମାନେ ଆସିଲେ, ଆମ୍ଭେ ତୁମର କଥା ବିଚାର କରିବା ।
ଆଉ ସେ ହେରୋଦ ରାଜା ତିଆରି କରିଥିବା ରାଜପ୍ରାସାଦର
ବନ୍ଦୀଶାଳାରେ ପାଉଲଙ୍କୁ ରଖି, ଜଗି ରହିବାକୁ ସୈନ୍ୟମାନଙ୍କୁ
ଆଦେଶ ଦେଲେ ।

# 24

## ପାଉଲଙ୍କୁ ଫେଲିକ୍ସ ବିଚାରକଲେ

[1]ପାଞ୍ଚ ଦିନ ପରେ ମହାଯାଜକ ହାନାନ ଯିହୁଦୀ ଜାତିର
କେତେକ ପ୍ରାଚୀନ ଓ ତର୍ତ୍ତୁଲ ନାମକ ଜଣେ ଓକିଲଙ୍କୁ ସାଙ୍ଗରେ
ନେଇ କାଇସରୀଆ ଅଞ୍ଚଳକୁ ଆସିଲେ । ସେମାନେ ପାଉଲଙ୍କ
ବିରୁଦ୍ଧରେ ଶାସନକର୍ତ୍ତା ଫେଲିକ୍ସଙ୍କଠାରେ ଆବେଦନ କଲେ ।
[2]ତର୍ତ୍ତୁଲଙ୍କୁ ନିଜର ଅଭିଯୋଗ ଜଣାଇବାକୁ କହିବାରୁ, ସେ
ପାଉଲଙ୍କୁ ଦୋଷ ଦେଇ କହିଲେ, "ହେ ମହାମହିମ ଫେଲିକ୍ସ,
ଆପଣଙ୍କ ଦ୍ୱାରା ଆମ୍ଭେମାନେ ମହାଶାନ୍ତି ଭୋଗ କରୁଅଛୁ, ପୁଣି
ଆପଣଙ୍କ ଦୂରଦୃଷ୍ଟି ଯୋଗୁଁ, ଏହି ଦେଶରେ ବହୁ ମଙ୍ଗଳର କାର୍ଯ୍ୟ
ହେଉଅଛି । [3]ଆମ୍ଭେମାନେ ଏହାକୁ ସବୁ ଦୃଷ୍ଟିରେ ଓ ସବୁସ୍ଥାନରେ
କୃତଜ୍ଞ ଭାବରେ ସ୍ୱୀକାର କରୁଅଛୁ । [4]ମାତ୍ର, ମୁଁ ଆପଣଙ୍କର
ଅଧିକ ସମୟ ନଷ୍ଟ ନ କରି, ଆପଣଙ୍କୁ ଅନୁରୋଧ କରେ ଯେ,
ଆପଣ ଦୟାକରି ଆମ କଥା ଅଳ୍ପ ସମୟ ଶୁଣନ୍ତୁ । [5]ଆମ୍ଭେମାନେ
ଜାଣିପାରିଅଛୁ ଯେ, ଏହି ଲୋକ ଜଣେ ସମସ୍ୟା ସୃଷ୍ଟି କରୁଥିବା
ଲୋକ, ସେ ସାରା ଜଗତରେ ଥିବା ଯିହୁଦୀ ଲୋକମାନଙ୍କ
ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି କରୁଅଛି; ପୁଣି ସେ ନାଜରିତୀୟ
ନାମକ ଦଳର ଜଣେ ମୁଖ୍ୟ ନେତା ଅଟେ । [6]ଏପରିକି ଏହି
ଲୋକ ମନ୍ଦିରକୁ ଅପବିତ୍ର କରିବାକୁ ଚେଷ୍ଟାକରୁଥିଲା, କିନ୍ତୁ
ଆମ୍ଭେମାନେ ତାକୁ ଧରିଲୁ । [ଆଉ ଆମର ବ୍ୟବସ୍ଥା ଅନୁସାରେ
ଏହାର ବିଚାର କରିବାକୁ ଇଚ୍ଛା କରିଥିଲୁ । [7]ମାତ୍ର ସହସ୍ର
ସେନାପତି ଲୂସିୟା ବଳରେ ଏହାକୁ ଆମ ହାତରୁ ଛଡ଼ାଇ
ନେଇଗଲେ, [8]ଆଉ ଏହାର ଅଭିଯୋଗକାରୀମାନଙ୍କୁ ଆପଣଙ୍କ
ସମ୍ମୁଖରେ ଉପସ୍ଥିତ ହେବାକୁ ଆଜ୍ଞା ଦେଲେ ।] ଆପଣ ନିଜେ
ତାହାକୁ ପରୀକ୍ଷା କରିବା ଦ୍ୱାରା ଜାଣି ପାରିବେ ଯେ, ଆମେ ତାହା
ବିରୁଦ୍ଧରେ କରୁଥିବା ସମସ୍ତ ଅଭିଯୋଗ ସତ୍ୟ ଅଟେ ।"
[9]ଯିହୁଦୀମାନେ ମଧ୍ୟ ସମର୍ଥନ କରି କହିଲେ, "ତର୍ତ୍ତୁଲ ଯାହା
କହିଲେ ସେସବୁ କଥା ସତ ।"

## ପାଉଲ ନିଜର ମତ ରଖିଲେ

[10]ପାଉଲଙ୍କୁ କଥା କହିବାକୁ ଶାସନକର୍ତ୍ତା ସଂଙ୍କେତ ଦେବାରୁ,
ପାଉଲ କହିଲେ, "ମହାଶୟ, ଆପଣ ଅନେକ ବର୍ଷ ଧରି ଯିହୁଦୀ
ଲୋକମାନଙ୍କର ବିଚାରକର୍ତ୍ତା ରହି ଆସିଅଛନ୍ତି, ଏହା ଜାଣି ମୁଁ
ଆପଣଙ୍କ ଆଗରେ ଆନନ୍ଦର ସହିତ ନିଜ ପକ୍ଷ ରଖୁଅଛି ।
[11]ଆପଣ ଲୋକମାନଙ୍କୁ ପଚାରି ଜାଣି ପାରିବେ ଯେ, ବାର
ଦିନରୁ ଅଧିକ ହେବ ନାହିଁ, ମୁଁ ଉପାସନା କରିବାକୁ ଯିରୂଶାଲମ
ମନ୍ଦିରକୁ ଯାଇଥିଲି । [12]ମୋ ବିରୁଦ୍ଧରେ ଅଭିଯୋଗ କରୁଥିବା
ଲୋକମାନେ, ମୋତେ ମନ୍ଦିରରେ କିମ୍ବା ଯିହୁଦୀ ଲୋକମାନଙ୍କ
ଉପାସନା ଗୃହଗୁଡ଼ିକରେ କିମ୍ବା ନଗରରେ କାହା ସହିତ ବିବାଦ
କରିବାର କିମ୍ବା ଲୋକମାନଙ୍କୁ ମତାଇବାର ଦେଖି ନାହାନ୍ତି ।
[13]ପୁଣି ଏହି ଲୋକମାନେ ମୋ ବିରୁଦ୍ଧରେ ଯେଉଁସବୁ ଅଭିଯୋଗ
କରୁଅଛନ୍ତି, ସେସବୁ ଆପଣଙ୍କ ଆଗରେ ପ୍ରମାଣ ମଧ୍ୟ କରି
ପାରିବେ ନାହିଁ । [14]ହଁ, ମୁଁ ମାନୁଅଛି ଯେ, ସେମାନେ ଯୀଶୁ
ଶିଖାଇଥିବା ପଥକୁ ଏକ ଭ୍ରାନ୍ତଶିକ୍ଷା ବୋଲି କହନ୍ତି, କିନ୍ତୁ ମୁଁ ସେହି
ପଥ ଅନୁସାରେ ହିଁ ଆମ୍ଭମାନଙ୍କ ପିତୃପୁରୁଷଙ୍କ ଈଶ୍ୱରଙ୍କର
ଉପାସନା କରୁଅଛି । ପୁଣି ଯାହାସବୁ ମୋଶାଙ୍କ ବ୍ୟବସ୍ଥାରେ ଅଛି
ଓ ଯାହାସବୁ ଭବିଷ୍ୟଦ୍‌ବକ୍ତାମାନେ ନିଜ ନିଜ ପୁସ୍ତକରେ
ଲେଖିଅଛନ୍ତି, ସେସବୁ ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ ।
[15]ଧାର୍ମିକ ଓ ଅଧାର୍ମିକ ସମସ୍ତଙ୍କର ପୁନରୁତ୍‌ଥାନ ହେବ ବୋଲି
ଯାହା ଏହି ଲୋକମାନେ ନିଜେ ଭରସା ରଖିଛନ୍ତି, ମୁଁ ମଧ୍ୟ ସେହି
ଭରସା ଈଶ୍ୱରଙ୍କଠାରେ ରଖିଅଛି । [16]ସେହି କାରଣରୁ, ମୁଁ ନିଜେ
ମଧ୍ୟ ସର୍ବଦା ଈଶ୍ୱର ଓ ମନୁଷ୍ୟମାନଙ୍କ ଆଗରେ ନିର୍ମଳ[v] ବିବେକ

[v]**24.16** ପରିଷ୍କାର

ଧରି ରହିବାକୁ ଚେଷ୍ଟା କରୁଅଛି । [17]ଏବେ ଅନେକ ବର୍ଷ ପରେ,
ମୁଁ କିଛି ଦାନ ନେଇ ଗରୀବ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଓ
ଈଶ୍ୱରଙ୍କଠାରେ ନୈବେଦ୍ୟ ଉତ୍ସର୍ଗ କରିବାକୁ ଯିରୁଶାଲମ
ନଗରକୁ ଆସିଲି । [18]ମୁଁ ମନ୍ଦିରରେ ଶୁଚି ହେଉଥିବା ସମୟରେ,
ସେମାନେ ମୋତେ ଦେଖିଲେ, ସେହି ସମୟରେ ମୋ ସହିତ
କୌଣସି ଲୋକ ନ ଥିଲେ କିମ୍ବା ମୁଁ କୌଣସି ଗଣ୍ଡଗୋଳ କରୁ ନ
ଥିଲି । କିନ୍ତୁ ଆସିଆ ପ୍ରଦେଶର କିଛି ଯିହୁଦୀଲୋକ ସେଠାରେ
ଥିଲେ । [19]ଯଦି ମୋ ବିରୁଦ୍ଧରେ ସେମାନଙ୍କର କିଛି କଥା ଅଛି,
ତାହାହେଲେ ସେମାନେ ନିଜେ ଆପଣଙ୍କ ନିକଟକୁ ଆସି
ଅଭିଯୋଗ କରିବା ଉଚିତ୍ ହୋଇଥାଆନ୍ତା । [20]ନ ହେଲେ ଏହି
ଲୋକମାନେ ନିଜେ କୁହନ୍ତୁ, ଯେତେବେଳେ ମୁଁ ବିଚାର ପାଇଁ
ମହାସଭାରେ ଠିଆ ହେଲି, ସେତେବେଳେ ସେମାନେ ମୋଠାରେ
କି ଦୋଷ ପାଇଲେ । [21]ମୁଁ ସେମାନଙ୍କ ମଧ୍ୟରେ ଠିଆ ହୋଇଥିବା
ସମୟରେ ଏହି ଗୋଟିଏ କଥା ବଡ଼ ପାଟିରେ କହିଲି,
'ମୃତମାନଙ୍କର ପୁନରୁତ୍‌ଥାନ ବିଷୟରେ ବିଚାର ପାଇଁ ମୁଁ ଆଜି
ଆପଣମାନଙ୍କ ଆଗରେ ଠିଆ ହୋଇଅଛି' । ସେହି ଗୋଟିଏ
କଥା ଛାଡ଼ି ଏମାନେ ମୋଠାରେ କି ଦୋଷ ପାଇଛନ୍ତି ତାହା ନିଜେ
କୁହନ୍ତୁ ।" [22]କିନ୍ତୁ, ଯୀଶୁ ଶିକ୍ଷା ଦେଇଥିବା ଯେଉଁ ପଥ ବିଷୟରେ
ପାଉଲ କହୁଥିଲେ, ଶାସନକର୍ତ୍ତା ଫେଲିକ୍ସ ତାହା ଜାଣିଥିବାରୁ
ବିଚାର କାର୍ଯ୍ୟ ବନ୍ଦ କରି କହିଲେ, "ସହସ୍ର ସେନାପତି ଲୁସିଅ
ଆସିଲେ, ମୁଁ ତୁମର ବିଚାର କରିବି ।"

[23]ଏହାପରେ ପାଉଲଙ୍କୁ ବନ୍ଦୀ ରୂପେ ରଖିବାକୁ ସେ
ଶତସେନାପତିଙ୍କୁ ଆଦେଶ ଦେଲେ, ମାତ୍ର ପାଉଲଙ୍କର ନିଜ
ଲୋକ ଓ ବନ୍ଧୁମାନେ ଆସି ତାଙ୍କର ସେବା କରିବାକୁ ଅନୁମତି
ଦେବା ପାଇଁ ସେ ସେନାପତିଙ୍କୁ କହିଲେ ।

### ଶାସନକର୍ତ୍ତା ଫେଲିକ୍ସ ଓ ପାଉଲ

[24]କିଛି ଦିନ ପରେ, ଫେଲିକ୍ସ ନିଜ ସ୍ତ୍ରୀ ଦୃଷିଲାଙ୍କ ସହିତ
ଆସିଲେ । ଦୃଷିଲା ଜଣେ ଯିହୁଦୀ ମହିଳା ଥିଲେ । ଫେଲିକ୍ସ ଓ
ଦୃଷିଲା ଖ୍ରୀଷ୍ଟଯୀଶୁଙ୍କଠାରେ ବିଶ୍ୱାସ ବିଷୟରେ ଶୁଣିବା ପାଇଁ
ପାଉଲଙ୍କୁ ଡକାଇଲେ । [25]ପାଉଲ ସେମାନଙ୍କୁ ଧାର୍ମିକତା,
ଆତ୍ମସଂଯମ[w] ଏବଂ ଆଗାମି ଦିନରେ ଈଶ୍ୱର ସମସ୍ତଙ୍କୁ ବିଚାର
କରିବା ବିଷୟରେ କହିଲେ । ଏହା ଶୁଣି ଫେଲିକ୍ସ ଡରିଯାଇ
କହିଲେ, "ଏବେ ତୁମେ ଯାଇ ପାର । ସୁଯୋଗ ପାଇଲେ ମୁଁ
ତୁମକୁ ଆଉ ଥରେ ଡକାଇବି ।" [26]ପୁଣି ପାଉଲ ତାଙ୍କୁ ଟଙ୍କା ଲାଞ୍ଚ
ଦେବେ ବୋଲି ସେ ଆଶା କରୁଥିଲେ, ତେଣୁ ସେ ବାରମ୍ବାର
ପାଉଲଙ୍କୁ ଡକାଇ କଥା ହେଉଥିଲେ ।

[27]ଦୁଇ ବର୍ଷ ପରେ, ଶାସନକର୍ତ୍ତା ଫେଲିକ୍ସଙ୍କ ସ୍ଥାନରେ ପର୍କିୟସ୍
ଫେଷ୍ଟ ନାମକ ଆଉ ଜଣେ ଶାସନକର୍ତ୍ତା ନିଯୁକ୍ତ ହେଲେ । ପୁଣି
ଫେଲିକ୍ସ ଯିହୁଦୀ ଲୋକମାନଙ୍କୁ ଖୁସି କରିବାକୁ ଇଚ୍ଛାକରି,
ପାଉଲଙ୍କୁ ବନ୍ଦୀ ଅବସ୍ଥାରେ ଛାଡ଼ି ଚାଲିଗଲେ ।

## 25

### ପାଉଲଙ୍କୁ ଶାସନକର୍ତ୍ତା ଫେଷ୍ଟସ୍ ବିଚାରକଲେ

[1]ଫେଷ୍ଟସ୍ ସେହି ପ୍ରଦେଶରେ ପହଞ୍ଚିବାର ତିନି ଦିନ ପରେ,
କାଇସରୀଆ ଅଞ୍ଚଳରୁ ଯିରୁଶାଲମ ନଗରକୁ ଗଲେ । [2]ପୁଣି,
ଯିହୁଦୀ ଲୋକମାନଙ୍କର ପ୍ରଧାନ ଯାଜକ ଓ ନେତାମାନେ ତାଙ୍କ
ନିକଟକୁ ଆସିଲେ ଓ ପାଉଲଙ୍କ ବିରୁଦ୍ଧରେ ଅଭିଯୋଗ କଲେ ।
[3]ଆଉ ଫେଷ୍ଟସ୍ ଯେପରି ସେମାନଙ୍କୁ ଅନୁଗ୍ରହ କରି, ପାଉଲଙ୍କୁ
ଯିରୁଶାଲମ ନଗରକୁ ଆଣିବେ, ସେଥିପାଇଁ ସେମାନେ ତାଙ୍କୁ
ଅନୁରୋଧ କଲେ । କାରଣ ପାଉଲଙ୍କୁ ଯିରୁଶାଲମ ନଗରକୁ
ଆଣିବାବେଳେ ଛକି ରହି ରାସ୍ତାରେ ହିଁ ତାଙ୍କୁ ହତ୍ୟା କରିବାକୁ
ସେମାନେ ଯୋଜନା କରୁଥିଲେ । [4]ମାତ୍ର ଫେଷ୍ଟସ୍ ସେମାନଙ୍କୁ
କହିଲେ ଯେ, ପାଉଲ କାଇସରୀଆ ଅଞ୍ଚଳରେ ଅଛନ୍ତି ଓ ସେ
ନିଜେ ଅତିଶୀଘ୍ର ସେଠାକୁ ଯାଉଛନ୍ତି । [5]ପୁଣି ସେ ସେମାନଙ୍କୁ
କହିଲେ, "ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକାର ପ୍ରାପ୍ତ,
ସେମାନେ କେତେ ଜଣ ମୋ ସହିତ ଆସ, ଆଉ ଯଦି
ପାଉଲଙ୍କର କିଛି ଦୋଷ ଥାଏ, ତେବେ ତାଙ୍କ ବିରୁଦ୍ଧରେ
ଅଭିଯୋଗ କର ।"

[6]ପରେ, ସେ ସେମାନଙ୍କ ସହିତ ଆଠରୁ ଦଶ ଦିନ ରହି,
କାଇସରୀଆ ନଗରକୁ ଫେରିଗଲେ । ଆଉ ସେ ବିଚାରସଭା

---

[w]**24.25** ମନ୍ଦ କାମ କରିବାରୁ ନିଜକୁ ଅଟକାଇ ରଖିବା

ଡାକି ପାଉଲଙ୍କୁ ସେସ୍ଥାନକୁ ଆଣିବାକୁ ଆଜ୍ଞା ଦେଲେ । 7ପାଉଲ
ସେହି ସ୍ଥାନକୁ ଆସିବାରୁ, ଯିରୁଶାଲମ ନଗରରୁ ଆସିଥିବା ଯିହୁଦୀ
ନେତାମାନେ ତାଙ୍କୁ ଚାରିଆଡ଼େ ଘେରି ଠିଆହେଲେ ଓ ତାଙ୍କ
ବିରୁଦ୍ଧରେ ଅନେକ ଗୁରୁତର ଅଭିଯୋଗ ଆଣିଲେ, କିନ୍ତୁ
ସେମାନେ ସେସବୁ କଥାର କିଛି ସତ୍ୟତା ପ୍ରମାଣ କରି ପାରିଲେ
ନାହିଁ ।

8ପୁଣି ପାଉଲ ନିଜ ପକ୍ଷ ରଖି କହିଲେ, "ମୁଁ ଯିହୁଦୀ ଜାତିର
ବ୍ୟବସ୍ଥା ବିରୁଦ୍ଧରେ କିମ୍ବା ମନ୍ଦିର ବିରୁଦ୍ଧରେ କିମ୍ବା ରୋମର
ସମ୍ରାଟଙ୍କ ବିରୁଦ୍ଧରେ କିଛି ଅପରାଧ କରିନାହିଁ ।"

9କିନ୍ତୁ, ଶାସନକର୍ତ୍ତା ଫେଷ୍ଟସ୍ ଯିହୁଦୀ ଲୋକମାନଙ୍କୁ ଖୁସି
କରିବାକୁ ଇଚ୍ଛାକରି ପାଉଲଙ୍କୁ ପଚାରିଲେ, "ତୁମେ କଅଣ
ଯିରୁଶାଲମକୁ ଯାଇ, ସେଠାରେ ମୋ ଆଗରେ ବିଚାର ହେଉ
ବୋଲି ଇଚ୍ଛା କରୁଅଛ ?"

10ମାତ୍ର ପାଉଲ କହିଲେ, "ନାହିଁ, ଏହା ହେଉଛି, ରୋମୀୟ
ସମ୍ରାଟ କାଇସରଙ୍କ[x] ବିଚାରାଳୟ । ତେଣୁ ମୋତେ ଏଠାରେ
ବିଚାର କରାଯିବା ଉଚିତ୍ । ମୁଁ ଯିହୁଦୀ ଲୋକମାନଙ୍କ ବିରୁଦ୍ଧରେ
କୌଣସି ଭୁଲ କରିନାହିଁ, ତାହା ଆପଣ ଭଲରେ ଜାଣନ୍ତି ।
11ଯଦି, ମୁଁ ନିୟମ ଭାଙ୍ଗିଥାଏ ଓ ମୃତ୍ୟୁଦଣ୍ଡ ପାଇବା ପରି କିଛି
ଦୋଷ କରିଥାଏ, ତେବେ ମୋତେ ମୃତ୍ୟୁଦଣ୍ଡ ଦେଲେ ମଧ୍ୟ
ମୋର କିଛି ଆପତ୍ତି ନାହିଁ । କିନ୍ତୁ, ଏମାନେ ମୋ ବିରୁଦ୍ଧରେ
ଯାହାସବୁ ଅଭିଯୋଗ ଆଣୁଛନ୍ତି, ସେଥିରେ ଯଦି ସତ୍ୟତା ନାହିଁ,
ତେବେ ମୋତେ କେହି ମଧ୍ୟ ସେମାନଙ୍କ ହାତରେ ସମର୍ପଣ କରି
ପାରବେ ନାହିଁ । ତେଣୁ ମୁଁ କାଇସରଙ୍କ ଆଗରେ ବିଚାର ପାଇଁ
ଅନୁରୋଧ କରୁଅଛି ।"

12ସେଥିରେ ଫେଷ୍ଟ ନିଜର ପରାମର୍ଶଦାତାମାନଙ୍କ ସହିତ
ଆଲୋଚନା କରି କହିଲେ, "ଠିକ୍ ଅଛି, ତୁମେ କାଇସରଙ୍କ
ନିକଟରେ ବିଚାର ପାଇଁ ଆବେଦନ କରିଅଛ, ତେଣୁ କାଇସରଙ୍କ
ନିକଟକୁ ଯିବ ।"

## ଫେଷ୍ଟ, ପାଉଲଙ୍କ ବିଷୟରେ ରାଜା ଆଗ୍ରିପ୍ପାଙ୍କୁ ପରାମର୍ଶ କଲେ

13କିଛି ଦିନ ପରେ, ରାଜା ଆଗ୍ରିପ୍ପା ତାଙ୍କ ଭଉଣୀ ବର୍ଣ୍ଣିସଙ୍କ
ସହିତ କାଇସରୀଆ ଅଞ୍ଚଳକୁ ଆସି ଶାସନକର୍ତ୍ତା ଫେଷ୍ଟଙ୍କୁ
ଭେଟିଲେ । 14ସେମାନେ ସେଠାରେ ଅନେକ ଦିନ ରହିବା
ସମୟରେ, ଶାସନକର୍ତ୍ତା ଫେଷ୍ଟ ରାଜା ଆଗ୍ରିପ୍ପାଙ୍କୁ ପାଉଲଙ୍କ
ବିଷୟରେ କହିଲେ, "ପୂର୍ବତନ ଶାସନକର୍ତ୍ତା ଫେଲିକ୍ସ ଏହି ସ୍ଥାନରୁ
ଯିବା ସମୟରେ ଜଣେ ବନ୍ଦୀଙ୍କୁ ଛାଡ଼ିଯାଇଛନ୍ତି । 15ମୁଁ
ଯେତେବେଳେ ଯିରୁଶାଲମ ନଗରରେ ଥିଲି, ସେତେବେଳେ
ପ୍ରଧାନ ଯାଜକ ଓ ଯିହୁଦୀ ଜାତିର ପ୍ରାଚୀନମାନେ ତାଙ୍କ
ବିରୁଦ୍ଧରେ ମୋ ନିକଟରେ ଅଭିଯୋଗ କରି ତାଙ୍କ ଦଣ୍ଡ
ଶୁଣାଇବାକୁ ମୋତେ ଅନୁରୋଧ କଲେ । 16ମୁଁ ସେମାନଙ୍କୁ
କହିଲି ଯେ, ଯାହା ବିରୁଦ୍ଧରେ ଅଭିଯୋଗ କରାଯାଇଅଛ ସେହି
ଲୋକ ଓ ଯିଏ ଅଭିଯୋଗ କରିଅଛି ସେହି ଲୋକ ବିଚାରଳୟକୁ
ନ ଆସିବା ଯାଏଁ ଓ ଯାହାଙ୍କ ବିରୁଦ୍ଧରେ ଅଭିଯୋଗ
କରାଯାଇଅଛି ସେହି ଲୋକ ନିଜର ପକ୍ଷ ରଖିବାର ସୁଯୋଗ ନ
ପାଇବା ଯାଏଁ, ତାହାକୁ ଦୋଷି କରିବା ରୋମୀୟ ନିୟମରେ ନାହିଁ
।

17ତେଣୁ, ଯେତେବେଳେ ସେମାନେ ଏହି ସ୍ଥାନକୁ ଆସିଲେ, ମୁଁ
ବିଳମ୍ବ ନ କରି, ତହିଁଆର ଦିନ ହିଁ ମୋର ବିଚାର ଆସନରେ ବସି
ପାଉଲଙ୍କୁ ଆଣିବା ପାଇଁ ଆଜ୍ଞା ଦେଲି । 18ମାତ୍ର ମୁଁ ତାଙ୍କ
ବିରୁଦ୍ଧରେ ଯେପରି ଅଭିଯୋଗର ବିଷୟ ଆଶା କରୁଥିଲି,
ଅଭିଯୋଗକାରୀମାନେ ସେପରି କୌଣସି ଅଭିଯୋଗ ତାଙ୍କ
ବିରୁଦ୍ଧରେ ଆଣିଲେ ନାହିଁ । 19କିନ୍ତୁ ତା ବଦଳରେ ସେମାନଙ୍କର
ଧର୍ମ ଏବଂ ଯୀଶୁ ନାମକ ଜଣେ ମୃତ ଲୋକ, ଯାହାକୁ ପାଉଲ
ଜୀବିତ ବୋଲି ଦାବି କରନ୍ତି, ସେସବୁ ବିଷୟରେ ତାହା ବିରୁଦ୍ଧରେ
ସେମାନଙ୍କର କେତେକ ବିବାଦ ଥିଲା । 20ଏସମସ୍ତ ବିଷୟର
କିପରି ଠିକ୍ ଭାବରେ ଅନୁସନ୍ଧାନ କରାଯାଇପାରିବ, ତାହାର
କୌଣସି ଉପାୟ ମୁଁ ନ ପାଇବାରୁ ପାଉଲଙ୍କୁ ପଚାରିଲି, 'ତୁମେ
ଯିରୁଶାଲମକୁ ଯାଇ ସେଠାରେ ତୁମର ବିଚାର ହେଉ ବୋଲି
ଚାହୁଁଛ କି ?' 21ମାତ୍ର, ସମ୍ରାଟ କାଇସର ତାଙ୍କର ବିଚାର କରନ୍ତୁ
ବୋଲି ପାଉଲ ଆବେଦନ କରିବାରୁ, ମୁଁ ତାଙ୍କୁ ସମ୍ରାଟ
କାଇସରଙ୍କ ନିକଟକୁ ପଠାଇବା ଯାଏଁ ବନ୍ଦୀକରି ରଖିବାକୁ
ଆଦେଶ ଦେଇଅଛି ।"

[x]25.10 ରୋମ୍ ସାମ୍ରାଜ୍ୟର ଶାସକଙ୍କୁ କାଇସର କୁହାଯାଏ ।

22ଏହାପରେ ରାଜା ଆଗ୍ରିପ୍‌ପା ଶାସନକର୍ତ୍ତା ଫେଷ୍ଟଙ୍କୁ କହିଲେ,
"ଆମ୍ଭେ ସ୍ୱୟଂ ସେହି ଲୋକଠାରୁ ତା ବିଷୟରେ ଶୁଣିବାକୁ ଚାହୁଁ
।" ଶାସନକର୍ତ୍ତା ଫେଷ୍ଟ କହିଲେ, "ଆପଣ ଆସନ୍ତାକାଲି ତାହାର
କଥା ଶୁଣିବେ ।"

## ରାଜା ଆଗ୍ରିପ୍‌ପାଙ୍କ ସମ୍ମୁଖରେ ପାଉଲ

23ତହିଁ ଆରଦିନ, ରାଜା ଆଗ୍ରିପ୍‌ପା ଏବଂ ତାଙ୍କ ଭଉଣୀ
ବର୍ଣ୍ଣୀକୀ ପ୍ରଧାନ ସେନାପତିଗଣ ଓ ନଗରର ମୁଖ୍ୟ
ଲୋକମାନଙ୍କ ସହିତ ମହାସମାରୋହରେ ଆସି ସଭାସ୍ଥଳରେ
ପହଞ୍ଚିଲେ । ପୁଣି ଶାସନକର୍ତ୍ତା ଫେଷ୍ଟ ଆଦେଶ ଦେବାରୁ
ସୈନ୍ୟମାନେ ସେହିସ୍ଥାନକୁ ପାଉଲଙ୍କୁ ଆଣିଲେ । 24ଏହାପରେ
ଫେଷ୍ଟ କହିଲେ, "ହେ ମହାରାଜା ଆଗ୍ରିପ୍‌ପା ଏବଂ ଆମ୍ଭମାନଙ୍କ
ସହିତ ଏଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି, ଆପଣମାନେ ଏହି
ଲୋକକୁ ଦେଖୁଅଛନ୍ତି, ଯାହା ବିରୁଦ୍ଧରେ ଯିରୁଶାଲମ ଓ ଏହି
ସ୍ଥାନରେ ମଧ୍ୟ ଯିହୁଦୀ ଲୋକମାନେ ଆମ୍ଭ ନିକଟରେ ଅଭିଯୋଗ
କରିଛନ୍ତି । ସେମାନେ ପାଟିକରି ଦାବି କରୁଛନ୍ତି ଯେ, ସେ ଆଉ
ବଞ୍ଚିରହିବା ଉଚିତ୍ ନୁହେଁ । 25କିନ୍ତୁ, ମୁଁ ଦେଖିଲି ଯେ, ସେ
ମୃତ୍ୟୁଦଣ୍ଡ ପାଇବା ପରି କୌଣସି କାର୍ଯ୍ୟ କରିନାହିଁ । ଆଉ ସେ
ନିଜେ ସମ୍ରାଟ କାଇସରଙ୍କ ନିକଟରେ ବିଚାର ପାଇଁ ଆମ୍ଭକୁ
ଅନୁରୋଧ କରିବାରୁ, ଆମ୍ଭେ ତାହାକୁ ସମ୍ରାଟ କାଇସରଙ୍କ
ନିକଟକୁ ପଠାଇବା ପାଇଁ ନିଷ୍ପତ୍ତି କଲୁ ।

26ମାତ୍ର ତାହା ବିଷୟରେ ଚିଠିରେ ସମ୍ରାଟ କାଇସରଙ୍କ
ନିକଟକୁ ଲେଖିବାକୁ ଆମ୍ଭ ପାଖରେ କିଛି ଉପଯୁକ୍ତ ବିଷୟ ନାହିଁ ।
ତେଣୁ ଆମ୍ଭେ ତାହାକୁ ଆପଣମାନଙ୍କ ପାଖକୁ, ବିଶେଷକରି, ହେ
ମହାରାଜା ଆଗ୍ରିପ୍‌ପା, ଆପଣଙ୍କ ପାଖକୁ ଆଣିଅଛୁ, ଯାହାଦ୍ୱାରା
ଆମ୍ଭେମାନେ ତାହାକୁ ପରୀକ୍ଷା କରିବା ପରେ, ଲେଖିବା ପାଇଁ
କିଛି ପାଇପାରୁ । 27କାରଣ, ଜଣେ ବନ୍ଦୀକୁ ସମ୍ରାଟ କାଇସରଙ୍କ
ନିକଟକୁ ପଠାଇବା ସମୟରେ ତାଙ୍କ ବିରୁଦ୍ଧରେ ଥିବା
ଅଭିଯୋଗଗୁଡ଼ିକ ଲେଖି ନ ପଠାଇବା ଠିକ୍ ହେବ ନାହିଁ ବୋଲି
ମୁଁ ମନେକରୁଅଛି ।"

# 26

## ପାଉଲଙ୍କୁ ନିଜର ପକ୍ଷ ରଖିବାକୁ ରାଜା ଆଗ୍ରିପ୍‌ପା ଅନୁମତି ଦେଲେ

1ରାଜା ଆଗ୍ରିପ୍‌ପା ପାଉଲଙ୍କୁ କହିଲେ, "ଆମ୍ଭେ ତୁମକୁ ନିଜ
ପକ୍ଷ ରଖିବାକୁ ଅନୁମତି ଦେଉଅଛୁ ।" ଏହାପରେ ପାଉଲ ନିଜର
ହାତ ଉଠାଇ ନିଜ ପକ୍ଷ ରଖିବାକୁ ଆରମ୍ଭ କଲେ, 2"ହେ
ମହାରାଜା ଆଗ୍ରିପ୍‌ପା, ଯିହୁଦୀ ଜାତିର ଲୋକମାନେ ମୋ
ବିରୁଦ୍ଧରେ ଯେଉଁସବୁ ଅଭିଯୋଗ କରୁଛନ୍ତି, ସେ ବିଷୟରେ ମୁଁ
ଆଜି ମୋର ପକ୍ଷ ରଖିବାକୁ ସୁଯୋଗ ପାଇଥିବାରୁ ନିଜକୁ
ଭାଗ୍ୟବାନ୍ ମନେକରୁଅଛି । 3ଏହାର ବିଶେଷ କାରଣ ହେଉଛି
ଯେ, ଆପଣ ଯିହୁଦୀ ଜାତିର ଲୋକମାନଙ୍କର ରୀତିନୀତି ଓ
ବିବାଦର ବିଷୟସବୁ ଭଲରେ ଜାଣନ୍ତି । ତେଣୁ ମୁଁ ଆପଣଙ୍କୁ ମୋ
କଥା ଧୈର୍ଯ୍ୟ ଧରି ଶୁଣିବାକୁ ଅନୁରୋଧ କରୁଅଛି ।

4ମୁଁ ମୋର ପିଲା ଦିନରୁ ନିଜ ଜନ୍ମ ସ୍ଥାନରେ ଓ ଯିରୁଶାଲମ
ନଗରରେ କିପରି ଜୀବନ ଯାପନ କରୁଥିଲି ତାହା ଯିହୁଦୀ ଜାତିର
ସବୁଲୋକ ଜାଣନ୍ତି । 5ସେମାନେ ମୋତେ ବହୁ ଦିନରୁ
ଜାଣିଥିବାରୁ, ଯଦି ଇଚ୍ଛା କରନ୍ତି, ତେବେ ସାକ୍ଷ୍ୟ ଦେଇ ପାରନ୍ତି
ଯେ, ମୁଁ ଆମ ଧର୍ମର କଠୋର ନିୟମ ଅନୁସାରେ, ଜଣେ
ଫାରୂଶୀ ଲୋକ ଯେପରି ଜୀବନ ଯାପନ କରେ ସେପରି ଜୀବନ
ଯାପନ କରିଅଛି । 6ପୁଣି ଆମ୍ଭମାନଙ୍କ ପୂର୍ବପୁରୁଷଙ୍କ ନିକଟରେ
ଈଶ୍ୱର କରିଥିବା ପ୍ରତିଜ୍ଞାରେ ଭରସା ରଖିଥିବାରୁ, ମୋର ଏବେ
ବିଚାର ହେଉଅଛି । 7ଆମ ଇସ୍ରାଏଲ ଜାତିର ବାର ଗୋଷ୍ଠୀର
ଲୋକମାନେ ସେହି ପ୍ରତିଜ୍ଞାର ଫଳ ପାଇବାକୁ ଆଶା ରଖି
ଦିନରାତି ଏକ ମନରେ ଈଶ୍ୱରଙ୍କର ଉପାସନା କରୁଛନ୍ତି । ଆଉ
ହେ ମହାରାଜା, ମୁଁ ମଧ୍ୟ ସେହି ପ୍ରତିଜ୍ଞାରେ ଆଶା ରଖିଥିବାରୁ
ଯିହୁଦୀ ଲୋକମାନେ ମୋତେ ଦୋଷି କରୁଛନ୍ତି । 8ଈଶ୍ୱର ଯେ
ମୃତ ଲୋକମାନଙ୍କୁ ଜୀବନ ଦେଇ ଉଠାନ୍ତି, ଏହା କାହିଁକି
ଆପଣମାନଙ୍କ ମଧ୍ୟରୁ କେହି କେହି ଅବିଶ୍ୱାସ କରନ୍ତି ?

9ମୁଁ ନିଜେ ବିଶ୍ୱାସ କରୁଥିଲି ଯେ, ନାଜରିତର ଯୀଶୁଙ୍କ ନାମ
ବିରୁଦ୍ଧରେ ମୋର ବହୁତ କିଛି କରିବା ଉଚିତ୍ । 10ଆଉ ମୁଁ
ସେଥିପାଇଁ ଯିରୁଶାଲମ ନଗରରେ ଯୀଶୁଙ୍କ ନାମ ବିରୁଦ୍ଧରେ
କାର୍ଯ୍ୟ କରୁଥିଲି । ମୁଁ ପ୍ରଧାନ ଯାଜକମାନଙ୍କଠାରୁ ଅଧିକାର ପାଇ
ଖ୍ରୀଷ୍ଟଙ୍କୁ ବିଶ୍ୱାସ କରୁଥିବା ବହୁ ସାଧୁଙ୍କୁ ବନ୍ଦୀ କରିବା ସହିତ

ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସମର୍ଥନ କରୁଥିଲି [11]ପୁଣି ମୁଁ
ସେମାନଙ୍କୁ ଯିହୁଦୀ ଲୋକମାନଙ୍କ ଉପାସନା ଗୃହଗୁଡ଼ିକରେ
ତାଡ଼ନା ଦେଇ, ଯୀଶୁଙ୍କ ନାମକୁ ନିନ୍ଦା କରିବାକୁ ସେମାନଙ୍କୁ ବାଧ୍ୟ
କରୁଥିଲି । ପୁଣି ସେମାନଙ୍କ ବିରୁଦ୍ଧରେ ବହୁତ ରାଗରେ
ବିଦେଶର ନଗରଗୁଡ଼ିକୁ ମଧ୍ୟ ଯାଇ ସେମାନଙ୍କୁ ତାଡ଼ନା କରୁଥିଲି
। [12]ଦିନେ, ଏହି ଉଦ୍ଦେଶ୍ୟରେ ଯିହୁଦୀ ଲୋକମାନଙ୍କ ପ୍ରଧାନ
ଯାଜକଙ୍କଠାରୁ ଅଧିକାର ଓ ଆଦେଶପତ୍ର ପାଇ ଦମ୍ମେସକ
ଅଞ୍ଚଳକୁ ଯାଉଥିଲି । [13]ହେ ମହାରାଜ, ମୁଁ ଯାଉଥିବା ବେଳେ,
ରାସ୍ତାରେ ମଧ୍ୟାହ୍ନ ସମୟରେ ସୂର୍ଯ୍ୟଠାରୁ ଅଧିକ ଉଜ୍ଜ୍ୱଳ ଆଲୁଅ
ଆକାଶରୁ ମୋ ଉପରେ ଓ ମୋ ସହିତ ଯାଉଥିବା ଲୋକମାନଙ୍କ
ଉପରେ ପଡ଼ିବାର ମୁଁ ଦେଖିଲି । [14]ପୁଣି ଯେତେବେଳେ
ଆମ୍ଭେମାନେ ସମସ୍ତେ ଭୂମିରେ ପଡ଼ିଗଲୁ, ମୋତେ ହିବ୍ରୁ
ଭାଷାରେ[y] ଏକ ସ୍ୱର ଏପରି କହିବାର ମୁଁ ଶୁଣିଲି, 'ଶାଉଲ,
ଶାଉଲ, ତୁମେ କାହିଁକି ଆମ୍ଭଙ୍କୁ ତାଡ଼ନା କରୁଅଛ ? ତାହା କରି,
ତୁମେ ଜାଣିଶୁଣି କଣ୍ଟାରେ ଗୋଡ଼ ମାରିବା[z] ପରି କେବଳ ନିଜର
ହିଁ କ୍ଷତି କରୁଅଛ ।'

[15]ସେଥିରେ, ମୁଁ ପଚାରିଲି, 'ହେ ପ୍ରଭୁ, ଆପଣ କିଏ କହୁଛନ୍ତି
?' ପ୍ରଭୁ ମୋତେ ଉତ୍ତର ଦେଲେ, 'ଯେଉଁ ଯୀଶୁଙ୍କୁ ତୁମେ ତାଡ଼ନା
କରୁଅଛ ଆମ୍ଭେ ସେହି । [16]କିନ୍ତୁ ଏବେ ଉଠ, ଓ ତୁମର ନିଜ
ପାଦରେ ଠିଆ ହୁଅ ! କାରଣ ଆମ୍ଭେ ତୁମକୁ ଆମ୍ଭର ସେବକ
କରିବାକୁ ଓ ତୁମେ ଆମ୍ଭର ଯେଉଁ ଦର୍ଶନ ଦେଖିଅଛ ଓ ଆଗକୁ
ଦେଖିବ ସେସବୁ ଅନ୍ୟମାନଙ୍କୁ ଜଣାଇବାକୁ ତୁମକୁ ଦର୍ଶନ
ଦେଇଅଛୁ । [17]ଆମ୍ଭେ ତୁମକୁ ତୁମର ନିଜ ଯିହୁଦୀଲୋକ ଓ
ଅଣ-ଯିହୁଦୀ ଲୋକମାନଙ୍କ ମଧ୍ୟରୁ ଉଦ୍ଧାର କରୁଅଛୁ ଓ
ସେମାନଙ୍କ ନିକଟକୁ ଆମ୍ଭେ ତୁମକୁ ପଠାଉଅଛୁ, [18]ଯେପରି
ସେମାନେ ଅନ୍ଧାରରୁ ଆଲୁଅକୁ ଏବଂ ଶୟତାନର ଶକ୍ତିରୁ ଈଶ୍ୱରଙ୍କ
ଶକ୍ତି ନିକଟକୁ ଫେରି ଆସିବା ପାଇଁ ତୁମେ ସେମାନଙ୍କର ଆଖି
ଖୋଲିବ । ଏହା ଦ୍ୱାରା ସେମାନେ ପାପରୁ କ୍ଷମା ପାଇବେ ଏବଂ
ଯେଉଁମାନେ ମୋଠାରେ ବିଶ୍ୱାସ କରିବା ଦ୍ୱାରା ପବିତ୍ର
କରାଯାଇଅଛନ୍ତି ସେମାନଙ୍କ ମଧ୍ୟରେ ସ୍ଥାନ ପାଇବେ ।'

[19]ତେଣୁ, ହେ ମହାରାଜା ଆଗ୍ରିପ୍ପା, ମୋତେ ଯେଉଁ ଆଜ୍ଞା
ସ୍ୱର୍ଗରୁ ଦିଆଗଲା, ମୁଁ ତାହାର ଅବାଧ ହେଲି ନାହିଁ । [20]ତେଣୁ, ମୁଁ
ପ୍ରଥମେ ଦମ୍ମେସକ ଅଞ୍ଚଳରେ ପ୍ରଚାର କଲି, ତାପରେ
ଯିରୂଶାଲମ ନଗର, ପୁଣି ସମଗ୍ର ଯିହୁଦା ଅଞ୍ଚଳ ଓ
ଅଣ-ଯୁହୁଦୀମାନଙ୍କ ନିକଟରେ ପ୍ରଚାର କଲି, ଯେପରି
ସେସମସ୍ତେ ନିଜ ନିଜ ପାପରୁ ମନପରିବର୍ତ୍ତନ କରି ଈଶ୍ୱରଙ୍କ
ନିକଟକୁ ଫେରିବେ ପୁଣି ମନପରିବର୍ତ୍ତନ କରିଥିବା ଅନୁସାରେ
କାର୍ଯ୍ୟ କରିବେ । [21]ଏହି କାରଣରୁ, ଯିହୁଦୀ ଜାତିର ଲୋକମାନେ
ମୋତେ ମନ୍ଦିରରେ ଧରିଲେ ଏବଂ ହତ୍ୟା କରିବାକୁ ଚେଷ୍ଟାକଲେ
। [22]ମାତ୍ର ଆଜି ଯାଏଁ ମୁଁ ଈଶ୍ୱରଙ୍କଠାରୁ ସାହାଯ୍ୟ ପାଇ,
ଭାବବାଦୀମାନେ ଓ ମୋଶା ଯାହା ଯାହା ଘଟିବ ବୋଲି କହିଛନ୍ତି,
କେବଳ ସେହି ସମ୍ବାଦ କହି ଛୋଟ ଓ ବଡ଼ ସବୁ ଲୋକଙ୍କ
ନିକଟରେ ସାକ୍ଷ୍ୟ ଦେଉଅଛି । [23]ସେହି ସମ୍ବାଦ ଏହା ଅଟେ,
'ଖ୍ରୀଷ୍ଟ[a] ଅବଶ୍ୟ ଦୁଃଖଭୋଗ କରିବେ[b] ଓ ମୃତ ଲୋକମାନଙ୍କ
ମଧ୍ୟରୁ ପ୍ରଥମେ ଉଠିବେ ପୁଣି ଯିହୁଦୀଲୋକ ଓ ଅଣ-ଯିହୁଦୀ
ଲୋକମାନଙ୍କ ପ୍ରତି ଆଲୋକ ପ୍ରକାଶ କରିବେ ।' "

[24]ପାଉଲ ଏହି କଥା କହି ନିଜ ପକ୍ଷ ରଖୁଥିବା ସମୟରେ,
ରାଜା ଫେଷ୍ଟ ଉଚ୍ଚ ସ୍ୱରରେ କହିଲେ, "ପାଉଲ, ତୁମେ ପାଗଳ
ହେଲ, ତୁମର ଉଚ୍ଚ ଶିକ୍ଷା ତୁମକୁ ପାଗଳ କରୁଅଛି ।"

[25]ମାତ୍ର ପାଉଲ କହିଲେ, "ହେ ମହାମାନ୍ୟ ଫେଷ୍ଟ, ମୁଁ ପାଗଳ
ନୁହେଁ । ମୁଁ ଯାହା କହୁଅଛି, ତାହା ନିରାଟ ସତ୍ୟ ଓ ଯୁକ୍ତିଯୁକ୍ତ
ବାକ୍ୟ । [26]ଆଉ ରାଜା ଆଗ୍ରିପ୍ପା ଏସବୁ ବିଷୟ ଜାଣନ୍ତି, ଏଣୁ ମୁଁ
ସାହସର ସହିତ ତାଙ୍କୁ ଏହି ସବୁକଥା କହୁଅଛି । ମୁଁ ଭଲ
ଭାବରେ ଜାଣେ ଯେକୌଣସି ବିଷୟ ତାଙ୍କ ଦୃଷ୍ଟିରୁ ଲୁଚି ନାହିଁ,

[y]**26.14** ହିବ୍ରୁ ବା ଆରାମାଇକ ଭାଷା

[z]**26.14** ମୂଳ ଭାଷାରେ ଏହି ଅଂଶ ଏହିପରି ଲେଖାଯାଇଛି- 'ପାଞ୍ଚଣ କଣ୍ଟା ମୁନରେ ଗୋଇଠା ମାରିବା ତୁମ ପାଇଁ ବହୁତ କଷ୍ଟକର' । ହଳ କରିବା ସମୟରେ ବଳଦ ଅଡ଼ାଇବାକୁ କଣ୍ଟାଲାଗିଥିବା ଯେଉଁ ବାଡ଼ି ବ୍ୟବହାର କରାଯାଏ, ସେହି ବାଡ଼ିକୁ ପାଞ୍ଚଣ କୁହାଯାଏ ।

[a]**26.23** ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦର ଅର୍ଥ 'ଈଶ୍ୱରଙ୍କ ଅଭିଷିକ୍ତ ବା ମନୋନୀତ ବ୍ୟକ୍ତି, ଯାହାଙ୍କୁ ଈଶ୍ୱର ଏହି ଜଗତର ପରିତ୍ରାଣ ନିମନ୍ତେ ପଠାଇଲେ ।'

[b]**26.23** ଲୂକ ୨୪:୭

କାରଣ ଏହା ଗୋପନରେ କରାଯାଇ ନାହିଁ । 27 ହେ ମହାରାଜା
ଆଗ୍ରିପ୍‌ପା, ଆପଣ ଭାବବାଦୀମାନଙ୍କୁ ବିଶ୍ୱାସ କରନ୍ତି କି ? ମୁଁ
ଜାଣେ ଆପଣ ବିଶ୍ୱାସ କରନ୍ତି ।"

28 ପୁଣି ରାଜା ଆଗ୍ରିପ୍‌ପା ପାଉଲଙ୍କୁ କହିଲେ, "ତୁମେ ଅଳ୍ପ
ସମୟ ମଧ୍ୟରେ ମୋତେ ଖ୍ରୀଷ୍ଟିୟାନ କରି ପାରିବ ବୋଲି ଭାବୁଛ
?"

29 ପୁଣି ପାଉଲ କହିଲେ, "ଅଳ୍ପ ଦିନରେ ହେଉ କିମ୍ବା ବେଶି
ଦିନରେ ହେଉ, ଆପଣ ଓ ଆପଣଙ୍କ ସହିତ ଯେତେଲୋକ
ମୋର କଥା ଶୁଣୁଛନ୍ତି, ସେମାନେ ସମସ୍ତେ ଯେପରି ମୋ ପରି
ବନ୍ଦୀ ହେବା ବ୍ୟତିତ ଅନ୍ୟ ସମସ୍ତ ବିଷୟରେ ମୋ ପରି ହୁଅନ୍ତୁ,
ଏହା ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି ।"

30 ସେଥିରେ ରାଜା ଆଗ୍ରିପ୍‌ପା ଓ ତାଙ୍କ ସହିତ ଶାସନକର୍ତ୍ତା
ଫେଷ୍ଟ, ରାଜାଙ୍କ ଭଉଣୀ ବର୍ଣ୍ଣୀକୀ ପୁଣି ସେମାନଙ୍କ ସହିତ
ବସିଥିବା ସବୁଲୋକ ଉଠିଲେ । 31 ପୁଣି ସେମାନେ ସେହି ସ୍ଥାନରୁ
ଅଳ୍ପ ଦୂରକୁ ଯାଇ ପରସ୍ପର କଥାବାର୍ତ୍ତା କରି କହିଲେ, "ଏହି
ଲୋକ ମୃତ୍ୟୁଦଣ୍ଡ ପାଇବା ପରି କିମ୍ବା ବନ୍ଦୀ କରାଯିବା ପରି କିଛି
କାର୍ଯ୍ୟ କରିନାହିଁ ।"

32 ଆଉ ରାଜା ଆଗ୍ରିପ୍‌ପା ଶାସନକର୍ତ୍ତା ଫେଷ୍ଟଙ୍କୁ କହିଲେ, "ଏହି
ଲୋକ ଯଦି ସମ୍ରାଟ କାଇସରଙ୍କ ନିକଟରେ ବିଚାରରିତ ହେବା
ପାଇଁ ଆବେଦନ କରି ନଥାନ୍ତା, ତେବେ ଆମ୍ଭେମାନେ ତାଙ୍କୁ ମୁକ୍ତ
କରିଥାଆନ୍ତୁ ।"

# 27

## ପାଉଲ ଇଟାଲି ଦେଶକୁ ଯାତ୍ରା ଆରମ୍ଭ କଲେ

1 ଆମ୍ଭେମାନେ ଇଟାଲି ପ୍ରଦେଶକୁ ପାଣି ଜାହାଜରେ ଯିବାକୁ
ସ୍ଥିର ହେବାରୁ, ଶାସନକର୍ତ୍ତାମାନେ ପାଉଲ ଓ ଅନ୍ୟ କିଛି ବନ୍ଦୀଙ୍କୁ
ରାଜାଙ୍କ ସୈନ୍ୟ ଦଳର ଜୁଲିଅ ନାମକ ଶତ ସେନାପତିଙ୍କ[c]
ହାତରେ ସମର୍ପଣ କଲେ । 2 ସେତେବେଳେ ଆଦ୍ରାମିଟିୟମ୍
ନାମକ ସ୍ଥାନର ଏକ ପାଣି ଜାହାଜ ଆସିଆ ପ୍ରଦେଶର
ଉପକୂଳରେ ଥିବା ବନ୍ଦରଗୁଡ଼ିକ ଦେଇ ଯିବାର ଥିଲା ।
ଆମ୍ଭେମାନେ[d] ସେହି ଜାହାଜରେ ଚଢ଼ି ଯାତ୍ରା ଆରମ୍ଭ କଲୁ ।
ମାକିଦନିଆ ପ୍ରଦେଶର ଥେସଲିନିକୀ ନାମକ ନଗରର
ଆରିଷ୍ଟାର୍ଖସ୍ ନାମକ ଜଣେ ଲୋକ ଆମ ସହିତ ଯାଉଥିଲେ ।

3 ତହିଁଆର ଦିନ ଆମ୍ଭେମାନେ ସୀଦୋନ ନଗରରେ ପହଞ୍ଚି
ଓହ୍ଲାଇଲୁ । ପୁଣି ପାଉଲଙ୍କ ପ୍ରତି ସେନାପତି ଜୁଲିଅ ଦୟା
ଦେଖାଇଲେ ଓ ସୀଦୋନ ନଗରରେ ଥିବା ନିଜର ବନ୍ଧୁମାନଙ୍କ
ପାଖକୁ ଯିବାକୁ ପାଉଲଙ୍କୁ ଅନୁମତି ଦେଲେ, ଯେପରି ସେମାନେ
ତାଙ୍କର ଯତ୍ନ ନେଇ ପାରିବେ । 4 ପୁଣି ସେହି ସ୍ଥାନରୁ ଆମ୍ଭେମାନେ
ପାଣି ଜାହାଜରେ ଆଗକୁ ଯାତ୍ରା କଲୁ । କିନ୍ତୁ ଆମେ ଯାଉଥିବା
ଜାହାଜର ଆଗପଟୁ ପଶ୍ଚିମ ଦିଗରୁ ପବନ ବହୁଥିବାରୁ, ଆମେ
ପବନରୁ ରକ୍ଷା ପାଇବାକୁ ପୂର୍ବ ଦିଗରେ କୁପ୍ର ନାମକ ଦ୍ୱୀପର
କଡ଼େ କଡ଼େ ଯାତ୍ରା କଲୁ । 5 ପୁଣି ଆମ୍ଭେମାନେ କିଲିକିଆ ଓ
ପଂଫୁଲିଆ ଅଞ୍ଚଳ ନିକଟ ସମୁଦ୍ର ଦେଇ ଯାତ୍ରାକରି ଲୁକିଆ
ପ୍ରଦେଶର ମୁରା ନଗରରେ ପହଞ୍ଚିଲୁ । 6 ଆଲକ୍‌ଜାଣ୍ଡ୍ରିଆ
ମହାନଗରରୁ ଇଟାଲି ପ୍ରଦେଶକୁ ଯାଉଥିବା ଏକ ପାଣି ଜାହାଜ
ସେଠାରେ ଥିଲା । ଶତ ସେନାପତି ସେହି ଜାହାଜ ଦେଖି,
ଆମ୍ଭମାନଙ୍କୁ ସେଥିରେ ବସାଇଦେଲେ ।

7 ସେହି ସ୍ଥାନରୁ ଆମ୍ଭେମାନେ ଅନେକ ଦିନ ଧରି ଧିରେ ଧିରେ
ଯାଇ ବହୁ କଷ୍ଟରେ କ୍ନୀଦ ନାମକ ନଗର ନିକଟରେ ପହଞ୍ଚିଲୁ ।
ପବନ ଆଗପଟୁ ବହୁଥିବାରୁ ଆମ୍ଭେମାନେ ଆଗକୁ ଯାଇ ପାରିଲୁ
ନାହିଁ । ତେଣୁ, ପବନରୁ ରକ୍ଷା ପାଇବାକୁ ପଶ୍ଚିମ ଦିଗକୁ ବୁଲି,
ସାଲ୍‌ମନୀ ଉପଦ୍ୱୀପ ପାର ହୋଇ କ୍ରୀତୀ ନାମକ ଦ୍ୱୀପର କଡ଼େ
କଡ଼େ, ପବନ କମ୍ ବହୁଥିବା ପଟେ ଯାତ୍ରା କଲୁ । 8 ଆମ୍ଭେମାନେ
ଅନେକ କଷ୍ଟରେ କୂଳେ କୂଳେ ଯାତ୍ରାକରି ଶେଷରେ ଲାସିଆ
ନଗରର ଅଳ୍ପ ଦୂରରେ ଥିବା ସୁନ୍ଦର ବନ୍ଦର[e] ନାମକ ସ୍ଥାନରେ
ପହଞ୍ଚିଲୁ । 9 ଏହିପରି ଅନେକ ଦିନ ଚାଲିଯାଇଥିଲା, ପୁଣି ଯିହୁଦୀ
ଲୋକମାନଙ୍କର ଉପବାସ ପର୍ବର ସମୟ ମଧ୍ୟ ସରି ଯାଇଥିଲା ।
ବର୍ଷର ଏହି ସମୟରେ ସମୁଦ୍ରରେ ବହୁତ ଝଡ଼ବର୍ଷା ହେଉଥିବାରୁ
ପାଣି ଜାହାଜରେ ଯାତ୍ରା କରିବା ବିପଦ ଥିଲା । ତେଣୁ ପାଉଲ
ସେମାନଙ୍କୁ ଉପଦେଶ ଦେଇ କହିଲେ, 10 "ମହାଶୟମାନେ, ମୁଁ

---

[c] **27.1** ଶହେ ସୈନ୍ୟଙ୍କର ସେନାପତି

[d] **27.2** ଲେଖକ ଲୁକ ଓ ଅନ୍ୟମାନେ

[e] **27.8** ପାଣି ଜାହାଜ ଲାଗିବା ସ୍ଥାନ

ଜାଣି ପାରୁଅଛି ଯେ, ଯଦି ଏବେ ଆମ୍ଭେମାନେ ଆଗକୁ ଯିବା,
ତେବେ ମହାବିପଦ ଘଟିବ: କେବଳ ଜାହାଜରେ ଥିବା
ଜିନିଷପତ୍ରର କ୍ଷତି ହେବ ଓ ଜାହାଜ ନଷ୍ଟ ହେବ, ସେତିକି ନୁହେଁ,
ମାତ୍ର, ଏପରିକି ଆମ୍ଭେମାନେ ଜୀବନ ହରାଇବାର ମଧ୍ୟ ଆଶଙ୍କା
ରହିଅଛି ।"

[11]ମାତ୍ର, ସେନାପତି ପାଉଲଙ୍କ କଥା ନ ଶୁଣି, ଜାହାଜର ଚାଳକ
ଓ ମାଲିକର କଥା ଶୁଣିଲେ । [12]ଆଉ, ଶୀତକାଳ କଟାଇବା ପାଇଁ
ସେହି ବନ୍ଦର ଉପଯୁକ୍ତ ନ ଥିବାରୁ, ଆଗରେ ଥିବା କ୍ରୀତୀ ଦ୍ୱୀପର
ଫୈନିକସ୍ ନାମକ ବନ୍ଦରକୁ କୌଣସି ପ୍ରକାରରେ ଯିବାକୁ
ଜାହାଜର ଅଧିକାଂଶ ନାବିକ ନିଷ୍ପତ୍ତି କଲେ । ଏହି ବନ୍ଦର ଉଭୟ
ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗକୁ ମୁହାଁଇଥିବାରୁ,
ଶିତକାଳ କଟାଇବାକୁ ଉପଯୁକ୍ତ ଥିଲା ।

## ସମୁଦ୍ରରେ ଝଡ଼ ତୋଫାନ ହେଲା

[13]ଦକ୍ଷିଣ ଦିଗରୁ ଆସ୍ତେ ଆସ୍ତେ ପବନ ବହିବାକୁ ଲାଗିଲା ।
ଏଣୁ ନାବିକମାନେ ସେମାନଙ୍କ ଯୋଜନା ସଫଳ ହେବ ବୋଲି
ଚିନ୍ତାକରି, ପାଣିରେ ପକାଇଥିବା ଜାହାଜର ଲଙ୍ଗର[a] ଉଠାଇ
ରଖିଲେ ଓ କ୍ରୀତୀ ଦ୍ୱୀପର କୂଳେ କୂଳେ ଜାହାଜ ନେବାକୁ
ଲାଗିଲେ । [14]ଅଳ୍ପ ସମୟ ପରେ, "ଉତ୍ତର-ପୂର୍ବର" ନାମକ ପବନ
ଦ୍ୱୀପ ପଟୁ ପ୍ରବଳ ବେଗରେ ବହି ଜାହାଜରେ ବାଡ଼େଇ ହେବାକୁ
ଲାଗିଲା । [15]ପବନ ଆଗପଟୁ ପ୍ରବଳ ବେଗରେ ବହୁଥିବାରୁ,
ଜାହାଜ ସେ ଦିଗରେ ଯାଇ ପାରିଲା ନାହିଁ । ତେଣୁ, ଆମ୍ଭେମାନେ
ଜାହାଜକୁ ଭାସିବାକୁ ଛାଡ଼ିଦେଲୁ ।

[16]ଶେଷରେ, ଆମ୍ଭେମାନେ କାଉଦା ନାମକ ଛୋଟ ଦ୍ୱୀପର
ଯେଉଁ ପଟେ ପ୍ରବଳ ବେଗରେ ପବନ ବହୁଥିଲା, ତାହାର
ଆରପଟେ, ଅର୍ଥାତ୍ ପବନ କମ୍ ବହୁଥିବା ପଟେ, କଡ଼େ କଡ଼େ
ଯାଇ ଜାହାଜର ଡଙ୍ଗାଟିକୁ ବହୁ କଷ୍ଟରେ ଟାଣି ଆଣି ଜାହାଜ
ଉପରେ ରଖିଲୁ । [17]ସେହି ଡଙ୍ଗାକୁ ଉଠାଇ ଜାହାଜରେ ରଖିବା
ପରେ, ଜାହାଜ ଯେପରି ଭାଙ୍ଗିଯିବ ନାହିଁ, ସେଥିପାଇଁ ଜାହାଜକୁ
ଚାରିପଟେ ଦଉଡ଼ିରେ ଭଲରେ ବାନ୍ଧିଲେ । ପୁଣି ଜାହାଜ ସୁର୍ତ୍ତି
ନାମକ କୂଳର ବାଲି ଢ଼ୁଡ଼ାରେ କାଳେ ଧକ୍କା ହେବ ବୋଲି
ନାବିକମାନେ ଭୟକଲେ । ଏଣୁ ସେମାନେ ଜାହାଜର
ଲଙ୍ଗରଗୁଡ଼ିକ ତଳକୁ ଖସାଇ ଦେଲେ ଓ ଜାହାଜକୁ ଭାସିବାକୁ
ଛାଡ଼ିଦେଲେ ।

[18]ଝଡ଼ ତୋଫାନରେ ଜାହାଜ ବହୁତ ଅସ୍ଥିର ହେବାରୁ, ତହିଁଆର
ଦିନ, ନାବିକମାନେ ଜାହାଜକୁ ହାଲୁକା କରିବା ପାଇଁ ଜାହାଜର
ଜିନିଷପତ୍ରସବୁ ପାଣିରେ ପକାଇଦେଲେ । [19]ପୁଣି ତୃତୀୟ
ଦିନରେ ସେମାନେ ଏପରିକି ଜାହାଜର ବିଭିନ୍ନ ଉପକରଣ ମଧ୍ୟ
ପାଣିରେ ଫୋପାଡ଼ି ଦେଲେ । [20]ଅନେକ ଦିନ ଯାଏଁ ସୂର୍ଯ୍ୟ ଓ
ତାରା କିଛି ହିଁ ଦେଖାଗଲା ନାହିଁ, ପୁଣି ପ୍ରବଳ ଝଡ଼ ତୋଫାନ
ଆମ୍ଭମାନଙ୍କୁ ଚାପି ପକାଇଲା । ଶେଷରେ, ଆମ୍ଭେମାନେ ରକ୍ଷା
ପାଇବାର ସବୁ ଆଶା ଛାଡ଼ିଦେଲୁ ।

[21]ଆଉ ସମସ୍ତେ ବହୁ ଦିନ ଧରି କିଛି ଖିଆପିଆ ନ କରି
ରହିବାରୁ, ଶେଷରେ, ପାଉଲ ସମସ୍ତଙ୍କ ମଝିରେ ଠିଆହୋଇ
କହିଲେ, "ମହାଶୟମାନେ, ଆପଣମାନେ ଆରମ୍ଭରୁ ହିଁ ମୋ କଥା
ମାନି, କ୍ରୀତୀ ଦ୍ୱୀପରୁ ଜାହାଜ ନ ଛାଡ଼ିବା ଉଚିତ୍ ଥିଲା,
ଯାହାଦ୍ୱାରା ଏତେସବୁ ଅନିଷ୍ଟ ଓ କ୍ଷତି ହୋଇ ନ ଥାଆନ୍ତା !
[22]ତଥାପି, ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି, ଏବେ
ଆପଣମାନେ ସାହସ ଧରନ୍ତୁ । କାରଣ ଆପଣମାନଙ୍କ ମଧ୍ୟରୁ
କାହାର ମଧ୍ୟ ଜୀବନ ଯିବ ନାହିଁ; ମାତ୍ର, ଆପଣମାନେ କେବଳ
ଜାହାଜ ହରାଇବେ । [23]କାରଣ, ମୁଁ ଯେଉଁ ଈଶ୍ୱରଙ୍କର ଲୋକ ଓ
ମୁଁ ଯାହାଙ୍କର ସେବାକରେ, ତାହାଙ୍କର ଜଣେ ଦୂତ ଗତ ରାତିରେ
ମୋ ପାଖରେ ଛିଡ଼ା ହୋଇ କହିଲେ, [24]'ପାଉଲ, ତୁମେ ଭୟ କର
ନାହିଁ, କାରଣ ତୁମେ ଅବଶ୍ୟ କାଇସରଙ୍କ ସମ୍ମୁଖରେ ଠିଆ ହେବ
! ଆହୁରି ମଧ୍ୟ, ତୁମ ସହିତ ଯାତ୍ରା କରୁଥିବା ସମସ୍ତଙ୍କୁ ମଧ୍ୟ ଈଶ୍ୱର
ରକ୍ଷା କରିବେ ।' [25]ଏଣୁ, ହେ ମହାଶୟମାନେ, ସାହସ ଧରନ୍ତୁ ।
କାରଣ ମୁଁ ଈଶ୍ୱରଙ୍କଠାରେ ବିଶ୍ୱାସ କରୁଅଛି ଯେ, ମୋତେ ସେ
ଯେପରି କହିଛନ୍ତି ଠିକ୍ ସେପରି ହିଁ ଘଟିବ । [26]ମାତ୍ର
ଆମ୍ଭମାନଙ୍କର ଜାହାଜ ଅବଶ୍ୟ ଏକ ଦ୍ୱୀପର କୂଳରେ ଲାଗିବା
ଆଗରୁ ଚଡ଼ାରେ ଧକ୍କା ହେବ ।"

## ପାଉଲ ଯାଉଥିବା ପାଣି ଜାହାଜ ଭାଙ୍ଗିଗଲା

---

[a]**27.13** ଲଙ୍ଗର - ପାଣି ଜାହାଜ ବା ଡଙ୍ଗାକୁ ଗୋଟିଏ ସ୍ଥାନରେ ସ୍ଥିର ରଖିବାକୁ ସେଥିରେ ବନ୍ଧା ହୋଇଥିବା ବଡ଼ ବଡ଼ ଗୋଜିଆ ଲୁହା ଖଣ୍ଡ ପାଣିରେ ପକାଯାଏ । ସେହି ଲୁହା ଖଣ୍ଡକୁ ଲଙ୍ଗର କୁହାଯାଏ ।

[27]ଚଉଦ ଦିନ ପରେ, ରାତି ଅଧରେ, ଆମ୍ଭମାନଙ୍କ ଜାହାଜ
ପବନ ଦ୍ୱାରା ଠେଲି ହୋଇ ଆଡ୍ରିଆଟିକ୍ ନାମକ ସମୁଦ୍ରର ଏକ
ପାଖକୁ ଯାଉଥିବା ସମୟରେ, ନାବିକମାନେ ମନେକଲେ ଯେ
ସେମାନେ କୌଣସି ଏକ ସ୍ଥଳଭାଗରେ ପହଞ୍ଚୁଛନ୍ତି । [28]ସେମାନେ
ସେହି ସ୍ଥାନର ପାଣି କେତେ ଗଭୀର ତାହା ମାପିଲେ ଓ ୧୨୦
ଫୁଟ ବୋଲି ଜାଣିଲେ । ମାତ୍ର ସେମାନେ କିଛି ସମୟ ପରେ
ଆଉ ଥରେ ମାପିବାରୁ ପାଣିର ଗଭୀରତା ମାତ୍ର ୯୦ ଫୁଟ
ବୋଲି ଜାଣି ପାରିଲେ । [29]ଏହାପରେ, କାଳେ ଜାହାଜ ପଥୁରିଆ
ଭୂମିରେ ଧକ୍କାହେବ, ଏହି ଭୟରେ ସେମାନେ ଜାହାଜର
ପଛଭାଗରେ ଚାରୋଟି ଲଙ୍ଗର ପାଣି ଭିତରେ କିଛି ତଳକୁ
ପକାଇଲେ ଓ ସକାଳ ହେବାକୁ ଅପେକ୍ଷା କରି ରହିଲେ ।

[30]ପୁଣି ନାବିକମାନେ ଜାହାଜର ଆଗପଟେ ଲଙ୍ଗର
ପକାଇବାର ଛଳନା କରି ଡଙ୍ଗାକୁ ସମୁଦ୍ରକୁ ଓହ୍ଲାଇ ଦେଇ
ଜାହାଜରୁ ଖସି ପଳାଇ ଯିବାକୁ ଚେଷ୍ଟାକଲେ । [31]ମାତ୍ର
ଶତସେନାପତି ଓ ସୈନିକମାନଙ୍କୁ ପାଉଲ କହିଲେ, "ଏମାନେ
ଜାହାଜରେ ନ ରହିଲେ, ଆପଣମାନେ କେହି ରକ୍ଷାପାଇ ପାରିବେ
ନାହିଁ ।" [32]ତେଣୁ ସୈନ୍ୟମାନେ ଡଙ୍ଗାର ଦଉଡ଼ିଗୁଡ଼ିକୁ କାଟିଦେଇ
ଡଙ୍ଗାକୁ ପାଣିରେ ଭାସିବାକୁ ଛାଡ଼ିଦେଲେ ।

[33]ସକାଳ ହେଉଥିବା ସମୟରେ, ପାଉଲ ସେମାନଙ୍କୁ ସମସ୍ତଙ୍କୁ
କିଛି ଖାଦ୍ୟ ଖାଇବାକୁ ଅନୁରୋଧ କରି କହିଲେ, "ଆଜକୁ ଚଉଦ
ଦିନ ହେବ, ଆପଣମାନେ, କଅଣ ଘଟିବ କଅଣ ନାହିଁ, ତାହା
ଜାଣି ନ ପାରି କିଛି ଖାଦ୍ୟ ନ ଖାଇ ଭୋକରେ ଅଛନ୍ତି । [34]ତେଣୁ,
ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି, ଆପଣମାନେ କିଛି
ଖାଦ୍ୟ ଖାଆନ୍ତୁ, ତାହାହେଲେ ଆପଣମାନେ ବଞ୍ଚି ରହିବେ ।
କାରଣ ଆପଣମାନଙ୍କ ମଧ୍ୟରୁ କାହାର ହେଲେ ମୁଣ୍ଡର ଗୋଟିଏ
ମଧ୍ୟ କେଶ ନଷ୍ଟ ହେବ ନାହିଁ ।"

[35]ସେ ଏହା କହିଲା ପରେ, ରୋଟୀ ନେଇ ସମସ୍ତଙ୍କ ଆଗରେ
ଭାଙ୍ଗି ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଓ ଖାଇବାକୁ ଲାଗିଲେ ।
[36]ସେଥିରେ ସମସ୍ତେ ଉତ୍ସାହିତ ହେଲେ ଓ କିଛି କିଛି ଖାଦ୍ୟ
ଖାଇଲେ । [37]ଆମ୍ଭେମାନେ ଜାହାଜରେ ୨୭୬ ଜଣ ଲୋକ ଥିଲୁ
। [38]ସେମାନେ ଖାଇ ସାରିବା ପରେ, ଜାହାଜକୁ ହାଲୁକା କରିବା
ପାଇଁ ଗହମସବୁ ସମୁଦ୍ରରେ ଫିଙ୍ଗିଦେଲେ ।

[39]ଯେତେବେଳେ ସକାଳ ହେଲା, ସେମାନେ ସେହି ସ୍ଥାନ ଚିହ୍ନି
ପାରିଲେ ନାହିଁ । ମାତ୍ର ସେମାନେ ଏକ ଉପସାଗରର ବାଲି ତଟ
ଦେଖି, ଜାହାଜର ତଳଭାଗ ଭୂମିରେ ଲାଗିବା ଯାଏଁ କୂଳ ଆଡ଼କୁ
ନେବାକୁ ନିଷ୍ପତି କଲେ । [40]ତେଣୁ, ସେମାନେ ଲଙ୍ଗରଗୁଡ଼ିକ
ସମୁଦ୍ରରେ ସମ୍ପୂର୍ଣ୍ଣ ରୂପେ ଛାଡ଼ିଦେଲେ ପୁଣି ମଙ୍ଗକୁ ବାନ୍ଧିଥିବା
ଦଉଡ଼ିସବୁ ଫିଟାଇଲେ ଓ ଆଗପଟର ପାଲକୁ ଉଠାଇ ଯେଉଁ
ଦିଗରୁ ପବନ ବହୁଥିଲା ସେହି ଦିଗକୁ କଲେ ଏବଂ ଜାହାଜ କୂଳ
ଆଡ଼କୁ ନେଲେ । [41]ମାତ୍ର, ଜାହାଜଟି ପାଣି ତଳେ ଥିବା ବାଲି
ଚଡ଼ାରେ ଧକ୍କା ହେବାରୁ, ତାହାର ଆଗପଟ ଚଡ଼ାରେ ପଶିଯାଇ
ଆଉ ଘୁଞ୍ଚିଲା ନାହିଁ । ପୁଣି ପ୍ରଚଣ୍ଡ ଢେଉରେ ଜାହାଜର ପଛଭାଗ
ଭାଙ୍ଗି ଖଣ୍ଡ ଖଣ୍ଡ ହେବାକୁ ଲାଗିଲା ।

[42]କାଳେ ବନ୍ଦୀମାନେ ସମୁଦ୍ରରେ ପହଁରି ପଳାଇଯିବେ, ଏହା
ଭୟକରି ସୈନ୍ୟମାନେ ବନ୍ଦୀମାନଙ୍କୁ ହତ୍ୟା କରିବାକୁ ଯୋଜନା
କଲେ । [43]ମାତ୍ର ଶତସେନାପତି ପାଉଲଙ୍କୁ ବଞ୍ଚାଇ ରଖିବାକୁ
ଇଚ୍ଛାକରି ବନ୍ଦୀମାନଙ୍କୁ ହତ୍ୟା ନ କରିବାକୁ ସୈନ୍ୟମାନଙ୍କୁ
ଆଦେଶ ଦେଲେ । ଏହାପରେ, ସେ ପହଁରି ଜାଣିଥିବା
ଲୋକମାନେ, ପ୍ରଥମେ ପାଣିକୁ ଡେଇଁ, ପହଁରି ପହଁରି କୂଳକୁ
ଯିବାକୁ ସେ ଆଦେଶ ଦେଲେ । [44]ପୁଣି ଅନ୍ୟସମସ୍ତେ ଜାହାଜର
ପଟା ଓ ଭଙ୍ଗା ଖଣ୍ଡ ଧରି କୂଳକୁ ଯିବାକୁ କହିଲେ । ଏହିପରି
ସମସ୍ତେ ନିରାପଦରେ କୂଳରେ ପହଞ୍ଚିଲେ ।

# 28

## ଜାହାଜରେ ଯାଉଥିବା ଲୋକମାନେ ମେଲତୀ ଦ୍ୱୀପରେ ଆଶ୍ରୟ ନେଲେ

[1]ଆମ୍ଭେମାନେ ନିରାପଦରେ କୂଳରେ ପହଞ୍ଚିଲା ପରେ, ଜାଣିଲୁ
ଯେ, ସେହି ଦ୍ୱୀପର ନାମ ମେଲତୀ । [2]ସେହି ଦ୍ୱୀପର
ଲୋକମାନେ ଆମ୍ଭମାନଙ୍କ ପ୍ରତି ବହୁତ ଦୟା ଦେଖାଇଲେ ।
ସେମାନେ ଆମ୍ଭମାନଙ୍କୁ ସ୍ୱାଗତ କରି ନିଆଁ ଜଳାଇ ଦେଲେ,
କାରଣ ସେହି ସମୟରେ ବର୍ଷା ହେଉଥିବାରୁ ଶୀତ ହେଉଥିଲା ।

[3]ଯେତେବେଳେ ପାଉଲ ବିଡ଼ାଏ କାଠ ଗୋଟାଇ ନିଆଁରେ

ପକାଇଲେ, ନିଆଁର ଗରମ ଯୋଗୁଁ ଗୋଟିଏ ବିଷାକ୍ତ ସାପ
ବାହାରି ପାଉଲଙ୍କ ହାତକୁ କାମୁଡ଼ି ଲାଗିରହିଲା । 4 ପାଉଲଙ୍କ
ହାତରେ ସାପ କାମୁଡ଼ି ଝୁଲୁଥିବାର ଦେଖି, ସେହି ଦ୍ୱୀପର
ଲୋକମାନେ ନିଜ ନିଜ ଭିତରେ କଥାବାର୍ତ୍ତା ହୋଇ କହିଲେ,
"ଏହି ଲୋକ କାହାକୁ ହତ୍ୟା କରିଛି, ସେଥିରେ କିଛି ସନ୍ଦେହ ନାହିଁ
! କାରଣ ସେ ସମୁଦ୍ରରୁ ରକ୍ଷା ପାଇଥିଲେ ସୁଦ୍ଧା, ଧର୍ମଦେବୀ[9]
ଏହାକୁ ବଞ୍ଚିବାକୁ ଦେଲେ ନାହିଁ !"

5 ମାତ୍ର ପାଉଲ ହାତ ଝାଡ଼ି ସାପକୁ ନିଆଁରେ ପକାଇଦେଲେ,
ପୁଣି ତାଙ୍କର କିଛି କ୍ଷତି ହେଲା ନାହିଁ । 6 ସେ ଫୁଲିଯିବେ କିମ୍ବା
ହଠାତ୍ ତଳେ ପଡ଼ି ମରିଯିବେ, ଏହା ଆଶା କରି, ସେମାନେ
ଅପେକ୍ଷା କରି ରହିଲେ । ସେମାନେ ବହୁ ସମୟ ଅପେକ୍ଷା କରି
ରହିଲା ପରେ, ଦେଖିଲେ ଯେ, ପାଉଲଙ୍କର କିଛି କ୍ଷତି ହେଲା
ନାହିଁ, ସେତେବେଳେ ସେମାନେ ନିଜ ନିଜ ମନ ବଦଳାଇ
କହିଲେ ଯେ ସେ ଜଣେ ଦେବତା ଅଟନ୍ତି ।

7 ସେହି ସ୍ଥାନ ନିକଟରେ ସେହି ଦ୍ୱୀପର ମୁଖ୍ୟ ପୁବ୍ଲିଅ ନାମକ
ବ୍ୟକ୍ତିଙ୍କର ଘର ଓ ଭୂମି ଥିଲା । ସେ ଆମକୁ ନିଜ ଘରକୁ ଡାକିଲେ
ଓ ତିନି ଦିନ ଯାଏଁ ଆମକୁ ଖାଇବା ପିଇବା ଦେଇ ଆମର
ସେବାକଲେ । 8 ସେହି ସମୟରେ ପୁବ୍ଲିଅଙ୍କ ବାପା ଜ୍ୱର ଓ
ନାଳଝାଡ଼ା ହେଉଥିବାରୁ ଶଯ୍ୟାରେ ପଡ଼ି ରହିଥିଲେ । ପାଉଲ
ତାଙ୍କ ନିକଟକୁ ଯାଇ ତାଙ୍କ ପାଇଁ ପ୍ରାର୍ଥନା କଲେ ଓ ତାଙ୍କ ଉପରେ
ହାତ ରଖି ତାଙ୍କୁ ସୁସ୍ଥ କଲେ । 9 ଏହି ଘଟଣା ପରେ, ରୋଗରେ
ଥିବା ସେହି ଦ୍ୱୀପର ଅନ୍ୟମାନେ ଆସିଲେ ଓ ସୁସ୍ଥ ହେଲେ ।
10 ପୁଣି ସେମାନେ ଆମ୍ଭମାନଙ୍କୁ ବହୁତ ସମ୍ମାନ ଦେଲେ ଓ ଆମେ
ସେହି ସ୍ଥାନରୁ ପାଣି ଜାହାଜରେ ଯିବାର ସମୟ ହେବାରୁ, ଆମକୁ
ଯାହା ଦରକାର ସେସବୁ ଜିନିଷ ଆଣି ଆମ ପାଇଁ ଜାହାଜରେ
ରଖିଦେଲେ ।

## ପାଉଲ ରୋମ୍ ମହାନଗରରେ ପହଞ୍ଚିଲେ

11 ଜାହାଜ ଭାଙ୍ଗିବାର ତିନି ମାସ ପରେ, ଆମ୍ଭେମାନେ
ଆଲେକଜାଣ୍ଡ୍ରିଆ ଅଞ୍ଚଳର କାଷ୍ଟ୍ର ଓ ପଲୁକ୍ସ ନାମକ ଜାଆଁଳା
ଦେବତାର ଚିହ୍ନ ଥିବା ଏକ ପାଣି ଜାହାଜରେ ପୁଣି ଥରେ ଯାତ୍ରା
ଆରମ୍ଭ କଲୁ । ଏହି ଜାହାଜ ଶୀତକାଳରେ ଏହି ଦ୍ୱୀପରେ
ରହିଥିଲା । 12 ଆମ୍ଭେମାନେ ସୁରାକୁସା ନଗରରେ ପହଞ୍ଚି
ସେଠାରେ ତିନି ଦିନ ରହିଲୁ । 13 ସେଠାରୁ ବୁଲି ଅନ୍ୟ ପଟେ ଯାଇ
ରେଗିୟ ନଗରରେ ପହଞ୍ଚିଲୁ । ପୁଣି ଗୋଟିଏ ଦିନ ପରେ ଦକ୍ଷିଣ
ଦିଗରୁ ପବନ ବହିବାକୁ ଆରମ୍ଭ ହେଲା ଓ ତାପରଦିନ
ଆମ୍ଭେମାନେ ପୁତେଅଲୀ ନଗରକୁ ଆସିଲୁ । 14 ସେଠାରେ
ଆମ୍ଭେମାନେ କେତେକ ଖ୍ରୀଷ୍ଟ ବିଶ୍ୱାସୀ ଭାଇମାନଙ୍କୁ ଭେଟିଲୁ ।
ପୁଣି ସେମାନେ ଆମ୍ଭମାନଙ୍କୁ ସେମାନଙ୍କ ସହିତ ରହିବାକୁ
ନିମନ୍ତ୍ରଣ କଲେ ଓ ଆମ୍ଭେମାନେ ସେମାନଙ୍କ ସହିତ ସାତ ଦିନ
ରହିଲୁ । ତାପରେ ଆମ୍ଭେମାନେ ରୋମ୍ ନଗରକୁ ଆସିଲୁ ।

15 ଯେତେବେଳେ ରୋମ୍ ନଗରରେ ଥିବା ବିଶ୍ୱାସୀ ଭାଇମାନେ
ଆମ୍ଭମାନଙ୍କ ବିଷୟରେ ଶୁଣିଲେ, ସେମାନେ ଆମ୍ଭମାନଙ୍କୁ
ଭେଟିବା ପାଇଁ ସେହି ସ୍ଥାନରୁ ଆପ୍‌ପିୟଙ୍କ ହାଟ ଓ ତିନି
ପାନ୍ଥଶାଳା ନାମକ ସ୍ଥାନ ଯାଏଁ ଆସିଲେ । ପାଉଲ ସେମାନଙ୍କୁ
ଦେଖି ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଓ ସାହସ ପାଇଲେ ।

16 ଯେତେବେଳେ ଆମ୍ଭେମାନେ ରୋମ୍ ମହାନଗରରେ
ପହଞ୍ଚିଲୁ, ପାଉଲଙ୍କୁ ନିଜ ଇଚ୍ଛାରେ ଯେକୌଣସି ସ୍ଥାନରେ
ରହିବାକୁ ରୋମ୍‌ର ସମ୍ରାଟ ଅନୁମତି ଦେଲେ, ମାତ୍ର ତାଙ୍କୁ ଜଣେ
ସୈନିକ ଜଗିରହିବାକୁ ସେ ଆଦେଶ ଦେଲେ ।

## ରୋମ୍ ନଗରରେ ପାଉଲ ପ୍ରଚାର କଲେ

17 ପାଉଲ ରୋମ୍ ନଗରରେ ପହଞ୍ଚିବାର ତିନି ଦିନ ପରେ,
ସେହି ସ୍ଥାନର ଯିହୁଦୀ ଜାତିର ନେତାମାନଙ୍କୁ ଏକାଠି ଡାକିଲେ ।
ପୁଣି ସେମାନେ ଏକାଠି ହେବାରୁ ସେ ସେମାନଙ୍କୁ କହିଲେ, "ହେ
ଭାଇମାନେ, ଯଦିଓ ମୁଁ ଆମ୍ଭମାନଙ୍କ ଜାତିର ଲୋକମାନଙ୍କ
ବିରୁଦ୍ଧରେ କିମ୍ବା ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କ ରୀତିନୀତି
ବିରୁଦ୍ଧରେ କିଛି କରି ନ ଥିଲି, ତଥାପି ମୋତେ ଯିରୂଶାଲମ
ନଗରରେ ବନ୍ଦୀକରି ରୋମୀୟ ସରକାରଙ୍କ ହାତରେ ସମର୍ପିତ
କରାଯାଇଅଛି । 18 ଯେତେବେଳେ ରୋମୀୟ ସରକାରଙ୍କର
ଶାସନକର୍ତ୍ତାମାନେ ମୋର ବିଚାରକଲେ, ସେମାନେ ମୋଠାରେ
ମୃତ୍ୟୁଦଣ୍ଡ ପାଇବା ପରି କିଛି ଦୋଷ ପାଇଲେ ନାହିଁ, ତେଣୁ
ମୋତେ ଛାଡ଼ି ଦେବାକୁ ଇଚ୍ଛା କରିଥିଲେ । 19 କିନ୍ତୁ, ଯିହୁଦୀ ଜାତିର
ଲୋକମାନେ ତାହାର ପ୍ରତିବାଦ କଲେ । ଏଣୁ ମୋର ନିଜ

[9] **28.4** ରୋମ ଦେଶର ଲୋକମାନେ ପୂଜା କରୁଥିବା ଦେବୀ

ଜାତିର ଲୋକମାନଙ୍କ ବିରୁଦ୍ଧରେ କିଛି ଅଭିଯୋଗ ନ ଥିଲେ ସୁଦ୍ଧା
ମୁଁ କାଇସରଙ୍କ ନିକଟରେ ବିଚାର ପାଇଁ ଅନୁରୋଧ କରିବାକୁ
ବାଧ ହେଲି । [20]ଏହି କାରଣରୁ, ଆପଣମାନଙ୍କୁ ଭେଟିବାକୁ ଓ
ଆପଣମାନଙ୍କ ସହିତ କଥାବାର୍ତ୍ତା କରିବାକୁ ମୁଁ ଆପଣମାନଙ୍କୁ
ଡକାଇଲି । କାରଣ ଇସ୍ରାଏଲର ଭରସା ଯେ ଖ୍ରୀଷ୍ଟ[h], ସେ ଆସି
ସାରିଥିବାର ମୁଁ ବିଶ୍ୱାସ କରୁଥିବାରୁ, ଆଜି ମୋତେ ଏହି
ଶିକୁଳିରେ ବନ୍ଧାଯାଇଅଛି ।”

[21]ସେମାନେ କହିଲେ, “ଆମ୍ଭେମାନେ ଆପଣଙ୍କ ବିଷୟରେ
ଯିହୁଦା ପ୍ରଦେଶରୁ କିଛି ଚିଠି ପାଇ ନାହୁଁ, କି ଯିରୁଶାଲମ ନଗରର
ଭାଇମାନଙ୍କ ମଧ୍ୟରୁ କେହି ଏଠାକୁ ଆସି ଆପଣଙ୍କ ବିରୁଦ୍ଧରେ
କୌଣସି ମନ୍ଦ ବିଷୟ ଜଣାଇ ନାହାନ୍ତି କିମ୍ବା କହି ନାହାଁନ୍ତି ।
[22]କିନ୍ତୁ, ଆମ୍ଭେମାନେ ଆପଣଙ୍କ ମତାମତ ଶୁଣିବାକୁ ଇଛା
କରୁଅଛୁ, କାରଣ ସବୁସ୍ଥାନରେ ଲୋକମାନେ ଏହି ଦଳ ବିରୁଦ୍ଧରେ
ନିନ୍ଦାର କଥା କହୁଥିବାର ଆମ୍ଭେମାନେ ଶୁଣୁଅଛୁ ।”

[23]ତେଣୁ, ସେମାନେ ପାଉଲଙ୍କ ନିକଟକୁ ଆସିବାକୁ ଗୋଟିଏ
ଦିନ ଠିକ୍ କଲେ ଏବଂ ସେହିଦିନ ବହୁ ସଂଖ୍ୟାରେ ସେ ରହୁଥିବା
ଘରକୁ ଆସିଲେ । ଆଉ ସେ ସକାଳଠାରୁ ସନ୍ଧ୍ୟା ଯାଏଁ
ସେମାନଙ୍କ ନିକଟରେ ଈଶ୍ୱରଙ୍କ ରାଜ୍ୟ ବିଷୟରେ ସେମାନଙ୍କୁ
ସାକ୍ଷ୍ୟ ଦେଲେ । ପୁଣି ମୋଶା ଲେଖିଥିବା ବ୍ୟବସ୍ଥା ଓ
ଭାବବାଦୀମାନେ ଲେଖିଥିବା ପୁସ୍ତକଗୁଡ଼ିକରୁ ଶିକ୍ଷାଦେଇ ଯୀଶୁଙ୍କ
ସମ୍ବନ୍ଧରେ ସେମାନଙ୍କଠାରେ ବିଶ୍ୱାସ ଜାତ କରାଇବାକୁ
ଚେଷ୍ଟାକଲେ । [24]ସେମାନଙ୍କ ମଧ୍ୟରୁ କିଛି ଲୋକ ତାଙ୍କ ଶିକ୍ଷାରେ
ବିଶ୍ୱାସ କଲେ, ମାତ୍ର ଆଉ କିଛି ଲୋକ ବିଶ୍ୱାସ କଲେ ନାହିଁ ।
[25]ପୁଣି, ସେମାନେ ନିଜ ନିଜ ମଧ୍ୟରେ ଯୁକ୍ତିତର୍କ କରି ଚାଲିଗଲେ
। କିନ୍ତୁ ସେମାନେ ଚାଲିଯିବା ଆଗରୁ, ପାଉଲ ସେମାନଙ୍କୁ ଏହି
କଥା କହିଲେ, “ଯିଶାଇୟ ଭାବବାଦୀଙ୍କ ଦ୍ୱାରା ପବିତ୍ର ଆତ୍ମା
ଆପଣମାନଙ୍କର ପୂର୍ବପୁରୁଷମାନଙ୍କୁ ଠିକ୍ ଭାବରେ ଏହି କଥା
କହିଥିଲେ,

[26]‘ତୁମ୍ଭେମାନେ ଏହି ଲୋକମାନଙ୍କ ନିକଟକୁ ଯାଇ କୁହ:
ତୁମ୍ଭେମାନେ ଶୁଣିବ ମାତ୍ର କୌଣସି ପ୍ରକାରେ ବୁଝିବ
ନାହିଁ,
ତୁମ୍ଭେମାନେ ଦେଖିବ ମାତ୍ର କୌଣସି ପ୍ରକାରେ ଜାଣିବ
ନାହିଁ ।
[27]କାରଣ, ଏହି ଲୋକମାନେ ଯେପରି ନିଜ ନିଜ ଆଖିରେ
ଦେଖିବେ ନାହିଁ,
ନିଜ ନିଜ କାନରେ ଶୁଣିବେ ନାହିଁ ଓ
ନିଜ ନିଜ ହୃଦୟରେ ବୁଝିବେ ନାହିଁ,
ପୁଣି ଆମ୍ଭ ନିକଟକୁ ଫେରି ଆସିବେ ନାହିଁ ଓ
ଆମ୍ଭେ ସେମାନଙ୍କୁ ସୁସ୍ଥ କରିବୁ ନାହିଁ,
ସେଥିପାଇଁ ସେମାନଙ୍କ ହୃଦୟ ପଥର ପରି କଠିନ
ହେଲା ଓ
ସେମାନେ କାନରେ ଶୁଣିଲେ ନାହିଁ,
ପୁଣି ନିଜ ନିଜର ଆଖି ବୁଜିଲେ ।’

[28]ତେଣୁ ଆପଣମାନେ ଏହା ଜାଣିରଖନ୍ତୁ ଯେ, ଈଶ୍ୱରଙ୍କର ଏହି
ପରିତ୍ରାଣ[i] ଅଣ-ଯିହୁଦୀ ଜାତିର ଲୋକମାନଙ୍କ ନିକଟକୁ
ପଠାଯାଇଛି, ଯେପରି ସେମାନେ ଶୁଣିବେ ।” [29][ପାଉଲ ଏହି
କଥା କହିବାରୁ, ଯିହୁଦୀ ଲୋକମାନେ ନିଜ ନିଜ ମଧ୍ୟରେ
ଯୁକ୍ତିତର୍କ କରୁ କରୁ ସେହି ସ୍ଥାନରୁ ଚାଲିଗଲେ ।]

[30]ପାଉଲ ସେଠାରେ ନିଜ ଭଡ଼ା ଘରେ ଦୁଇ ବର୍ଷ ରହିଲେ,
ଆଉ ତାଙ୍କ ନିକଟକୁ ଯେଉଁମାନେ ଆସିଲେ ସେସମସ୍ତଙ୍କୁ ସେ
ଗ୍ରହଣ କଲେ । [31]ସେ ତାଙ୍କ ନିକଟକୁ ଆସୁଥିବା ଲୋକମାନଙ୍କୁ
ସାହସରେ ଓ ବିନା ବାଧାରେ ଈଶ୍ୱରଙ୍କ ରାଜ୍ୟର କଥା ପ୍ରଚାର
କରୁଥିଲେ ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଶିକ୍ଷା ଦେଉଥିଲେ ।

---

[h]**28.20** ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦର ଅର୍ଥ ‘ଈଶ୍ୱରଙ୍କ ଅଭିଷିକ୍ତ ବା ମନୋନୀତ ବ୍ୟକ୍ତି, ଯାହାଙ୍କୁ ଈଶ୍ୱର ଏହି ଜଗତର ପରିତ୍ରାଣ ନିମନ୍ତେ ପଠାଇଲେ ।’

[i]**28.28** ପାପକ୍ଷମା ହୋଇ ପରିତ୍ରାଣ ପାଇବା । ଦେଖନ୍ତୁ, ୧୫:୧